ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, September 17/2019 | ★★★★★★
୪୫ଶ ଭାଗ ୨୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





## ଶୁଭ୍ରାଂଶୁ ଅଧିନାୟକ

ବିଜୟ ହଜାରେ ଟ୍ରଫି ଏକଦିବସୀୟ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭ୍ରାଂଶୁ ସେନାପତି ଓଡ଼ିଶା ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।

୧୯ ୦୭

## କିସିଂ ସିନ୍ ଅଭ୍ୟାସ କରିବାକୁ କହିଥିଲେ

ବଲିଉଡ୍ ଜଗତରେ ନୂଆ ନୂଆ ପାଦ ଥାପିଥିବା ବେଳେ ଦୁଇ ଥର କାଷ୍ଟିଂ କାଉଚ୍ର ଶିକାର ହୋଇଥିଲେ ବୋଲି 'ହେଟ୍ଷ୍ଟୋରୀ-୨' ଷ୍ଟାର ଜରିନ୍ ଖାନ୍ କହିଛନ୍ତି।



# ଏନ୍ଏଫ୍ଏସ୍ଏରୁ ବାଦ୍ ପଡ଼ିପାରନ୍ତି ୧୯ ଲକ୍ଷ

## ଆଧାର ଛଡ଼ାଇନେବ ରାଶନ, ଚିନ୍ତାରେ ହିତାଧିକାରୀ

ଭୁବନେଶ୍ୱର,୧୬।୯(ବ୍ୟୁରୋ)



ଭୋକ ଉପାସରେ କେହି ରହିବେ ନାହିଁ। ଦେଶର ସମସ୍ତ ଗରିବ ଲୋକଙ୍କୁ ଦିନକୁ ଦୁଇମୁଠା ପେଟ ଭରି ଖାଇବାକୁ ମିଳିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ)। ଓଡ଼ିଶା ସରକାର ମଧ୍ୟ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ୍(ଏସ୍ଏଫ୍ଏସ୍ଏସ୍) କାର୍ଯ୍ୟକାରୀ କରିଛନ୍ତି। ଏହି ଦୁଇଟି ଯୋଜନା କେବଳ ଗରିବ ଲୋକଙ୍କ ପେଟରେ ଦାନା ଦେବାକୁ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଯେ, ଆଧାର କାର୍ଡକୁ ସର୍ବୋଚ୍ଚ ମାପଦଣ୍ଡ ଭାବେ ସରକାର ଧରି ନେଇଥିବାରୁ ୧ ଲକ୍ଷ ୮୪ ହଜାର ୯୫୦ ପରିବାରର ୧୮ଲକ୍ଷ ୬୭ ହଜାର ୮୦୩ ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। କାରଣ ସେମାନେ ରାଶନ କାର୍ଡ ସହ ଆଧାର ସଂଯୋଗ କରିନାହାନ୍ତି। ଅଦ୍ୟାବଧି ଅନେକ ଲୋକଙ୍କ ଆଧାର କାର୍ଡ ହୋଇପାରି ନାହିଁ। ଯାନ୍ତ୍ରିକ କିମ୍ବା ବ୍ୟବସ୍ଥାରେ ତ୍ରୁଟି ହେଉ କି ଅଙ୍ଗୁଳି ଛାପ ଠିକ୍ ହୋଇ ନ ପାରିବା ଭଳି ସମସ୍ୟା ହେଉ, ଲୋକେ ନିଜର ଆଧାର କାର୍ଡ କରିପାରୁନାହାନ୍ତି। ଏଭଳିସ୍ଥଳେ ରାଶନ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯିବା ଯୋଗୁ ପ୍ରାୟ ୧୯ ଲକ୍ଷ ଲୋକ ଏନ୍ଏଫ୍ଏସ୍ଏରୁ ବାଦ୍ ପଡ଼ିପାରନ୍ତି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ସୋମବାର ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୮୮ ଲକ୍ଷ ୨୮ ହଜାର ୪୧୯ ପରିବାରର ୩ କୋଟି ୭ ଲକ୍ଷ ୩୦ ହଜାର ୧୯୭ ବ୍ୟକ୍ତିଙ୍କୁ ଆଧାର ସହ ଯୋଡ଼ାଯାଇଛି। ଅର୍ଥାତ୍ ସେପ୍ଟେମ୍ବର ୧୬ ତାରିଖ ସୁଦ୍ଧା ୯୭.୯ ପ୍ରତିଶତ ପରିବାର ଏବଂ ୯୪.୩ ପ୍ରତିଶତ ବ୍ୟକ୍ତିଙ୍କର ଏନ୍ଏଫ୍ଏସ୍ଏ ସହ ଆଧାର ଲିଙ୍କ୍ ହୋଇଛି।

ଗାଇଡ୍ଲାଇନ୍ ଅନୁଯାୟୀ ୬ଟି ମାନଦଣ୍ଡ ଆଧାରରେ ଗରିବ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଏନ୍ଏଫ୍ଏସ୍ଏରେ ସାମିଲ କରାଯାଉଥିବା ବେଳେ ୯ଟି ମାନଦଣ୍ଡ ଆଧାରରେ ସ୍ୱଚ୍ଛଳ ବର୍ଗଙ୍କୁ ଏଥିରୁ ବାଦ୍ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ତଥ୍ୟ ଗୋପନ ରଖି ଲକ୍ଷ ଲକ୍ଷ ଅସାଧୁ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇ ଭରପୂର ଫାଇଦା ଉଠାଉଥିଲେ। ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଧରପଗଡ଼ ମଧ୍ୟ ଜୋର୍ଦାର ହୋଇଥିଲା। ଅଯୋଗ୍ୟ ବ୍ୟକ୍ତିଙ୍କ ନାମରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ବେଆଇନ ଭାବେ ନେଇଥିବା ଖାଦ୍ୟ ଶସ୍ୟ ବାବଦରେ ବଜାର ଦର ଅନୁଯାୟୀ ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତନାଘନା ଯୋଗୁ ଲକ୍ଷଲକ୍ଷ ସଂଖ୍ୟାରେ ବେଆଇନ ରାଶନ କାର୍ଡଧାରୀ ଭୟରେ ଫେରାଇ ଦେଇଥିଲେ। ଖାଦ୍ୟଶସ୍ୟ ବାବଦରେ ବେଆଇନ ରାଶନ କାର୍ଡଧାରୀଙ୍କଠାରୁ ୪୨ କୋଟି ୧୩ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବେଆଇନ ରାଶନ କାର୍ଡଧାରୀଙ୍କଠାରୁ ଆଦାୟ କରିଥିବା ଜରିମାନା ବାବଦ ୩୬ କୋଟି ୨୭ ଲକ୍ଷ ୫୫ ହଜାର ୭୮୫ ଟଙ୍କା ଫେରାଯିବା ସହ ମକଦ୍ଦମା ଉଠାଇ ଦେଇଥିଲେ। ଏହାର ସୁଯୋଗ ନେଇ ପୁଣି ବେଆଇନ ଏବଂ ଅସାଧୁ ଲୋକମାନେ ଏନ୍ଏଫ୍ଏସ୍ଏ କାର୍ଡ ହାତେଇବାରେ ସଫଳ ହୋଇଥିବା ଅଭିଯୋଗ ଉଠିଲା। ତେଣୁ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ କେନ୍ଦ୍ର ସରକାର ଆଧାରକୁ ରାଶନ କାର୍ଡ ସହ ଶତପ୍ରତିଶତ ସଂଯୋଗ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଲେ। ଆଧାର ସଂଯୋଗ ନ ହେଲେ ରାଶନ ଯୋଗାଇ ଦିଆଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ହେଲେ ବିଭିନ୍ନ ସମସ୍ୟାରୁ ଆଧାର କାର୍ଡ ପାଇପାରି ନ ଥିବା ଲକ୍ଷ ଲକ୍ଷ ହିତାଧିକାରୀ ଯେ ବେଆଇନ ଭାବେ ଏନ୍ଏଫ୍ଏସ୍ଏ କାର୍ଡ ପାଇଛନ୍ତି ତାହା ସରକାର କିଭଳି କହିପାରିବେ ବୋଲି ପ୍ରଶ୍ନ ଉଠୁଛି। ଏଭଳି ସ୍ଥଳେ ସେମାନଙ୍କୁ ରାଶନ ପାଇବାରୁ ବଞ୍ଚିତ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଆଲୋଚନା ହେଉଛି।

ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ଆଧାର ସଂଯୋଗ ପାଇଁ ୩ ମାସିଆ ଡେଡ୍ଲାଇନ ଦିଆଯାଇଥିଲା। ସେପ୍ଟେମ୍ବର ୧୫ରେ ଏହି ଅବଧି ଶେଷ ହୋଇଛି। ଶତ ପ୍ରତିଶତ ଆଧାର ଲିଙ୍କ୍ ହେବା ପରେ ଆହୁରି ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବେ ବୋଲି ସେ କହିଛନ୍ତି। ଭାଜପା ବରିଷ୍ଠ ନେତା ପ୍ରଦୀପ ପୁରୋହିତ କହିଛନ୍ତି ଯେ, ରାଜ୍ୟ ସରକାର ଜାଣି ଶୁଣି ବେଆଇନ ହିତାଧିକାରୀଙ୍କ ଜରିଆରେ କେନ୍ଦ୍ର ସରକାର ଦେଉଥିବା ରାଶନକୁ ଲୁଟ୍ କରୁଥିଲେ।

■ ୩୭୦ ଉଚ୍ଛେଦ ବିରୋଧରେ ଆବେଦନର ଶୁଣାଣି

# କଶ୍ମୀରରେ ସ୍ୱାଭାବିକ ଅବସ୍ଥା ଫେରାଇଆଣିବାକୁ ପରାମର୍ଶ



ନୂଆଦିଲ୍ଲୀ,୧୬।୯(ପି.ଟି.)

କଶ୍ମୀର ଉପତ୍ୟକାରେ ଯଥାଶୀଘ୍ର ସମ୍ଭବ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ସମସ୍ତ ଉଦ୍ୟମ କରାଯାଉ ବୋଲି ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ତେବେ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକ୍ରିୟା ଚୟନାତ୍ମକ ଆଧାରରେ ହେବା ଆବଶ୍ୟକ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆର୍ଟର୍ନି ଜେନେରାଲ କେ.କେ. ☞ପୃଷ୍ଠା-୪

## ଆଜାଦଙ୍କୁ କଶ୍ମୀର ଯିବାକୁ ଅନୁମତି

ନୂଆଦିଲ୍ଲୀ,୧୬।୯(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କୁ ଜମ୍ମୁ-କଶ୍ମୀର ଯିବା ଲାଗି ସୁପ୍ରିମକୋର୍ଟ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ତେବେ ସେ କୌଣସି ରାଜନୈତିକ ସଭା କରିପାରିବେ ନାହିଁ ବୋଲି ଅଦାଲତ ସର୍ତ୍ତ ରଖିଛନ୍ତି। ଆଜାଦଙ୍କୁ ଶ୍ରୀନଗର, ଜମ୍ମୁ, ବାରମୁଲ୍ଲା ଓ ଅନନ୍ତନାଗ ଜିଲା ଯାଇ ଲୋକଙ୍କୁ ଭେଟିବା ପାଇଁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ୩୭୦ ଉଚ୍ଛେଦ ପରେ ଆଜାଦ ତିନି ଥର କଶ୍ମୀର ଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ବିମାନ ବନ୍ଦରରୁ ଫେରାଇ ଦିଆଯାଇଥିଲା ବୋଲି ବରିଷ୍ଠ ଓକିଲ ଏ.ଏମ୍. ସିଂଘ୍ଭି କହିଥିଲେ। ଆଜାଦ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଭେଟିବା ସମେତ କଟକଣା ଜାରି ପରେ ରାଜ୍ୟର ସାମାଜିକ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ କୋର୍ଟଙ୍କ ଅନୁମତି ଲୋଡିଥିଲେ।

### ବଢୁଛି ଭାରତୀୟଙ୍କ ଋଣ ବୋଝ

### ଆଧାର ଲିଙ୍କ୍ ସତ୍ତ୍ୱେ ମିଳୁନି ଗ୍ୟାସ୍ ସବ୍ସିଡି

........ ୩ ........

୨୬ ପୂର୍ବତନ ବିଧାୟକଙ୍କୁ ବାଚସ୍ପତିଙ୍କ ନୋଟିସ

# ତୁରନ୍ତ କ୍ୱାର୍ଟର୍ସ ଛାଡ଼, ନଚେତ୍ ବିଦ୍ୟୁତ୍, ପାଣି ବନ୍ଦ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ସରକାରୀ କ୍ୱାର୍ଟର୍ସଗୁଡିକୁ ତୁରନ୍ତ ଛାଡିବା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୋମବାର ୨୬ ଜଣ ପୂର୍ବତନ ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହିତ ପାଣି ଓ ବିଦ୍ୟୁତ୍ ଯୋଗାଉଥିବା ବିଭାଗଗୁଡିକୁ ମଧ୍ୟ ନୋଟିସ ଜାରି କରାଯାଇଛି। ଯେଉଁ ପୂର୍ବତନ ବିଧାୟକମାନେ ଗତ ନିର୍ବାଚନରେ ପରାଜିତ ହୋଇ କ୍ୱାର୍ଟର୍ସ ଛାଡୁ ନାହାନ୍ତି ସେମାନେ ତୁରନ୍ତ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ସେହି କ୍ୱାର୍ଟର୍ସକୁ ପାଣି ଓ ବିଦ୍ୟୁତ୍ ଯୋଗାଣ ବନ୍ଦ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବାଚସ୍ପତି ଗଣମାଧ୍ୟମକୁ କହିଛନ୍ତି। ସେହି କ୍ୱାର୍ଟର୍ସଗୁଡିକୁ ନୂତନ ବିଧାୟକମାନଙ୍କୁ ଆଲଟ୍ କରାଯାଇଛି। କ୍ୱାର୍ଟର୍ସ ଛାଡି ନ ଥିବାରୁ ନୂତନ ବିଧାୟକଙ୍କୁ ଯୋଗାଇ ଦିଆଯାଇ ପାରୁ ନାହିଁ। କ୍ୱାର୍ଟର୍ସ ଛାଡିବାକୁ ଯେଉଁମାନଙ୍କୁ ନୋଟିସ କରାଯାଇଛି ସେମାନେ ହେଲେ ପୂର୍ବତନ ବିଧାୟକ ବସନ୍ତ କୁମାର ପଣ୍ଡା, ବେଦ ପ୍ରକାଶ ଅଗ୍ରୱାଲ, ଭୁଜବଳ ମାଝି, ବିଭୂତି ଭୂଷଣ ହରିଚନ୍ଦନ, ବିଜୟଶ୍ରୀ ରାଉତରାୟ, ଦାମୋଦର ରାଉତ, ଦେବାଶିଷ ନାୟକ, ଧନେଶ୍ୱର ମାଝି, ଗୋଲକ ବିହାରୀ ନାଏକ, ଯୁଗଳ କିଶୋର ପଟ୍ଟନାୟକ, କିଶୋର ଚନ୍ଦ୍ର ତରାଇ, ମହେଶ ସାହୁ, ନନ୍ଦିନୀ ଦେବୀ, ନୀତେଶ ଗଙ୍ଗଦେବ, ପ୍ରଭାତ କୁମାର ତ୍ରିପାଠୀ, ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୁଷ୍ପେନ୍ଦ୍ର ସିଂଦେଓ, ରବି ନାରାୟଣ ନାଏକ, ରମେଶ ଚନ୍ଦ୍ର ମାଝି, ସାନନ୍ଦ ମାରାଣ୍ଡି, ସଞ୍ଜୟ କୁମାର ଦାସବର୍ମା, ସଞ୍ଜୀବ କୁମାର ସାହୁ, ସରୋଜ କୁମାର ସାମଲ, ସୁବଳ ସାହୁ, ସରୋଜିନୀ ହେମ୍ବ୍ରମ ଏବଂ ଝିନ୍ନ ହିକ୍କା। ଏଠାରେ ସୂଚନା ଯୋଗ୍ୟ ଯେ ଭୁଜବଳ ମାଝି ଏବଂ ରବି ନାରାୟଣ ନାୟକ ଦୁଇଟି ଲେଖାଏ ☞ପୃଷ୍ଠା-୪

**ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ**

# ଗୋଟିଏ ଦିନରେ ୧୪୧ ମଦ୍ୟପ ଗାଡ଼ିଚାଳକ ଗିରଫ

କଟକ ଅଫିସ, ୧୬।୯

ରାଜ୍ୟରେ ମଦ୍ୟପ ଗାଡି ଚାଳକଙ୍କୁ ନିସ୍ତାର ନାହିଁ। ସେମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଆପଣାଇଛି ପୋଲିସ। ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଗିରଫ କରିବାକୁ ଡିଜିପି ବିଜୟ କୁମାର ଶର୍ମା କଡା ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରବିବାର ରାତିରେ ବିଭିନ୍ନ ଜିଲାର ଜାତୀୟ ଓ ରାଜ୍ୟ ରାଜପଥରେ ପାଖାପାଖି ୫୫୦୦ ଗାଡି ଚାଳକଙ୍କୁ ପୋଲିସ ଯାଞ୍ଚ କରିଥିଲା। ସେଥିମଧ୍ୟରୁ ୧୪୧ଜଣ ମଦ୍ୟପ ଗାଡି ଚାଳକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଗଞ୍ଜାମରେ ୨୬, ଯାଜପୁରରେ ୨୦, ସମ୍ବଲପୁରରେ ୧୮, ରାଉରକେଲାରେ ୧୬, ବ୍ରହ୍ମପୁରରେ ୧୨, ଜଗତ୍ସିଂହପୁରରେ ୧୨, ଗଜପତିରେ ୯, ଅନୁଗୋଳରେ ୬, ନବରଙ୍ଗପୁରରେ ୬, କୋରାପୁଟରେ ୫, ମୟୂରଭଞ୍ଜରେ ୪, କେନ୍ଦ୍ରାପଡାରେ ୨, ବାଲେଶ୍ୱର, ଖୋର୍ଦ୍ଧା, କନ୍ଧମାଳ, ସୁନ୍ଦରଗଡ, ସୋନପୁରର ଜଣେ ଲେଖାଏଁ ବ୍ୟକ୍ତି ରହିଛନ୍ତି। ସୂଚନାଯୋଗ୍ୟ, ଗତ ୬ରୁ ଏପର୍ଯ୍ୟନ୍ତ ପ୍ରାୟ ୪୨୬ ଜଣ ମଦ୍ୟପ ଗାଡିଚାଳକଙ୍କୁ ଗିରଫ କରାଯାଇଛି।





NECC NATIONAL EGG CO-ORDINATION COMMITTEE 16.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 69 | 118 | 128 |
| BDK | 69 | 118 | 128 |
| BLS | 68 | 116 | 126 |
| ANG | 69 | 118 | 128 |
| BHM | 65 | 113 | 123 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers





**ଆଜିର ସମ୍ପାଦକୀୟ**

### ଯୋଜନାର ପୁନଃ ସମୀକ୍ଷା

**ଆଜିର ମନ୍ତବ୍ୟ**

"ଏନ୍ଡିଏ ସରକାରରେ ଦେଶବ୍ୟାପୀ ହିଂସା, ଭୟ ଓ ଚିନ୍ତାର ବାତାବରଣ ଲାଗିରହିଛି।

-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଅଗଷ୍ଟରେ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ ଦ୍ୱାରା ମ୍ୟୁଚୁଆଲ୍ ଫଣ୍ଡ ସଂଗ୍ରହ ୭.୫% ବଢି ୮,୨୩୧ କୋଟି ଛୁଇଁଛି।

- ଷ୍ଟକ ବଜାର ଡିପୋଜିଟୋରୀ ଡାଟା






"ନିଜ ଆତଙ୍କବାଦରୂପୀ ରାକ୍ଷସ କବଳରେ ପଡ଼ି ପାକିସ୍ତାନ ଧ୍ୱଂସ ପାଇଯିବ।
- ମୁକ୍ତାର ଆବାସ୍ ନକ୍‌ଭି,
କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

# ଭାରତ ମହାସାଗରରେ ଚାଇନାର ୭ ଯୁଦ୍ଧଜାହାଜ

- ପ୍ରଭାବ ବିସ୍ତାର ପିପୁଲ୍ସ ଲିବରେଶନ ଆର୍ମିର ମୁଖ୍ୟ ଲକ୍ଷ୍ୟ
- ଜିବୌଟିରେ ନୌସେନା ବେସ୍ ନିର୍ମାଣ କରୁଛି ଚାଇନା

ନୂଆଦିଲ୍ଲୀ,୧୬।୯



ଭାରତ ମହାସାଗର ଅଞ୍ଚଳ ମଧ୍ୟରେ ଚାଇନାର ୭ଟି ଯୁଦ୍ଧଜାହାଜ ମୁତୟନ ହୋଇଥିବା ଜଣାପଡ଼ିଛି। ଉଭୟ ସ୍ଥଳ ଓ ନୌସେନାକୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ ୨୭୦୦୦ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଜାହାଜ ମଧ୍ୟ ସେଥିରେ ସାମିଲ ଥିବା ଭାରତୀୟ ନୌସେନା ଜାଣିବାକୁ ପାଇଛି। ଆମେରିକା ନିର୍ମିତ ପି-୮ଆଇ ଆଣ୍ଟିସବ୍‌ମେରିନ୍ ୱାରଫେୟାର ସ୍ୱାଏ ବିମାନ ଓ ଅନ୍ୟାନ୍ୟ ଗୋଇନ୍ଦା ଉପକରଣ ବ୍ୟବହାର କରି ନୌସେନା ଏହି ସୂଚନା ପାଇଛି। ଭାରତ ମହାସାଗର ଅଞ୍ଚଳରେ ଶକ୍ତି ପ୍ରଦର୍ଶନ କରିବା ଚାଇନା ପିପୁଲ୍ସ ଲିବରେଶନ ଆର୍ମି ନୌସେନାର ମୁଖ୍ୟ ଲକ୍ଷ୍ୟ। ଚାଇନାର ଅଧିକାଂଶ ବାଣିଜ୍ୟ କାରବାର ଭାରତ ମହାସାଗର ଅଞ୍ଚଳ ଦେଇ ହେଉଥିବାରୁ ସେମାନେ ଉକ୍ତ ଅଞ୍ଚଳରେ ପ୍ରଭାବ ବିସ୍ତାର କରିବାକୁ ଚାହାନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଚଳିତ ମାସ ଆରମ୍ଭରେ ଚାଇନାର ଲ୍ୟାଣ୍ଡିଂ ପ୍ଲାଟଫର୍ମ ଡକ୍ (ଏଲ୍‌ପିଡି) ଜିଆନ୍-୩୨ ଶ୍ରୀଲଙ୍କା ଜଳରାଶିରେ ପ୍ରବେଶ କରିବା ପୂର୍ବରୁ ଭାରତ ମହାସାଗରର ଦକ୍ଷିଣ ଅଞ୍ଚଳ ଦେଇ ଅତିକ୍ରମ କରୁଥିବା ଦେଖାଯାଇଥିଲା। ପି-୮ଆଇ ଓ ଅନ୍ୟ ଗୋଇନ୍ଦା ବିମାନ ତାହାର ଫଟୋ ଉଠାଇଛନ୍ତି। ଚାଇନା ଜାହାଜଗୁଡ଼ିକର ଗତିବିଧି ଉପରେ କ୍ରମାଗତ ନଜର ରଖାଯାଇଛି। କେବଳ ଏଲ୍‌ପିଡି ନୁହେଁ ଜଳଦସ୍ୟୁ କବଳରୁ ଅନ୍ୟ ଜାହାଜକୁ ସୁରକ୍ଷା ଦେଉଥିବା ଏସ୍କର୍ଟ ଟାସ୍କଫୋର୍ସ ୩୨ ଓ ୩୩ର ତିନୋଟି ଲେଖାଏଁ ଜାହାଜ ମଧ୍ୟ ଭାରତ ମହାସାଗର ଅଞ୍ଚଳରେ ରହିଥିଲା। ସେଗୁଡ଼ିକ ଆଡେନ ଉପସାଗରରେ ମୁତୟନ ହେବାକୁ ଯାଉଛନ୍ତି। ଭାରତ ମହାସାଗରରେ ସେମାନେ ଭାରତୀୟ ଆର୍ଥିକ ଜୋନ୍ ଓ ଜଳରାଶି ମଧ୍ୟରେ ପ୍ରବେଶ କରିଥିବା ଦେଖାଯାଇଥିଲା। ଆଡେନ ଉପସାଗରରେ ଜଳଦସ୍ୟୁ ବିରୋଧୀ ସମରାଭ୍ୟାସ ପାଇଁ ଚାଇନା ନୌସେନା ୬ରୁ ୭ଟି ଯୁଦ୍ଧଜାହାଜ ମୁତୟନ କରିଥିବା କୁହାଯାଉଛି।

ଚାଇନା ନିଜର ଉପସ୍ଥିତିକୁ ଅଧିକ ସୁଦୃଢ଼ କରିବା ପାଇଁ ତୃତୀୟ ବିମାନବାହୀ ଯୁଦ୍ଧଜାହାଜ ନିର୍ମାଣ କରୁଛି। ଏହାକୁ ଖୁବ୍‌ଶୀଘ୍ର ଭାରତୀୟ ମହାସାଗର ଅଞ୍ଚଳରେ ମୁତୟନ କରିବାକୁ ଚାଇନା ନୌସେନା ଲକ୍ଷ୍ୟ ରଖିଛି। ଉକ୍ତ ଅଞ୍ଚଳକୁ କବ୍‌ଜାରେ ରଖିବାକୁ ବେଜିଂ ସବୁପ୍ରକାର ଉଦ୍ୟମ ଚଳାଇଛି। ଖାଲି ସେତିକି ନୁହେଁ ଏହାର ସାମରିକ ଅଭିଯାନକୁ ସହାୟତା କରିବା ଲାଗି ଜିବୌଟିରେ ନୌସେନା ବେସ୍ ନିର୍ମାଣ କରିଛି ଚାଇନା। ଜଳଦସ୍ୟୁ କବଳରୁ ଅନ୍ୟ ଜାହାଜମାନଙ୍କୁ ସୁରକ୍ଷା ଦେବା ନାଁରେ ୨୦୦୮ରୁ ଚାଇନା ନୌସେନା ଭାରତ ମହାସାଗର ଅଞ୍ଚଳରେ ସ୍ଥାୟୀ ଭାବେ ନିଜର ଅବସ୍ଥିତି ଜାହିର କରିଆସୁଛି।

ଭାରତୀୟ ନୌସେନା ଏବେ ଭାରତ ମହାସାଗରରେ ଏହାର ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ମୁତୟନ କରିଥିବାବେଳେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦ୍ୱିତୀୟ ବିମାନବାହୀ ଯୁଦ୍ଧଜାହାଜ କୋଚି ସିପ୍‌ୟାର୍ଡରେ ନିର୍ମାଣାଧୀନ ଅଛି। ଏହାବ୍ୟତୀତ ଅନ୍ୟ ଏକ ୬୦ ହଜାର ଟନ୍ ଓଜନର ରଣତରୀ ନିର୍ମାଣ ପାଇଁ ନୌସେନା ଚାହୁଁଛି।

## ମୋଦିଙ୍କ ହ୍ୟୁଷ୍ଟନ ସମାବେଶରେ ଯୋଗଦେବେ ଆମେରିକା ରାଷ୍ଟ୍ରପତି

ୱାଶିଂଟନ/ନୂଆଦିଲ୍ଲୀ,୧୬।୯



ଭାରତ-ଆମେରିକା ସମ୍ପର୍କ ବୃଦ୍ଧି ଲାଗି ଆସନ୍ତା ରବିବାର ହ୍ୟୁଷ୍ଟନ୍ ସହରରେ ଅନୁଷ୍ଠିତ ହେବାକୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିନନ୍ଦନ ସମାବେଶରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଗଦେବେ ବୋଲି ଜଣାପଡ଼ିଛି। ହ୍ୱାଇଟ ହାଉସ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। ଭାରତୀୟ ଆମେରିକୀୟମାନଙ୍କ ପକ୍ଷରୁ ସେପ୍ଟେମ୍ବର ୨୨ରେ ଆୟୋଜିତ ଏହି ସମିଟ୍ ଅବସରରେ ମୋଦି ଓ ଟ୍ରମ୍ପ୍ ଏକାଠି ହେବେ। ଏହା ବ୍ୟତୀତ ଆମେରିକା କଂଗ୍ରେସର ବହୁ ସଦସ୍ୟ, ବିଶିଷ୍ଟ ଶିଳ୍ପପତି, ବ୍ୟବସାୟୀ ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ସମିଟ୍‌ରେ ଯୋଗଦେବେ। ଏହି ଅବସରରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ମଧ୍ୟ ଘୋଷଣା ହେବା କାର୍ଯ୍ୟକ୍ରମ ରହିଛି। ଏକ ମିଳିତ ରାଲିରେ ଦୁଇ ବୃହତ୍ ଗଣତନ୍ତ୍ରର ପ୍ରମୁଖ ନେତା ଉଦ୍‌ବୋଧନ ଦେବା ପ୍ରଥମ ଘଟଣା ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ମେଗା ଅଭିନନ୍ଦନ ର୍‍ୟାଲିରେ ଆମେରିକାରେ ରହୁଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ସାମିଲ ହେବେ। ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ମଜଭୂତ କରିବାରେ ଏହା ବଡ଼ ସୁଯୋଗ ବୋଲି ହ୍ୱାଇଟ୍‌ହାଉସ ପ୍ରେସ୍ ସଚିବ ଷ୍ଟିଫେନି ଗ୍ରିଶାମ କହିଛନ୍ତି। ପ୍ରବାସୀ ଭାରତୀୟଙ୍କ ଗହଣରେ ସେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିବେ ବୋଲି ମୋଦି ଟୁଇଟ୍ କରିଛନ୍ତି।

### ■ ଫାରୁକ୍ ଅବଦୁଲ୍ଲା ପିଏସ୍‌ଏରେ ଅଟକ

## କେନ୍ଦ୍ର ଓ ଜମ୍ମୁ-କଶ୍ମୀରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ/ଶ୍ରୀନଗର,୧୬।୯(ପି.ଟି.)



ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କୁ ଅଟକ ରଖାଯିବା ନେଇ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ରାଜ୍ୟ ପ୍ରଶାସନକୁ ଜବାବ ମାଗିଛନ୍ତି। ଜମ୍ମୁ-କଶ୍ମୀରର ଜନସୁରକ୍ଷା ଆଇନ (ପିଏସ୍‌ଏ)ରେ ଫାରୁକ୍‌ଙ୍କୁ ଅଟକ ରଖାଯାଇଥିବା ରାଜ୍ୟ ପ୍ରଶାସନ ଜଣାଇଛନ୍ତି। ଫାରୁକ୍‌ଙ୍କ ଅଟକକୁ ବିରୋଧ କରି ଏମ୍‌ଡିଏମ୍‌କେ ନେତା ଭାଇକୋ ପିଟିଶନ୍ ଦାଏର କରିଥିଲେ। ଏହାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩୦କୁ ଧାର୍ଯ୍ୟ କରାଯାଇଛି। ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ନେତା ଫାରୁକଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ଭାଇକୋ ତାଙ୍କ ପିଟିଶନ୍‌ରେ ଅଭିଯୋଗ କରିଥିଲେ।

**ଅଟକକୁ ଚ୍ୟାଲେଞ୍ଜ କରିବ ଏନ୍‌ସି**

ଅନ୍ୟପକ୍ଷରେ ଫାରୁକ୍‌ଙ୍କ ଅଟକକୁ ତାଙ୍କ ଦଳ ଚ୍ୟାଲେଞ୍ଜ କରିବ ବୋଲି କହିଛି। ଏନ୍‌ସି ଅଧ୍ୟକ୍ଷଙ୍କୁ ଅଟକ ରଖିବାର କୌଣସି ଯଥାର୍ଥତା ନାହିଁ। ଯଦି ସେମାନେ ତାଙ୍କୁ ପୁରୁଣା ପିଏସ୍‌ଏରେ ଅଟକ ରଖିଥାନ୍ତି ତେବେ ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟକୁ ଯିବେ ବୋଲି ବରିଷ୍ଠ ନେତା ମହମ୍ମଦ ଆକବର ଲୋନ୍ ଖବରଦାତାଙ୍କୁ କହିଛନ୍ତି।

## ନଭେମ୍ବର ୯ରୁ ଭାରତୀୟ ଶିଖ୍‌ଙ୍କ ପାଇଁ ଖୋଲିବ କର୍‌ତାରପୁର କରିଡର

ଲାହୋର,୧୬।୯(ପି.ଟି.)

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ନଭେମ୍ବର ମାସରେ କର୍‌ତାରପୁର କରିଡର ଭାରତୀୟ ଶିଖ୍ ତୀର୍ଥଯାତ୍ରୀମାନଙ୍କ ଲାଗି ଖୋଲିବାକୁ ଯାଉଛି। ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପ ନଭେମ୍ବର ୯ରୁ ଖୋଲିବ ବୋଲି ପାକିସ୍ତାନ ସୋମବାର ଘୋଷଣା କରିଥିବାରୁ ଭାରତୀୟ ଶିଖ୍‌ମାନେ କର୍‌ତାରପୁର ସାହିବଙ୍କୁ ଦର୍ଶନ କରିବା ସୁଯୋଗ ପାଇବେ। ନରୋୱାଲସ୍ଥିତ ଏହି ପ୍ରସ୍ତାବିତ କରିଡର ଅଞ୍ଚଳକୁ ପାକିସ୍ତାନୀ ଓ ବିଦେଶୀ ଖବରଦାତାମାନଙ୍କ ଗସ୍ତ ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ଅତିଫ୍ ମଜିଦ୍ ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ସୁଦ୍ଧା କରିଡରର ୮୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହା କର୍‌ତାରପୁରର ଦରବାର ସାହିବ ସହ ପଞ୍ଜାବର ଗୁରୁଦାସପୁର ଜିଲାରେ ଥିବା ଡେରା ବାବା ନାନକ ପୀଠକୁ ସଂଯୋଗ କରିବ। ଭାରତୀୟ ତୀର୍ଥଯାତ୍ରୀ ବିନା ଭିସାରେ ସେଠାକୁ ଯାଇପାରିବେ।



ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ରାଜସ୍ଥାନର କୋଟା ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

## ମହାରାଷ୍ଟ୍ରରେ କଂଗ୍ରେସ, ଏନ୍‌ସିପି ଆସନ ବୁଝାମଣା

ମୁମ୍ବାଇ, ୧୬।୯ (ପି.ଟି.)

ଆସନ୍ତା ମାସରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ଓ ଏନ୍‌ସିପି ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଉଭୟ ଦଳ ୧୨୫ ଆସନରେ ନିଜ ନିଜର ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିବା ଏନ୍‌ସିପି ମୁଖ୍ୟ ଶରଦ ପାୱାର ପ୍ରକାଶ କରିଛନ୍ତି। ମୋଟ ୨୮୮ ଆସନ ମଧ୍ୟରୁ ସହଯୋଗୀଙ୍କ ଲାଗି ୩୮ ଆସନ ଛଡ଼ାଯାଇଥିବା ସେ କହିଛନ୍ତି। ଏନ୍‌ସିପି ନୂଆ ଯୁବ ପ୍ରାର୍ଥୀଙ୍କୁ ଏଥର ଅଗ୍ରାଧିକାର ଦେବ ଓ କଂଗ୍ରେସ ସହ କେତେକ ଆସନ ଅଦଳବଦଳ ହେବାର ସମ୍ଭାବନା ରହିଛି ବୋଲି ସେ ମତ ଦେଇଛନ୍ତି।

## 'ଆବଶ୍ୟକ ହେଲେ କଶ୍ମୀର ଯିବି'

ନୂଆଦିଲ୍ଲୀ,୧୬।୯(ଆଇଏଏନ୍‌ଏସ୍)



ଜଷ୍ଟିସ୍ ରଞ୍ଜନ ଗୋଗୋଇ

ଯଦି ଆବଶ୍ୟକ ପଡେ ସେ ନିଜେ ଜମ୍ମୁ-କଶ୍ମୀର ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ସୋମବାର କହିଛନ୍ତି। ୩୭୦ ଉଚ୍ଛେଦ ପରବର୍ତ୍ତୀ କଟକଣା ଯୋଗୁ ଲୋକେ ସେମାନଙ୍କ ଅଭିଯୋଗର ସମାଧାନ ଲାଗି କୋର୍ଟ କଚେରି ଯାଇପାରୁନାହାନ୍ତି ବୋଲି ଜଣେ ଆବେଦନକାରୀ କହିବା ପରେ ସିଜେଆଇ ଉପରୋକ୍ତ ମତ ଦେଇଥିଲେ। ରାଜ୍ୟର ନ୍ୟାୟିକ ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ଜମ୍ମୁ-କଶ୍ମୀର ହାଇକୋର୍ଟଙ୍କୁ କହିଛନ୍ତି। ଉଚ୍ଚ ଅଦାଲତରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ହେଉଛି ବୋଲି ବରିଷ୍ଠ ଆଇନଜୀବୀ ହୁଜେଫା ଅହମଦି କହିବା ପରେ ଆବଶ୍ୟକ ପଡିଲେ ନିଜେ ସେଠାକୁ ଯିବେ ବୋଲି ଜଷ୍ଟିସ୍ ଗୋଗୋଇ କହିଥିଲେ।

## ଭାରତ, ସିଙ୍ଗାପୁର, ଥାଇଲାଣ୍ଡ ମିଳିତ ନୌସମରାଭ୍ୟାସ

ନୂଆଦିଲ୍ଲୀ,୧୬।୯(ପି.ଟି.)

ପୋର୍ଟ ବ୍ଲେୟାରରେ ସୋମବାରଠାରୁ ଭାରତ, ସିଙ୍ଗାପୁର ଓ ଥାଇଲାଣ୍ଡ ନୌସେନା ପକ୍ଷରୁ ତ୍ରିପାକ୍ଷିକ ସମରାଭ୍ୟାସ ଆରମ୍ଭ ହୋଇଛି। ଏହାବ୍ୟତୀତ ମୈତ୍ରୀ ନାମରେ ଭାରତ ଓ ଥାଇଲାଣ୍ଡ ସେନା ମଧ୍ୟରେ ଦ୍ୱିପାକ୍ଷିକ ସମରାଭ୍ୟାସ ମେଘାଳୟର ଉମ୍ରୋଇସ୍ଥିତ ଫରେନ୍ ଟ୍ରେନିଂ ନୋଡ୍ (ଏଫ୍‌ଟିଏନ୍)ରେ ଆରମ୍ଭ ହୋଇଥିବା ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ୫ ଦିନିଆ ତ୍ରିପାକ୍ଷିକ ନୌସମରାଭ୍ୟାସରେ ଭାରତୀୟ ଯୁଦ୍ଧଜାହାଜ ରଣବୀର ସହିତ ସିଙ୍ଗାପୁରର ଆର୍‌ଏସ୍‌ଏନ୍ ଟେନାସିଅସ୍ ଏବଂ ଥାଇଲାଣ୍ଡର କ୍ରବୁରୀ ସାମିଲ ହୋଇଛି। ଏହାବ୍ୟତୀତ ଅନ୍ୟାନ୍ୟ ଯୁଦ୍ଧ ସରଞ୍ଜାମ ମଧ୍ୟ ଏଥିରେ ସ୍ଥାନ ପାଇଛି। ଏବେ ପୋର୍ଟ ବ୍ଲେୟାର ବନ୍ଦର ଅଞ୍ଚଳରେ ସମରାଭ୍ୟାସ ଆରମ୍ଭ ହୋଇଥିବାବେଳେ ୧୮ରୁ ୨୦ ପର୍ଯ୍ୟନ୍ତ ସମୁଦ୍ର ପର୍ଯ୍ୟାୟ ସମରାଭ୍ୟାସ ଚାଲିବ। ତିନି ଦେଶ ମଧ୍ୟରେ ସାମୁଦ୍ରିକ ସମ୍ପର୍କ ବୃଦ୍ଧି କରିବା ଏହି ସମରାଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ।

**ଅଯୋଧ୍ୟା ବିବାଦ**

## ପୁଣି ମଧ୍ୟସ୍ଥତା ପାଇଁ ଆବେଦନ

ନୂଆଦିଲ୍ଲୀ,୧୬।୯(ପି.ଟି.)

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦର ଆପୋସ ସମାଧାନ ଲାଗି ପୁନର୍ବାର ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ କରିବାକୁ ସୁନ୍ନି ୱାକଫ୍ ବୋର୍ଡ ଏବଂ ନିର୍ମୋହୀ ଆଖଡ଼ା ସାନି ଆବେଦନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ମଧ୍ୟସ୍ଥ କମିଟି ପାଇଥିବା ଆବେଦନପତ୍ରକୁ ସର୍ବୋଚ୍ଚ ଅଦାଲତଙ୍କ ପାଖକୁ ପଠାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମିଳିଲେ ପୁଣି ଥରେ ମଧ୍ୟସ୍ଥ ପ୍ରକ୍ରିୟା ଆରମ୍ଭ ହେବ।

## ଥାଇଲାଣ୍ଡ ମନ୍ଦିରରୁ ଉଦ୍ଧାର ୮୦ ବାଘ ମୃତ

ବ୍ୟାଙ୍କକ୍,୧୬।୯(ଏଏଫପି)



ଥାଇଲାଣ୍ଡର ଏକ ବିବାଦୀୟ ମନ୍ଦିରରୁ ୧୪୭ ବାଘଙ୍କୁ ଉଦ୍ଧାର କରାଯାଇ ଅନ୍ୟତ୍ର ନିଆଯାଇଥିଲା। ସେଥିରୁ ୮୦ରୁ ଊର୍ଦ୍ଧ୍ୱ ବାଘଙ୍କ ମୃତ୍ୟୁ ଘଟିଛି। ଜିନ୍‌ଗତ ସମସ୍ୟା ଯୋଗୁ ସେମାନଙ୍କ ମୃତ୍ୟୁ ହୋଇଥିବା ଅଭୟାରଣ୍ୟ କର୍ତ୍ତୃପକ୍ଷ କହିଛନ୍ତି। ଥାଇଲାଣ୍ଡର କାଞ୍ଚନବୁରୀ ପ୍ରଦେଶର ୱାଟ ଫା ଲୁଆଙ୍ଗ ଟା ବୁଆ ମନ୍ଦିରରେ ଶତାଧିକ ବାଘ ରହିଥିଲେ। ସେଠାରେ ଉପଯୁକ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବ ଅଭିଯୋଗ ହୋଇଥିଲା। ବାଘ କଙ୍କାଳ ବହୁମୂଲ୍ୟରେ ମନ୍ଦିର କର୍ତ୍ତୃପକ୍ଷ ବିକ୍ରି କରୁଥିବା ମଧ୍ୟ ଗୁଜବ ପ୍ରଚାର ହୋଇଥିଲା। ଫଳରେ ୨୦୧୬ରେ ଅଭୟାରଣ୍ୟ କର୍ତ୍ତୃପକ୍ଷ ବାଘଗୁଡ଼ିକୁ ଉଦ୍ଧାର କରି ଅନ୍ୟତ୍ର ନେବା ଆରମ୍ଭ କଲେ। ସେମାନଙ୍କୁ ରାତଚାବୁରି ପ୍ରଦେଶ ନିକଟବର୍ତ୍ତୀ ଦୁଇଟି ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲା। ୧୪୭ ବାଘରୁ ବର୍ତ୍ତମାନ ମାତ୍ର ୬୧ଟି ବଞ୍ଚି ରହିଛନ୍ତି। ଜିନ୍‌ଗତ କାରଣରୁ ସେମାନେ ନୂଆ ପରିବେଶରେ ଖାପ ଖୁଆଇପାରିଲେନି ବୋଲି କୁହାଯାଉଛି।

**ୟୁପିରେ ଅନର କିଲିଂ**

## ଦଳିତ ଯୁବକଙ୍କୁ ଜିଅନ୍ତା ଜାଳିଦେଲେ

ହର୍ଦୋଇ, ୧୬।୯ (ପି.ଟି.)

ଅନ୍ୟ ଜାତିର ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଜଣେ ଦଳିତ ଯୁବକଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ଉତ୍ତରପ୍ରଦେଶର ହର୍ଦୋଇ ଜିଲା ଅନ୍ତର୍ଗତ ଭଦେଶାରେ ଏଭଳି ଘଟଣା ଘଟିଛି। ଅଭିଷେକ ଓରଫ୍ ମୋନୁ(୨୦)ଙ୍କୁ ଏକ ଘରେ ବାନ୍ଧିଦିଆଯାଇ ଶେଷରେ ଜିଅନ୍ତା ଜାଳିଦିଆଯାଇଥିବା ଏସ୍‌ପି ଆଲୋକ ପ୍ରିୟଦର୍ଶୀ ପ୍ରକାଶ କରିଛନ୍ତି। ଏହି ଖବର ଶୁଣି ମୃତ ଯୁବକଙ୍କ ମା' ହୃଦ୍‌ଘାତରେ ଆଖି ବୁଜିଦେଇଥିବା ଜଣାପଡ଼ିଛି। ମା'ଙ୍କ ଚିକିତ୍ସା ଲାଗି ମୋନୁ ୨୫ ହଜାର ଟଙ୍କା ଯୋଗାଡ଼ କରି ଫେରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାମୁ ରାଜୁ ପୋଲିସକୁ କହିଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରିଥିବାବେଳେ ତଦନ୍ତ ଜାରିରହିଥିବା ପ୍ରକାଶ।

## ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତିଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ, ୧୬।୯ (ପି.ଟି.)



କୋଡେଲା ଶିବପ୍ରସାଦ ରାଓ

ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତି ତଥା ଟିଡିପି ନେତା କୋଡେଲା ଶିବପ୍ରସାଦ ରାଓ (୭୨) ସୋମବାର ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏନେଇ ତଦନ୍ତ କରାଯାଉଥିବା ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ଚଳିତବର୍ଷ ମେ'ରେ ହୋଇଥିବା ବିଧାନସଭା ନିର୍ବାଚନରେ ରାଓ ପରାଜୟବରଣ କରିଥିଲେ। ୨୦୧୪-୧୯ରେ ସେ ଗୁଣ୍ଟୁର ଆସନରୁ ଜିଣି ବିଧାନସଭା ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ୬ ଥର ସେ ଏହି ଆସନରୁ ବିଜୟୀ ହୋଇଥିଲେ। ପୂର୍ବରୁ ସେ ରାଜ୍ୟର ଏକାଧିକ ମନ୍ତ୍ରଣାଳୟ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପରଲୋକରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଭାଜପା ମୁଖ୍ୟ କେ. ଲକ୍ଷ୍ମଣ ଓ ଅନ୍ୟମାନେ ଶୋକବ୍ୟକ୍ତ କରିଛନ୍ତି।

**ହିନ୍ଦୀକୁ ଶାହଙ୍କ ଗୁରୁତ୍ୱ ପ୍ରସଙ୍ଗ**

## ୟେଦୁରାପ୍ପା, କମଲ ହାସନ୍‌ଙ୍କ ବିରୋଧ

ନୂଆଦିଲ୍ଲୀ, ୧୬।୯ (ପି.ଟି.)



ବି.ଏସ୍. ୟେଦୁରାପ୍ପା



କମଲ ହାସନ୍

ହିନ୍ଦୀକୁ ଗୁରୁତ୍ୱ ଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଗୋଟିଏ ରାଷ୍ଟ୍ର ଗୋଟିଏ ଭାଷା କଥା କହିଥିବାବେଳେ ଏହାକୁ ଆଞ୍ଚଳିକ ଦଳଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି। କର୍ନାଟକ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ବି.ଏସ୍. ୟେଦୁରାପ୍ପା ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। କନ୍ନଡ ଭାଷା ସହ ସାଲିସ୍ କରାଯାଇ ପାରିବନାହିଁ ବୋଲି ସେ ମତ ଦେଇଛନ୍ତି। ଏମ୍‌ଏନ୍‌ଏମ୍ ନେତା କମଲ ହାସନ୍ ଲୋକଙ୍କ ଉପରେ ଜୋର୍ ଜବରଦସ୍ତ ହିନ୍ଦୀ ଲଦି ଦିଆଯିବା ଅନୁଚିତ ବୋଲି କହିଛନ୍ତି। ଆମେ ସବୁ ଭାଷାକୁ ସମ୍ମାନ ଦେଉଛୁ, ହେଲେ ମାତୃଭାଷାକୁ ଭୁଲିପାରିବୁ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଡିଏମ୍‌କେ ନେତା ଏମ୍.କେ. ଷ୍ଟାଲିନ୍ ପ୍ରମୁଖ ବିରୋଧ କରିଛନ୍ତି। ଆଗାମୀ ୨୦ରେ ଏନେଇ ଆନ୍ଦୋଳନ କରିବାକୁ ଡିଏମ୍‌କେ ଚେତାବନୀ ଦେଇଛି। ସିପିଆଇ ନେତା ବିନୟ ବିଶ୍ୱମ୍ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଶାହଙ୍କ କଥାର ଜବାବ୍ ମାଗିଛନ୍ତି।

## ପ୍ରମୋଦ ମିଶ୍ର, ଡୋଭାଲଙ୍କୁ ଦାୟିତ୍ୱ ବଣ୍ଟନ

ନୂଆଦିଲ୍ଲୀ,୧୬।୯



ପ୍ରମୋଦ କୁମାର ମିଶ୍ର



ଅଜିତ୍ ଡୋଭାଲ

ଓଡ଼ିଆ ଅଫିସର ପ୍ରମୋଦ କୁମାର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଏବଂ ପି.କେ. ସିହ୍ନା ପ୍ରମୁଖ ଉପଦେଷ୍ଟା ନିଯୁକ୍ତ ହେବା ପରେ ସେମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରିଛି। ପିଏମ୍‌ଓ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରମୁଖ ସଚିବ ପ୍ରମୋଦ ମିଶ୍ରଙ୍କୁ କାର୍ମିକ, ଆଇନ ମନ୍ତ୍ରଣାଳୟ ସହ ସମ୍ପୃକ୍ତ ନୀତି ଓ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଓ ଅନ୍ୟାନ୍ୟ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିବାବେଳେ କ୍ୟାବିନେଟ ସଚିବାଳୟ ସମ୍ପର୍କିତ ପ୍ରସଙ୍ଗର ମଧ୍ୟ ସେ ଅନୁଧ୍ୟାନ କରିବେ। ଏହାବ୍ୟତୀତ କେନ୍ଦ୍ର କ୍ୟାବିନେଟ ବୈଠକରେ କେଉଁ ପ୍ରସଙ୍ଗ ଆଲୋଚନା ହେବ, ଦୁର୍ନୀତି ନିବାରଣ ବିଭାଗ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ଆଦି ବୁଝାଶୁଝା କରିବେ।

ସେହିପରି ଏନ୍‌ଏସ୍‌ଏ ଡୋଭାଲଙ୍କୁ ଜାତୀୟ ସୁରକ୍ଷା ସମ୍ପର୍କିତ ସମସ୍ତ ବିଷୟ ଓ ତତ୍‌ସମ୍ପର୍କିତ ନୀତି ଅନୁଧ୍ୟାନ କରିବେ। ଏଥିସହିତ ବହିର୍ବ୍ୟାପାର, ଦରିଆପାରି ଭାରତୀୟ ବ୍ୟାପାର, ପ୍ରତିରକ୍ଷା, ମହାକାଶ, ପରମାଣୁ ଶକ୍ତି ଏବଂ ଦେଶର ବାହ୍ୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର) ନୀତିକୁ ମଧ୍ୟ ସେ ତଦାରଖ କରିବେ। ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ ଜାତୀୟ ରାସାୟନିକ ଅସ୍ତ୍ର କର୍ତ୍ତୃପକ୍ଷ ସମ୍ପର୍କିତ ସମସ୍ତ ନୀତି ନିଷ୍ପତ୍ତିର ସେ ପ୍ରଭାରୀ ରହିବେ। ନ୍ୟାଶନାଲ ସୋସିଆଲିଷ୍ଟ କାଉନ୍‌ସିଲ ଅଫ ନାଗାଲାଣ୍ଡ (ଏନ୍‌ଏସ୍‌ସିଏନ୍) ବିଚ୍ଛିନ୍ନତାବାଦୀମାନଙ୍କ ସହ ଆଲୋଚନା କେଉଁ ପ୍ରସଙ୍ଗରେ ହେବ ତାହା ମଧ୍ୟ ଡୋଭାଲ ନିର୍ଦ୍ଧାରଣ କରିବେ। ଡୋଭାଲ ଓ ମିଶ୍ରଙ୍କୁ ଦିଆଯାଇଥିବା ମନ୍ତ୍ରଣାଳୟ ଭିନ୍ନ ଅନ୍ୟ ସମସ୍ତ ମନ୍ତ୍ରଣାଳୟ, ବିଭାଗ ଓ ସଂସ୍ଥାର ନୀତି ନିଷ୍ପତ୍ତି ଅନୁଧ୍ୟାନ କରିବା ଦାୟିତ୍ୱ ପ୍ରମୁଖ ଉପଦେଷ୍ଟା ସିହ୍ନାଙ୍କୁ ମିଳିଛି। ନୃପେନ୍ଦ୍ର ମିଶ୍ରଙ୍କ ଇସ୍ତଫା ପରେ ଅତିରିକ୍ତ ପ୍ରମୁଖ ସଚିବ ଥିବା ପ୍ରମୋଦ ମିଶ୍ରଙ୍କୁ ଗତ ସପ୍ତାହରେ ପ୍ରମୁଖ ସଚିବ ଭାବେ ପଦୋନ୍ନତି ଦିଆଯାଇଥିଲା। ଡୋଭାଲ ଓ ପ୍ରମୋଦଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ମିଳିଛି।



ଆମେରିକା ମହାକାଶ ସଂସ୍ଥା ନାସା ପକ୍ଷରୁ ଚନ୍ଦ୍ରପୃଷ୍ଠରେ ଗତିହୀନ ଅବସ୍ଥାରେ ପଡ଼ିଥିବା ବିକ୍ରମ ଲ୍ୟାଣ୍ଡରର ଛବି ଉଠାଯିବା ଲାଗି ପ୍ରୟାସ କରାଯାଉଛି। ୨୦୦୯ରୁ ଚନ୍ଦ୍ର ପରିକ୍ରମା କରୁଥିବା ଆମେରିକା ଚନ୍ଦ୍ରଯାନ ଲ୍ୟାଣ୍ଡର ନିକଟରେ ପରିକ୍ରମା କରି ମଙ୍ଗଳବାର ଫଟୋ ଛାଡ଼ିବ ବୋଲି ଜଣାପଡ଼ିଛି। ଏହି ଫଟୋ ଇସ୍ରୋକୁ ବିକ୍ରମ ସହ ଯୋଗାଯୋଗ ସ୍ଥାପନ ଲାଗି ସଫଳତା ଆଣିଦେବା ସମ୍ଭାବନା ରହିଛି।



## ସଂକ୍ଷେପରେ

### ଅଣତିରିଶି ଗାଁରେ ବୋମା ମାଡ଼ ଘଟଣା
## ପୋଲିସ ଚଢ଼ାଉ, ଗାଁ ପୁରୁଷ ଶୂନ୍ୟ

**ବ୍ରହ୍ମଗିରି, ୧୬।୯(ଡି.ଏନ୍.ଏ.):** ପୂର୍ବ ଶତ୍ରୁତାକୁ ନେଇ ଶୁକ୍ରବାର ସକାଳୁ ବ୍ରହ୍ମଗିରି ବ୍ଲକ ଅଣତିରିଶ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଘନଘନ ବୋମା ମାଡ଼ ହୋଇଥିଲା। ଏନେଇ ପୋଲିସ ଦୁଇଜଣଙ୍କୁ ଗିରଫ କରିଥିବାବେଳେ କୌଣସି ଅଘଟଣ ଆଶଙ୍କା କରି ଗାଁରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଏହା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସର ଘନ ଘନ ଚଢ଼ାଉ ଜାରି ରହିଛି। ପୋଲିସ ଭୟରେ ଗାଁ ଏବେ ପୁରୁଷ ଶୂନ୍ୟ ହୋଇପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଅଣତିରିଶ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନରୁ ଶତୃତା ଲାଗି ରହିଥିଲା। ଗତ ବୁଧବାର ରାତିରେ ଅଣତିରିଶ ଗ୍ରାମ ନିକଟସ୍ଥ ଡୁମୁଡୁମା ଗାଁରେ ଗଣେଶ ଭଷାଣି ଯାତ୍ରାରେ ଡ୍ରାମା ଅନୁଷ୍ଠିତ ହେଉଥିଲା ବେଳେ ଗ୍ରାମର ଉଭୟ ଗୋଷ୍ଠୀର ପିଲାମାନେ ସେଠାକୁ ଯାଇଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଓ ହାତାହାତି ହୋଇଥିଲା। ଗାଁକୁ ଫେରିବା ପରେ ସେମାନଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଶୁକ୍ରବାର ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ଟେକା ପଥର ସହ ଘନଘନ ବୋମା ମାଡ଼ ହୋଇଥିଲା। ଉଭୟ ପକ୍ଷରୁ ବ୍ରହ୍ମଗିରି ଥାନାରେ ପୃଥକ ପୃଥକ ଅଭିଯୋଗ ହୋଇ ୧୪୨/୧୯ ଓ ୧୪୩/୧୯ରେ ଦୁଇଟି ମାମଲାରୁଜୁ ହୋଇଥିଲା।

## ପଥର ବ୍ଲାଷ୍ଟିଂରେ ଶ୍ରମିକଙ୍କ ମୃତ୍ୟୁ

**କୋଟପାଡ଼/ଜୟପୁର, ୧୬।୯(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା କୋଟପାଡ ଥାନା କୁସୁମି ଗ୍ରାମ ନିକଟ ଏକ ପଥର କୁଆଁରିର ବ୍ଲାଷ୍ଟିଂରେ ଜଣେ ଶ୍ରମିକଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ କୋଟପାଡ ବ୍ଲକ ଚିତ୍ରା ପଞ୍ଚାୟତ ଖଟୁଗୁଡା ଗ୍ରାମର ନରିସଂହ ନାୟକଙ୍କ ପୁଅ ନିରଞ୍ଜନ ନାୟକ (୧୮)। ଉକ୍ତ ପଥର କୁଆଁରିରେ ପୂର୍ବାହ୍ନ ସାଢେ ୧୦ଟାରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇଥିଲା। ଏଥିରେ ନିରଞ୍ଜନଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ପଥର କୁଆଁରିଠାରୁ ୧୦୦ ମିଟର ଦୂରରେ ତାଙ୍କର କ୍ଷତାକ୍ତ ଶରୀର ପଡିଥିବା ଗ୍ରାମବାସୀ ଦେଖି ତାଙ୍କ ପରିବାରଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପ୍ରଥମେ କୁସୁମି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ କୁଆଁରିର ପଥର ବ୍ଲାଷ୍ଟିଂ ନିମନ୍ତେ ଅନୁମତି ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ସୁଦ୍ଧା କୋଟପାଡ ପୋଲିସ ଜୟପୁର ଚିକିତ୍ସାଳୟରେ ପହଞ୍ଚି ନ ଥିବା ଯୋଗୁଁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି। ନିରଞ୍ଜନ ଦୈନିକ ୨ଶହ ଟଙ୍କା ପାରିଶ୍ରମିକରେ ତାଙ୍କ ପରିବାର ଭରଣପୋଷଣ କରୁଥିଲେ।

## କନ୍ଦଳକୁ ନେଇ ଚର୍ଚ୍ଚାରେ କଂଗ୍ରେସ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ):** କିଛିଦିନ ହେବା ନିଷ୍କ୍ରିୟ ହୋଇପଡିଥିବା କଂଗ୍ରେସ ପୁଣିଥରେ ଦଳୀୟ କନ୍ଦଳକୁ ନେଇ ଚର୍ଚ୍ଚାକୁ ଆସିଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ମନ୍ତବ୍ୟ ରଖିବା ଯୋଗୁ ରବିବାର ଇତିଶ ପ୍ରଧାନଙ୍କୁ ଏନ୍ଏସୟୁଆଇ ଓଡିଶା ଇନ୍‌ଚାର୍ଜ ମୋଥା ରୋହିତ ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଛନ୍ତି। ଅନ୍ୟପଟେ ନିଲମ୍ବନ ଆଦେଶ ମିଳିବାପରେ ଇତିଶ ପୁଣିଥରେ ନିରଞ୍ଜନଙ୍କ ଉପରେ ବର୍ଷିଛନ୍ତି। ସେ ଯୁଆଡେ ଯିବେ ତାଙ୍କୁ ଅଣ୍ଡା ମାଡ଼ କରାଯିବ ବୋଲି ଇତିଶ କହିଛନ୍ତି। ଅନ୍ୟପଟେ ଏଆଇସିସି ସଦସ୍ୟ ମନୀଷା ତ୍ରିପାଠୀ ସୋମବାର ରାଜ୍ୟ କାର୍ଯ୍ୟାଳୟ ଠାରେ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଦଳୀୟ ବିଶୃଙ୍ଖଳାକୁ ଆଧାର କରି ନିଖିଳ ଭାରତ ଛାତ୍ର କଂଗ୍ରେସ ଓଡ଼ିଶା ପ୍ରଭାରୀ ଇତିଶଙ୍କୁ ନିଲମ୍ବନ କରିଛନ୍ତି। ଇତିଶ ନିରଞ୍ଜନଙ୍କ ଚରିତ୍ର ଉପରେ କଟୁ ସମାଲୋଚନା ଓ ବିଭିନ୍ନ ଅଭଦ୍ରୋଚିତ ଭାଷା ପ୍ରୟୋଗ କରିଥିଲେ। ଏନେଇ ଏଆଇସିସି ନିକଟରେ ଅଭିଯୋଗ କରାଯିବ। ଇତିଶଙ୍କୁ ୬ବର୍ଷ ପାଇଁ ବହିଷ୍କାର କରିବାକୁ ଦାବି କରିବୁ। ଏହାସହ ସେମାନେ କ୍ୟାପିଟାଲ ଥାନାରେ ଇତିଶଙ୍କୁ ଗିରଫ କରିବା ଦାବି କରିଛନ୍ତି।

ଟିଏଲ ଆବେଦନକାରୀଙ୍କୁ ଲୁଟୁଛନ୍ତି ଦଲାଲ




# ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୧୬।୯**

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ରେଡ ଫ୍ଲାଗ ତାଲିକାଭୁକ୍ତ ଏହି ମାମଲାର ବିଚାର କରି ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା ଅଞ୍ଚଳର ମନେନ୍ଦ୍ର ଦିଗାଲ।

୨୦୧୬ ନଭେମ୍ବର ୧୬ ତାରିଖରେ ରାଇକିଆ ଥାନା ଅଞ୍ଚଳର ନାବାଳିକା (୭ ବର୍ଷ) ଜଣକ ସ୍କୁଲରୁ ଫେରି ପାଖ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଝିଅ ନ ଫେରିବାରୁ ମା' ସେଠାକୁ ଯାଇଥିଲେ। ଝିଅକୁ ନ ପାଇ ସେଠାରୁ ନଦୀ ଆଡ଼େ ଖୋଜିବାକୁ ଯାଇଥିଲେ। ବାଟରେ ମନେନ୍ଦ୍ରକୁ ଦେଖି ଝିଅ ସମ୍ପର୍କରେ ପଚାରିବାରୁ ଆମେ କାଠ ଗୋଟାଇବାକୁ ଯାଇଥିଲୁ ବୋଲି ସେ କହିଥିଲେ। ମା'ଙ୍କ ପାଟି ଶୁଣି ନାବାଳିକା ଜଣକ କାନ୍ଦି କାନ୍ଦି ସେଠାରେ ପହଞ୍ଚିଥିଲେ। ମନେନ୍ଦ୍ର ତାଙ୍କୁ ନଦୀ ଆଡ଼େ ଡାକି ନେଇ ବଳାତ୍କାର କରିଥିବା ଓ ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରି ଦେବେ ବୋଲି ଧମକ ଦେଇଥିବା ନାବାଳିକା ଜଣକ ଘରକୁ ଆସିବା ପରେ ମା'ଙ୍କୁ କହିଥିଲେ। ଘଟଣା ପରଦିନ ଏ ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୧/୧୬ରେ ଏକ ମାମଲା ରୁଜୁ କରି ମନେନ୍ଦ୍ରଙ୍କୁ କୋର୍ଟଚାଲାଣ କରିଥିଲା। ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଆଧାର ଲିଙ୍କ୍ ସତ୍ତ୍ୱେ ମିଳୁନି ଗ୍ୟାସ୍ ସବ୍‌ସିଡି

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

୨୦୧୪ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ପ୍ରତ୍ୟେକ ଘରେ ଗ୍ୟାସ୍ ସଂଯୋଗ କରାଇବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲା। ସବୁଘରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ଲକ୍ଷ୍ୟ ରଖି କେନ୍ଦ୍ର ସରକାର ୨୦୧୬ ମେ ୧ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା(ପିଏମ୍‌ୟୁୱାଇ)ଆରମ୍ଭ କରିଥିଲେ। ଏହା ପରଠାରୁ ୨୦୧୯ ସେପ୍ଟେମ୍ବର ୭ ସୁଦ୍ଧା କେନ୍ଦ୍ର ସରକାର ୮କୋଟି ଉଜ୍ଜ୍ୱଳା ସଂଯୋଗ କରିବାକୁ ରଖିଥିବା ଲକ୍ଷ୍ୟ ପୂରଣ କରିପାରିଥିବା ସୂଚନା ଦିଆଯାଇଛି। ଓଡ଼ିଶାରେ ୮୭ଲକ୍ଷ ୫୭ ହଜାର ଲୋକ ଗ୍ୟାସ୍ ସଂଯୋଗ ନେଇଛନ୍ତି। ସେଥିମଧ୍ୟରୁ ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ୪୭ଲକ୍ଷ ୪୦ ହଜାର ଲୋକ ଗ୍ୟାସ ସଂଯୋଗ ନେଇଥିବା ଜଣାପଡିଛି। ଉପଭୋକ୍ତାମାନଙ୍କ ପାଇଁ କେନ୍ଦ୍ର ସରକାର ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ଏନେଇ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସମ୍ପୂର୍ଣ୍ଣ ଗ୍ୟାସ୍ ମୂଲ୍ୟ ଉପଭୋକ୍ତାଙ୍କ ପାଖରୁ ନିଆଯାଇ ପରବର୍ତ୍ତୀ ସମୟରେ ସେମାନଙ୍କ ଆକାଉଣ୍ଟକୁ ସବ୍‌ସିଡି ବାବଦ ଅର୍ଥ ଫେରସ୍ତ ଦିଆଯାଏ। ହେଲେ ଏହି ବ୍ୟବସ୍ଥା ଆରମ୍ଭ ଦିନଠାରୁ ଅନେକ ଲୋକ ଗୋଟିଏ ଅଭିଯୋଗ କରି ଆସୁଛନ୍ତି ଯେ, ସେମାନଙ୍କ ଆକାଉଣ୍ଟକୁ ସବ୍‌ସିଡି ଅର୍ଥ ଆସୁନାହିଁ। କେବଳ ସେତିକି ନୁହେଁ, ଅନେକ ଗ୍ରାହକଙ୍କୁ ସବ୍‌ସିଡି ଅର୍ଥ ନିର୍ଦ୍ଦିଷ୍ଟ କୌଣସି ସମୟରେ ଫେରାଯାଉନାହିଁ ବୋଲି ଅଭିଯୋଗ ହେଉଛି।

ଜଣେ ଗ୍ୟାସ୍ ଡିଲରଙ୍କ ସୂଚନା ମୁତାବକ, ବର୍ତ୍ତମାନ ଲୋକେ ୬୧୭ଟଙ୍କା ୪୯ ପଇସାରେ ଗ୍ୟାସ୍ କିଣୁଛନ୍ତି। ସେଥିରୁ ସବ୍‌ସିଡି ବାବଦକୁ ୭୪ଟଙ୍କା ୮୦ପଇସା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସୁଛି। ସୂଚନାଥାଉକି ଗ୍ୟାସ୍ ମୂଲ୍ୟ ବିଭିନ୍ନ ସମୟରେ ପରିବର୍ତ୍ତନ ହୋଇଥାଏ।

କୋଣାର୍କ ଅଞ୍ଚଳର ରୋଜାଲିନ ସାହୁଙ୍କ କହିବାନୁଯାୟୀ, ୨ ବର୍ଷ ହୋଇଗଲା ସବ୍‌ସିଡି ଅର୍ଥ ପାଇବା ପାଇଁ ବ୍ୟାଙ୍କ ଏବଂ ଗ୍ୟାସ୍ ଡିଲରଙ୍କ ପାଖକୁ ଦୌଡ଼ିବା ପରେ ମଧ୍ୟ କିଛି ଲାଭ ହେଉନାହିଁ। ୨ ବର୍ଷ ମଧ୍ୟରେ ବହୁ ଟଙ୍କା ତାଙ୍କର ସବ୍‌ସିଡି ବାବଦକୁ ରହିଲାଣି। ନିୟମାନୁଯାୟୀ ବ୍ୟାଙ୍କ ଖାତା ସହ ଆଧାର କାର୍ଡ ମଧ୍ୟ ଲିଙ୍କ୍ କରାଯାଇଛି। ତା'ପରେ ମଧ୍ୟ ଆମ ଟଙ୍କାକୁ କମ୍ପାନୀ ଚୋରାଇ ନେଇଛି ବୋଲି



ରୋଜାଲିନ କହିଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକର କବିତା ବାରିକଙ୍କ ମଧ୍ୟ ସମଦଶା। ୨ ବର୍ଷ ହୋଇଗଲା ଗ୍ୟାସ୍ ସଂଯୋଗ ନେଇଛନ୍ତି। କିନ୍ତୁ ସବ୍‌ସିଡି ଅର୍ଥ ପାଉନାହାନ୍ତି। ଏଥିପାଇଁ ବାରମ୍ବାର ବ୍ୟାଙ୍କ ଏବଂ ଡିଲର ପାଖକୁ ଦୌଡ଼ିବା ପରେ ସୁଦ୍ଧା ଫଳ ଶୂନ। ଏତେଦିନର ଯେଉଁ ସବ୍‌ସିଡି ଅର୍ଥ ରଖାଯାଇଛି ତା'ର ସୁଧ କିଏ ଦେବ ବୋଲି କବିତା ପ୍ରଶ୍ନ ଉଠାଇଛନ୍ତି। ସେହିପରି ଉତ୍ତରା ଶାସନର ତ୍ରିଲୋଚନ ବାରିକଙ୍କ କହିବା କଥା ହେଉଛି, ଆଧାର କାର୍ଡ ଦେଇ ନ ଥିବାରୁ ଏ ପର୍ଯ୍ୟନ୍ତ ସବ୍‌ସିଡି ଅର୍ଥ ମିଳିନାହିଁ। ଆମକୁ ସବ୍‌ସିଡି ଅର୍ଥ ନ ମିଳିବା ପଛରେ ସମସ୍ତଙ୍କ ଭୁଲ୍ ରହିଛି। ଯଦି ବ୍ୟାଙ୍କ ସହିତ ଆଧାର କାର୍ଡ ଲିଙ୍କ୍ ହେବା ନିତାନ୍ତ ଆବଶ୍ୟକ, ଏକଥା ଜଣେ ଗ୍ରାହକଙ୍କୁ କିଏ ଜଣାଇବ। ଦୀର୍ଘଦିନ ଧରି ବ୍ୟାଙ୍କରେ ଖାତା ଆମର ରହିଛି, ଆଧାର ସଂଯୋଗ ସମ୍ପର୍କରେ ବ୍ୟାଙ୍କ ଜାଣିଥିଲେ ମଧ୍ୟ ଜଣାଉନାହିଁ। ଏପରି କି ବ୍ୟାଙ୍କରେ ଆମର ଫୋନ ନମ୍ବର ଥିବା ସତ୍ତ୍ୱେ ଏସ୍‌ଏମ୍‌ଏସ ମିଳୁନାହିଁ। ଯଦି ବ୍ୟାଙ୍କ ନ ଦେଲା ତେବେ ଆମେ ଯେଉଁ ଗ୍ୟାସ୍ କମ୍ପାନୀର ଗ୍ରାହକ ହୋଇଛୁ, ସେମାନେ କାହିଁକି ଏସ୍‌ଏମ୍‌ଏସ୍ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ନିୟମାନୁଯାୟୀ ଆଧାର ଲିଙ୍କ୍ କରା ନ ଗଲେ ବ୍ୟାଙ୍କରେ ଆକାଉଣ୍ଟ ଚାଲିବା କଥାନୁହେଁ, ତେବେ ଏହାକୁ କାହିଁକି ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ।

ସବ୍‌ସିଡି ଅର୍ଥ ପାଇବା ପାଇଁ କେନ୍ଦ୍ର ସରକାର ଆଧାର କାର୍ଡକୁ ବାଧ୍ୟତାମୂଳକ କରିଛନ୍ତି। ରିହାତି ଅର୍ଥ ପାଇବାକୁ ହେଲେ ଗ୍ରାହକଙ୍କୁ ନିଜ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର କାର୍ଡ ସଂଯୋଗ କରିବାକୁ ପଡୁଛି। ମାତ୍ର କେନ୍ଦ୍ର ସରକାରଙ୍କ ଏହି ବାଧ୍ୟତାମୂଳକ ବ୍ୟବସ୍ଥାକୁ ସାଧାରଣ ଲୋକମାନେ ଗ୍ରହଣ କରିବାପରେ ମଧ୍ୟ ନିଜ ଅର୍ଥ ପାଇବାରେ ବହୁ ଗ୍ରାହକ ସକ୍ଷମ ହୋଇପାରୁ ନ ଥିବା ଜଣାପଡିଛି। କେବଳ ସେତିକି ନୁହେଁ ବରଂ ଗ୍ୟାସ୍ ଚୋରି ରୋକିବା ଲାଗି ଆଧାର କାର୍ଡ ବ୍ୟବସ୍ଥାକୁ କେନ୍ଦ୍ର ବିଶେଷ ଗୁରୁତ୍ୱ ଦେଇଥିବା କହିଛି। ତେବେ ଉଜ୍ଜ୍ୱଳା ଯୋଜନାରେ କେନ୍ଦ୍ର ସରକାର ସାମାଜିକ, ଅର୍ଥନୈତିକ ଜାତିଭିତ୍ତିକ ଜନଗଣନା (ଏସଇସିସି) ତାଲିକାରେ ଥିବା ଲୋକଙ୍କୁ ପ୍ରଥମେ ସାମିଲ କରାଯାଇଥିଲା। ଏହାପରେ ଏସ୍‌ସି,ଏସ୍‌ଟି ଲୋକଙ୍କୁ ଏହା ମଧ୍ୟକୁ ଅଣାଗଲା। ଏହି ବର୍ଗର ସମସ୍ତ ଲୋକଙ୍କୁ ସରକାରଙ୍କ ପକ୍ଷରୁ ୧୪ଶହ ଟଙ୍କାରେ ଚୁଲା ସହିତ ଗ୍ୟାସ ଟାଙ୍କି ଯୋଗାଇ ଦିଆଯାଉଛି। ଅର୍ଥାତ୍ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ନେଉଥିବା ଲୋକମାନେ କେଉଁ ବର୍ଗର ତାହା ସ୍ପଷ୍ଟ। ଯଦି ଏମାନଙ୍କୁ ନିଜ ଆକାଉଣ୍ଟ ସହ ଆଧାର ଲିଙ୍କ୍ କରିବାକୁ ବାଧ୍ୟ କରାଯାଏ ଏବଂ ନିୟମକାନୁନ ମାନିବା ପରେ ମଧ୍ୟ ସବ୍‌ସିଡି ଅର୍ଥ ନ ଆସେ, ସେମାନେ କ'ଣ କରିବେ ସେନେଇ ପ୍ରଶ୍ନ ଉଠିଲାଣି।

ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା କହିଛନ୍ତି ଯେ, ଆଧାର ଲିଙ୍କ୍ କରୁ ନ ଥିବା କ୍ଷେତ୍ରରେ ସବ୍‌ସିଡି ଆସିପାରୁନାହିଁ। କିଛିଟା ସ୍ଥାନରେ କୌଣସି କାରଣ ଯୋଗୁ ସବ୍‌ସିଡି ଆସିପାରୁ ନାହିଁ। ବହୁ ଲୋକଙ୍କ କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେଇଯାଉଛି ମାତ୍ର ସେମାନେ ଜାଣିପାରୁ ନାହାନ୍ତି। କେବଳ ସବ୍‌ସିଡି ଆସୁନାହିଁ ବୋଲି ଅଭିଯୋଗ କରୁଛନ୍ତି। ଏହାପରେ ଆମେମାନେ ଘଟଣାରଠିକ୍‌ଅନୁଧ୍ୟାନକରିବାପରେକାରଣ ଜଣାପଡୁଛି। ଅଳ୍ପକିଛି ଜାଗାରେ ଆଧାର ଲିଙ୍କ୍ କରାଇବା ସତ୍ତ୍ୱେ ଲୋକଙ୍କ ଟଙ୍କା ଆସିପାରୁ ନାହିଁ ବୋଲି ବେହୁରା କହିଛନ୍ତି।

## ୨୦ ଯାଏ ହାଲୁକା ବର୍ଷା

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଏଥିଯୋଗୁ ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ହାଲକା ବର୍ଷା ରହିବ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ଏବଂ ଉପକୂଳବର୍ତ୍ତୀ ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଳାହାଣ୍ଡି, ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରରେ ସର୍ବାଧିକ ୮୪ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବାରିପଦା ୪୦, ତାଳଚେର ୭ ଏବଂ ଦାରିଙ୍ଗବାଡିରେ ସର୍ବାଧିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

**ପୁରୀ ଅଫିସ/ନିମାପଡ଼ା, (ଡି.ଏନ.ଏ)୧୬।୯**

ନିମାପଡ଼ା ଜଳସମ୍ପଦ ବିଭାଗର କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ବିଶ୍ୱାଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସୋମବାର ତାଙ୍କ ସରକାରୀ କାର୍ଯ୍ୟାଳୟ, ବାସଭବନ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢାଉ କରାଯାଇଛି। ଏହି ସମୟରେ ୧୦ଟି ପ୍ଲଟ, ୨ଟି ଚାରି ମହଲା କୋଠା, ଏକ ଆଜବେଷ୍ଟସ ଘର, ୩୪ ଲକ୍ଷ ଟଙ୍କାର ଦୁଇଟି କାର୍, ୩ଟି ବାଇକ୍, ୧୪ ଲକ୍ଷ ଟଙ୍କାର ସୁନାଗହଣା, ଏଲ୍ଆଇସି ଏବଂ ଅନ୍ୟାନ୍ୟ କମ୍ପାନୀରେ ରହିଥିବା ୭ ଲକ୍ଷ ଟଙ୍କାର ବୀମା, ବିଭିନ୍ନ ବ୍ୟାଙ୍କରେ ଥିବା ଏକାଧିକ ଜମାଖାତା ଜବତ କରାଯାଇଛି। ଜବତ ହୋଇଥିବା ଯନ୍ତ୍ରୀ ବିଶ୍ୱାଳଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢାଉ ଜାରି ରହିଥିବା ପୁରୀ ଭିଜିଲାନ୍ସ ଡିଏସ୍‌ପି ହର ନାରାୟଣ ପତି କହିଛନ୍ତି।

ସୂଚନା ଅନୁଯାୟୀ, ଭୋର ସମୟରେ ପୁରୀ ଓ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ ହୋଇଥିଲା।



ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନିମାପଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ନିମାପଡ଼ାସ୍ଥିତ ଯନ୍ତ୍ରୀ ବିଶ୍ୱାଳଙ୍କ କାର୍ଯ୍ୟାଳୟ ଓ କ୍ୱାର୍ଟର୍ସ, ନିମାପଡ଼ା ଏନ୍ଏସି ଅଧୀନ ଭୁବନପୁରସ୍ଥିତ ଘର, ପୁରୀ ସହରର ମଧୁବନ ୫ମ ଲେନ୍ ଏବଂ ସେନାପତି ବଗିଚାରେ ଥିବା କୋଠା, ବଳଙ୍ଗା ଥାନା ଅନ୍ତର୍ଗତ ବ୍ରାହ୍ମଣଖଣ୍ଡିସ୍ଥିତ ପୈତୃକ ଘର ଏବଂ ଦୀପ୍ତିଦେଉଳିସ୍ଥିତ ଶ୍ୱଶୁର ଘରେ ଏକସଙ୍ଗେ ଚଢାଉ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ପାଣିଗ୍ରାହୀ, ଆଇଆଇସି ସରିତା ତ୍ରିପାଠୀ, ଏ.କେ. ବିରୁଆଙ୍କ ସମେତ ପୁରୀ ଡିଏସ୍‌ପି ପତି, ଆଇଆଇସି ମଦନ ମୋହନ ପ୍ରଧାନ, ଖୋର୍ଦ୍ଧା ଭିଜିଲାନ୍ସର ଆଇଆଇସି ଚନ୍ଦ୍ରକଳା ଜେନା ଏବଂ ମନୋରଞ୍ଜନ ପାଇକରାୟ ପ୍ରମୁଖ ଚଢାଉରେ ସାମିଲ ଥିଲେ।

**ମିଳୁନି ଆବଶ୍ୟକ କୋଇଲା**

# ଟିଟିପିଏସ୍‌ର ୩ ୟୁନିଟ୍ ବନ୍ଦ

**ତାଳଚେର, ୧୬।୯(ନି.ପ୍ର.)**

ଆବଶ୍ୟକ କୋଇଲା ଅଭାବରୁ ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ (ଟିଟିପିଏସ୍)ର ୩ ଗୋଟି ୟୁନିଟ୍ ରବିବାର ସନ୍ଧ୍ୟାଠାରୁ ବନ୍ଦ ରହିଛି। ଫଳରେ ଉକ୍ତ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଆବଶ୍ୟକ ପରିମାଣର କୋଇଲା ନ ମିଳିଲେ ଆଗାମୀ ଦିନରେ ଆହୁରି ଅଧିକ ୟୁନିଟ୍ ବନ୍ଦ ହେବାର ଆଶଙ୍କା ଥିବାରୁ ଏହା ବିଭାଗୀୟ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ଏମ୍‌ସିଏଲ୍‌ର ତାଳଚେରସ୍ଥିତ ଜଗନ୍ନାଥ ଖୋଲା ମୁହଁ କୋଇଲା ଖଣି (ଓସିପି)ରୁ ଉତ୍ପାଦନ ହ୍ରାସ ଯୋଗୁ ଟିଟିପିଏସ୍‌ରେ କୋଇଲା ଅଭାବ ଦେଖାଦେଇଥିବା କୁହାଯାଉଛି। ୪୬୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ବିଶିଷ୍ଟ ଟିଟିପିଏସ୍‌ରେ ୬ ଗୋଟି ୟୁନିଟ୍ ରହିଛି। ଏହା ଚାଲିବା ପାଇଁ ଦୈନିକ ୯ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ। କିନ୍ତୁ ଏହି ପରିମାଣର କୋଇଲା ଯୋଗାଣ ହେଉ ନ ଥିବାରୁ ରବିବାରଠାରୁ ପ୍ଲାଣ୍ଟର ୧, ୩ ଓ ୫ ନମ୍ବର ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଏଠାରୁ ଉତ୍ପାଦିତ ବିଦ୍ୟୁତ୍‌ର ସିଂହଭାଗ ଓଡ଼ିଶାକୁ ମିଳିଥାଏ। ଏମ୍‌ସିଏଲ୍ ଜଗନ୍ନାଥ କୋଇଲା ଖଣିରୁ ଦୈନିକ ୬ ହଜାର ମେଟ୍ରିକ ଟନ୍ କୋଇଲା ଟିଟିପିଏସ୍‌କୁ ଯୋଗାଣ ହୋଇଥାଏ। କିନ୍ତୁ ବର୍ତ୍ତମାନ ଜଗନ୍ନାଥ ଓସିପିରେ କୋଇଲା ଖନନ ନିମନ୍ତେ ଆବଶ୍ୟକୀୟ ଜାଗା ଉପଲବ୍ଧ ନ ଥିବାରୁ ଦୈନିକ ୩ ହଜାରରୁ ସାଢେ ୩ ହଜାର ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ହେଉଛି।

ଗତ ଶୁକ୍ରବାର ୨୪ଶହ ଟନ୍ କୋଇଲା ଉତ୍ପାଦନ ହୋଇଥିଲା। ଷ୍ଟକ୍ ୟାର୍ଡରେ କୋଇଲା ନ ଥିବା ବେଳେ ଏବେ ଦିନକୁ ମାତ୍ର ଦୈନିକ ୩ ହଜାର ଟନ୍ କୋଇଲା ଟିଟିପିଏସ୍‌କୁ ଯୋଗାଣ ସମ୍ଭବ ହୋଇପାରୁଛି। ଜଗନ୍ନାଥ ଖଣି ପାଇଁ ରାକସ ଗ୍ରାମକୁ ଅଧିଗ୍ରହଣ କରାଯାଇ ସମସ୍ତ କ୍ଷତିପୂରଣ ପ୍ରଦାନ ସହ ନାଟିଡ଼ିଠାରେ ଗ୍ରାମବାସୀଙ୍କୁ ଥଇଥାନ ବ୍ୟବସ୍ଥା କରାଯାଇଛି। କିନ୍ତୁ ଗ୍ରାମବାସୀ ନାଲି ପତାକା ମାରି ଜାଗା ଛାଡୁନାହାନ୍ତି। ଫଳରେ ଖଣି କାର୍ଯ୍ୟ ଆଗେଇପାରୁ ନାହିଁ। ଆବଶ୍ୟକ ପରିମାଣର କୋଇଲା ମିଳୁନାହିଁ ଏବଂ ଷ୍ଟକ୍ ୟାର୍ଡରେ କୋଇଲା କମ୍ ରହିଥିବାରୁ ୩ ଗୋଟି ୟୁନିଟ୍ ବନ୍ଦ କରାଯାଇଛି ବୋଲି ଟିଟିପିଏସ୍‌ର ଜୈନିକ ଅଧିକାରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏସ.କେ. ଚୌଧୁରୀ କହିଛନ୍ତି, ଜମି ଅଭାବରୁ ଏବେ ଦିନକୁ ୩ ହଜାରରୁ ସାଢେ ୩ ହଜାର ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ ହେଉଛି। ଏହାକୁ ଟିଟିପିଏସ୍‌କୁ ଯୋଗାଇ ଦିଆଯାଉଛି।

# ବଢୁଛି ଭାରତୀୟଙ୍କ ଋଣ ବୋଝ

- ୫ବର୍ଷରେ ୫୮% ବଢ଼ି ୭.୪ଲକ୍ଷ କୋଟିରେ ପହଞ୍ଚିଛି
- ଦେଶର ମୋଟ ସଞ୍ଚୟ ପରିମାଣ ୪.୧% ହ୍ରାସ ପାଇଛି
- ସଞ୍ଚୟ ହାର ଜାତୀୟ ସ୍ତରରେ ୧୭.୨%
- ଗ୍ରାମାଞ୍ଚଳରେ ଖର୍ଚ୍ଚ ବଢ଼ାଇବା ଉପରେ ଜୋର୍
- ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟ

**ନୂଆଦିଲ୍ଲୀ, ୧୬।୯:** ଭାରତୀୟ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ସଞ୍ଚୟ କମିବାରେ ଲାଗିଛି। ଫଳରେ ୨୦୧୮ ସୁଦ୍ଧା ୫ ବର୍ଷରେ ଲୋକଙ୍କ ଉପରେ ଋଣ ବୋଝ ୫୮% ବୃଦ୍ଧିପାଇ ୭.୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି। ଅନ୍ୟପକ୍ଷରେ ୨୦୧୭ରେ ଏହା ମାତ୍ର ୨୨ ପ୍ରତିଶତ ବଢ଼ିଥିଲା ବୋଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ରିସର୍ଚ୍ଚରୁ ଜଣାପଡିଛି।

ରିପୋର୍ଟରେ କୁହାଯାଇଛି ଯେ, ଗତ ୫ ବର୍ଷ ଭିତରେ ଭାରତୀୟ ପରିବାରଙ୍କ ଉପରେ ଋଣବୋଝ ଦୁଇଗୁଣା ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଏହି ଅବଧିରେ ଖର୍ଚ୍ଚ ହେବାକୁ ଥିବା ଆୟ(ଡିସ୍‌ପୋଜେବଲ୍ ଇନ୍‌କମ୍) ମାତ୍ର ଦେଢ଼ଗୁଣା ବଢ଼ିଛି। ଫଳସ୍ୱରୂପ ଦେଶର ମୋଟ ସଞ୍ଚୟ ପରିମାଣ ୪.୧% ହ୍ରାସ ପାଇ ୩୪.୬ରୁ ୩୦.୫%କୁ ହ୍ରାସ ପାଇଛି। ଘରୋଇସ୍ତରରେ ସଞ୍ଚୟ ହ୍ରାସ ପାଇଥିବାରୁ ଜାତୀୟସ୍ତରରେ ଏହା କମିବାର ମୁଖ୍ୟ କାରଣ ହୋଇଛି। ଏହି ୫ ବର୍ଷରେ ପ୍ରତ୍ୟେକ ପରିବାରର ସଞ୍ଚୟ ପ୍ରାୟ ଜିଡିପି ହିସାବରେ ୬.୪% କମିଛି। ଆର୍ଥିକ ବର୍ଷ ୨୦୧୨ରେ ଘରୋଇ ସଞ୍ଚୟ ହାର ୨୩.୬% ରହିଥିବା ବେଳେ ୨୦୧୮ରେ ଏହା ହ୍ରାସ ପାଇ ୧୭.୨% ହୋଇଛି। ସଞ୍ଚୟ ହ୍ରାସର ପ୍ରଭାବ ଅର୍ଥନୀତିଉପରେ ପଡୁଥିବା ସ୍ପଷ୍ଟ ଦେଖାଯାଉଛି।

ଏସ୍‌ବିଆଇ ରିପୋର୍ଟରେ କୁହାଯାଇଛି ଯେ, କେବଳ ସୁଧ ହାର ହ୍ରାସ କରିବା ଦ୍ୱାରା ଅର୍ଥନୀତିରେ ଦେଖାଦେଇଥିବା ସମସ୍ୟାର ସମାଧାନ ହେବ ନାହିଁ। ସରକାରଙ୍କ ପକ୍ଷରୁ ଆହୁରି କେତେକ ଅନ୍ୟ ପଦକ୍ଷେପ ନେବାକୁ ହେବ। ବ୍ୟାଙ୍କ ପକ୍ଷରୁ ରିପୋର୍ଟରେ କୁହାଯାଇଛି ଯେ, କ୍ୟାପିଟାଲ ଗେନ୍ ଟ୍ୟାକ୍ସ ହଟାଇ ଦେବା ପରେ ୨୦୧୮ରେ ଅର୍ଥ ସଞ୍ଚୟ ଉପରେ କିଛି ମାତ୍ରାରେ ସକାରାତ୍ମକ ପ୍ରଭାବ ପଡିଥିବା ଦେଖାଯାଇଥିଲା। କିନ୍ତୁ ଚଳିତ ବର୍ଷ ଏହା ପୁଣି କମିଯାଇଛି। ବ୍ୟାଙ୍କ ପକ୍ଷରୁ ଆହୁରି କୁହାଯାଇଛି ଯେ, ସେକ୍ଟର ଭିତ୍ତିରେ ସହାୟତା ପ୍ୟାକେଜ ଘୋଷଣା କରିଦେଲେ ଚଳିବ ନାହିଁ। ଏହା ସ୍ଥାନରେ ଖର୍ଚ୍ଚ ବଢ଼ାଇବାକୁ ହେବ। ବିଶେଷ କରି ଗ୍ରାମାଞ୍ଚଳରେ ଖର୍ଚ୍ଚ ବଢ଼ାଇବା ଉପରେ ଜୋର୍ ଦେବାକୁ ପଡିବ। କୃଷକଙ୍କୁ ଆର୍ଥିକ ସହାୟତା ଦେବା ଲାଗି ସରକାରଙ୍କ ପକ୍ଷରୁ ଯୋଜନା ଘୋଷଣା କରାଯାଇଛି ସତ, ଲକ୍ଷ୍ୟଠାରୁ ଅନେକ କମ୍ ଚାଷୀଙ୍କୁ ଅର୍ଥ ଆବଣ୍ଟନ କରାଯାଇଛି। ପିଏମ୍ କିଷାନ ପୋର୍ଟାଲରୁ ଜଣାପଡୁଛି ଯେ, ଲକ୍ଷ୍ୟଠାରୁ ପ୍ରାୟ ଅଧା ଚାଷୀ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ଜୁନ୍ ସୁଦ୍ଧା ୬.୮୯ କୋଟି ଚାଷୀଙ୍କର ପଞ୍ଜୀକରଣ ଯାଞ୍ଚ ଶେଷ ହୋଇଛି। ଅନ୍ୟପକ୍ଷରେ ସରକାର ୧୪.୬ କୋଟି ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ସେହିପରି ବଜେଟରେ ଆବଣ୍ଟିତ ପୁଞ୍ଜିଗତ ଖର୍ଚ୍ଚ ହ୍ରାସ ପାଇଛି ବୋଲି ଉଲ୍ଲେଖ କରି ରିପୋର୍ଟରେ କୁହାଯାଇଛି ଯେ, ଅଦ୍ୟାବଧି ସରକାର କେବଳ ୩୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିପାରିଛନ୍ତି। ଗତବର୍ଷ ଏହି ସମୟରେ ଏହା ୩୭.୧ ପ୍ରତିଶତ ଥିଲା। ଅନ୍ୟପକ୍ଷରେ ନିବେଶ ଭାରିମାତ୍ରାରେ ହ୍ରାସ ପାଇଛି। ୨୦୦୭ରୁ ୨୦୧୪ ମଧ୍ୟରେ ୫୦% ନିବେଶ ହୋଇଥିବା ବେଳେ ୨୦୧୪ରୁ ୨୦୧୯ ମଧ୍ୟରେ ଏହା ୩୦%କୁ ହ୍ରାସ ପାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଅର୍ଥନୀତିରେ ସୃଷ୍ଟି ହୋଇଥିବା ସଙ୍କଟ ଅତ୍ୟନ୍ତ ଗଭୀର। ଏହାର ଚେର ବହୁଦୂରକୁ ଲମ୍ବିଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ସେକ୍ଟର ପାଇଁ ଘୋଷଣା କରାଯାଇଥିବା ପ୍ୟାକେଜର ପ୍ରଭାବ କେତେ ପଡୁଛି, ତାହା ଦେଖିବାକୁ ହେବ ବୋଲି ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି।

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA
भूबनेश्वर मंडल कार्यालय, "जीवन प्रकाश", सूर्यनगर, यूनिट-07, भूबनेश्वर - 01
Bhubaneswar Divisional Office, "Jeevan Prakash" Surya Nagar, Unit-07, Bhubaneswar-01

ଭାରତୀୟ ଜୀବନ ବୀମା ନିଗମ, ମଣ୍ଡଳ କାର୍ଯ୍ୟାଳୟ, ଭୁବନେଶ୍ୱର

ଭୁବନେଶ୍ୱର ମଣ୍ଡଳ ଅଧୀନସ୍ଥ ଶାଖା କାର୍ଯ୍ୟାଳୟଗୁଡ଼ିକରେ 'ସହାୟକ' ରୂପେ ଯୋଗଦେବା ପାଇଁ ଉତ୍ସାହୀ ଓ କର୍ମଠ ସ୍ନାତକଧାରୀ ପ୍ରାର୍ଥୀମାନଙ୍କଠାରୁ ବିଭିନ୍ନ ଅମଲାତାନ୍ତ୍ରିକ କାର୍ଯ୍ୟ ଯଥା- କ୍ୟାସିୟର, ସିଙ୍ଗଲ ଉଇଣ୍ଡୋ ଅପରେଟର ଗ୍ରାହକ ସେବା ନିର୍ବାହୀ ଇତ୍ୟାଦି ସମ୍ପାଦନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

ମୋଟ ପଦବୀ ସଂଖ୍ୟା- ୭୩

ମନୋନୀତ ପ୍ରାର୍ଥୀମାନେ ଦେଶର ସର୍ବବୃହତ୍ ଜୀବନ ବୀମା ସଂସ୍ଥା ଓ ଅନ୍ୟତମ ଶକ୍ତିଶାଳୀ ବିତ୍ତୀୟ ଅନୁଷ୍ଠାନ ଏଲ୍ଆଇସି/ ଭାରତୀୟ ଜୀବନ ବୀମା ନିଗମରେ ଶିକ୍ଷା ଓ ବୃତ୍ତି ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ପାଇବେ। ଏଲ୍.ଆଇ.ସି.ରେ କାର୍ଯ୍ୟ କରିବା ଦ୍ୱାରା ଜଣେ ବିପଣନ, ବିତ୍ତ, ଆକଚ୍ୟୁରିଆଲ୍, ଗ୍ରାହକ ସେବା, ପ୍ରଯୁକ୍ତି ବିଦ୍ୟା, ଦାୟ ଗ୍ରହଣ କରିବା ଇତ୍ୟାଦି କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅଭିଜ୍ଞତା ହାସଲ କରିପାରିବେ।

ପ୍ରଦତ୍ତ ଦରମା ଓ ଅତିରିକ୍ତ ପାଉଣା ଅନ୍ୟ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବିତ୍ତୀୟ ସଂସ୍ଥାରେ ପ୍ରଦତ୍ତ ଦରମା ଓ ପାଉଣା ସହ ସମକକ୍ଷ।

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସୂଚୀ

| | |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ/ ଦେୟ ପ୍ରଦାନ | ୧୭।୦୯।୨୦୧୯ରୁ ୦୧।୧୦।୨୦୧୯ |
| ଅନ୍‌ଲାଇନ୍ ପ୍ରାରମ୍ଭିକ ପରୀକ୍ଷାରେ ସମ୍ଭାବିତ ତାରିଖ | ୨୧।୧୦।୨୦୧୯ ଏବଂ ୨୨।୧୦।୨୦୧୯ |

ବିସ୍ତୃତ ନିଯୁକ୍ତି ବିଜ୍ଞପ୍ତି ଆମର ୱେବ୍‌ସାଇଟ୍ www.licindia.inର "Careers" ଅନୁଚ୍ଛେଦରେ ରଖାଯାଇଛି।

ତାରିଖ: ୧୭।୦୯।୨୦୧୯ — ବରିଷ୍ଠ ମଣ୍ଡଳ ପ୍ରବନ୍ଧକ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଦେବାଶିଷ
ପରିବାରବର୍ଗ


ଧୃବ୍
ପରିବାରବର୍ଗ


ଜିଜ୍ଞାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

■ ବିନା ପଞ୍ଜୀକରଣରେ ସ୍କୁଟି ବିକ୍ରି

# ଡିଲରଙ୍କ ଉପରେ ୧ ଲକ୍ଷ ଜରିମାନା

**କଟକ ଅଫିସ,୧୬।୯**

କଟକ ଜିଲା ବାରଙ୍ଗ ଥାନା ସମ୍ମୁଖରେ ଗତ ୧୨ରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ଚେକିଂ ଚାଲିଥିବାବେଳେ ଜବତ ହୋଇଥିବା ସ୍କୁଟିକୁ ନେଇ କଟକ ଆର୍‌ଟିଓ ଭୁବନେଶ୍ୱରର ଏକ ଗାଡ଼ି ଡିଲରଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଉକ୍ତ ଡିଲର ବିନା ପଞ୍ଜୀକରଣରେ ଖୋର୍ଦ୍ଧା ଜିଲା ଶିଖରଚଣ୍ଡୀ ଅଞ୍ଚଳର ଅରୁଣ କୁମାର ପଣ୍ଡାଙ୍କୁ ଅଗଷ୍ଟ ଶେଷ ସପ୍ତାହରେ ଗାଡ଼ିଟି ବିକ୍ରି କରିଥିଲେ। ଗତ ୧୨ରେ ବାରଙ୍ଗ ଥାନା ସମ୍ମୁଖରେ ଗାଡି ଯାଞ୍ଚ କରାଯାଉଥିଲା। ଅରୁଣଙ୍କ ଜଣେ ସମ୍ପର୍କୀୟ ମହିଳା ଉକ୍ତ ସ୍କୁଟି ନେଇ ଆସୁଥିବାବେଳେ ଯାଞ୍ଚ ସମୟରେ ଧରାପଡିଥିଲେ। ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରାଯିବାରୁ ଗାଡିଟି ପଞ୍ଜୀକରଣ ହୋଇ ନ ଥିବା ଜଣାପଡିଥିଲା। ବିନା ପଞ୍ଜୀକରଣରେ ଗାଡ଼ି ବିକ୍ରି ଅବୈଧ। ଡିଲର ପକ୍ଷରୁ ବେନିୟମ ଭାବେ ଗାଡ଼ି ବିକ୍ରି କରାଯାଇଛି ବୋଲି କଟକ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସାଧାରଣରେ ଏହି ଜରିମାନା ଗାଡ଼ି ଚାଳକଙ୍କ ଉପରେ କରାଯାଇଛି ବୋଲି ଗୁଜବ ସୃଷ୍ଟି ହେଉଛି। ଜରିମାନା ଗାଡ଼ି ବିକ୍ରି କରିଥିବା ସମ୍ପୃକ୍ତ ଡିଲର ଦେବେ ବୋଲି ଆର୍‌ଟିଓ ପାତ୍ର କହିଛନ୍ତି। ଏ ଦିଗରେ ଗାଡ଼ି କ୍ରେତାମାନେ ସତର୍କ ହେବାକୁ ମଧ୍ୟ ସେ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ଇନ୍‌ଫୋସିଟି ଥାନାରେ ଆର୍‌ଟିଓଙ୍କ ନାଁରେ ଅଭିଯୋଗ କରିଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମୋ ଗାଡିକୁ ଜବତ କରାଯାଇଛି। ତୁରନ୍ତ ଗାଡିକୁ ଫେରାଇ ଦିଆଯାଉ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଉକ୍ତ ଅଭିଯୋଗର କୌଣସି ସତ୍ୟତା ନାହିଁ। ଏ ସମ୍ପର୍କରେ ଆମେ ଆର୍‌ଟିଓଙ୍କ ସହିତ କଥା ହୋଇଥିଲୁ। ସେ କହିଥିଲେ ନିୟମ ଅନୁଯାୟୀ ସମ୍ପୃକ୍ତ ଡିଲରଙ୍କ ଉପରେ ଜରିମାନା କରାଯାଇଛି। ସେ ଟଙ୍କା ପଇଠ କରିବା ପରେ ଗାଡି ନେଇ ସମ୍ପୃକ୍ତ ମହିଳାଙ୍କୁ ଦିଆଯିବ।

**ଆର୍‌ଟିଓଙ୍କ ନାଁରେ ଥାନାରେ ଅଭିଯୋଗ**

# ନିଖୋଜଙ୍କୁ ଖୋଜୁଛି ବାୟୁସେନା, ନୌସେନା


ଡଙ୍ଗାବୁଡ଼ିର ଦ୍ୱିତୀୟ ଦିନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଗୋଦାବରୀ ନଦୀରେ ଲଞ୍ଚ ବୁଡି ଘଟଣା**

■ ବୋଟ୍ ମାଲିକଙ୍କ ନାମରେ ରୁଜୁ ହେଲା ମାମଲା
■ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଧାରକାର୍ଯ୍ୟ ତଦାରଖ

**ମାଲକାନଗିରି,୧୬।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶରେ ପୂର୍ବ ଗୋଦାବରୀ ନଦୀରେ ରବିବାର ଲଞ୍ଚ ବୁଡି ୫୦ ଜଣ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସୋମବାର ଅନ୍ୟ ନିଖୋଜମାନଙ୍କୁ ଖୋଜିବା ଲାଗି ବାୟୁସେନା ଓ ନୌସେନାର ହେଲିକେପ୍ଟର ଓ ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ତଲାସି ଅଭିଯାନ ଜାରି ରହିଛି। ଗୋଦାବରୀ ନଦୀରେ ଉକ୍ତ ଲଞ୍ଚ ପ୍ରାୟ ୩ଶହ ଫୁଟ ପାଣି ତଳେ ବୁଡି ଯାଇଥିଲା। ଏହାକୁ ନୌସେନା ପକ୍ଷରୁ ସୋମବାର ସକାଳେ ଠାବ କରାଯାଇଛି। ଦେବୀପଟଣା ପୋଲାଭରମ୍-୩ଠାରେ ତିନୋଟି ହେଲିକେପ୍ଟର ନିୟୋଜିତ ହୋଇଛି। ୬ଟି ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ୮ଟି ଏୟାର ବୋଟ୍, ୧୨ଟି ଆସ୍କା ଲାଇଟ୍, ଦୁଇ କମ୍ପାନୀ ଏନ୍‌ଡିଆର୍‌ଏଫ୍, ୩ କମ୍ପାନୀ ଏସ୍‌ଡିଆର୍‌ଏଫ୍, ଭାରତୀୟ ନୌସେନାର ଗଭୀର ବୁଡାଳି ଦଳ, ଦୁଇଟି ନୌସେନା ହେଲିକେପ୍ଟର,ଗୋଟିଏ ଓଏନ୍‌ଜିସିର ହେଲିକେପ୍ଟର ଏବଂ ଉତ୍ତରାଖଣ୍ଡରୁ ୬ଜଣ ସ୍ୱତନ୍ତ୍ର ଏସ୍‌ଡିଆର୍‌ଏଫ୍ ଦଳମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଲଞ୍ଚ ମଧ୍ୟରେ ମୃତଦେହ ଥିବା ଆଶଙ୍କା କରାଯାଉଛି। ସୋମବାର ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡି ହେଲିକେପ୍ଟର ଯୋଗେ ଘଟଣା ସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ତେଲେଙ୍ଗାନା ମନ୍ତ୍ରୀ ଟି. ଦୟାକର ରାଓ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଆନ୍ଧ୍ର ଡିଜି ଘଟଣାର ତଦନ୍ତ କରୁଛନ୍ତି। ବୋଟ ମାଲିକଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଛି। ନିଖୋଜମାନଙ୍କ ମଧ୍ୟରୁ ଅଧିକାଂଶ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟର ବୋଲି ଜଣାପଡିଛି। ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟଟକମାନଙ୍କ ସଠିକ୍ ଠିକଣା ମିଳିନାହିଁ। ସୂଚନାଯୋଗ୍ୟ ଯେ, ରବିବାର ଏକ ଲଞ୍ଚ ଦେବିପଟ୍ଟମଠାରୁ ୬୦ଜଣ ପର୍ଯ୍ୟଟକଙ୍କୁ ନେଇ ଗୋଦାବରୀ ନଦୀରେ ଥିବା ପାପିକୋଣ୍ଡାଲୁ ପର୍ଯ୍ୟଟନ ସ୍ଥଳକୁ ଯାଉଥିଲା। କାଚୁଲୁରୁ ନିକଟରେ ଘୂର୍ଣ୍ଣିଝଡ ଯୋଗୁ ଲଞ୍ଚ ଭାରସାମ୍ୟ ହରାଇ ବୁଡି ଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ୧୧ଟି ମୃତଦେହ ଉଦ୍ଧାର କରାଯାଇଛି। ତେବେ ସରକାରୀ ଭାବେ ୨୪ ଜଣ ନିଖୋଜ ଥିବା କୁହାଯାଉଛି। ଏ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ନିର୍ବାହୀ ନିର୍ଦ୍ଦେଶକ ଶାନ୍ତିସ୍ୱରୂପ କହିଛନ୍ତି ଯେ, କେନ୍ଦ୍ରରୁ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସମସ୍ତ ପର୍ଯ୍ୟଟକ ଆନ୍ଧ୍ର ପ୍ରଦେଶ ରାଜଧାନୀ ଅମରାବତୀ ଅଞ୍ଚଳର ବୋଲି ଜଣାପଡିଛି।

**ପ୍ରଥମ ପୃଷ୍ଠାରୁ...**

## କଶ୍ମୀରରେ...

ବେଣୁଗୋପାଳ ଅଦାଲତଙ୍କୁ ଅବଗତ କରାଇଥିଲେ। ତେବେ ଏହା ଉପରେ ଏକ ସତ୍ୟପାଠ ଦାଖଲ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ବେଣୁଗୋପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ତତ୍‌ପରବର୍ତ୍ତୀ କଟକଣା ବିରୋଧରେ ସୁପ୍ରିମକୋର୍ଟରେ ଦାଏର ଏକାଧିକ ଆବେଦନର ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଉପତ୍ୟକାରେ ମୋବାଇଲ ଫୋନ ଓ ଇଣ୍ଟରନେଟ ସେବା ବନ୍ଦ ରହିଥିବା ସମ୍ପର୍କରେ ଖଣ୍ଡପୀଠ କହିଥିଲେ, ଏହି ମାମଲା ଜମ୍ମୁ-କଶ୍ମୀର ହାଇକୋର୍ଟରେ ବିଚାର କରାଯାଇପାରିବ। ସ୍ଥାନୀୟ ସମସ୍ୟାକୁ ସୁପ୍ରିମକୋର୍ଟଙ୍କ ଅପେକ୍ଷା ହାଇକୋର୍ଟ ଭଲ ଭାବେ ଜାଣନ୍ତି ବୋଲି ଖଣ୍ଡପୀଠ କହିଥିଲେ। ରାଜ୍ୟରେ ମୋବାଇଲ, ଇଣ୍ଟରନେଟ ସେବା ଓ ସାଧାରଣ ପରିବହନ ବ୍ୟବସ୍ଥା କାମ କରୁ ନ ଥିବାରୁ ହାଇକୋର୍ଟରେ ପହଞ୍ଚିବା କଷ୍ଟ ହୋଇପଡୁଛି ବୋଲି ଆବେଦନକାରୀ 'କଶ୍ମୀର ଟାଇମ୍ସ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ଅନୁରାଧା ଭାସିନ୍‌ଙ୍କ ଓକିଲ ବ୍ରିନ୍ଦା ଗ୍ରୋଭର ଅଦାଲତଙ୍କୁ କହିଥିଲେ।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହିତ ଖବରଦାତାମାନଙ୍କ ଉପରେ ଲଗାଯାଇଥିବା କଟକଣା ଉଠାଇଦେବାକୁ ଭାସିନ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ। ପରିବହନ ସେବା ବନ୍ଦ ଯୋଗୁ ଲୋକେ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅନ୍ୟ କେତେଜଣ ପିଟିଶନରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ସତ୍ୟ ନୁହେଁ ବୋଲି ବେଣୁଗୋପାଳ ଖଣ୍ଡପୀଠଙ୍କୁ ଜଣାଇଥିଲେ। ରାଜ୍ୟରେ ଖବରକାଗଜ ପ୍ରକାଶ ପାଉଛି ଓ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି ବୋଲି ସେ କହିଥିଲେ। ଶ୍ରୀନଗରରେ ମିଡିଆ ସେଣ୍ଟର ସ୍ଥାପନ ହୋଇଛି ଯେଉଁଠି ସକାଳ ୮ରୁ ରାତି ୧୧ ପର୍ଯ୍ୟନ୍ତ ଇଣ୍ଟରନେଟ ଓ ଟେଲିଫୋନ ସେବା ଉପଲବ୍ଧ ହେଉଛି। ଖବରଦାତାମାନଙ୍କୁ କାର୍ଯ୍ୟ କରିବା ପାଇଁ ଯାତାୟାତ ଓ ଯାନ ପାସ୍ ଯୋଗାଇ ଦିଆଯାଇଛି। ଅଗଷ୍ଟ ୫ ତାରିଖ ପରେ ରାଜ୍ୟରେ ଗୋଟିଏ ହେଲେ ଗୁଳି ଫୁଟିନାହିଁ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ।

ପୂର୍ବରୁ ଜମ୍ମୁ-କଶ୍ମୀର ପ୍ରଶାସନ ତିନିଆଡୁ ଆକ୍ରମଣର ସମ୍ମୁଖୀନ ହେଉଥିଲେ। ତାହା ହେଲା ବିଚ୍ଛିନ୍ନତାବାଦୀ, ସୀମାପାର ଆତଙ୍କବାଦୀ ଏବଂ ବିଦେଶରୁ ଆର୍ଥିକ ସହାୟତା ପାଉଥିବା ସ୍ଥାନୀୟ ଆତଙ୍କବାଦୀ। ୧୯୯୦ରୁ ୨୦୧୯ ଅଗଷ୍ଟ ୫ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ୭୧,୦୩୮ ଆତଙ୍କବାଦୀ ହିଂସାରେ ୪୧,୮୬୬ ବ୍ୟକ୍ତି ପ୍ରାଣ ହରାଇଥିଲେ। ୫୨୯୨ ଜଣ ଯବାନ ମଧ୍ୟ ଶହୀଦ ହୋଇଥିଲେ ବୋଲି ବେଣୁଗୋପାଳ ସୂଚନା ଦେଇଥିଲେ। ଚିକିତ୍ସା ସୁବିଧା ମିଳୁ ନ ଥିବା ଅଭିଯୋଗ ସମ୍ପର୍କରେ ବେଣୁଗୋପାଳ କହିଥିଲେ, ଅଗଷ୍ଟ ୫ରୁ ସେପ୍ଟେମ୍ବର ୧୫ ମଧ୍ୟରେ ରାଜ୍ୟରେ ୧୦ ଲକ୍ଷ ୫୨ ହଜାର ରୋଗୀ ଆଉଟଡୋର ଚିକିତ୍ସା ପାଇଛନ୍ତି। କଶ୍ମୀର ଡିଭିଜନର ୧୦୫ଟି ଥାନା ଅଞ୍ଚଳ ମଧ୍ୟରୁ ୯୩ଟିରୁ କଟକଣା ହଟାଇଦିଆଗଲାଣି। ଜମ୍ମୁ ଓ ଲଦାଖରୁ ଶତ ପ୍ରତିଶତ କଟକଣା ହଟିଥିବା ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ନ ଦେଇ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚୟନାତ୍ମକ ଆଧାରରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ପରାମର୍ଶ ଦେଇଥିଲେ।

## ତୁରନ୍ତ କ୍ୱାର୍ଟର୍ସ...

ସରକାରୀ କ୍ୱାର୍ଟର୍ସକୁ ନିଜ ଅକ୍ତିଆରରେ ରଖିଛନ୍ତି। ଗତ ମାସ ମଧ୍ୟରେ ୨ଥର କ୍ୱାର୍ଟର୍ସ ଛାଡିବାକୁ ବିଧାନସଭା ସଚିବାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୫ଜଣ ଏମ୍‌ପି ହୋଇଥିଲେ ମଧ୍ୟ କ୍ୱାର୍ଟର୍ସକୁ ମାଡି ବସି ରଖିଛନ୍ତି। ତେବେ ଦାମୋଦର ରାଉତ, ବିଜୟଶ୍ରୀ ରାଉତରାୟ, ପ୍ରଭାତ ତ୍ରିପାଠୀଙ୍କ ପୁତ୍ର ବିଧାୟକ ଥିବାରୁ ବାପାଙ୍କ କ୍ୱାର୍ଟର୍ସକୁ ନିଜ ନାମରେ କରିବାକୁ ଉଦ୍ୟମ କରୁଛନ୍ତି। ସେହିପରି ସ୍ୱର୍ଗତ ପୂର୍ବତନ ବିଧାୟକ ବେଦ ପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ବିଧାୟକ ଥିବାରୁ ନିଜ ନାମରେ ତାଙ୍କ ସ୍ୱାମୀଙ୍କ କ୍ୱାର୍ଟର୍ସକୁ ରଖିବାକୁ ଚାହୁଁଛନ୍ତି। ସେହିପରି ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ନାମରେ ଥିବା କ୍ୱାର୍ଟର୍ସକୁ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ବିଧାୟିକ ରୀତା ସାହୁଙ୍କ ଦଖଲରେ ରହିଛି। ବିଜେଡି ତାଙ୍କୁ ଆଗାମୀ ବିଜେପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରିବା ସମ୍ଭାବନା ଥିବାରୁ ସେ କ୍ୱାର୍ଟର୍ସ ଛାଡି ନ ପାରନ୍ତି ବୋଲି କୁହାଯାଇଛି। ଥରେ ବିଧାନସଭାକୁ ନିର୍ବାଚିତ ହେଲେ ସରକାରଙ୍କ ତରଫରୁ ମିଳିଥିବା କ୍ୱାର୍ଟର୍ସକୁ ଆଉ ବିଧାୟକମାନେ ଛାଡିବାକୁ ନାରାଜ। ଭୁବନେଶ୍ୱରରେ ଏତେ ଶସ୍ତାରେ ଘର ମିଳିବା କଷ୍ଟ। ନିଜର ବିଭିନ୍ନ କାର୍ଯ୍ୟ ପାଇଁ ରାଜଧାନୀରେ ପୂର୍ବତନ ବିଧାୟକ, ମନ୍ତ୍ରୀଙ୍କ ନାମରେ ଥିବା କ୍ୱାର୍ଟର୍ସ ବର୍ଷ ବର୍ଷ ଧରି ନିଜ ଅକ୍ତିଆରରେ ରଖାଯାଇଛି। ନବ ନିର୍ବାଚିତ ବିଧାୟକମାନେ କ୍ୱାର୍ଟର୍ସ ନ ପାଇ ଏଣେ ତେଣେ ରହୁଛନ୍ତି। ଗତ ବିଧାନସଭା ଚାଲିଥିବା ବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏ ନେଇ ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏପରି କି ତାଙ୍କୁ ରାଜ୍ୟ ସରକାରଙ୍କ ଅତିଥି ଭବନ ବାରଣ୍ଡାରେ ରାତି କାଟିବାକୁ ପଡୁଛି ବୋଲି କହିଥିଲେ।

ତେବେ ବାଚସ୍ପତିଙ୍କ ଏଭଳି ନୋଟିସ୍ ଜାରିକୁ ଖୋଦ୍ ପୂର୍ବତନ ବିଧାୟକ ଦେବାଶିଷ ନାୟକ ନାପସନ୍ଦ କରିଛନ୍ତି। ଏହା ଠିକ୍ ହୋଇନାହିଁ ବୋଲି କହିବା ସହ ଆମ ଦଳ ସରକାରରେ ରହିଛି, ଏଥିପାଇଁ ବାଚସ୍ପତି ଚାହିଁଥିଲେ ଗୋଟିଏ ଫୋନ୍ କରିପାରି ଥାଆନ୍ତେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳ ତିଆରି ସମୟରୁ ରହିଆସିଛୁ ବୋଲି ଦେବାଶିଷ କହିଛନ୍ତି। ପୂର୍ବତନ ବିଧାୟକ ରବି ନାଏକ କହିଛନ୍ତି, ତାଙ୍କ ନାମରେ ୨ଟି କ୍ୱାର୍ଟର୍ସ ଥିଲା। ସେଥିରୁ ଗୋଟିଏ ଛାଡି ଦେଇଛି। ଅନ୍ୟଟି ଛାଡିଦେବି ବୋଲି ବିଧାନସଭା ସଚିବଙ୍କୁ ମଧ୍ୟ ଜଣାଇଥିଲି। ହେଲେ ନୋଟିସ ନ ହେବା ପର୍ଯ୍ୟନ୍ତ ଛାଡି ହେବନି ବୋଲି ସଚିବ କହିଥିଲେ। ବର୍ତ୍ତମାନ ପାରିବାରିକ ସମସ୍ୟାଥିବା ଯୋଗୁ ଏବଂ କେତେଗୁଡିଏ ବିଭାଗର ଏନ୍‌ଓସି ନେଇପାରି ନ ଥିବାରୁ ଆସନ୍ତା ୧ ବର୍ଷ ପର୍ଯ୍ୟନ୍ତ ସମୟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛି ବୋଲି ସେ କହିଛନ୍ତି।

# ଓଡ଼ିଶା ବିଧାନସଭାର ହେବ ନବକଳେବର

■ ଦେଶର ଆଦର୍ଶ ବିଧାନସଭା କରିବାକୁ ଗଢା ହେଲା ବିଲ୍ଡିଂ କମିଟି
■ କାଗଜ ମୁକ୍ତ, ୱାଇଫାଇ ହେବ
■ ବିଧାୟକ ଧରିବେ ଟାବ୍‌ଲେଟ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ଓଡ଼ିଶା ବିଧାନସଭା ହେବ ଦେଶର ମଡେଲ ବିଧାନ ସଭା। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏକ ବିଲ୍ଡିଂ କମିଟି ଗଠନ କରିଛନ୍ତି। ପୂର୍ତ୍ତ ବିଭାଗର ସଚିବ ଏହି କମିଟିର ଅଧ୍ୟକ୍ଷ ରହିବେ। ଏହି କମିଟି ଦେଶର ବିଭିନ୍ନ ରାଜ୍ୟରେ ଥିବା ବିଧାନସଭା ବୁଲି ଦେଖିବେ। ସେଠାକାର ବିଧାନସଭା କେଉଁ ଢାଞ୍ଚାରେ ନିର୍ମାଣ ହୋଇଛି, କି କି ସୁବିଧା ରହିଛି, ସେ ସବୁ ବୁଲି ଦେଖିବା ପରେ କମିଟି ମଡେଲ ବିଧାନସଭା ପାଇଁ ଏକ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିବ। ଅର୍ଥ ବିଭାଗର ଅନୁମତି ପାଇବା ପରେ ଏହି କମିଟି ବିଭିନ୍ନ ରାଜ୍ୟର ବିଧାନସଭା ଅନୁଧ୍ୟାନ କରିବାକୁ ଯିବ। ଗଣ ମାଧ୍ୟମକୁ ସୂଚନା ଦେଇ ବାଚସ୍ପତି ପାତ୍ର କହିଛନ୍ତି ଯେ, ପୂର୍ତ୍ତ ବିଭାଗ, ଅର୍ଥ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ ଅନ୍ୟାନ୍ୟ ବିଭାଗ ସଚିବମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ତ୍ତ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବିଲ୍ଡିଂ କମିଟି ଗଠନ କରାଯାଇଛି। କମିଟି ବିଭିନ୍ନ ରାଜ୍ୟ ବୁଲିବା ପରେ ବିଧାନସଭାର ନବୀକରଣ ପାଇଁ କିଭଳି ଡିଜାଇନ ପ୍ରସ୍ତୁତ କରାଯିବ ସେ ସେ ନେଇ କମିଟି ରିପୋର୍ଟ ଦେବ। କମିଟିର ରିପୋର୍ଟକୁ ସରକାରଙ୍କ ଅନୁମୋଦନ ପରେ ଏହି କାର୍ଯ୍ୟ ଆରମ୍ଭ ହେବ । ମଡେଲ ବିଧାନସଭାକୁ କାଗଜପତ୍ର ମୁକ୍ତ କରାଯିବ। ବିଧାନସଭା ପରିସରକୁ ସମ୍ପୂର୍ଣ୍ଣ ୱାଇଫାଇ କରାଯିବ। ବିଧାୟକମାନେ ଟାବଲେଟରେ ସମସ୍ତ କାର୍ଯ୍ୟ କରିବେ। ପ୍ରତ୍ୟେକ ବିଧାୟକଙ୍କୁ କମ୍ପ୍ୟୁଟର ଟାବଲେଟ କ୍ରୟ କରିବାକୁ ସର୍ବାଧିକ ୧ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ଅର୍ଥ ବିଭାଗର ଅନୁମୋଦନ ପରେ ଟାବଲେଟ କିଣିବା ପାଇଁ ବିଧାୟକମାନଙ୍କୁ ଜଣାଇ ଦିଆଯିବ ବୋଲି ବାଚସ୍ପତି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ନୂତନ କର୍ମାରମ୍ଭ ସକାଶେ ସାହାଯ୍ୟ, ସହଯୋଗ ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ, ସଭାସମିତି, ବନ୍ଧୁମିଳନ ପାଇଁ ଭଲ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ମତାନ୍ତର କିମ୍ବା ମନାନ୍ତର ଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ୍ୟ ରହିଛି।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ । ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି । କିନ୍ତୁ ଆର୍ଥିକ ଅନଟନ ମଧ୍ୟରେ ହାତକୁ ନେଇଥିବା କାମଟି ଅଧାରେ ଅଟକିଯିବ । ନୂତନ ଯାନବାହନ, ଜମିଜମା, କ୍ରୟ ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବଶତଃ ତାହାକୁ ଅସ୍ୱୀକାର କରିଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ଚୁକ୍ତିପତ୍ର, ଆଇନ, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**କର୍କଟ** କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିକୋଣରୁ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦକ୍ଷତା ଓ ସଚ୍ଚୋଟତା କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇପାରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇପାରେ।

**କନ୍ୟା** ଆଜିଦିନରେ ସବୁ ସୁବିଧା ଥିଲେ ମଧ୍ୟ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଉନ୍ନତ ଚିନ୍ତା ତଥା ସେବା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ତୁଳା** ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ଅନର୍ଥ ସୃଷ୍ଟି କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ ଅର୍ଥ ଯୋଗାଡ଼ କରିବା ଦିଗରେ ମନୋନିବେଶ କରିପାରନ୍ତି। ନୂତନ କର୍ମାରମ୍ଭ, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା** ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ। ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି । ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଆଜିର କର୍ମକ୍ଷେତ୍ରରେ ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ ଓ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ସାମାଜିକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରି ଆସିପାରେ। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର** ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ଜନିତ ଅଶାନ୍ତ ବାତାବରଣ ହୋଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେନି।

**କୁମ୍ଭ** ପାରିବାରିକ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ରାଜନୀତି, ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନର ରାସ୍ତା ଖୋଲିଯିବ। ଆର୍ଥିକ ଅନଟନ ଲାଗି ରହିବା ସହ ବାକି ପଡ଼ିଥିବା ଟଙ୍କା ଫେରି ନ ପାଇବାରୁ ଚିନ୍ତିତ ରହିପାରନ୍ତି।

**ମୀନ** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହୋଇପାରିବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କିମ୍ବା ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା, ଆଶ୍ୱିନ କୃଷ୍ଣ ତୃତୀୟା ମଙ୍ଗଳବାର, ସେପ୍ଟେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଦିବା ଘ୧୦।୧୦ମି. ମଧ୍ୟେ ଘ୧୧।୪୦ମି. ଗତେ, ଘ୧।୧୦ମି. ମଧ୍ୟେ ଅମୃତ ବେଳା । ଦିବା ଘ୧୦।୧୦ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୨।୪୦ମି. ଗତେ ଘ୪।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୪୩ମି. ଗତେ ଘ୪।୧୪ମି. ମଧ୍ୟେ ରାହୁକାଳ ।

**classifieds Everyday**
0674-2580101, 2549302

**real estate**

**SALE**

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

2BHK flat near Kedargouri Temple, Lewis Road, Bhubaneswar. Mobile: 8328890345. D-65691

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

One Bedroom Flat with garage for rent at Reetavally near Krupajal Engineering. Contact: 9439084778. D-61062

**BUSINESS**

ମାସକୁ ୧୦,୦୦୦/- ରୁ ୨୫,୦୦୦/- ରୋଜଗାର ନିଜଘରେ ରହି ସ୍ୱଳ୍ପ ବିନିଯୋଗ କରି ପାଆନ୍ତୁ। Mob: 9937426857, 9861820550. D-68003

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Refresh your mind and soul with best therapy at Orchid Salon/ Spa. 9937287222. D-66963

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

**AFFIDAVIT**

Affidavit before Executive Magistrate, Dhenkanal, 21.08.2019, my name has changed from Diptikrishna Maharana to Krishna Maharana. Henceforth I shall be known as Krishna Maharana, S/o. Gunanidhi Maharana, At-Godidihi, PO-Balaramprasad, PS-Motanga, Dist-Dhenkanal for all legal purposes. D-66820

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



୧୭ ଅନ୍ୟାନ୍ୟ ପଛୁଆବର୍ଗ ଜାତି(ଓବିସି)କୁ ଅନୁସୂଚିତ ଜାତି(ଏସ୍‌ସି) କରିବା ଲାଗି ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ନିଷ୍ପତ୍ତି ନେଇଥିବାବେଳେ ଆଲ୍ଲାହାବାଦ୍ ହାଇକୋର୍ଟ ସୋମବାର ଏହା ଉପରେ ରହିତାଦେଶ ଜାରି କରିଛନ୍ତି। ଆଗତ ଏକ ରିଟ୍ ପିଟିଶନର ଶୁଣାଣି କରି ଜଷ୍ଟିସ ଶ୍ରୀଧର ଅଗ୍ରୱାଲ ଓ ଜଷ୍ଟିସ ରାଜୀବ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ୩ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ଏ ନେଇ ଜବାବ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।



## ଜିଲା ଚିଠି ଦେବଗଡ଼

# ସହରମୁହାଁ ମାଙ୍କଡ଼

ଦେବଗଡ଼ ସହରରେ ମାଙ୍କଡ଼ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଛି। ସହରବାସୀ ଭୟ ଓ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ସହରଠାରୁ ମାତ୍ର ଦେଢ କିଲୋମିଟର ଦୂର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ରହୁଥିବା ମାଙ୍କଡ଼ମାନେ ଖାଦ୍ୟାଭାବ ଯୋଗୁ ସହରମୁହାଁ ହେଉଛନ୍ତି। ସେମାନେ ସଂଘବଦ୍ଧ ଭାବେ ସହର ଭିତରେ ପଶି ଖାଦ୍ୟ ସଂଗ୍ରହ ସହ, ଜନସାଧାରଣଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ଯାହା ଏବେ ନିତିଦିନିଆ କଥାରେ ପରିଣତ ହୋଇଛି। ମାଙ୍କଡ ଆକ୍ରମଣ ଭୟରେ ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣ ପାଇଁ ଲୋକେ ଆଉ ପ୍ରଧାନପାଟର ମୁକ୍ତ ପରିବେଶକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଘରଦ୍ୱାର, ଦୋକାନ ବଜାରରେ ପଶି ମାଙ୍କଡମାନେ ବିଭିନ୍ନ ସାମଗ୍ରୀ ନଷ୍ଟ କରିଦେଉଛନ୍ତି। ଦଳଦଳ ହୋଇ ଛପର ଘର, ଟିଣ, ଆଜ୍‌ବେଷ୍ଟସ ଛାତ ଉପରେ ଧାଁଦୌଡ କରି ନଷ୍ଟଭ୍ରଷ୍ଟ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଏପରି କି ଗାଡି ମୋଟରଗୁଡିକରେ ଲାଗିଥିବା ହେଡ୍‌ଲାଇଟ, ଭାଇଜର, ମିରର୍ ଭାଙ୍ଗି ପକାଉଛନ୍ତି। ସେମାନେ ରାତିରେ ପ୍ରଧାନପାଟ ଜଙ୍ଗଲକୁ ନ ଫେରି ଜିଲାପାଳଙ୍କ କାର୍ଯ୍ୟାଳୟ ଛାତରେ ରହି ଯାଉଛନ୍ତି। ସକାଳୁ ସକାଳୁ ଲୋକଙ୍କ ବାଡିରେ ପଶି ବିଭିନ୍ନ ଫଳ ଓ ପନିପରିବା ଖାଉଛନ୍ତି। ଇତିମଧ୍ୟରେ ମାଙ୍କଡ ଆକ୍ରମଣରେ ସହର ଓ ଏହାର ଆଖପାଖ ଅଞ୍ଚଳରେ ୩ଶହରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ସାରିଲେଣି। ବିଶେଷ କରି ସହରର ଖପରସାହି, ବାବୁସାହି, ଗୁରୁସାହି, ବଣିଆସାହି, ମଠସାହି, ତଅଁଳାସାହି, ଲାଲୁସାହି, ଭୁୟାଁସାହି, ଶାସନସାହି, ମ୍ୟୁନିସିପାଲିଟି ସାହି, ପ୍ରାଇଭେଟ ବସଷ୍ଟାଣ୍ଡ, ଗୋପବନ୍ଧୁ ଛକ, ଭିତିରିଆସାହି, ଡେଲି ମାର୍କେଟ ଅଞ୍ଚଳ ସେମାନଙ୍କ ଚରାଭୂଇଁ ପାଲଟିଛି। ମାଙ୍କଡ଼ ଦମନ ପାଇଁ ପ୍ରଶାସନ ତରଫରୁ ଯେତେ ବ୍ୟବସ୍ଥା ହେଲେ ମଧ୍ୟ ଫେଲ ମାରୁଛି। ୫ବର୍ଷ ତଳେ ପ୍ରଶାସନ ତରଫରୁ ରାଉରକେଲାର 'ଆର୍ମୀ' ନାମକ ଏକ ସାମାଜିକ ସଂସ୍ଥାକୁ ମାଙ୍କଡ଼ ଧରିବା ପାଇଁ ନିୟୋଜିତ କରାଯାଇଥିଲା। ମାତ୍ର ସେମାନେ ଏ ଦିଗରେ ନିରାଶ ହୋଇଥିଲେ। ପରେ ବନବିଭାଗ ତରଫରୁ ମାଙ୍କଡ଼ପଲଙ୍କୁ ନିୟନ୍ତ୍ରଣ କରିବା ପାଇଁ ବନ୍ଧୁକଧାରୀ ଗାର୍ଡ ନିୟୋଜିତ କରାଯାଇଛି। ତଥାପି ମାଙ୍କଡ଼ ଉପଦ୍ରବରୁ ଲୋକେ ତ୍ରାହି ପାଇ ପାରୁ ନାହାନ୍ତି। ଏହି ସମସ୍ୟାରୁ ମୁକୁଳିବା ପାଇଁ ଜିଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ଜିଲାପାଳଙ୍କଠାରୁ ଆରମ୍ଭ କରି ସିସିଏଫ୍, ପିସିସିଏଫ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ଉଦ୍ୟମ ଫଳପ୍ରଦ ହେଉନାହିଁ। ଜିଲା ପ୍ରଶାସନ ଏବଂ ବନ ବିଭାଗ ଯୋଜନା ମୁତାବକ ଏ ଦିଗରେ ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

– ଶଶାଙ୍କ ଶେଖର ଝାଙ୍କର



କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସୋମବାର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

# ୨ ବିଶ୍ୱବିଦ୍ୟାଳୟ ହେବ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ ୬୫ ମହାବିଦ୍ୟାଳୟ
- ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ରହିବ ୫୦ ମହାବିଦ୍ୟାଳୟ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ବଲାଙ୍ଗୀରର ରାଜେନ୍ଦ୍ର ଏକକ ବିଶ୍ୱବିଦ୍ୟାଳୟ ଏବଂ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ(ଆଫିଲିଏଟେଡ୍) ବିଶ୍ୱବିଦ୍ୟାଳୟ ହେବ। ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଦୁଇଟି ବିଶ୍ୱବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୬ରେ ଓ ବଲାଙ୍ଗୀର ରାଜେନ୍ଦ୍ର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୨ରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଥିଲା। କିନ୍ତୁ ଏହାକୁ ପରିବର୍ତ୍ତନ କରାଯାଇ ଉଭୟ ବିଶ୍ୱବିଦ୍ୟାଳୟକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ କରାଯିବ। ଏଣିକି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ପ୍ରାୟ ୬୫ଟି ମହାବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବା ସହ ଅନୁବନ୍ଧିତ ହୋଇଯିବ। ସେହିପରି କଳାହାଣ୍ଡି ଏବଂ ନୂଆପଡ଼ା ଜିଲାର ପ୍ରାୟ ୫୦ଟି ମହାବିଦ୍ୟାଳୟ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବ। ଏହି ମହାବିଦ୍ୟାଳୟଗୁଡ଼ିକ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅଛି। ତେବେ ଏହି ଦୁଇଟି ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ହେଲେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ ନିମନ୍ତେ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ଏବଂ ପ୍ରଶାସନିକ ପ୍ରକ୍ରିୟାରେ ପାରଦର୍ଶିତା ଆସିପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଉପରୋକ୍ତ ଚାରି ଜିଲାର ୧୧୫ଟି ମହାବିଦ୍ୟାଳୟ ବାଦ୍ ପଡ଼ିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟଭାର ଅନେକ ମାତ୍ରାରେ ଲାଘବ ହେବାସହ ଏହାର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ପାଇବ। ଏହାସହ ପରୀକ୍ଷା ପରିଚାଳନା, ପରୀକ୍ଷା ଫଳ ପ୍ରକାଶନ, ଆଡ୍‌ମିଶନ୍ ପ୍ରକ୍ରିୟା ଆଦି ତ୍ୱରାନ୍ୱିତ ହୋଇପାରିବା ସହ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ମଧ୍ୟ ସହଜରେ ହୋଇପାରିବ। ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୨୪୦ଟି ମହାବିଦ୍ୟାଳୟ ରହିଛି। ସୂଚନାଯୋଗ୍ୟ, ବଲାଙ୍ଗୀରର ରାଜେନ୍ଦ୍ର ମହାବିଦ୍ୟାଳୟ ୧୯୪୪ରେ ଓ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୬୦ରେ ପ୍ରତିଷ୍ଠା କରାଯାଇଥିଲା।

## ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ସନ୍ଦେହ

ଭାପୁର, ୧୬।୯(ଡି.ଏନ.ଏ.)

ଢେଙ୍କାନାଳ ସଦର ରେଞ୍ଜ ଭାପୁର ବନାଞ୍ଚଳ ଅନ୍ତର୍ଗତ ମାଟିଆମୁଣ୍ଡିଆ ନିକଟରେ ଜଣେ ବ୍ୟକ୍ତିଙ୍କ କାଜୁ ବଗିଚାରୁ ସୋମବାର ବନ ବିଭାଗ ଏକ ମାଈହାତୀର ମୃତଦେହ ଠାବ କରିଛି। ପାଖାପାଖି ଦୁଇଦିନ ତଳେ ହାତୀଟିର ମୃତ୍ୟୁ ଘଟିଛି ଏବଂ ପାରିପାର୍ଶ୍ୱିକସ୍ଥିତିରୁ ଏହା ବିଦ୍ୟୁତ୍ ଆଘାତଜନିତ ବୋଲି ଅନୁମାନ କରାଯାଉଛି। ସୂଚନା ପାଇ ଡିଏଫ୍‌ଓ ବିମଳକୃଷ୍ଣ ଆଚାର୍ଯ୍ୟ, ରେଞ୍ଜର ମୁନାୱର ଖାଁ, ବନପାଳ ପ୍ରଭାକର ରଣ, ଯୁଗଳ କିଶୋର ମହାନ୍ତି ସଦଳବଳ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ବିଭିଓ ଲକ୍ଷ୍ମୀନାରାୟଣ ଜେନା, ଭାପୁର ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରଭାତ କୁମାର ଜେନାଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ



ନିକଟରେ ଗାତଖୋଳି ହାତୀ ମୃତଦେହକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ଶିକାରୀଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କଟକ ଜିଲା ତିଗିରିଆ ଅଞ୍ଚଳର ଶିକାରୀମାନେ ୧୧ କେଭି ବିଦ୍ୟୁତ୍ ତାର ବିଛାଇ ଜନ୍ତୁ ଶିକାର କରୁଥିବାରୁ ନଜିର ରହିଛି। କଟକ-ଢେଙ୍କାନାଳ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଶିକାରୀମାନେ ଖସି ପଳାଇବାରେ ସଫଳ ହେଉଛନ୍ତି। ବନ ବିଭାଗ ପକ୍ଷରୁ ସୀମାନ୍ତରେ କଡ଼ା ପାଟ୍ରୋଲିଂ କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ପାୱାର ଚ୍ୟାନେଲରେ କୁମ୍ଭୀର

**ସମ୍ବଲପୁର,୧୬।୯(ବ୍ୟୁରୋ):** ହୀରାକୁଦ ଡ୍ୟାମ୍ ତଳ ମୁଣ୍ଡ ପାୱାର ଚ୍ୟାନେଲର ମୁଣ୍ଡୋଘାଟ ନିକଟରେ ସୋମବାର ସନ୍ଧ୍ୟାରେ ୩ଟି କୁମ୍ଭୀର ଦେଖିବାକୁ ମିଳିଛି। ୩ ଜଣ ଗ୍ରାମବାସୀ ଏହାକୁ ଦେଖି ଭୟଭୀତ ହୋଇ ଯାଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ମୁଣ୍ଡୋଘାଟ ନିକଟରେ ଲୋକଙ୍କ ଭିଡ ଜମୁଛି। ଖବର ପାଇଁ ବନ ବିଭାଗର ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସମ୍ବଲପୁର ଡିଏଫଓ ଡ. ସଞ୍ଜୀତ କୁମାରଙ୍କୁ ପଚାରିବାରୁ କହିଛନ୍ତି ଯେ, କୁମ୍ଭୀର ଥିବା ନେଇ ଖବର ଆସିଛି। ବନ ବିଭାଗ ଟିମ୍ ଯାଇ ଗ୍ରାମରେ ରହିଛନ୍ତି। ମହାନଦୀରେ ବନ୍ୟାପାଣି ପ୍ରବାହିତ ହେଉଛି। ଏଣୁ ଉପରମୁଣ୍ଡରୁ ଭାସି ଆସିଥିବେ। ଡ୍ୟାମ୍‌ରେ ଗେଟ୍‌ଗୁଡ଼ିକ ଖୋଲାଥିବାରୁ ତଳ ମୁଣ୍ଡକୁ ଯିବାକୁ ସୁବିଧା ହୋଇଛି। ହେଲେ ନ ଦେଖିବା ପର୍ଯ୍ୟନ୍ତ ଠିକରେ କହି ହେବନାହିଁ।

## କୋଅପରେଟିଭ ୟୁନିୟନ, ଓପୋଲଫେଡ୍ କାର୍ଯ୍ୟାଳୟରେ ଅଧା କର୍ମଚାରୀ ଅନୁପସ୍ଥିତ

**ସମବାୟ ମନ୍ତ୍ରୀଙ୍କ ଅଚାନକ ଗସ୍ତ**

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୋମବାର ଅପରାହ୍ନରେ ଓଡ଼ିଶା ରାଜ୍ୟ କୋଅପରେଟିଭ ୟୁନିୟନକୁ ଅଚାନକ ପରିଦର୍ଶନ କରିଥିଲେ। ମନ୍ତ୍ରୀ କାର୍ଯ୍ୟାଳୟ ବୁଲି ଦେଖିବା ସହ ଉପସ୍ଥାନ ଯାଞ୍ଚ କରିଥିଲେ। ଗସ୍ତ ସମୟରେ ଅନେକ କର୍ମଚାରୀ ନିଜ ଆସନରେ ନ ଥିବା ଦେଖିବାକୁ ପାଇଥିଲେ। ଅନୁପସ୍ଥିତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ମନ୍ତ୍ରୀ ୨୦୧୮-୧୯ ବର୍ଷରେ ୟୁନିୟନ କି କି କାର୍ଯ୍ୟ କରିଛି ପଚାରି ବୁଝିବା ସହ ୧୯-୨୦ ଆର୍ଥିକ ବର୍ଷରେ କେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମନ୍ତ୍ରୀ ଲକ୍ଷ୍ମୀସାଗରସ୍ଥିତ ଓପୋଲଫେଡ କାର୍ଯ୍ୟାଳୟ ଗସ୍ତ କରିଥିଲେ। ସେଠାରେ ମଧ୍ୟ ସମାନ ଅବସ୍ଥା। ମୋଟ ୨୬ କର୍ମଚାରୀଙ୍କ ମଧ୍ୟରୁ ୧୧ ଜଣ ଉପସ୍ଥିତ ଥିବା ଦେଖି ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତକରିଥିଲେ। କାର୍ଯ୍ୟାଳୟ ସମୟରେ ଉପସ୍ଥିତ ରହିବାକୁ ତାଗିଦ କରିଥିଲେ। ଓପୋଲଫେଡର ବାର୍ଷିକ ବଜେଟ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିବା ସହିତ ଏହାର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ୫-ଟି ସୂତ୍ରକୁ ଅତିନିଷ୍ଠାର ସହ ପାଳନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।


**ଆଲ୍ଲାହାବାଦ ବ୍ୟାଙ୍କ** ବିଶ୍ୱାସର ଏକ ପରମ୍ପରା | **ALLAHABAD BANK** A tradition of trust

ମୁଖ୍ୟ କାର୍ଯ୍ୟାଳୟ: 2, ନେତାଜୀ ସୁଭାଷ ରୋଡ୍, କୋଲକାତା - 700001

**ବିଜ୍ଞପ୍ତି**

**ଆଲ୍ଲାହାବାଦ ବ୍ୟାଙ୍କ ₹୪୦.୦୦ ଲକ୍ଷରୁ ଉର୍ଦ୍ଧ୍ୱ ସଞ୍ଚୟ ବ୍ୟାଙ୍କ ଜମା ଉପରେ ସୁଧକୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି**

ଆଲ୍ଲାହାବାଦ ବ୍ୟାଙ୍କର ସମସ୍ତ ସଞ୍ଚୟ ବ୍ୟାଙ୍କ ଜମା ଖାତାଧାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ₹୪୦ ଲକ୍ଷରୁ ଉର୍ଦ୍ଧ୍ୱ ଥିବା ସଞ୍ଚୟ ବ୍ୟାଙ୍କ ଜମା ଖାତାଗୁଡ଼ିକ ଉପରେ ସୁଧ ହାରକୁ ୧ ଅକ୍ଟୋବର, ୨୦୧୯ଠାରୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି ଏବଂ ସେହି ଅନୁଯାୟୀ ପ୍ରଭାବୀ ସୁଧ ହାର ପ୍ରଚଳିତ ରେପୋ ରେଟ୍ ସହ ସମତୁଲ୍ୟ ହେବ ଅର୍ଥାତ୍ ବାର୍ଷିକ ୩.୬୫%।

ସଞ୍ଚୟ ବ୍ୟାଙ୍କ ଜମା ଖାତା ପାଇଁ ଅନ୍ୟାନ୍ୟ ନିୟମାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ କାର୍ଯ୍ୟାଳୟ, କୋଲକାତା
ତାରିଖ: ୧୩ ସେପ୍ଟେମ୍ବର, ୨୦୧୯

ସାଧାରଣ ପରିଚାଳକ
ଯୋଜନା ବିଭାଗ


## ୭୫ ମିଟର ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ

ପୁରୀ ଅଫିସ, ୧୬।୯

ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ଖାଲି କରାଯିବ। ଏହି ପରିସୀମା ଭିତରେ ଥିବା ମଠ, ଧର୍ମଶାଳା, ବାସଗୃହ, ଦୋକାନ, ହୋଟେଲ, ଲଜ୍ଜ ସବୁ ଭଙ୍ଗାଯିବ। ଏଥିପାଇଁ ପ୍ରଥମେ ସିଂହଦ୍ୱାରକୁ ଲାଗିରହିଥିବା ସରକାରୀ ଏବଂ ବେସରକାରୀ ନିର୍ମାଣକୁ ପ୍ରଶାସନ ଉଚ୍ଛେଦ କରିଦେଇଛି। ଲଙ୍ଗୁଳି, ଏମାର ଏବଂ ବଡ଼ ଆଖଡା ମଠକୁ ମଧ୍ୟ ଭାଙ୍ଗିସାରିଛି। ଏବେ ୭୫ ମିଟରକୁ ଟାର୍ଗେଟ କରି ଆଗକୁ ବଢ଼ିଛି ପ୍ରଶାସନ। ଏଥିଲାଗି ମାପଚୁପ ଆରମ୍ଭ ହୋଇଛି।



୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱରେ ମାପଚୁପ କରାଯାଉଛି।

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଏକାଧିକ ପ୍ରକଳ୍ପ ପରିକଳ୍ପନା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମେଘନାଦ ପାଚେରି ପାର୍ଶ୍ୱସ୍ଥ ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ ପରେ ବିପଦସଙ୍କୁଳ କୋଠା ଭଙ୍ଗାଯାଇଛି। ଲଙ୍ଗୁଳି ମଠ, ଏମାର ଏବଂ ବଡ଼ ଆଖଡା ମଠ ମାଟିରେ ମିଶିଛି। ରାସ୍ତା ନ ଥିବାରୁ ଉଚ୍ଛେଦ ମଠରେ ଉପାସିତ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତମାନେ ଯାଇପାରୁ ନ ଥିଲେ। ତେଣୁ ଉଚ୍ଛେଦ ସ୍ଥଳକୁ ସମତୁଲ କରି ଟାଇଲ ବିଛାଇଛି ପ୍ରଶାସନ। ଏହାପରେ ୭୫ ମିଟର ଉଚ୍ଛେଦ ପାଇଁ ସୋମବାର ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ଉପସ୍ଥିତିରେ ଆର୍‌ଆଇ, ତହସିଲ ଅଫିସ କର୍ମଚାରୀମାନେ ଶ୍ରୀମନ୍ଦିର ପୂର୍ବ ପାର୍ଶ୍ୱ ଅର୍ଥାତ୍ ବଡ଼ ଆଖଡା ମଠ ପଛପଟୁ ବଡ଼ଦାଣ୍ଡ ଆଡ଼କୁ ମାପଚୁପ କରିଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ୫ଜଣ ଶିକ୍ଷାନବିସ ଆଇଏଏସ୍ ଅଫିସର ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏ ନେଇ ଉପଜିଲାପାଳ ସାହୁ କହିଛନ୍ତି, ପୂର୍ବରୁ ଉଚ୍ଛେଦ ସ୍ଥଳର ସୌନ୍ଦର୍ଯ୍ୟକରଣ ଉପରେ ପ୍ରାଥମିକତା ଦିଆଯାଇ କାମ ସରିଛି। ଏହାଦ୍ୱାରା ଭକ୍ତମାନେ ସୁରୁଖୁରୁରେ ବୁଲି ଦର୍ଶନ କରିପାରିବେ। ୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱ ମାପ କରାଯାଇଛି। ପର୍ଯ୍ୟାୟକ୍ରମେ ଚତୁଃପାର୍ଶ୍ୱ ମାପଚୁପ କରାଯିବ।

## ବାପାଙ୍କ ମୃତଦେହକୁ ବାଇକ୍‌ରେ ନେଲେ ପୁଅ

ନବରଙ୍ଗପୁର/ଉମରକୋଟ,୧୬।୯(ବି.ପ୍ର./ଡି.ଏନ.ଏ)

ଦେଶୀ ଚିକିତ୍ସା ପାଇଁ ବାପାଙ୍କୁ ଆଣିଥିବା ବେଳେ ମୃତ୍ୟୁ ଘଟିଥିଲା। ବାପାର ମୃତଦେହକୁ ଏକ କାଠପଟାରେ ବାନ୍ଧି ବାଇକରେ ପୁଅ ଘରକୁ ଆଣୁଥିଲେ। ଦୀର୍ଘ ୨୨ କି.ମି ପର୍ଯ୍ୟନ୍ତ ମୃତଦେହକୁ ରବିବାର ରାତିରେ ଏପରିଧରି ଆସିବା ପରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଡିଏନକେ ଗୋପବନ୍ଧୁ ଛକ ନିକଟରେ ଲୋକମାନଙ୍କ ନଜର ପଡିଥିଲା। ଲୋକମାନେ ବାଇକକୁ ଅଟକାଇ ସ୍ଥାନୀୟ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ଶବବାହକ ଗାଡିରେ ମୃତଦେହ ପଠାଯାଇଥିଲା। ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁଡୁମଧରା ଗାଁର ବଳି ସାନ୍ତା ଝରିଗାଁ ବ୍ଲକ ବଂଶିବନ୍ଧା ଗାଁକୁ ଦେଶୀ ଚିକିତ୍ସା ପାଇଁ ପୁଅ ଲକି ସାନ୍ତା ସହ ଆସିଥିଲେ। ସେଠାରେ ବଳିଙ୍କ ଅବସ୍ଥା ଗୁରୁତର ହେବାରୁ ଲକି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସି ନ ଥିଲା। ଇତି ମଧ୍ୟରେ ବଳିଙ୍କ ମୃତ୍ୟୁ ଘଟିଥିଲା। ବଳିଙ୍କ ମୃତଦେହକୁ ଏକ କାଠ ପଟା ଉପରେ ବାନ୍ଧି ଅନ୍ୟ ଜଣଙ୍କ ସହାୟତାରେ ବାଇକ ପଛରେ ରଖି ଲକି କୁଡମଧରା ଗାଁକୁ ନେଉଥିଲେ। ଉମରକୋଟ ଡିଏନକେ ଗୋପବନ୍ଧୁ ଛକ ନିକଟରେ ଲୋକମାନେ ଏହା ଦେଖି ମୃତଦେହକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ପରାମର୍ଶ ଦେଇଥିଲେ।





# CLASSIFIED DISPLAY


















# ଯୋଜନାର ପୁନଃ ସମୀକ୍ଷା

ଓଡ଼ିଶାରେ ପିଲାବିକ୍ରି କଥା ଉଠିଲେ ଗତ ଶତାବ୍ଦୀର ୮୦ ଦଶକ କଥା ମନେପଡ଼େ। ଦାରିଦ୍ର୍ୟ ଯୋଗୁ କଳାହାଣ୍ଡି ଜିଲାରେ ଲୋକେ ପିଲାଙ୍କୁ ବିକ୍ରି କରିଦେଉଥିଲେ। ସେଥିପାଇଁ ସେତେବେଳେ ବାହାରେ ଓଡ଼ିଶା ଏକ ଗରିବ ରାଜ୍ୟ ଭାବେ କୁଖ୍ୟାତି ଅର୍ଜନ କରିଥିଲା। ଏବେ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଯୋଜନା କରାଯାଇଛି। ଶିଶୁଟିଏ ଜନ୍ମହେବାଠାରୁ ବୟସ୍କଙ୍କ ମୃତ୍ୟୁ ଯାଏ ଅନେକ କାର୍ଯ୍ୟକ୍ରମ ମେଲାଇ ଦିଆଯାଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ସରକାରୀ ସାହାଯ୍ୟ ପହଞ୍ଚୁଥିବାରୁ ବିଗତ ଦଶନ୍ଧିଠାରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଏଭଳି ପିଲାବିକ୍ରି ଖବର ଶୁଣାଯାଉ ନ ଥିଲା। ବିଶେଷକରି ଟଙ୍କିକିଆ ଚାଉଳ ଏହାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି କୁହାଯାଇପାରେ। ଅବଶ୍ୟ ସେହି ଯୋଜନାର ଅନେକ ସମାଲୋଚକ ସୃଷ୍ଟି ହୋଇଛନ୍ତି। ସେମାନଙ୍କର ମୁଖ୍ୟ ବିରୋଧୀ ଯୁକ୍ତି ହେଉଛି ଯେ, ଟଙ୍କିକିଆ ଚାଉଳ ଯୋଗୁ କର୍ମକୋଢ଼ ସୃଷ୍ଟି ହୋଇଯାଉଛନ୍ତି। ଅପରପକ୍ଷରେ ଏକ ଜନମଙ୍ଗଳକାରୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବନିମ୍ନ ସ୍ତରର ସ୍ୱାର୍ଥକୁ ଜଗିବା ସରକାରଙ୍କ ମୁଖ୍ୟ ଦାୟିତ୍ୱ ହୋଇଥାଏ। ବିବାଦ ମଧ୍ୟରେ ଥିବା ସତ୍ତ୍ୱେ ଏହି ଯୋଜନାକୁ କେହି ବି ସକ୍ରିୟ ଭାବେ ବିରୋଧ କରିନାହାନ୍ତି। ଏବେ ହଠାତ୍ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଗତ ୧୫ ଦିନ ମଧ୍ୟରେ ବାଲେଶ୍ୱର ପରି ଉପକୂଳ ଜିଲାରେ ଦୁଇଟି ଘଟଣା ଘଟିଯାଇଛି। ଅଗଷ୍ଟ ୨୭ରେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପିଠାହତା ଅଞ୍ଚଳରେ ଦାରିଦ୍ର୍ୟର ତାଡ଼ନା ସହି ନ ପାରି ଜଣେ ମହିଳା ତାଙ୍କର ୫ ଦିନର ଶିଶୁକନ୍ୟାଙ୍କୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ଶେଷରେ ତାହାକୁ ଦାନ କରିଦେଇଥିଲେ। ସେହିପରି ୧୩ ସେପ୍ଟେମ୍ବରରେ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ଦରଘାପଡ଼ିଆ ଅଞ୍ଚଳରେ ଦମ୍ପତି ସେମାନଙ୍କ ୭ ଦିନର ପୁଅକୁ ମାତ୍ର ୨୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଦୁଇ ମାସ ତଳେ ସୋନପୁର ଜିଲା ବିନିକା ଥାନା ଅନ୍ତର୍ଗତ ବିଶାଳପାଲରେ ଆଈ ତାଙ୍କ ନାତିକୁ ବିକ୍ରି କରିଦେବା ଘଟଣା ରାଜ୍ୟରେ ଚହଳ ପକାଇଥିଲା।

ଏହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ପିଲାବିକ୍ରି ହେଉଥିବା ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ପ୍ରଶାସନ ଏହିସବୁ ଘଟଣାକୁ କେତେ ଗୁରୁତ୍ୱ ଦେଉଛି, ତାହା ପଦାରେ ଜଣାପଡୁନାହିଁ। କିନ୍ତୁ ଏହିଭଳି ଖବର ମିଳିବା ଏକ ସତର୍କଘଣ୍ଟି ବୋଲି ପ୍ରଶାସନ ବୁଝିବା ଦରକାର। ମନେହେଉଛି ଯେପରି ସବୁ ଉତ୍ତମ ଉଦ୍ଦେଶ୍ୟ ଥିବା ସତ୍ତ୍ୱେ ଆଭ୍ୟନ୍ତରୀଣ କାର୍ଯ୍ୟରେ ଉଇ ଲାଗିଗଲାଣି। ଗରିବ ଓ ଅସହାୟ ଜନସାଧାରଣଙ୍କ ପାଖରେ ପହଞ୍ଚୁଥିବା ସରକାରୀ ଯୋଜନା ପାଇଁ ଓଡ଼ିଶା ଅନେକ ଥର ପ୍ରଶଂସିତ ହୋଇଥିଲା। ଏବେକାର ଏହିଭଳି ଘଟଣାର ଖବର ଧାରଣା ସୃଷ୍ଟି କରିପାରେ ଯେ ପାଇବାକୁ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ସେହିସବୁ ଯୋଜନାର ସାମଗ୍ରୀ ଓ ଅର୍ଥ ଅଯୋଗ୍ୟଙ୍କ ପାଖକୁ ପଳାଇଯାଉଛି। ଦୁର୍ନୀତି ହୋଇଛି ବୋଲି କହିବା କଷ୍ଟକର, କାରଣ ତା'ର ପ୍ରମାଣ ଯୋଗାଡ଼ କରିବା ଅସମ୍ଭବ।

ଯଦି ଗୋଟିଏ ପଟେ ଅତ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଅତ୍ୟାବଶ୍ୟକ ଯୋଜନା ଠିକ୍‌ରେ ପହଞ୍ଚି ପାରୁନାହିଁ, ସରକାରଙ୍କ ଦ୍ୱାରା ଘୋଷିତ ହେଉଥିବା ଭିନ୍ନ ଧରଣର ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ନିକଟରେ ରାଜ୍ୟ ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବିବାହ ବିଚ୍ଛେଦ ପାଇଁ ସ୍ତ୍ରୀ ଓ ସ୍ୱାମୀ କୋର୍ଟରେ ଆବେଦନ କରୁଛନ୍ତି। କିନ୍ତୁ ଏହି ଆବେଦନର ଫଇସଲା ହେବାକୁ ଦୀର୍ଘ ବର୍ଷ ଲାଗିଯାଇଥାଏ। ଏହି ସମୟରେ ଖର୍ଚ୍ଚ ତୁଲାଇବା ସକାଶେ ସମ୍ପୃକ୍ତ ମହିଳାଙ୍କ ନିକଟରେ କୌଣସି ସମ୍ବଳ ନ ଥାଏ ବୋଲି କୁହାଯାଉଛି। ତେଣୁ ସେଭଳି ସ୍ଥଳେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପେନ୍‌ସନ ଯୋଗାଇ ଦେବାକୁ ସରକାର ବିଚାର କରୁଛନ୍ତି। ଏମିତି ଦେଖିଲେ ମଧୁବାବୁ ପେନ୍‌ସନ ଯୋଜନାରେ ପରିତ୍ୟକ୍ତ ବୟସ୍କ ଓ ପରିତ୍ୟକ୍ତ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି। ହେଲେ ଅନେକ ସମୟରେ ଅଭିଯୋଗ ଆସିଥାଏ ଯେ, ବୟସ୍କ ବ୍ୟକ୍ତିମାନେ ଯୋଜନାର ସୁଫଳ ପାଇପାରୁନାହାନ୍ତି। ତେଣୁ ସବୁବେଳେ ଯେ ଆର୍ଥିକ ସ୍ୱଚ୍ଛଳ ଅବସ୍ଥାରେ ସ୍ୱାମୀ ରହିଥାଏ ଏବଂ ସ୍ତ୍ରୀ ଅନଟନର ଶିକାର ହେଉଥାଏ, ଭାବିବା ମଧ୍ୟ ବାସ୍ତବ ହୋଇ ନ ପାରେ। ଅନେକ ଘଟଣାରେ ବିଭିନ୍ନ କାରଣରୁ ଛାଡ଼ପତ୍ର ପରିସ୍ଥିତି ଉପୁଜେ, ଯେଉଁଥିରେ କେବଳ ସ୍ୱାମୀ କିମ୍ବା ସ୍ତ୍ରୀ ଦାୟୀ ବୋଲି ସ୍ପଷ୍ଟ ଜଣାପଡ଼େନାହିଁ। ଏଭଳି ପରିସ୍ଥିତିରେ ସରକାରଙ୍କ ଅଭିନବ ଯୋଜନା ମହିଳାଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ବାଟମାରଣା ହେବାର ସୁଯୋଗ ସୃଷ୍ଟି କରୁଛି। ତେବେ ୧୬ ସେପ୍ଟେମ୍ବରରେ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ଏବେ ଆଧାର ସଂଯୋଗ ନ ଥିବା ଯୋଗୁ ୧ ଲକ୍ଷ ୮୪ ହଜାର ୯୫୦ ପରିବାରର ୧୮ ଲକ୍ଷ ୬୭ ହଜାର ୮୦୩ ବ୍ୟକ୍ତି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରୁ ବାଦ୍ ପଡ଼ିପାରନ୍ତି। ଫଳରେ ସେମାନେ ଯୋଗ୍ୟ ହିତାଧିକାରୀ ହୋଇ ମଧ୍ୟ ଅଯୋଗ୍ୟ ସାବ୍ୟସ୍ତ ହେବେ। ଫଳରେ ଆଗକୁ ସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସେଥିପାଇଁ ନୂଆ ଯୋଜନା କରିବା ପରିବର୍ତ୍ତେ କ୍ରମଶଃ ବିଫଳ ହେବାର ସଙ୍କେତ ମିଳୁଥିବା ଯୋଜନା ବା କାର୍ଯ୍ୟକ୍ରମଗୁଡ଼ିକର ପୁନଃ ମୂଲ୍ୟାୟନ ଏବଂ ସମୀକ୍ଷା କରାଯାଇ ସେଗୁଡ଼ିକର ନୂତନ ଭାବେ କାର୍ଯ୍ୟକାରିତା ଦିଗକୁ ଦୃଷ୍ଟି ଦିଆଯିବା ଉଚିତ।

# ଅତୁଳନୀୟ ନେତା



ପ୍ରକାଶ ଜାଭଡେକର

ସବୁ ନେତା ସମାନ ସ୍ତରର ନୁହନ୍ତି। ପଞ୍ଚମ ସ୍ତରର ନେତୃତ୍ୱ (ଲିଡେଲ ୫ ଲିଡରଶିପ୍) ଭିତରେ ରହିଛି: ସାଧୁତା ଓ ନୀତିନିଷ୍ଠତା, ପ୍ରତିବଦ୍ଧତା ଓ ଉତ୍ସାହ, ନିଷ୍ପତ୍ତି ନେବାର କ୍ଷମତା ଓ ଉତ୍ତରଦାୟିତ୍ୱ। ସର୍ବୋପରି ସେ ହେବା ଦରକାର ଉତ୍ତମ ଯୋଗାଯୋଗ ରକ୍ଷାକାରୀ (କମ୍ୟୁନିକେଟର), ସର୍ଜନଶୀଳ, ନବୋଭାବନଶୀଳ ଏବଂ ଜଣେ ପ୍ରେରଣାଦାୟୀ ନେତା। ଏହି ସମସ୍ତ ଗୁଣ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ ରହିଛି। ତାଙ୍କର ସାଧୁତା ଓ ସଚ୍ଚୋଟତା ଅତୁଳନୀୟ। ତାଙ୍କ ପାଇଁ ବ୍ୟକ୍ତିଗତ ସ୍ୱାର୍ଥ ବୋଲି କିଛି ନାହିଁ, ଦେଶର ସ୍ୱାର୍ଥ ହିଁ ତାଙ୍କର ସ୍ୱାର୍ଥ। ସେ ୧୨ ବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ହିଁ ତାଙ୍କର ଏହି ଭାବମୂର୍ତ୍ତିକୁ ଲୋକମାନେ ବ୍ୟାପକଭାବେ ଗ୍ରହଣ କରିନେଇଥିଲେ। ତା'ପରେ ୨୦୦୪ରୁ ୨୦୧୪ ଭିତରେ ଦେଶରେ ଦେଖାଗଲା ବ୍ୟାପକ ଦୁର୍ନୀତି, ଉପଯୁକ୍ତ ନେତୃତ୍ୱର ଅଭାବ ଏବଂ ନୀତିଗତ ସ୍ଥାଣୁତା। ତେଣୁ ସେ ଲୋକମାନଙ୍କ ନଜରକୁ ଆସିଲେ। ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ମଧ୍ୟ ତାଙ୍କର ସାଧୁତା ଓ ସଚ୍ଚୋଟତା ନେଇ ନିସଂଶୟ ଥିଲେ। ଏହା ଜଣାଶୁଣା ଯେ, ଦକ୍ଷତାହୀନ ପାଠୁଆଠାରୁ ଦକ୍ଷ ଓ ବୁଦ୍ଧିଆ ନିରକ୍ଷର ହେଉଛି ଢେର ଅଧିକ ପ୍ରଭାବଶାଳୀ। ଗତ ପାଞ୍ଚବର୍ଷ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବିରୋଧରେ ଗୋଟିଏ ବି ଦୁର୍ନୀତି ଅଭିଯୋଗ ଆସିନାହିଁ। ଯେତେବେଳେ ଶେଷ ମୁହୂର୍ତ୍ତରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା, ସେତେବେଳେ ଇସ୍ରୋ ବୈଜ୍ଞାନିକମାନଙ୍କୁ ମୋଦି ପ୍ରବୋଧନା ଦେଇଥିଲେ। ସେତେବେଳେ ତାଙ୍କର ଦରଦୀ ବଦନ ସ୍ପଷ୍ଟ ଦେଖାଯାଉଥିଲା। ଶ୍ରୀହରିକୋଟା ଛାଡ଼ିବା ପୂର୍ବରୁ ସେ ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଅତ୍ୟନ୍ତ ପ୍ରେରଣାପ୍ରଦ ଭାଷଣ ଦେଇଥିଲେ।

୨୦୧୪ରେ ନିର୍ବାଚନରେ ବିଜୟପ୍ରାପ୍ତ ହୋଇ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଗଣତନ୍ତ୍ରର ମନ୍ଦିର ପାର୍ଲାମେଣ୍ଟ ଭବନର ପାହାଚ ଉପରେ ମୁଣ୍ଡିଆ ମାରିଥିଲେ ଏବଂ ତା'ପରେ ସମ୍ବିଧାନକୁ ପ୍ରଣାମ କରିବା ସହ ଘୋଷଣା କରିଥିଲେ ଯେ ତାଙ୍କ ସରକାର ଗରିବ, ଅନୁସୂଚିତ ଜାତି ଓ ଉପଜାତି, ଦଳିତ, ଉତ୍ପୀଡ଼ିତ ଓ ଅବହେଳିତ ଲୋକମାନଙ୍କ ପାଇଁ ଉତ୍ସର୍ଗୀକୃତ। ସେ ଏକ ସ୍ଲୋଗାନ ଦେଇଥିଲେ: 'ସବ୍‌କା ସାଥ୍, ସବ୍‌କା ବିକାଶ'। ଏ ବର୍ଷ ସେ ଉକ୍ତ ସ୍ଲୋଗାନରେ ଆଉ ଏକ ପଦ ଯୋଡ଼ିଛନ୍ତି 'ସବ୍‌କା ବିଶ୍ୱାସ', ଯେଉଁଥିରୁ ତାଙ୍କର ଉଦ୍ଦେଶ୍ୟ ସହଜରେ ବୁଝିହେଉଛି।

ମୋଦି ଭିନ୍ନ ଭାବରେ ଚିନ୍ତା କରନ୍ତି ଏବଂ ତାଙ୍କର କାର୍ଯ୍ୟଶୈଳୀ ମଧ୍ୟ ଭିନ୍ନ ପ୍ରକାରର। ଅନୁପ୍ରେରିତ କରିବା ଓ ଅମଲାତନ୍ତ୍ରର ପୂର୍ଣ୍ଣ ସହଯୋଗ ପାଇବା ପାଇଁ ସେ ସରକାରଙ୍କ ୧୦ଟି ବିଭିନ୍ନ କ୍ଷେତ୍ର ଲାଗି ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଚିବମାନଙ୍କ ୧୦ଟି ଗ୍ରୁପ୍‌କୁ ନିଯୁକ୍ତି ଦେଇଥିଲେ। ସମସ୍ତ ଗ୍ରୁପ୍ ନିଜ ନିଜର ପ୍ରସ୍ତୁତ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଏବଂ ସେସବୁକୁ ପରୀକ୍ଷା ନିରୀକ୍ଷା କରିବା ପରେ ସେ ସେମାନଙ୍କୁ ତ୍ୱରିତ୍ୟର ସହ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ତା' ପରବର୍ଷ ସେ ସେମାନଙ୍କୁ ନିଜ ନିଜର ଅଗ୍ରଗତି ବିଷୟରେ ଜଣାଇବା ପାଇଁ କହିଥିଲେ। ସମ୍ଭବତଃ ସେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ପରୀକ୍ଷାରେ କିପରି ସଫଳତା ଅର୍ଜନ କରିହେବ ଏବଂ ଜୀବନର ବିଭିନ୍ନ ଆହ୍ୱାନକୁ କିପରି ମୁକାବିଲା କରାଯାଇପାରିବ ସେ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରାଇବା ଓ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କରାଇବା ପାଇଁ ଏକ ପୁସ୍ତକ ଲେଖିଛନ୍ତି। ସେ ଏହି ପୁସ୍ତକର ନାମ ଦେଇଛନ୍ତି 'ଏକ୍‌ଜାମ ୱାରିୟର୍ସ' (ପରୀକ୍ଷାର ଯୋଦ୍ଧା)। ପ୍ରଥମ ଦୁଇବର୍ଷ ଭିତରେ ସେ ୧୦୦ ନିୟୁତରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ ସମୟରେ ସେ ପବ୍-ଜିର ସୂଚନା ଦେଇଛନ୍ତି, ଯେଉଁଥିରୁ ବୁଝାପଡୁଛି ସେ ସବୁକିଛି ବିଷୟରେ ସଚେତନ ଅଛନ୍ତି। ସେ ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କ ସହ ତୁରନ୍ତ ଯୋଗାଯୋଗର ବ୍ୟବସ୍ଥା କରିଛନ୍ତି। ସେ ସମ୍ଭବତଃ ପ୍ରଥମ ଭାରତୀୟ ରାଜନୀତିଜ୍ଞ ଯିଏ ସାମାଜିକ ଗଣମାଧ୍ୟମର ମହତ୍ତ୍ୱ ବୁଝିଛନ୍ତି ଏବଂ ଯୁବବର୍ଗ ସହ ଯୋଗାଯୋଗ କରିବା ପାଇଁ ଏହାକୁ ସଫଳତାର ସହ ବ୍ୟବହାର କରୁଛନ୍ତି। ସେ ଜଣେ ଅତି ଉତ୍ତମ ଯୋଗାଯୋଗକାରୀ। ସେ ସିଧାସଳଖ ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ଏବଂ ସେମାନଙ୍କ ସହ ଏକ ବନ୍ଧନ ଯୋଡ଼ିବା ସହ ସେମାନଙ୍କ ଭିତରେ ବିଶ୍ୱାସ ସ୍ଥାପନ କରନ୍ତି। ଗ୍ୟାସ୍ ସବ୍‌ସିଡି ବା ଯାତ୍ରାକାଳୀନ ରିହାତି ଛାଡ଼ିବା ଲାଗି ତାଙ୍କର ଆବେଦନକୁ ଲୋକମାନେ ବହୁସଂଖ୍ୟାରେ ଗ୍ରହଣ କରିଛନ୍ତି। ଯୋଗାଯୋଗ ମାଧ୍ୟମରେ ସେ ଲୋକମାନଙ୍କୁ ଅନୁପ୍ରେରିତ କରନ୍ତି। ଜିଏସ୍‌ଟି, ବିମୁଦ୍ରୀକରଣ, ସର୍ଜିକାଲ ଷ୍ଟ୍ରାଇକ୍, ବାଲାକୋଟ ଏୟାର୍ ଷ୍ଟ୍ରାଇକ୍, ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ, ଧାରା ୩୭୦ ଉଚ୍ଛେଦ, ତିନି ତଲାକ ନିଷେଧ ଆଇନ ଇତ୍ୟାଦି ହେଉଛି ତାଙ୍କ ନିର୍ଣ୍ଣାୟକ ନେତୃତ୍ୱର ଗୋଟିଏ ଗୋଟିଏ ଉଦାହରଣ।

୧୦ ପ୍ରତିଶତ ଇବିସି ସଂରକ୍ଷଣ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଉଜାଲା ଏଲ୍‌ଇଡି ବଲ୍‌ବ ପ୍ରଦାନ, ମୁଦ୍ରା, ସ୍କିଲ୍ ଇଣ୍ଡିଆ, ଆୟୁଷ୍ମାନ୍ ଭାରତ, କିଷାନ ସମ୍ମାନ, ଅସଂଗଠିତ ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, କୃଷକଙ୍କୁ ପେନସନ ଯୋଜନା, କୃଷକଙ୍କୁ ତାଙ୍କ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପ୍ରଦାନ, ୯୫ ନିୟୁତ ପାଇଖାନା ନିର୍ମାଣ ପ୍ରଭୃତି ହେଉଛି ଗରିବ ସଶକ୍ତୀକରଣର କେତୋଟି ନମୁନା। ଜିଏସ୍‌ଟି ହେଉଛି ସମବାୟ ସଂଘବାଦ ପ୍ରତି ତାଙ୍କ ବିଶ୍ୱାସର ଏକ ଜୀବନ୍ତ ଉଦାହରଣ। ଭୋଟ ମାଧ୍ୟମରେ ନିଷ୍ପତ୍ତି ନେବାର ବ୍ୟବସ୍ଥା ଥିଲେ ମଧ୍ୟ ଜିଏସ୍‌ଟି ଆଇନର ପ୍ରତ୍ୟେକଟି ଶବ୍ଦ, ନିୟମ ଓ ରେଟ୍ ବିଷୟରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ରାଷ୍ଟ୍ର ସମ୍ପଦରୁ ରାଜ୍ୟଗୁଡ଼ିକୁ ଦିଆଯିବା ଅଂଶକୁ ୩୨ ପ୍ରତିଶତରୁ ୪୯.୫ ପ୍ରତିଶତକୁ ବୃଦ୍ଧି କରିବା ତାଙ୍କର ସଂଘବାଦ ଉପରେ ବିଶ୍ୱାସକୁ ଦୃଢ଼ୀଭୂତ କରେ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଦ୍ୱିତୀୟ ପାଳି ସରକାରରେ କେତେକ ନୂଆ ଲକ୍ଷ୍ୟ ସମ୍ପର୍କରେ ଘୋଷଣା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ୫ ଟ୍ରିଲିୟନ ଡଲାର ଇକୋନୋମି, ପ୍ରତ୍ୟେକ ଗୃହକୁ ଜଳଯୋଗାଣ, ସବୁ ବର୍ଗକୁ ସାମାଜିକ ନିରାପତ୍ତା ପ୍ରଦାନ ଏବଂ ସର୍ବୋପରି ସବ୍‌କା ବିଶ୍ୱାସ। ସେ ହେଉଛନ୍ତି ସର୍ଜନଶୀଳ ଓ ନବୋଭାବନଶୀଳ। ସେ ଜାଣିଛନ୍ତି ଯେ ଭାରତ ନବୋଭାବନରେ ପଛୁଆ ଏବଂ କେବଳ ଗବେଷଣା ଓ ନବୋଭାବନ ମାଧ୍ୟମରେ ଭାରତକୁ ଏକ ବିକଶିତ ଦେଶରେ ପରିଣତ କରାଯାଇପାରିବ। ସେଥିପାଇଁ ସେ ପ୍ରାୟ ୩୦୦୦ ସ୍କୁଲରେ ଅଟଳ ଟେକ୍ନୋଲୋଜି ଲ୍ୟାବ୍ ଆରମ୍ଭ କରିଛନ୍ତି, ଯେଉଁଠି ରୋବୋଟିକ୍ସ, ୩ଡି ପ୍ରିଣ୍ଟିଂ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ଉପଲବ୍ଧ ହେବ। ଏହିସବୁ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଛାତ୍ରୀଛାତ୍ରମାନେ ଗବେଷଣା କରିବେ ଏବଂ ଉତ୍ସାହପ୍ରଦ ଚିନ୍ତାଧାରାର ବିକାଶ କରିବେ। ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ନିମନ୍ତେ ସେ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍'ର ବିକାଶ କରିଛନ୍ତି, ଯେଉଁଥିରେ ବିଭିନ୍ନ ଛାତ୍ରଦଳ କେତେକ ସମସ୍ୟା ଉପରେ କାର୍ଯ୍ୟ କରିବେ ଓ ତା'ର ଡିଜିଟାଲ/ହାର୍ଡୱାର ସମାଧାନ ବାହାର କରିବେ। ଏହାର ଅନ୍ତିମ ପର୍ଯ୍ୟାୟ ୨୫ଟି କେନ୍ଦ୍ରରେ ଆୟୋଜନ କରାଯାଇଛି, ଯେଉଁଠି ୧୦୦୦୦ ଛାତ୍ର ନିରବଚ୍ଛିନ୍ନ ଭାବେ ୩୬ ଘଣ୍ଟା କାର୍ଯ୍ୟ କରିବେ। ପ୍ରତିବର୍ଷ ସେ ଏହି ଛାତ୍ରମାନଙ୍କ ସହ ମଧ୍ୟରାତ୍ରରେ ଯୋଗାଯୋଗ କରୁଛନ୍ତି ଓ ସେମାନଙ୍କୁ ପ୍ରେରଣା ଦେଉଛନ୍ତି। ବିଭିନ୍ନ ଆଇଆଇଟି/ଏନ୍‌ଆଇଟିରେ ସେ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର ସ୍ଥାପନ କରିଛନ୍ତି। ଚଳିତ ବଜେଟରେ ସେ ଜାତୀୟ ଗବେଷଣା ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ବାସ୍ତବରେ ଆଗେଇ ଚାଲିଥିବା ଗବେଷଣାକୁ ଉତ୍ସାହିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ସ୍କଲାର୍‌ଶିପ୍ ମଞ୍ଜୁର କରିଛନ୍ତି। ବିଭିନ୍ନ ଷ୍ଟାର୍ଟ-ଅପ୍ କମ୍ପାନୀ ସହ ସେ ନିୟମିତଭାବେ ଯୋଗାଯୋଗ କରିବା ସହ ନୂତନ ଚିନ୍ତାଧାରା ପୋଷଣ କରୁଥିବା ଯୁବବର୍ଗଙ୍କୁ ସାକ୍ଷାତ୍ କରୁଛନ୍ତି।

(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ)

# କିଙ୍ଗ୍-ମେକରଙ୍କ ଭୂମିକା



ବୈକୁଣ୍ଠନାଥ ମିଶ୍ର

ଅନେକ ସମୟରେ ଦେଖାଯାଏ ଯେ, କୌଣସି ଶାସନର ସର୍ବୋଚ୍ଚ ସ୍ତରରେ ଏପରି ଜଣେ ଜଣେ ବିଦ୍ୱାନ୍ ବ୍ୟକ୍ତିଙ୍କର ଆବିର୍ଭାବ ଘଟିଥାଏ, ଯାହାଙ୍କର ଅନନ୍ୟ ପ୍ରତିଭା ଯୋଗୁ ଶାସନ ମୁଖ୍ୟ ତାଙ୍କ ଉପରେ ବେଶ୍ ନିର୍ଭରଶୀଳ ହୋଇଥାନ୍ତି। ସେମାନେ ନିଜେ କିଙ୍ଗ୍ ନ ହୋଇ କିଙ୍ଗ୍‌ମେକରର ଭୂମିକା ନିର୍ବାହ କରନ୍ତି। ସେହି କିଙ୍ଗ୍‌ମେକରମାନେ ପ୍ରଚ୍ଛଦପଟ ନାୟକ ହିସାବରେ ତାଙ୍କ ବିଚକ୍ଷଣତାର ପ୍ରୟୋଗ କରି ମୁଖ୍ୟଙ୍କୁ ସଦା ବିପଦମୁକ୍ତ କରିବା ସହ ତାଙ୍କ ସଫଳତାର ମାର୍ଗ ଉନ୍ମୁକ୍ତ କରନ୍ତି। ବିରୋଧୀ ଏପରିକି ଆପଣା ଲୋକଙ୍କ ପକ୍ଷରୁ ବାରମ୍ବାର ଆପତ୍ତି ଅଭିଯୋଗ କରାଯାଉଥିଲେ ମଧ୍ୟ ଶାସନମୁଖ୍ୟ ସେଥିପ୍ରତି ଉଦାସୀନ ରହନ୍ତି। ଶାସନ ପରିଚାଳନାରେ ସେମାନଙ୍କ ଦକ୍ଷତା, ନିଷ୍ଠା, ମୂଲ୍ୟବାନ ଉପଦେଶ ତଥା ପରାମର୍ଶ ସେମାନଙ୍କୁ ମୁଖ୍ୟଙ୍କର ଅତି ବିଶ୍ୱସ୍ତ ଓ ନିର୍ଭରଶୀଳ କରିଥାଏ।

ଇତିହାସ ପୃଷ୍ଠା ଏପରି କିଙ୍ଗ୍‌ମେକରଙ୍କ ବିରଳ କୃତିତ୍ୱରେ ଚିର ଭାସ୍ୱର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଆଚାର୍ଯ୍ୟ ଚାଣକ୍ୟ ତିନିପୁରୁଷ ଧରି ଯେଉଁ ଦିଗ୍‌ଦର୍ଶନ ଦେଇ ଆସୁଥିଲେ ତା'ର ପରିଣାମସ୍ୱରୂପ ମୌର୍ଯ୍ୟ ସମ୍ରାଟମାନେ କେବଳ ଦିଗନ୍ତବିସ୍ତୃତ ସାମ୍ରାଜ୍ୟର ଅଧିପତି ହୋଇ ନ ଥିଲେ ବରଂ ଯଶ ଓ କ୍ଷମତାର ପ୍ରାଚୁର୍ଯ୍ୟ ମଧ୍ୟରେ ସୁଶାସକର ଗୌରବ ଅର୍ଜନ କରିଥିଲେ। ଚନ୍ଦ୍ରଗୁପ୍ତ ପରି ଏକ ଗ୍ରାମୀଣ ଯୁବକଙ୍କୁ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟରେ ପରିଣତ କରିବା ମୂଳରେ ନିହିତ ଥିଲା ଚାଣକ୍ୟଙ୍କ ବୁଦ୍ଧି। ସମ୍ରାଟ ବିନ୍ଦୁସାର ଓ ଅଶୋକ ମଧ୍ୟ ଆଚାର୍ଯ୍ୟ ଚାଣକ୍ୟଙ୍କର ପ୍ରାଜ୍ଞ ଅନୁଶାସନର ଏକ ଏକ ସଫଳ ରୂପାୟନ। ଗଭୀର ପ୍ରଜ୍ଞା ଓ ପ୍ରଗାଢ଼ କୂଟନୀତି ସହ ପ୍ରତ୍ୟୁତ୍ପନ୍ନମତିତାର ବିରଳ ସମ୍ମିଶ୍ରଣ ଆଚାର୍ଯ୍ୟଙ୍କୁ ଅନନ୍ୟ କରି ଗଢ଼ିତୋଳିଥିଲା। ବିନ୍ଦୁସାରଙ୍କ ସ୍ୱପତ୍ନୀସମ୍ଭୂତ ତିନି ପୁତ୍ର ଥିଲେ ମଧ୍ୟ ଦାସୀପୁତ୍ର ଅଶୋକଙ୍କଠାରେ ସେ ଦେଖିଥିଲେ ତାଙ୍କ ଈପ୍‌ସିତ ଶାସକର ପ୍ରତିଚ୍ଛବି। ମଗଧ ସମ୍ରାଟଙ୍କ ପକ୍ଷେ କ'ଣ ଉଚିତ ବା ଅନୁଚିତ ତା'ର ସମ୍ଭାବ୍ୟ ନକ୍ସା ଆଙ୍କୁଥିଲେ ଏହି ସ୍ଥିତପ୍ରଜ୍ଞ ଆଚାର୍ଯ୍ୟ। ନିଜେ ନିରାଡମ୍ବର ଜୀବନ ବିତାଇ ଶାସକଙ୍କ ହିତ ଚିନ୍ତନ କରିବା ଥିଲା ଚାଣକ୍ୟଙ୍କର ସର୍ବଶ୍ରେଷ୍ଠ ଆଦର୍ଶ। ଶ୍ରେଷ୍ଠ କୂଟନୀତିଜ୍ଞ କୌଟିଲ୍ୟଙ୍କୁ ଶେଷରେ କୂଟନୀତି ଦ୍ୱାରା ଅଗ୍ନିଦଗ୍ଧ କରି ହତ୍ୟା କରାଗଲା। ଶାସ୍ତ୍ର କହେ ବିଦ୍ୱାନ୍ ଧନୀ ନୁହନ୍ତି କି ନୃପତି ଦୀର୍ଘଜୀବୀ ନୁହନ୍ତି। ତେଣୁ ତ ମୌର୍ଯ୍ୟ ସାମ୍ରାଜ୍ୟର ତିନିପୁରୁଷ ଧରି ସେ ଆରାଧ୍ୟ ଗୁରୁଙ୍କର ସ୍ଥାନ ଅଧିକାର କରିଥିଲେ। ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ- ''ଗନ୍ଧଂ ସୁବର୍ଣ୍ଣେ ଫଳମିକ୍ଷୁଦଣ୍ଡେ ନାକାରି ପୁଷ୍ପଂ ଖଲୁ ଚନ୍ଦନସ୍ୟ, ବିଦ୍ୱାନ୍ ଧନୀ ଭୂପତି ଦୀର୍ଘଜୀବୀ ଧାତୁଃ ପୁରା କୋଽପି ନ ବୁଦ୍ଧିଦୋଽଭୂତ୍।'' ଅର୍ଥାତ୍ ମୂଲ୍ୟବାନ ଧାତୁ ସୁବର୍ଣ୍ଣରେ ଗନ୍ଧ ନାହିଁ, ଆଖୁଗଛ ମିଠା କିନ୍ତୁ ଏହାର ଫଳ ନାହିଁ। ସୁଗନ୍ଧିତ ଚନ୍ଦନ ବୃକ୍ଷରେ ଫୁଲ ନାହିଁ। ବିଦ୍ୱାନ୍, ଗୁଣୀ କିନ୍ତୁ ଧନୀ ନୁହନ୍ତି। କ୍ଷମତା ଓ ପରାକ୍ରମର ଉତ୍କର୍ଷ ଥିଲେ ମଧ୍ୟ ରାଜାମାନେ ଦୀର୍ଘଜୀବୀ ନୁହନ୍ତି। ବୋଧହୁଏ ବିଧାତାଙ୍କର କେହି ପରାମର୍ଶଦାତା ନ ଥିଲେ।

ମୋଗଲ ସମ୍ରାଟ ଆକବରଙ୍କ ସମୟର ଏକ କାହାଣୀ, ଯେଉଁଥିରେ କିଙ୍ଗ୍‌ମେକରଙ୍କ ଭୂମିକା ପ୍ରଦର୍ଶିତ ହୋଇଛି। ସମ୍ରାଟଙ୍କ ରାଜସଭାରେ ଅନେକ ଜ୍ଞାନୀ, ଗୁଣୀ ପଣ୍ଡିତ ଥିଲେ ବି ତାଙ୍କ ପାଇଁ ନିର୍ଭରଯୋଗ୍ୟ ଥିଲେ ପଣ୍ଡିତ ବୀରବଲ, ଯାହାଙ୍କର ଅନନ୍ୟ ପ୍ରତିଭା ସମ୍ରାଟଙ୍କୁ ଯେ କୌଣସି ସମସ୍ୟା ଓ ବିପତ୍ତିରୁ ରକ୍ଷା କରୁଥିଲା। ଦ୍ୱିତୀୟତଃ ସଙ୍ଗୀତଜ୍ଞ ତାନ୍‌ସେନ ଥିଲେ ଅତି ପ୍ରିୟ। କୁହାଯାଏ ତାନ୍‌ସେନଙ୍କ ମେଘମଲ୍ଲାର ମୂର୍ଚ୍ଛନାରେ ମେଘମୁକ୍ତ ଆକାଶ ଜଳପ୍ରସୂ ହୋଇ ଝରିପଡୁଥିଲା ସ୍ନିଗ୍ଧ ବାରିଧାରା। ସମ୍ରାଟଙ୍କ ରାଜସଭାର ଉଭୟ ହିନ୍ଦୁ ଓ ମୁସଲମାନ ପାରିଷଦ ମଣ୍ଡଳୀ ଈର୍ଷାନ୍ୱିତ ହୋଇ ଉଭୟଙ୍କ ବିରୋଧରେ ସମ୍ରାଟଙ୍କ ନିକଟରେ ଗୁପ୍ତ ଅଭିଯୋଗ ବାଢୁଥିଲେ। ବାରମ୍ବାର ଏପରି ଅଭିଯୋଗରେ ଅତିଷ୍ଠ ସମ୍ରାଟ ଏକ କୌଶଳର ଆଶ୍ରୟ ନେଲେ।

ଦିନେ ଏକାନ୍ତରେ ସମ୍ରାଟ ବୀରବଲ ଓ ତାନ୍‌ସେନଙ୍କୁ ଡକାଇ ଏକ ପତ୍ର ଦେଇ ବର୍ମା ରାଜଦରବାରକୁ ପ୍ରେରଣ କଲେ। ଅଭିଯୋଗ କରୁଥିବା ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସମ୍ରାଟ ଏ ଗୁପ୍ତ ଚିଠିଟି ପଢ଼ାଇ ନୀରବ ରହିବାକୁ ଆଦେଶ ଦେଲେ। ବୀରବଲ ଓ ତାନ୍‌ସେନ ବର୍ମା ରାଜାଙ୍କୁ ପତ୍ରଟି ହସ୍ତାନ୍ତର କଲେ। ବନ୍ଧୁ ଆକବରଙ୍କ ଦ୍ୱାରା ପ୍ରେରିତ ରାଜଦୂତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ଅତିଥି ଭବନରେ ରଖାଗଲା। କିନ୍ତୁ ଚିଠିଟି ପାଠକଲା ପରେ ରାଜାଙ୍କ ମୁଖମଣ୍ଡଳ ବିଷଣ୍ଣ ହୋଇଗଲା। ଚିଠିରେ ଉଲ୍ଲେଖ ଥିଲା ବନ୍ଧୁ! ପତ୍ରବାହକ ଦୁହେଁ ମୋର ପରମ ହିତୈଷୀ। କିନ୍ତୁ ସେମାନଙ୍କର ଏକ ଗୁରୁତର ଅପରାଧ ପାଇଁ ମୁଁ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେଇ ନ ପାରି ତୁମ ପାଖକୁ ପଠାଇଲି। ଆଶାକରେ ମୋର ଅନୁରୋଧ ରକ୍ଷାକରି ସାତଦିନ ମଧ୍ୟରେ ଏମାନଙ୍କୁ ମୃତ୍ୟୁଦଣ୍ଡ ଦେବ। ଅତିଥିଶାଳାରୁ ଆଣି ଏ ଦୁହିଙ୍କୁ କାରାରୁଦ୍ଧ କରାଗଲା। ଘୋଷଣା କରାଗଲା ସପ୍ତମ ଦିନ ସେମାନଙ୍କୁ ଫାଶୀ ଦିଆଯିବ। କାରାଗାରରେ ତାନ୍‌ସେନ ବୀରବଲଙ୍କୁ କହିଲେ ସମ୍ରାଟ ଆକବରଙ୍କର ଏ କି ବିଚାର! ଏହା କ'ଣ ଆମ୍ଭଙ୍କୁ ଭଲପାଇବାର ନମୁନା? ସ୍ଥିତପ୍ରଜ୍ଞ ବୀରବଲ କିନ୍ତୁ ନୀରବ। ନା ତାଙ୍କଠାରେ ଥିଲା ଭୟ ଅବା ବିଚଳିତ ଭାବନା। ଷଷ୍ଠ ରାତ୍ରିରେ ବୀରବଲ ତାନ୍‌ସେନଙ୍କୁ କିଛି ପରାମର୍ଶ ଦେଇ ନିଶ୍ଚିନ୍ତ ନିଦ୍ରା ଯିବାକୁ କହିଲେ। ରାତି ପାହିଲା। ଫାଶୀ ସମୟ ନିକଟତର ହେଲା। ଦୁଇଜଣ ପରସ୍ପର ମଧ୍ୟରେ ଝଗଡ଼ା ଆରମ୍ଭ କରିଦେଲେ। ଉଭୟ ପ୍ରଥମେ ଫାଶୀଖୁଣ୍ଟରେ ଝୁଲିବା ପାଇଁ ଘାତକଙ୍କୁ ନିବେଦନ କଲେ। ଫାଶୀ ପାଇବାର ଏ ବ୍ୟାକୁଳତାକୁ ଦେଖି ରାଜା, ଘାତକ ଓ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ଉତ୍କଣ୍ଠା ଜାତ ହେଲା। ରାଜା ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ଜାଣିବାକୁ ଚାହିଁବାରୁ ବୀରବଲ କହିଲେ, ମଣିମା! ଆପଣ କାହୁଁ ବୁଝିବେ ସମ୍ରାଟ ଆକବରଙ୍କ କ୍ରୂର ଷଡ଼ଯନ୍ତ୍ର। ସେ ନିଜେ ଆମ ଫାଶୀଦଣ୍ଡର ବ୍ୟବସ୍ଥା ନ କରି ଆପଣଙ୍କ ନିକଟକୁ କାହିଁକି ପଠାଇଲେ? କଥା ହେଲା- ସମ୍ରାଟଙ୍କୁ ତାଙ୍କ ରାଜଜ୍ୟୋତିଷେ ସ୍ପଷ୍ଟ ଭାବେ ଜଣାଇଛନ୍ତି ଯେ ବର୍ମା ରାଜାଙ୍କର ଖୁବ୍‌ଶୀଘ୍ର ମୃତ୍ୟୁ ହେବ। ଆମ ଦୁହିଁଙ୍କ ମଧ୍ୟରୁ ଯେ ପ୍ରଥମେ ମୃତ୍ୟୁବରଣ କରିବ, ସେ ତତ୍‌କ୍ଷଣାତ୍ ପୁନର୍ଜନ୍ମ ପାଇବ ଓ ଖୁବ୍‌ଶୀଘ୍ର ବର୍ମାର ରାଜା ହେବ ଏବଂ ପରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ତାଙ୍କର ମନ୍ତ୍ରୀ ହେବ। କିନ୍ତୁ ସେମାନଙ୍କର ବର୍ମାରେ ମୃତ୍ୟୁ ହେବା ଆବଶ୍ୟକ। ଏହାଦ୍ୱାରା ବର୍ମା ସହଜରେ ମୋଗଲ ସାମ୍ରାଜ୍ୟ ସହ ମିଶିଯିବ। କାରଣ ଆମେ ଦୁହେଁ ସମ୍ରାଟଙ୍କର ପ୍ରିୟ ହୋଇଥିବାରୁ ତାଙ୍କର ବଶ୍ୟତା ସ୍ୱୀକାର କରିବୁ। ବର୍ମା ରାଜା ଏ କଥା ଶୁଣି କହିଲେ, ମିତ୍ର ଆକବରଙ୍କ ଏ ମନ୍ଦ ଅଭିଳାଷକୁ ପୂର୍ଣ୍ଣ ହେବାକୁ ଦିଆଯିବ ନାହିଁ। ତୁମ ଦୁହିଁଙ୍କ ମଧ୍ୟରୁ କାହାରିକୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ। ତୁମେ ଏବେ ମୁକ୍ତ।

ମୋ-୯୯୩୭୪୫୦୫୪୦

## ଏଇ ଭାରତରେ

ଟ୍ରାଫିକ୍ ନିୟମ କଡାକଡି କରାଯାଇ ନିୟମ ଖିଲାପକାରୀଙ୍କ ବିରୋଧରେ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିବାବେଳେ ଜଣେ ମୃତକଙ୍କ ନାମରେ ଟ୍ରାଫିକ୍ ନିୟମ ଭଙ୍ଗ ଅଭିଯୋଗ ଅଣାଯିବା ଘଟଣା ସାମ୍ନାକୁ ଆସିଛି। ରାଜସ୍ଥାନ ଝାଲାୱାଡ଼ ଜିଲା ପରିବହନ ବିଭାଗ ୮ ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ରାଜେନ୍ଦ୍ର କସେରାଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ତାଙ୍କ ଘରକୁ ନୋଟିସ ପଠାଇଛି। ୨୦୧୧ ସେପ୍ଟେମ୍ବରରେ ରାଜେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ସିଟ୍ ବେଲ୍ଟ ନ ବାନ୍ଧି ସେ ଦ୍ରୁତ ବେଗରେ ଗାଡି ଚଲାଉଥିବାବେଳେ ଧରାପଡିଥିଲେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ରାଜେନ୍ଦ୍ରଙ୍କ ପରିବାରକୁ ସେପ୍ଟେମ୍ବର ୧୧ରେ ପରିବହନ ବିଭାଗର ଏହି ନୋଟିସ୍ ମିଳିଛି ଓ ସେଥିରେ ତାଙ୍କୁ ବିଭାଗ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। ନୂତନ ମୋଟର ଯାନ ଅଧିନିୟମ ଅନୁସାରେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ପ୍ରକ୍ରିୟା ଶେଷ କରିବା ପାଇଁ ମୃତକଙ୍କୁ ପରିବହନ ବିଭାଗ କାର୍ଯ୍ୟାଳୟକୁ ଡ଼କାଯାଇଛି ବୋଲି କୁହନ୍ତି ତାଙ୍କ ପୁତ୍ର ମନୋଜ କସେରା। ଚିଠିରେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି ଓ ତାହା ପୁଣି ଚାରି ଚକିଆ ଯାନର। କିନ୍ତୁ ରାଜେନ୍ଦ୍ରଙ୍କ ପାଖରେ କେବେ ବି ଚାରି ଚକିଆ ଯାନ ନଥିଲା। ସେ ବାଇକ୍‌ରେ ଝାଲାୱାଡ଼ରେ ବାସନ ବିକୁଥିଲେ। ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ପରିବହନ ବିଭାଗ ମୃତକଙ୍କ ପାଖକୁ ନୋଟିସ ପଠାଇ ବିଭଗର ଖାମଖିଆଲି ଭାବକୁ ପଦାରେ ପକାଇଦେଇଛି।

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ସେପ୍ଟେମ୍ବର ୧୯୯୪**

- ଲେବାନନ୍‌ର ଦକ୍ଷିଣାଞ୍ଚଳରେ ଥିବା ନାବଟିଆ ସହରାଞ୍ଚଳରେ ୬ ହଜାର ପାଲେଷ୍ଟାଇନ ପରିବାରକୁ ବାସଗୃହ ଯୋଗାଇଦେବା ପାଇଁ ଏକ ଅନ୍ତର୍ଜାତୀୟ ପ୍ରକଳ୍ପ ହାତକୁ ନିଆଯିବ ବୋଲି ଲେବାନନ୍ ପକ୍ଷରୁ ସୂଚନା।
- ରାଧାକୃଷ୍ଣ ପାତ୍ର ଆଜି ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 8 | | | | | | D | | | | | | |
| | | | A | 3 | | 0 | 5 | | D | | | | | |
| 4 | 0 | | | | 9 | | 7 | | 1 | 2 | | | | |
| C | | | E | | | | | | 6 | | | | B | 8 |
| 1 | | D | | | 4 | 2 | C | | 3 | | 5 | | | |
| | 4 | 1 | | 7 | B | | | A | | | 6 | | | |
| | | 5 | | 1 | | 6 | | | 2 | 3 | | | | |
| | | | 3 | | | | 8 | B | | A | | | | E |
| | | | 6 | | 8 | 5 | E | | | C | | B | | |
| | B | | | | | 3 | D | | 8 | | | | | 2 |
| B | | | 4 | E | | | 3 | 2 | C | | | | D | 0 |
| | 2 | | | | | | | | | 7 | | | 9 | |
| | C | | 1 | 2 | 5 | 8 | B | | | | A | | | |
| 7 | D | 0 | | | | | | | | E | 8 | | C | |
| | | | D | B | | | | E | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | D | 9 | 5 | 4 | 3 | 0 | 7 | B | C | 6 | E | 8 | A |
| E | A | C | B | 7 | 8 | 1 | 6 | 4 | 2 | D | 9 | 0 | 5 | 3 |
| 0 | 7 | 4 | 3 | 1 | A | C | 2 | 9 | E | 5 | 8 | D | B | 6 |
| 8 | 6 | 9 | 2 | 0 | E | D | 5 | B | A | 3 | 1 | 7 | 4 | C |
| B | 5 | 3 | 6 | D | C | 8 | E | A | 0 | 7 | 4 | 1 | 2 | 9 |
| 6 | B | 7 | C | 8 | 1 | 9 | 3 | 2 | D | A | 5 | 4 | 0 | E |
| C | E | 5 | 4 | 3 | 0 | A | D | 6 | 9 | 8 | B | 2 | 1 | 7 |
| D | 0 | 8 | A | 6 | 9 | B | 1 | E | 4 | 2 | 7 | 3 | C | 5 |
| 2 | 4 | 1 | 7 | E | B | 5 | C | 8 | 3 | 6 | 0 | 9 | A | D |
| 9 | 3 | A | D | 2 | 5 | 7 | 4 | 0 | C | 1 | E | B | 6 | 8 |
| 5 | 1 | 2 | 0 | 9 | D | 6 | 7 | 3 | 8 | 4 | A | C | E | B |
| 4 | 8 | 0 | 5 | B | 3 | E | A | D | 1 | 9 | C | 6 | 7 | 2 |
| A | D | E | 8 | 4 | 6 | 2 | B | C | 7 | 0 | 3 | 5 | 9 | 1 |
| 7 | C | B | 1 | A | 2 | 4 | 9 | 5 | 6 | E | D | 8 | 3 | 0 |
| 3 | 9 | 6 | E | C | 7 | 0 | 8 | 1 | 5 | B | 2 | A | D | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତନଖି ବ୍ୟବସ୍ଥା ନିୟମିତ ହେଉ

ମହାଶୟ,

ଓଜନ ମାପରେ ଠକେଇ ହେଉ କିମ୍ବା ପେଟ୍ରୋଲ ପମ୍ପରେ ଠକେଇକୁ ନେଇ ଗଣ୍ଡଗୋଳ ଉପୁଜିଲେ କିଛିଦିନ ହୋହଲ୍ଲା ଚାଲେ। ତତ୍ପର ହୋଇଉଠନ୍ତି ବିଭାଗୀୟ କର୍ତ୍ତୃପକ୍ଷ। ଚାରିଆଡ଼େ ଖୁବ୍ ଜୋରସୋରରେ ତନଖି ମଧ୍ୟ କରାଯାଇଥାଏ। ମାତ୍ର ଏହା ସୀମିତ ସମୟ ପାଇଁ। ତା'ପରେ ଅସାଧୁ ବ୍ୟବସାୟୀମାନେ ପୂର୍ବପରି ସେମାନଙ୍କ ବ୍ୟବସାୟ ଚଳାଇଥାନ୍ତି। ତେଣୁ ବିଭାଗୀୟ ଅଧିକାରୀମାନେ ପ୍ରତି ୭ ବା ୧୫ ଦିନ ବ୍ୟବଧାନରେ ତନଖି କରି ଅସାଧୁ ବ୍ୟବସାୟୀମାନଙ୍କୁ ଦଣ୍ଡବିଧାନ କରିବା ଉଚିତ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ମଣିଷ ବନାମ ମଣିମା

ରାଜତନ୍ତ୍ରର ବିଲୋପ ଘଟି ବର୍ତ୍ତମାନ ଚାଲିଛି ଗଣତନ୍ତ୍ର ଶାସନ। ଜନତନ୍ତ୍ରର ଜୟଧ୍ୱନି ମଧ୍ୟରେ ରାଜତନ୍ତ୍ରର ସେହି ମଣିମା ଶବ୍ଦଟି ହଜିଗଲାଣି ବହୁଦିନରୁ। ମଣିମା ଓ ମଣିଷ ଭିତରେ ପାର୍ଥକ୍ୟ ଏବେ ସଙ୍କୁଚିତ ବୋଲି ଆମେ ଗଣତନ୍ତ୍ରର ମଣିଷମାନେ ଡିଣ୍ଡିମ ପିଟୁଛେ। କିନ୍ତୁ ପ୍ରକୃତ ସତ୍ୟ ହେଲା ଗଣତନ୍ତ୍ରର ଗରିମାରେ ଗୌରବାନ୍ୱିତ ସାଧାରଣ ମଣିଷଟିର ମୋହ ଭଙ୍ଗ ଘଟିସାରିଲାଣି, ଯେଉଁ ଦିନରୁ ସେ କାଳର ରାଜା ଓ ଏ କାଳର ରାଜାଙ୍କ ମଧ୍ୟରେ କିଛି ଫରକ ନାହିଁ ବୋଲି ଜାଣିଲାଣି। ଏ କାଳର ରାଜା ହେଉଛନ୍ତି ମନ୍ତ୍ରୀ। ମନ୍ତ୍ରୀବର ମୁକୁଟ ପିନ୍ଧିବା ଆଗରୁ ନିର୍ବାଚନ ସମୟରେ ଭୋଟଦାତାଙ୍କ ଘରେ ପଖାଳ ଶାଗ ଖାଇବା ଓ ସେହି ପରିବାରର ଲଙ୍ଗଳା ପିଲାଙ୍କୁ କୋଳକୁ ନେଇ ଗେଲ କରିବା ଆଦି ଘଟଣାମାନ ଘଟିବାର ୩/୪ ମାସ ପରେ ତାଙ୍କ ଆଚରଣରେ ମଣିମାତ୍ୱ ଫୁଟି ଉଠୁଛି। ଭୋଟଦାତାଙ୍କୁ ନ ଚିହ୍ନିବାର ଅଭିନୟ ତାଙ୍କୁ ଭେଟୁଥିବା ମଣିଷମାନଙ୍କୁ ଅତି କଷ୍ଟ ଦେଉଛି। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କର 'ମଣିମା ଓ ମଣିଷ' ଆଲେଖ୍ୟଟି ଖୁବ୍ ଉଚ୍ଚକୋଟୀର ଓ ସତ୍ୟ ଉପରେ ଆଧାରିତ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହଲଚଲ ହେଉଛି ଶବ

**କାନ୍‌ବେରା:** ମୃତ୍ୟୁ ପରେ ମଣିଷ ଶରୀର ପାଖାପାଖି ବର୍ଷେ ଯାଏ ହଲଚଲ ହୁଏ ଅର୍ଥାତ ତା' ମୂଳ ଅବସ୍ଥାରେ କିଛି ଏପାଖ ସେପାଖ ହୁଏ ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ଲାଗୁଛି, କିନ୍ତୁ ଏହା ସତ। ଅଷ୍ଟ୍ରେଲିଆର ବୈଜ୍ଞାନିକ ଏଲିଶନ ୱିଲ୍‌ସନ ଗବେଷଣା କରି ଏହା ଜାଣି ପାରିଛନ୍ତି। ସେ ୧୭ ମାସ ଯାଏ ଶବ ଉପରେ ନଜର ରଖି ଏବଂ ତା'ର ପ୍ରତ୍ୟେକ ମୁଭମେଣ୍ଟର ଫଟୋ ସଂଗ୍ରହ କରୁଥିଲେ। ଏଲିଶନ କହନ୍ତି, ମୃତ୍ୟୁ ପରେ ବି ମଣିଷ ଶରୀରର କିଛି ମୁଭ୍‌ମେଣ୍ଟ ହୋଇଥାଏ। ଏହି କାରଣରୁ ଅନେକ ସମୟରେ ଶବ ବଞ୍ଚିଥିବା ଭଳି ମନେହୁଏ। ଏଲିଶନଙ୍କ ଅନୁସାରେ ଗବେଷଣା ଆରମ୍ଭରୁ ଶବ ହାତ ଓ ଶରୀରକୁ ଚାପି ରଖାଯାଇଥିଲା। ସମୟ କ୍ରମେ ହାତ ଧୀରେ ଧୀରେ ବାହାରକୁ ଖସିଯାଇଥିଲା। ଏହା ଡିକମ୍ପୋଜିଶନ ବା ବିଘଟନ କାରଣରୁ ହେଉଛି ବୋଲି ସେ କହିଛନ୍ତି। ସମୟକ୍ରମେ ଯେତିକି ଯେତିକି ଶରୀର ଶୁଖିବାରେ ଲାଗେ ଶବର ଗତି ସେତିକି ବଢ଼ିଯାଏ। ଏଲିସନ କୁହନ୍ତି, ଏହି ଗବେଷଣା ହତ୍ୟାର କାରଣ ଜାଣିବାରେ ସାହାଯ୍ୟ କରିବ।



ଶବ ଉପରେ ଗବେଷଣା କରିବା ପାଇଁ ଏଲିଶନ ପ୍ରତି ମାସରେ ତିନି ଘଣ୍ଟା ପାଇଁ ବିମାନରେ କେମ୍ବରୁ ସିଡ୍‌ନୀ ଯାଉଥିଲେ। ଶବର ଗତିକୁ ଅନୁଧ୍ୟାନ କରିବା ଲାଗି ଟାଇମ ଲ୍ୟାପ୍ସ କ୍ୟାମେରା ଖଞ୍ଜାଯାଇଥିଲା। ଏହା ପ୍ରତି ୩୦ ମିନିଟରେ ଶବର ଫଟୋ ନେଉଥିଲା। ମୃତ୍ୟୁ ପରେ ଶରୀରର କ'ଣ ହୁଏ ତାହା ଜାଣିବାରେ ଏଲିଶନଙ୍କର ପିଲାଦିନରୁ ଇଚ୍ଛା ରହିଥିଲା, ଯାହା ସେ ଏବେ ଜାରି ରଖିଛନ୍ତି। ଫରେନ୍‌ସିକ ସାଇନ୍ସ ଇଣ୍ଟରନ୍ୟାଶନାଲ ସିନର୍ଜି ମୁତାବକ, ଏହି ଗବେଷଣା ମୃତ୍ୟୁ ପରେ ଶରୀରର କ'ଣ ପରିବର୍ତ୍ତନ ହୁଏ ତାହା ଅଧିକ ଜାଣିବାରେ ସହାୟକ ହେବ। ଗବେଷଣାରେ ଏକ ପ୍ରକାର ସଫଳତା ପାଇଥିବାରୁ ଏଲିଶନ ଖୁସି ହୋଇଛନ୍ତି ଓ ଶବରେ କିଛି ଗତି ଲକ୍ଷ୍ୟ କରିବା ଘଟଣାକୁ ସାମ୍‌ନାକୁ ଆଣିଛନ୍ତି ଯାହା ଏଯାବତ କେହି ବି ବୁଝିପାରି ନାହାନ୍ତି। ଆଉ ଅଧିକ ତଥ୍ୟ ହାସଲ କରିବା ପାଇଁ ଏଲିଶନ ଚେଷ୍ଟା ଜାରି ରଖିଛନ୍ତି।

# କିସିଂ ସିନ୍ ଅଭ୍ୟାସ କରିବାକୁ କହିଥିଲେ ନିର୍ଦ୍ଦେଶକ

**ଜରିନ୍‌ଙ୍କ କାଷ୍ଟିଂ କାଉଚ୍ ଅନୁଭୂତି**



**ମୁମ୍ବାଇ:** ଗତ କିଛିବର୍ଷ ମଧ୍ୟରେ ରାଧିକା ଆପ୍ଟେ, କଲ୍‌କୀ କୋଚଲିନ୍ ଓ ବିଦ୍ୟା ବାଲାନଙ୍କ ଭଳି ବଲିଉଡ୍ ଅଭିନେତ୍ରୀ ନିଜର କାଷ୍ଟିଂ କାଉଚ୍ ଅନୁଭବ ସମ୍ପର୍କରେ ପ୍ରକାଶ କରିଥିବା ବେଳେ ଏବେ ଏହି ତାଲିକାରେ ଆଉ ଏକ ନାଁ ଯୋଡି ହୋଇଛି। ହେଟ୍‌ଷ୍ଟୋରି-୨ ଷ୍ଟାର ଜରିନ୍ ଖାନ୍ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ବଲିଉଡ୍ ଜଗତରେ ନୂଆ ନୂଆ ପାଦ ଥାପିଥିବା ବେଳେ ଦୁଇ ଥର କାଷ୍ଟିଂ କାଉଚ୍‌ର ଶିକାର ହୋଇଥିଲେ। ଏକ କିସିଂ ସିନ୍‌କୁ ଅଭ୍ୟାସ କରିବାକୁ ଫିଲ୍ମ ନିର୍ଦ୍ଦେଶକ ତାଙ୍କୁ କହିଥିଲେ। କିନ୍ତୁ ଜରିନ୍ ଏହି ସିନ୍ ଅଭ୍ୟାସ କରିବାକୁ ମନା କରିଦେଇଥିଲେ। ସେହିଭଳି ଇଣ୍ଡଷ୍ଟ୍ରିର ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ବନ୍ଧୁତ୍ୱରୁ ଅଧିକ ପ୍ରିୟ ହେବା ଲାଗି ପ୍ରସ୍ତାବ ଦେଇଥିଲେ। ଯଦି ସେ ଏପରି କରନ୍ତି ତେବେ ତାଙ୍କୁ ଆଗାମୀ ଫିଲ୍ମ କିପରି ମିଳିବ ସେନେଇ ସେ ଧ୍ୟାନ ଦେବେ ବୋଲି ଅଫର୍ ମଧ୍ୟ ଦେଇଥିଲେ। ହେଲେ ଏହି ଅଫର୍‌କୁ ଜରିନ୍ ମନା କରିଦେଇଥିଲେ। ଏଥିସହ ସେ କହିଛନ୍ତି, ଇଣ୍ଡଷ୍ଟ୍ରିକୁ ସେ ନୂଆ ଆସିଥିବା ବେଳେ ଲୁକ୍‌ସ ଓ ଓଜନକୁ ନେଇ ତାଙ୍କୁ ବହୁତ କମେଣ୍ଟ ଶୁଣିବାକୁ ମିଳିଛି। ଜରିନ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ଏକ କଲ୍ ସେଣ୍ଟରରେ କାମ କରୁଥିଲେ। ଏୟାରହୋଷ୍ଟେସ୍ ହେବାକୁ ଇଚ୍ଛା ଥିବା ବେଳେ ଅଧିକ ଓଜନ ଯୋଗୁ ତାଙ୍କୁ ସେଥିରେ ଯିବାକୁ ସୁଯୋଗ ମିଳି ନ ଥିଲା ବୋଲି ଜରିନ୍ କହିଛନ୍ତି।

ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ ଲୋକପ୍ରିୟ ଅଭିନେତ୍ରୀ ବିଦ୍ୟା ବାଲାନ ମଧ୍ୟ ଜଣେ ନିର୍ଦ୍ଦେଶକଙ୍କ ବିରୋଧରେ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିଥିଲେ। ସେ ଚେନ୍ନାଇରେ ଥିବା ବେଳେ ନିର୍ଦ୍ଦେଶକ ଜଣକ ତାଙ୍କୁ ଦେଖା କରିବାକୁ କହିଥିଲେ। ହେଲେ ଏକ କଫି ଶପ୍‌ରେ ଦେଖାହେବାକୁ କହିବାରୁ ସେ ତାଙ୍କୁ ହୋଟେଲ ରୁମ୍‌ରେ ଦେଖା ହୋଇ କଥା ହେବାକୁ ବାଧ୍ୟ କରିଥିଲେ ବୋଲି ବିଦ୍ୟା ପ୍ରକାଶ କରିଥିଲେ।

# ଆକ୍ରମଣ କଲେଣି ପାକିସ୍ତାନୀ ଝିଣ୍ଟିକା

**ଜୟପୁର:** ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବା ପରେ ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତୁହାକୁ ତୁହା ବର୍ଷୁଛନ୍ତି ଓ ପରମାଣୁ ଯୁଦ୍ଧର ଧମକ ବି ଦେଉଛନ୍ତି। ସେ ଯାହା ହେବା କଥା ହେବ, କିନ୍ତୁ ଯୁଦ୍ଧ ପୂର୍ବରୁ ପାକିସ୍ତାନୀ ଝିଣ୍ଟିକା ଭାରତ ବିରୋଧରେ ଯୁଦ୍ଧ ଘୋଷଣା କଲାଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜସ୍ଥାନର ଜୈସଲମେର, ବାଡମେର, ଶ୍ରୀଗଙ୍ଗାନଗର ଓ ବିକାନେର ଜିଲାକୁ ଝିଣ୍ଟିକା ଦଳ ପାକିସ୍ତାନରୁ ମାଡି ଆସୁଛନ୍ତି। ଫସଲ ଉପରେ ଆରମ୍ଭ କରିଦେଇଛନ୍ତି ଆକ୍ରମଣ। ରାଜସ୍ଥାନର ଏହି ୪ ଜିଲାର ୩୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ଅକ୍ତିଆର କରି ବ୍ୟାପକ କ୍ଷତି ବି କରିଚାଲିଛନ୍ତି। ଫସଲ ନଷ୍ଟ ହେବା ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏମିତି ଅବସ୍ଥାରେ ରାଜ୍ୟ ସରକାର କ୍ଲୋରଫାଇରିଫସ୍ କେମିକାଲ କିଣିବା ଲାଗି କୃଷକଙ୍କୁ ୫୦ ପ୍ରତିଶତ ଅନୁଦାନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନୁଦାନ ରାଶି ସିଧା କୃଷକଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଝିଣ୍ଟିକା ଦଳ ଜୈସଲମେର ଓ ବାଡମେରରେ ସବୁଠୁ ବେଶି ଫସଲ ନଷ୍ଟ କରିଛନ୍ତି। ୪ଟି ଜିଲାରେ ଝିଣ୍ଟିକା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଦିନରାତି ସେଠାରେ ସରକାରୀ କର୍ମଚାରୀ ରହୁଛନ୍ତି। କିଛି ବାଟ ନ ପାଇ କୃଷକମାନେ ବାସନ ଓ ଲହା ପାଇପ୍ ବାଡେଇ ଝିଣ୍ଟିକା ତଡୁଛନ୍ତି। ଏମିତି ହେଉଛି ଯେ, କୃଷକ ପରିବାର ଲୋକେ ଜମି ପାଖରେ ବାସନ ଓ ଲୁହା ପାଇପ୍ ଧରି ବସୁଛନ୍ତି। ଦିନ ରାତି ଏହାକୁ ବଜାଉଛନ୍ତି, ହେଲେ ପାକିସ୍ତାନୀ ଝିଣ୍ଟିକା ସହଜରେ ଯାଉନାହାନ୍ତି।



# ବ୍ରାହ୍ମଣଙ୍କ ମୃତଦେହ ସଂସ୍କାର କଲେ ୩ ମୁସଲମାନ ଭାଇ



**ଅହମ୍ମଦାବାଦ:** ଗୁଜରାଟରେ ସାମ୍ପ୍ରଦାୟିକ ହିଂସାକୁ ନେଇ କଳା ଇତିହାସ ଥିବାବେଳେ ଏହି ରାଜ୍ୟର ଅମରେଲି ଜିଲା ସବରକୁଣ୍ଡଲା ସହରରେ ଦେଖିବାକୁ ମିଳିଛି ଭିନ୍ନ ଘଟଣା। ଏଠାରେ ମୁସଲମାନ ପରିବାରରେ ୩ ଭାଇ ତାଙ୍କ ବାପାଙ୍କର ଜଣେ ବ୍ରାହ୍ମଣ ବନ୍ଧୁଙ୍କ ମୃତଦେହକୁ ହିନ୍ଦୁ ରୀତିନୀତି ଅନୁଯାୟୀ ସଂସ୍କାର କରିଛନ୍ତି। ସୂଚନାଯୋଗ୍ୟ, ମୃତକ ହେଲେ ଭାନୁଶଙ୍କର ପାଣ୍ଡ୍ୟା। ତାଙ୍କର ପରିବାର ବୋଲି କେହି ନ ଥିଲେ। ସେ ଦୀର୍ଘଦିନ ହେବ ମୁସଲମାନ ପରିବାରରେ ରହି ଆସୁଥିଲେ। ଆଉ ତାଙ୍କ ମୃତ୍ୟୁ ପରେ ଅବୁ, ନଜିର ଓ ଜୁବେର ନାମକ ୩ ଭାଇ ତାଙ୍କର ମୃତଦେହକୁ ସଂସ୍କାର କରିଛନ୍ତି। ବାପାଙ୍କ ବନ୍ଧୁ ହୋଇଥିବାରୁ ଏହି ୩ ଭାଇ ତାଙ୍କୁ ଦାଦା ବୋଲି ସମ୍ବୋଧନ କରୁଥିଲେ।

# ଏଠି ସମସ୍ତଙ୍କର ଗୋଟିଏ କିଡ୍‌ନୀ

**କାଠମାଣ୍ଡୁ:** ଗାଁର ପ୍ରାୟ ସବୁ ଲୋକ ଗୋଟିଏ କିଡ୍‌ନୀରେ ବଞ୍ଚୁଛନ୍ତି। ଏହି ଗାଁଟି ପଡୋଶୀ ଦେଶ ନେପାଳରେ ରହିଛି। ଗାଁର ନାଁ ହୋକ୍ସେ। କୌଣସି ରୋଗ ପାଇଁ ନୁହେଁ ବରଂ ଆର୍ଥିକ ଅନଟନରୁ ଗାଁ ଲୋକମାନେ କିଡ୍‌ନୀ ବିକ୍ରି କରୁଛନ୍ତି। ନେପାଳରେ ଆସୁଥିବା ଭୂକମ୍ପ ଯୋଗୁ ଏମାନେ ଜୀବିକା ହରାଇବା ସହ ବାସଶୂନ୍ୟ ହୋଇଯାଆନ୍ତି। ତା'ପରେ ଅଣ୍ଟା ସଳଖି ଠିଆ ହେବା ଏମାନଙ୍କ ପାଇଁ କାଠିକର ପାଠ। ତେଣୁ ଏମାନେ କିଡ୍‌ନୀ ବିକ୍ରି କରି ଯାହାପାଆନ୍ତି ସେଥିରେ ପୁଣି ଥରେ ଘର ତିଆରି କରନ୍ତି ଓ ନିଜର ଗୁଜୁରାଣ ମେଣ୍ଟାନ୍ତି। ଏଠାରେ ଦିନକୁ ଦିନ କିଡ୍‌ନୀ ବିକ୍ରି ଘଟଣା ବଢ଼ିଯିବା ଫଳରେ ପଡୋଶୀ ଦେଶରୁ ଦଲାଲମାନେ ଯାଇ ସେମାନଙ୍କୁ ପ୍ରଲୋଭନ ଦେଖାଇ କିଡ୍‌ନୀ ସଂଗ୍ରହ କରୁଛନ୍ତି।



# ସ୍ମୃତିର ଅବଧି ୨ ଘଣ୍ଟା



ରିଲେ ହାର୍ନର

**ଶିକାଗୋ:** ମିଷ୍ଟର ପରଫେକ୍ସନିଷ୍ଟ ଆମୀର ଖାନ୍‌ଙ୍କ ଅଭିନୀତ ବ୍ଲକବଷ୍ଟର ଫିଲ୍ମ 'ଗଜନୀ'। ଖଳନାୟକ ଗଜନୀଙ୍କ ମରଣାନ୍ତକ ଆକ୍ରମଣରେ ଚଳଚ୍ଚିତ୍ରର ନାୟକ ସଞ୍ଜୟ ସିଙ୍ଘାଣିଆ ଓରଫ୍ ଆମୀର ଶିକାର ହୁଅନ୍ତି ଜଟିଳ 'ଆଣ୍ଟ୍ରୋଗ୍ରେଡ୍ ଆମ୍ନେସିଆ'ରେ। ନାୟକଙ୍କ ନିକଟରେ ଦେଖିବାକୁ ମିଳେ ଏକ ଅଜବ ବ୍ୟତିକ୍ରମ। ତାଙ୍କ ସ୍ମୃତିଶକ୍ତିର ଅବଧି ମାତ୍ର ୫ ମିନିଟ ହୋଇଯାଏ, ଯାହାକୁ ଇଂଲିଶରେ କୁହାଯାଏ 'ଶର୍ଟ ଟର୍ମ ମେମୋରି ଲସ୍'। ଏହା ପରର ଘଟଣା ହିଁ ଫିଲ୍ମଟିକୁ ଦେଶ ବିଦେଶରେ ଦେଇଥିଲା ଅଜସ୍ର ସଫଳତା। ଏପରିନିଆରା ଚଳଚ୍ଚିତ୍ରକୁ ବେଶ୍ ପସନ୍ଦ କରିଥିଲେ ଦର୍ଶକ।

ଏପରି ଏକ ଘଟଣାର ପୁନରାବୃତ୍ତି ହୋଇଛି ଆମେରିକାରେ। ମୁଣ୍ଡରେ ଆଘାତ ଲାଗିବା ଯୋଗୁ ବଦଳି ଯାଇଛି ୧୬ ବର୍ଷୀୟା କିଶୋରୀ ରିଲେ ହାର୍ନରଙ୍କ ଜୀବନ। ୨୦୧୯ ଜୁନ୍ ୨୧। ଫ୍ୟୁଚର ଫାର୍ମସ ଅଫ୍ ଆମେରିକା (ଏଫ୍‌ଏଫ୍‌ଏ) କନ୍‌ଭେନଶନରେ ଚାଲିଥିଲା ଡ୍ୟାନ୍ସ ପ୍ରୋଗ୍ରାମ। ଏହି ସମୟରେ ଘଟିଗଲା ଦୁର୍ଘଟଣା। ଅସାବଧାନତାରୁ ରିଲେଙ୍କ ମୁଣ୍ଡରେ ଲାଗିଲା ଗଭୀର ଆଘାତ। ଏହାପରେ ତାଙ୍କ ଜୀବନ ଆଉ ସ୍ୱାଭାବିକ ହୋଇ ରହିନାହିଁ। ପ୍ରତି ୨ ଘଣ୍ଟାରେ ତାଙ୍କ ସହ ଘଟିଥିବା ସମସ୍ତ ଘଟଣାକୁ ସେ ଭୁଲିଯାଉଛନ୍ତି। କାହା ସହିତ ମିଶିଛନ୍ତି, କ'ଣ କଥା ହୋଇଛନ୍ତି, କ'ଣ ଖାଇଛନ୍ତି, କ'ଣ ପିଇଛନ୍ତି ଏପରି ଛୋଟମୋଟ ଘଟଣା ବି ତାଙ୍କର ମନେରହୁନି। କହିବାକୁ ଗଲେ ତାଙ୍କ ଜୀବନ ମାତ୍ର ୨ ଘଣ୍ଟା ମଧ୍ୟରେ ସୀମିତ ହୋଇ ରହିଯାଇଛି। ଆଘାତପ୍ରାପ୍ତ ହେବାପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସା ମଧ୍ୟ କରାଗଲା। ହେଲେ ତାଙ୍କ ନିକଟରେ ଡାକ୍ତର ଖୋଜିପାଇଲେନି କୌଣସି ରୋଗର ଲକ୍ଷଣ। ଯେଉଁଠି ରୋଗ ହିଁ ଜଣାପଡୁନାହିଁ, ସେଠି ଚିକିତ୍ସା କିପରି କରାଯିବ ସେ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ବିଶେଷଜ୍ଞ। ନିଜର ଅନୁଭୂତି ବଖାଣି ରିଲେ କୁହନ୍ତି, କୌଣସି କଥା ତାଙ୍କର ମନେରହୁନି। ଏହା ତାଙ୍କ ଭିତରେ ଭୟ ସୃଷ୍ଟି କରୁଛି। ଏଥିପାଇଁ ତାଙ୍କ ମା' ବେଶ୍ ପରିଶ୍ରମ କରୁଛନ୍ତି। ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ତାଙ୍କ ପ୍ରକୋଷ୍ଠରେ କ୍ୟାଲେଣ୍ଡର ରୁଟିନ୍ ଟଙ୍ଗାଯାଇଛି। କ୍ୟାଲେଣ୍ଡରରେ କୌଣସି ଏକ ପର୍ବପର୍ବାଣି ବିଷୟରେ ଲେଖା ହୋଇଥିବା ଦେଖିଲେ ମନ ଆପଣାଛାଏ ଖୁସି ହୋଇଯାଏ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ସବୁ କିଛି ପୁଣି ବଦଳିଯାଏ। ମୁଣ୍ଡରେ ଆଘାତ ଲାଗିବା ପରେ ଜୀବନ ଅଟକି ଯାଇଛି। ଯଦି କିଛି ମନେ ଅଛି ତାହା ହେଲା ଜୁନ୍ ୨୧।

ରିଲେଙ୍କ ମା' ସାରା କୁହନ୍ତି, ଡାକ୍ତର କହୁଛନ୍ତି ସମୟକ୍ରମେ ଝିଅ ସ୍ୱାଭାବିକ ଜୀବନ ଫେରିପାଇବ। ହେଲେ ଏଯାଏ ସେମିତି କିଛି ଘଟୁନାହିଁ। ବେଳେବେଳେ ଲାଗୁଛି, ରିଲେଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଆଉ କେବେ ସୁଧାର ଆସିବନି। ଝିଅର ଇଚ୍ଛା ଥିଲା ମେଡିକାଲରେ କ୍ୟାରିୟର କରିବା। ହେଲେ ଏବେ ତା'ର ଏମିତି ଅବସ୍ଥାରେ ଭଲ ଚାକିରି ଖଣ୍ଡେ ମିଳିବା ବି ମୁସ୍କିଲ। ରିଲେଙ୍କ ପରି ଆମେରିକାର କେଟାଲିନ୍ ଲିଟର ମଧ୍ୟ ସମାନ ଧରଣର ଜଟିଳ ବ୍ୟାଧିର ଶିକାର। ୨୦୧୭ରେ କେଟାଲିନ୍‌ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହା ପରେ ତାଙ୍କ ନିକଟରେ ମଧ୍ୟ ସ୍ମୃତିଶକ୍ତି ହରାଇବା ଲକ୍ଷଣ ଦେଖିବାକୁ ମିଳିଛି। ରିଲେଙ୍କ କ୍ଷେତ୍ରରେ ଯାହା ୨ ଘଣ୍ଟାରେ ଘଟୁଛି, ସମାନ ଘଟଣା ୧୨ ଘଣ୍ଟାରେ ଭୋଗୁଛନ୍ତି କେଟାଲିନ୍।

# ଆପ୍ କହିବ କ'ଣ ଚିନ୍ତା କରୁଛନ୍ତି ମହିଳା

ଟୋକିଓ: ଜାପାନର ଏକ କମ୍ପାନୀ ମହିଳାଙ୍କ ଚିନ୍ତାଧାରା ବୁଝିବା ପାଇଁ ତିଆରି କରିଛି ଏକ ଆପ୍। ଦାମ୍ପତ୍ୟ ଜୀବନରେ ମହିଳାଙ୍କ ଆଚାର ବ୍ୟବହାର ବୁଝିବା ଲାଗି ଏହି ଆପ୍ ତିଆରି ହୋଇଥିବା କୁହାଯାଉଛି। ଏହା ଦ୍ୱାରା ସ୍ୱାମୀମାନେ ବେଶ୍ ଉପକୃତ ହୋଇପାରିବେ ବୋଲି କମ୍ପାନୀ କହିଛି। ଦାମ୍ପତ୍ୟ ଜୀବନରେ ମହିଳାମାନେ ଅଧିକାଂଶ ସମୟରେ ଗୋଟିଏ କଥାର ଅନ୍ୟ ଅର୍ଥ ବାହାର କରିଥାନ୍ତି। ଫଳରେ ଅଯଥା କଳହ ସୃଷ୍ଟି ହୋଇଥାଏ। ତେବେ ଏହି ଆପ୍ ମହିଳାଙ୍କ ମନୋଭାବ ଆଧାରରେ ସ୍ୱାମୀଙ୍କୁ କଥା କହିବା ଲାଗି ପରାମର୍ଶ ଦେବ। ଆପ୍‌କୁ କେତେକ ମହିଳା ସଂଗଠନ ବିରୋଧ କରୁଥିବାରୁ ଏଥିରେ କିଛି ପରିବର୍ତ୍ତନ କରାଯିବା ପାଇଁ କମ୍ପାନୀ ପକ୍ଷରୁ କୁହାଯାଇଛି। ତେବେ ଏହି ଆପ୍ କେବେ ବଜାରକୁ ଆସିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା କମ୍ପାନୀ ପକ୍ଷରୁ ଦିଆଯାଇ ନାହିଁ।



## ଇତିହାସର ଆଇନାରେ

### ସେପ୍ଟେମ୍ବର ୧୭ର ପ୍ରମୁଖ ଘଟଣା

୧୯୫୦ ସେପ୍ଟେମ୍ବର ୧୭ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ୍ମଗ୍ରହଣ କରିଥିଲେ। ୨୦୦୧ରୁ ୨୦୧୪ ମଧ୍ୟରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରେ ଦେଶର ୧୪ତମ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ପ୍ରଚଣ୍ଡ ହିନ୍ଦୁବାଦୀ ନେତାଭାବେ ଭାଜପାର ଏହି ବାରାଣସୀ ସାଂସଦ ଲଗାତର ଦୁଇଥର ପ୍ରଧାନମନ୍ତ୍ରୀ ହେବା ଲାଗି ପୂର୍ଣ୍ଣ ବହୁମତ ହାସଲ କରିବାରେ ସଫଳ ହୋଇଥିଲେ।

୨୦୧୬ ସେପ୍ଟେମ୍ବର ୧୭ରେ ନ୍ୟୁୟର୍କ ମେଟ୍ରୋପଲିଟାନ୍ ଅଞ୍ଚଳରେ ସିରିଜ୍ ବୋମା ବିସ୍ଫୋରଣ ହେବା ଫଳରେ ୩୧ ଜଣ ଆହତ ହୋଇଥିଲେ। ନ୍ୟୁଜର୍ସିର ସିସାଇଡ୍ ପାର୍କ ନିକଟରେ ପାଇପ୍ ବୋମା ବିସ୍ଫୋରଣ, ଚେଲ୍‌ସିଆରେ ପ୍ରେସର୍ କୁକର ବୋମା ବିସ୍ଫୋରଣ କରାଯାଇଥିବାବେଳେ ନ୍ୟୁଜର୍ସିରେ ଅନେକ ବୋମା ଠାବ କରାଯାଇଥିଲା। ଏହାକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ବର୍ଷା ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। **ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। କେତେକ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୪.୬ |
| ଚାନ୍ଦବାଲି | ୩୫.୦ | ୨୬.୮ |
| କଟକ | ୩୪.୮ | ୨୪.୪ |
| ପାରାଦ୍ୱୀପ | ୩୨.୦ | ୨୮.୦ |
| ଭୁବନେଶ୍ୱର | ୩୪.୯ | ୨୬.୫ |
| ଗୋପାଳପୁର | ୩୨.୮ | ୨୬.୯ |
| ପୁରୀ | ୩୩.୬ | ୨୭.୦ |
| ଅନୁଗୋଳ | ୩୬.୧ | ୨୨.୦ |
| ବାରିପଦା | ୩୩.୫ | ୨୫.୬ |
| ଝାରସୁଗୁଡ଼ା | ୩୩.୦ | ୨୬.୦ |
| କେନ୍ଦୁଝର | ୩୧.୮ | ୨୪.୦ |
| ସମ୍ବଲପୁର | ୩୫.୬ | ୨୫.୭ |
| ସୁନ୍ଦରଗଡ଼ | ୩୧.୦ | ୨୩.୦ |
| ହୀରାକୁଦ | ୩୩.୪ | ୨୬.୭ |
| ତାଳଚେର | ୩୩.୬ | ୨୫.୧ |
| ଭବାନୀପାଟଣା | ୩୩.୫ | ୨୫.୩ |
| ବଲାଙ୍ଗୀର | ୩୩.୩ | ୨୫.୫ |
| କୋରାପୁଟ | ୨୯.୬ | ୨୧.୦ |
| ଫୁଲବାଣୀ | ୩୨.୦ | -- |
| ଟିଟିଲାଗଡ଼ | ୩୩.୦ | ୨୧.୫ |
| ମାଲକାନଗିରି | ୩୦.୦ | -- |
| ସୋନପୁର | ୩୫.୮ | ୨୨.୦ |
| ଦାରିଙ୍ଗିବାଡ଼ି | ୩୦.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

# ଲମ୍ବା କୁର୍ତ୍ତି ପିନ୍ଧିବାକୁ ରାଜି ନୁହନ୍ତି କଲେଜ ଛାତ୍ରୀ

**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶ ରାଜଧାନୀ ହାଇଦ୍ରାବାଦର ଏକ କଲେଜରେ ପ୍ରଶାସନ ପକ୍ଷରୁ ଆଣ୍ଠୁ ତଳକୁ କୁର୍ତ୍ତି ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସର୍ଟ କୁର୍ତ୍ତି, ସ୍ଲିବଲେସ୍ ଆଦି ପିନ୍ଧିବାକୁ କଲେଜ ପ୍ରଶାସନ ବାରଣ କରିଥିଲା। ହେଲେ ଏହାକୁ ବିରୋଧ କରି ସୋମବାର ଛାତ୍ରୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ସୂଚନା ମୁତାବକ କଲେଜରେ ଛାତ୍ରୀମାନଙ୍କ କୁର୍ତ୍ତିର ଲମ୍ବା ମାପିବାକୁ ଜଣେ ମହିଳା ସୁକ୍ୟୁରିଟି ଗାର୍ଡଙ୍କୁ ନିଯୁକ୍ତ କରାଯାଇଛି। ସେ ଛାତ୍ରୀମାନଙ୍କର ଆଇକାର୍ଡ ସହ କୁର୍ତ୍ତିର ଲମ୍ବା କେତେ ତାହା ମାପୁଛନ୍ତି। କଲେଜ ପ୍ରଶାସନ ପକ୍ଷରୁ ଏହା ଗତ ଅଗଷ୍ଟ ପହିଲାରୁ ଲାଗୁ କରାଯାଇଛି। ଏମିତିକି ସିକ୍ୟୁରିଟି ଗାର୍ଡ ପିଲାଙ୍କର କୁର୍ତ୍ତିର ଲମ୍ବ ମାପ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ମଧ୍ୟ ହେଉଛି। ଆଉ ଯେଉଁମାନେ ଛୋଟ କୁର୍ତ୍ତି ପିନ୍ଧିଛନ୍ତି ସେମାନଙ୍କୁ ବାହାରେ ଠିଆ କରି ଦିଆଯାଉଛି। ଛାତ୍ରୀମାନଙ୍କର କହିବା କଥା ହେଲା ଏବେ ସବୁଠି ମହିଳା ସଶକ୍ତିକରଣ କଥା କୁହାଯାଉଥିବା ବେଳେ ଏମିତି ନିୟମ କେତେଦୂର ଯୁକ୍ତିଯୁକ୍ତ, ତାହା ବିଚାରଯୋଗ୍ୟ।





ବିହାରର ମୁଜାଫରପୁର ସେଲ୍‌ଟର ହୋମରେ ବଳାତ୍କାରର ଶିକାର ହୋଇ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପରିବାର ସହ ଏକାଠି ହୋଇଥିବା ଯୁବତୀଙ୍କୁ ଚଳନ୍ତା କାର୍‌ରେ ପୁଣି ଗଣବଳାତ୍କାର କରାଯାଇଛି। ପଶ୍ଚିମ ଚମ୍ପାରନ୍ ଜିଲାର ବେଟିଆ-ପଖ୍‌ନାହା ରାସ୍ତାରେ ୪ ଯୁବକ ତାଙ୍କୁ ବଳପୂର୍ବକ ଉଠାଇ ନେଇ ବଳାତ୍କାର କରିଥିବା ଜଣାପଡ଼ିଛି। ଯୁବତୀଙ୍କୁ ଡାକ୍ତରୀ ମାଇନା କରାଯାଇଥିବାବେଳେ ଅପରାଧୀଙ୍କୁ ଧରିବା ଲାଗି ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି।



## ସଂକ୍ଷେପରେ

### ସଶକ୍ତୀକରଣ ରାସ୍ତା ଦେଖାଇଲା 'ଜଜ୍‌ବା'

**ବ୍ରହ୍ମପୁର ଅଫିସ୍,୧୬।୯:** ଦୃଢ଼ମନା ଯୁବପିଢ଼ିଙ୍କ ବିନା କୌଣସି ଦେଶ ସଶକ୍ତ ହୋଇପାରିବ ନାହିଁ। ଏଣୁ ଅଧିକରୁ ଅଧିକ ଯୁବତୀ ଯୁବକଙ୍କୁ ସଶକ୍ତୀକରଣ କରାଇବାର ଆବଶ୍ୟକତା ରହିଛି। ଯୁବପିଢ଼ି ଭବିଷ୍ୟତକୁ ନେଇ ସତର୍କ ଥିବାବେଳେ ସେମାନଙ୍କୁ ଦରକାର ଉପଯୁକ୍ତ ମାର୍ଗଦର୍ଶନ। ଯୁବପିଢ଼ିଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ସହ ସଶକ୍ତ କରାଇବା ଉଦ୍ଦେଶ୍ୟରେ ନିଷ୍ଟରେ ସୋମବାର 'ଜଜ୍‌ବା' ଆୟୋଜିତ ହୋଇଯାଇଛି। ନିଷ୍ଟ ସହଯୋଗରେ ତଥା ଇଣ୍ଡିଆନ୍ ଇନୋଭେସନ୍ ଆଣ୍ଡ ଏଣ୍ଟ୍ରୋପ୍ରିନିୟରଶିପ୍(ଆଇଆଇସିସି) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର, ଦିଲ୍ଲୀ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୩ଶହରୁ ଅଧିକ ଯୁବତୀ ଯୁବକ ଭାଗ ନେଇଥିଲେ। ଦେଶର ଯୁବପିଢ଼ି ବର୍ତ୍ତମାନ ବେକାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନେ ନିଯୁକ୍ତି ସୁଯୋଗ ଖୋଜୁ ଥିଲେ ମଧ୍ୟ ପାଉନାହାନ୍ତି। ସେଥି ପାଇଁ ଅନେକ ନିଜ ସହର ଛାଡ଼ି ଆଉ ଏକ ସହରରେ ଯାଇ ଚାକିରି କରୁଛନ୍ତି। ସେହିଭଳି ବୈଷୟିକ ଶିକ୍ଷା ଜରିଆରେ ଯୁବପିଢ଼ି କ୍ୟାରିୟର ଗଢ଼ିବାକୁ ଉଦ୍ୟମ କରୁଛନ୍ତି। ହେଲେ ବୈଷୟିକ ଶିକ୍ଷା ଏବଂ ସାଧନର ଅଭାବ ଯୋଗୁ ସେମାନେ ଉପଯୁକ୍ତ କ୍ୟାରିୟର୍ ଗଠନ କରିପାରୁନାହାନ୍ତି। ନିଜ ସ୍ୱପ୍ନ ପୂରଣ କରିପାରୁ ନାହାନ୍ତି। ଆଗକୁ ବଢ଼ିପାରୁ ନାହାନ୍ତି। ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ବୈଷୟିକ ଜ୍ଞାନ ଦ୍ୱାରା କିଭଳି କ୍ୟାରିୟର ଗଠନ କରାଯାଇପାରିବ, ସେ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା। ଏଥି ସହ ସେମାନଙ୍କ ମନରେ ଥିବା ବିଭିନ୍ନ ଦ୍ୱନ୍ଦ୍ୱକୁ ଦୂର କରାଯାଇଥିଲା। ଜଣାଶୁଣା ଟେକ୍ନୋକ୍ରାଟ୍ ଗୁରୁ ତଥା ଆଇଆଇଇସିର ଅଧକ୍ଷ ବିମଳ ଡାଗା, କେ.ପି. ଡାଗା, ନିଷ୍ଟର ଅନ୍ୱେଷା ରଥ, ଭଗବତୀ ପ୍ରସାଦ ପଟ୍ଟନାୟକ ଓ ସୋମ୍ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରିଥିଲେ।

# ବିପର୍ଯ୍ୟୟ ବେଳେ ଭରସା 'ଆଞ୍ଚଳିକ ପ୍ରଶମନ କେନ୍ଦ୍ର'

**ବାଲେଶ୍ୱର ଅଫିସ,୧୬।୯**

ପ୍ରାକୃତିକ ବିପର୍ଯ୍ୟୟର ତତ୍କାଳ ମୁକାବିଲା ଲାଗି ବାଲେଶ୍ୱରଠାରୁ ୧୨କି.ମି. ଦୂର ଚାନ୍ଦିପୁର ନିକଟବର୍ତ୍ତୀ ହିଡିଙ୍ଗା ଅଞ୍ଚଳରେ ସୋମବାର ରିଜିଓନାଲ ରେସପନ୍ସ ସେଣ୍ଟର (ଆର୍‌ଆର୍‌ସି) ବା ଆଞ୍ଚଳିକ ପ୍ରଶମନ କେନ୍ଦ୍ର ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ଜରିଆରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅବିଳମ୍ବେ ସହାୟତା ପହଞ୍ଚାଇ ଦିଆଯିବ। କଟକ ମୁଣ୍ଡୁଳି ପରେ ଦ୍ୱିତୀୟ ସ୍ଥାନ ଭାବେ ବାଲେଶ୍ୱରରେ ଆର୍‌ଆର୍‌ସି ପ୍ରତିଷ୍ଠା ହେଉଛି। ଏହାକୁ ମିଶାଇ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୪ଟି ସ୍ଥାନରେ ଏଭଳି କେନ୍ଦ୍ର ପ୍ରତିଷ୍ଠା କରାଯିବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆର୍‌ଏଫ୍) ପକ୍ଷରୁ ହିଡିଙ୍ଗାଠାରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ର ସକାଶେ ୬କୋଟି ୩୧ ଲକ୍ଷ ଟଙ୍କା ବ୍ୟୟ ହେବ। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ଏହି ସୂଚନା ପ୍ରଦାନ କରିଛନ୍ତି। ଉତ୍ସବରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ସମେତ ଏନ୍‌ଡିଆର୍‌ଏଫ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରାକୃତିକ ବିପର୍ଯ୍ୟୟ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଓଡ଼ିଶାବାସୀଙ୍କ ଚିର ସହଚର ପାଲଟିଛି। ଯେକୌଣସି ବିପର୍ଯ୍ୟୟର ମୁକାବିଲା ଲାଗି ଉକ୍ତ କେନ୍ଦ୍ରରେ ୪ଟି ଟିମ୍ ସର୍ବଦା ଜଣେ କମାଣ୍ଡରଙ୍କ ନେତୃତ୍ୱରେ ପ୍ରସ୍ତୁତ ରହିବେ। ହିଡ଼ିଙ୍ଗାରେ ୩.୫୮ଏକର ଜମିରେ ଆର୍‌ଆର୍‌ସି ନିର୍ମାଣ କରାଯିବ। ଏହି କେନ୍ଦ୍ର ଉତ୍ତରଓଡ଼ିଶାର ବିଭିନ୍ନ ଜିଲା ପାଇଁ ସହାୟକ ହେବ। ରାଜ୍ୟସରକାର ଆବଶ୍ୟକ ଜମି ଯୋଗାଇଦେଲେ ରାଜ୍ୟର ଅନ୍ୟ ସ୍ଥାନରେ ଏଭଳି କେନ୍ଦ୍ର ଶୀଘ୍ର ନିର୍ମାଣ କରାଯିବ। ଏହାଛଡା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ଓଡ଼ିଶାରେ ମିଳିତ ଅଭ୍ୟାସ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ୭ଟି ପଡୋଶୀ ଦେଶୀ ଯୋଗ ଦେବେ ବୋଲି ଡିଜି ପ୍ରଧାନ କହିଛନ୍ତି। ଭାରତ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ୩୧୦ଟି ଯନ୍ତ୍ରାଂଶ ରହିଛି। ଏହା ସବୁପ୍ରକାର ବିପର୍ଯ୍ୟୟର ମୁକାବିଲା କରିବାକୁ ସକ୍ଷମ। ବିପର୍ଯ୍ୟୟ ସମୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଥିବାରୁ ଏହି ବାଧାକୁ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିପର୍ଯ୍ୟୟ ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୁଏ ତାକୁ ମୁକାବିଲା କରିବାରେ ଯୋଗାଯୋଗ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଣୁ ଗ୍ରୀଡ୍ ସିଷ୍ଟମ୍‌ରେ କଣ୍ଟ୍ରୋଲ ରୁମ୍‌ଗୁଡ଼ିକ ରାଜ୍ୟ, ଜିଲା ଏବଂ ବ୍ଲକ ପାଇଁ ଯେଭଳି ଏକତ୍ର କାର୍ଯ୍ୟ କରିବେ ସେଥିଲାଗି ଚେଷ୍ଟା କରାଯାଉଛି। ନଭେମ୍ବରରେ ପ୍ରଥମ ଏବଂ ୨୦୨୦ ଫେବୃୟାରୀରେ ଶେଷ ଆଡକୁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ୪ଶହରୁ ଅଧିକ ପ୍ରଶିକ୍ଷକ ଯୋଗଦେବେ। ଏଭଳି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି ପ୍ରଧାନ କହିଛନ୍ତି।

ଓଡ଼ିଶାରେ ବନ୍ୟା, ବାତ୍ୟା ପ୍ରଭାବିତ ଅଞ୍ଚଳ ସମେତ ଓ ପ୍ରତ୍ନତାତ୍ତ୍ୱିକ ଇଲାକା ଉପରେ ସର୍ଭେ କରାଯାଇ ଏକ ମଡେଲ ପ୍ରସ୍ତୁତ କରାଯାଇଛି। ଏହା ଉପରେ ପ୍ରଶମନ ବଳଙ୍କୁ ପ୍ରଶିକ୍ଷଣ ଦିଆଯିବ। ବାଲେଶ୍ୱର ସଦର ବ୍ଲକ ଅଧୀନ ହିଡିଙ୍ଗାଠାରେ ହେବାକୁ ଥିବା କେନ୍ଦ୍ର ଲୋକମାନଙ୍କ ଭରସାର ଆଧାର ହେବ ବୋଲି ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଧରିତ୍ରୀକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ ଏନ୍‌ଡିଆର୍‌ଏଫ୍ ଡିଜି ପ୍ରଧାନ କହିଥିଲେ।



ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ଆର୍‌ଆର୍‌ସି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

- **ବାଲେଶ୍ୱରରେ ଭିତ୍ତିପ୍ରସ୍ତର ସ୍ଥାପନ**
- **ବ୍ୟୟ ହେବ ୬କୋଟି ୩୧ଲକ୍ଷ**
- **୭ ଦେଶର ପ୍ରତିନିଧିଙ୍କୁ ନେଇ ହେବ ମିଳିତ ଅଭ୍ୟାସ**

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

- **ଗାଁ ପାଖ ପାହାଡ଼ରୁ ମିଳିଲା ମୃତଦେହ**
- **ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ୍ ତଦନ୍ତ ଜାରି**
- **ହତ୍ୟାକାଣ୍ଡସ୍ଥଳରେ ଏସ୍‌ପି**
- **୪ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା**

**ଖପ୍ରାଖୋଲ, ୧୬।୯ (ଡି.ଏନ.ଏ.)**

ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ, ଗୁଣିଗାରେଡି ସନ୍ଦେହ କିଭଳି ଭୟାନକ ରୂପ ନେଇପାରେ ସେଭଳି ଏକ ବୀଭତ୍ସ ଘଟଣା ଘଟିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ଭା ଥାନା ଅନ୍ତର୍ଗତ ଟିଟିକାମାଲ ଗାଁରେ। ସୋମବାର ସକାଳୁ ଏହି ଗାଁ ନିକଟ ପାହାଡରେ ସେହି ଗାଁର ଏକ ଦମ୍ପତିଙ୍କୁ ଗୁଣିଗାରେଡି ସନ୍ଦେହରେ ହତ୍ୟା କରି ଫିଙ୍ଗି ଦେଇଥିବା ଜଣାପଡିବା ପରେ ଜିଲାବ୍ୟାପୀ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଦମ୍ପତି ହେଲେ ଟିଟିକାମାଲ ଗାଁର ଚିନ୍ତାମଣି ବରିହା (୫୫) ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ (୫୦)। ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍, ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାଏକ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ ଆରମ୍ଭ କରିଛନ୍ତି। ୪ଜଣ ସନ୍ଦିଗ୍ଧଙ୍କୁ ଲରମ୍ଭା ଥାନାରେ ଅଟକ ରଖି ପଚରାଉଚରା କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଦୁଇ ମୃତଦେହକୁ ଉଦ୍ଧାର କରି ପଞ୍ଚନାମା କରିଛି।

ଟିଟିକାମାଲ ଗାଁରେ ପ୍ରାୟ ଦେଢ଼ମାସ ତଳେ ଜଣେ ବ୍ୟକ୍ତିଙ୍କ ଦେଢ଼ବର୍ଷର ଏକ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଥିଲା। ଗତ ଶୁକ୍ରବାର ସେହି ମୃତ ଶିଶୁପୁତ୍ର ପୋତା ଯାଇଥିବା ସ୍ଥାନରେ କେହି ଫୁଲ, ସିନ୍ଦୂର ପକାଇ ପୂଜାର୍ଚ୍ଚନା କରିଥିବା ଦେଖାଯାଇଥିଲା। ଏହି ଘଟଣା ପରେ ଗାଁରେ ଗୁଣିଗାରେଡି, ଡାହାଣୀ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏଭଳି ଚର୍ଚ୍ଚା ପରେ ସେହିଦିନ ଚିନ୍ତାମଣି ବରିହା ଲରମ୍ଭା ଥାନାକୁ ଯାଇ ତାଙ୍କୁ ଗାଁରେ ଅଯଥା ଗୁଣିଗାରେଡି, ଡାହାଣୀ ସନ୍ଦେହ କରୁଥିବା ଅଭିଯୋଗ କରି ସୁରକ୍ଷା ଲୋଡିଥିଲେ। ଏହି ଘଟଣା ପରେ ଲରମ୍ଭା ପୋଲିସ ଗାଁର କେତେଜଣ ଲୋକ ଓ ଚିନ୍ତାମଣିଙ୍କୁ ଡାକି ମିଳାମିଶା ଉଦ୍ୟମ କରିଥିଲେ। ସୋମବାର ସକାଳୁ ଉଭୟଙ୍କ ହତ୍ୟା ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ଘଟଣାର ପାରିପାର୍ଶ୍ୱିକ ସ୍ଥିତିରୁ ଗାଁରେ ସ୍ୱାମୀ-ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଅଖାବସ୍ତାରେ ବାନ୍ଧି ନିକଟସ୍ଥ ପାହାଡ଼ରେ ଫିଙ୍ଗାଯାଇଥିବା ପୋଲିସ ଅନୁମାନ କରିଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତଛିଟା ସଂଗ୍ରହ, ପାରିପାର୍ଶ୍ୱିକସ୍ଥିତି ଆକଳନ କରିଛି। ଦମ୍ପତିଙ୍କ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ଉପଖଣ୍ଡୀୟ ହସ୍‌ପିଟାଲକୁ ପଠାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପେଟକୁ ଭାତ,**
**ପିଠିକୁ ନାତ।**

ପେଟପାଟଣା କଥା ବୁଝି ସାରି ପରେ କଷ୍ଟ ଦେଇ, ଗାଳିଗୁଲଜ କରି ଯେତେ କାମ ଆଦାୟ କଲେ ଦେହକୁ ସେତେ ବାଧି ନ ଥାଏ। ପରନ୍ତୁ ଲୋକର ଭଲମନ୍ଦ ନ ବୁଝି, ବାଧ କରି ଖଟେଇଲେ, ଜୋର କରି କାମ ଆଦାୟ କଲେ ଭାରି ବାଧିଥାଏ। ପେଟକୁ ମୁଠେ ଦାନା ଦେଇ ଗଧ ଖଟଣି ଖଟାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୋଥି ବାଇଗଣ**
**ନା ବାଡ଼ି ବାଇଗଣ।**

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ। ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ। ବାଇଗଣ ଚାଷପ୍ରଣାଳୀ କୌଶଳ ବହିରୁ ଶିଖି ବିଲବାଡ଼ିରେ ପ୍ରୟୋଗକରି ସେପରି ଅମଳ ଦେଖେଇଲେ ଜ୍ଞାନ କାମରେ ଲାଗିଲା ବୋଲି ଜଣାପଡ଼େ। ଅନ୍ୟଥା ସେସବୁ ମୂଲ୍ୟହୀନ ହୋଇଯାଇଥାଏ। ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ। ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଏମ୍‌ଆଇ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ରାଜ୍ୟରେ ଥିବା ପୁରାତନ କ୍ଷୁଦ୍ର ଜଳସେଚନ(ଏମ୍‌ଆଇ) ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ ସହିତ ନୂତନଭାବେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡିକୁ ରାଜ୍ୟ ସରକାରଙ୍କ ୫ଟି ଆଭିମୁଖ୍ୟ ଭିତ୍ତିରେ ତ୍ୱରାନ୍ୱିତ କରି ଶେଷ କରାଯିବ। ସୋମବାର କ୍ଷୁଦ୍ର ଜଳସେଚନ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାସ କହିଛନ୍ତି, ରାଜ୍ୟରେ ରାଜା ଶାସନ ସମୟରୁ ଏବଂ ଏହାପରେ ବହୁ ପୁରୁଣା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଚାଷୀ ଏବଂ ଲୋକମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବେଶ୍ ଉପଯୋଗୀ ହେଉଛି। ମାତ୍ର ଏଗୁଡିକର ରକ୍ଷଣାବେକ୍ଷଣର ଆବଶ୍ୟକତା ଅଛି। ସେହିପରି ସବୁ ଜମିକୁ ଜଳସେଚନ ବ୍ୟବସ୍ଥା କରିବା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି। ସବୁ କାମକୁ ଠିକ୍ ସମୟରେ ସାରିବା ଲାଗି ସମସ୍ତ ଡିଭିଜନଗୁଡିକରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରମାନଙ୍କୁ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ ଦାସ କହିଛନ୍ତି। ବୈଠକରେ ଯୋଗଦେଇ ବିଭାଗୀୟ ସଚିବ ବିଶାଳ ଗଗନ କହିଛନ୍ତି, ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ସ୍ଥିତି ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଯନ୍ତ୍ରୀମାନେ ପ୍ରକଳ୍ପ କାର୍ଯ୍ୟକାରିତାରେ ପୁରାତନ ଓ ନୂତନ ପ୍ରକଳ୍ପକୁ ଜିଆଇଏସ୍ ସିଷ୍ଟମ ସହିତ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅକ୍ଷୟ କୁମାର ବାନାର୍ଜୀ କହିଛନ୍ତି, ସବୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନ ସ୍ଥିତି ସଠିକ୍ ଭାବେ ଆକଳନ କରି ଡ୍ୟାମଗୁଡିକର ନିରାପତ୍ତା ନେଇ ଉପଯୁକ୍ତ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି। କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାନ୍ସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ। ୨% ସୁଧ ୪୦%ଛାଡ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ!
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲାଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦାୟିତ୍ୱ ଗ୍ରହଣ କଲେ ଅନୁଭବ

ଭୁବନେଶ୍ୱର,୧୬।୯(ବ୍ୟୁରୋ): ସୂଚନା ଓ ପ୍ରଯୁକ୍ତି ବିଭାଗ ଉପଦେଷ୍ଟା ଭାବେ ସୋମବାର ଅନୁଭବ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗୀୟ ସଚିବ ମନୋଜ କୁମାର ମିଶ୍ର ତାଙ୍କୁ ବିଭାଗ ପକ୍ଷରୁ ସ୍ୱାଗତ ଜଣାଇବା ସହ ବିଭିନ୍ନ କାର୍ଯ୍ୟ ବିଷୟରେ ସୂଚନା ଦେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବାପରେ ଅନୁଭବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବାସହ ସରକାର ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି, ତାକୁ ଠିକ୍ ଭାବେ ନିର୍ବାହ କରିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ଗ୍ରହଣ କରି ସବୁ ବିଭାଗ ସହ ସୂଚନା ଓ ପ୍ରଯୁକ୍ତିକୁ ଯୋଡ଼ିବା ଲକ୍ଷ୍ୟକୁ ଖୁବ୍‌ଶୀଘ୍ର ପୂରଣ କରିବେ ବୋଲି କହିଛନ୍ତି। ସେହିପରି ଆଇଟି କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ସମସ୍ତ ସରକାରୀ କାର୍ଯ୍ୟରେ ଟେକ୍‌ନୋଲୋଜିର ବହୁଳ ବ୍ୟବହାର ଏବଂ 'ମୋ ସରକାର' ବ୍ୟବସ୍ଥାରେ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗର କିପରି ଅଧିକ ଭାଗୀଦାରି ରହିବ ତା'ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

### ହସ୍ପିଟାଲକୁ ମିଳିବ ସ୍ୱର୍ଣ୍ଣ,ରୌପ୍ୟ, ବ୍ରୋଞ୍ଜ ରେଟିଂ

ନୂଆଦିଲ୍ଲୀ,୧୬।୯: ଗ୍ରାମାଞ୍ଚଳରେ ଗରିବରୁ ଅତି ଗରିବଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣରେ ରହିଥିବା ଶୂନ୍ୟସ୍ଥାନକୁ ଭରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ହସ୍ପିଟାଲଗୁଡ଼ିକର ସ୍ୱୀକୃତି ନିୟମକୁ କୋହଳ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରୋଗୀଙ୍କୁ ସେବା ଯୋଗାଣ ନେଇ ରହିଥିବା ସୁବିଧା ଆଧାରରେ ହସ୍ପିଟାଲଗୁଡ଼ିକୁ ସରକାର ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ରେଟିଂ ପ୍ରଦାନ କରିବେ। ବର୍ତ୍ତମାନ ନ୍ୟାଶନାଲ ଆକ୍ରିଡେଶନ ବୋର୍ଡ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବା ଯୋଗାଣକାରୀଙ୍କୁ ସ୍ୱୀକୃତି ପ୍ରଦାନ କରିଥାନ୍ତି। ତେବେ ଟିୟର-୨ ଓ ୩ ଏବଂ ନିପଟ ଗ୍ରାମରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଅଭାବକୁ ଦୃଷ୍ଟିରେ ରଖି ନ୍ୟାଶନାଲ ହେଲ୍‌ଥ ଅଥରିଟି(ଏନ୍‌ଏଚ୍‌ଏ) ଏକ ନୂଆ ସ୍ୱୀକୃତି ବ୍ୟବସ୍ଥା ସ୍ଥିର କରିଛି। ତଦନୁଯାୟୀ ଆୟୁଷ୍ମାନ ଭାରତ ଅଧୀନରେ ଛୋଟ ହସ୍ପିଟାଲଗୁଡ଼ିକ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ସହଜରେ ଲାଇସେନ୍ସ ପାଇପାରିବେ। ଛୋଟ ହସ୍ପିଟାଲଗୁଡ଼ିକର ଲାଇସେନ୍ସ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯିବା ପରିବର୍ତ୍ତେ ସେମାନଙ୍କଠାରୁ କମ୍ ଫିସ୍ ନେଇ ଏହାକୁ ପ୍ରଦାନ କରାଯିବ। ପୂର୍ବରୁ ଲାଇସେନ୍ସ ପାଇବା ଲାଗି ୮୦ରୁ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଏଣିକି ମାତ୍ର ୧୦ ହଜାର ଟଙ୍କାରେ ଲାଇସେନ୍ସ ଦିଆଯିବ। ଏଥିପାଇଁ କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ଏକ ନୂଆ ସ୍ୱୀକୃତି ବ୍ୟବସ୍ଥା ବିକଶିତ କରିଛି। ସରକାର ନିଜସ୍ୱ ଆକଳନ ମାଧ୍ୟମରେ ହସ୍ପିଟାଲ ଦ୍ୱାରା ଯୋଗାଯାଉଥିବା ସ୍ୱାସ୍ଥ୍ୟସେବାର ମାନ ନିର୍ଦ୍ଧାରଣ କରିବେ। ଏନ୍‌ଏଚ୍‌ଏର ଜେନେରାଲ ମ୍ୟାନେଜର(ହସ୍ପିଟାଲ ନେଟୱାର୍କିଂ ଆଣ୍ଡ କ୍ୱାଲିଟି ଆସ୍ୟୁରାନ୍ସ) ଡ.ଜେ.ଏଲ୍ ମୀନା କହିଛନ୍ତି ଯେ, ସରକାର ପ୍ରମାଣ ଭିତ୍ତିରେ ହସ୍ପିଟାଲଗୁଡ଼ିକର ମାନ ନିଜସ୍ୱ ଆକଳନ ଅନୁଯାୟୀ ନିର୍ଦ୍ଧାରଣ କରିବେ। ପୂର୍ବରୁ ଏଥିଲାଗି ୬ରୁ ୮ମାସ ସମୟ ଲାଗୁଥିବାବେଳେ ଏଣିକି ମାତ୍ର ୨୫ରୁ ୩୫ ଲାଗିବ। ଏହାକୁ ଭିତ୍ତି କରି ସରକାର ହସ୍ପିଟାଲଗୁଡ଼ିକୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ରେଟିଂ ପ୍ରଦାନ କରିବେ। ସବୁଠାରୁ ନିମ୍ନ ସେବା ଯୋଗାଣକାରୀ ହସ୍ପିଟାଲକୁ ବ୍ରୋଞ୍ଜ ରେଟିଂ ଦିଆଯିବ ବୋଲି ସେ କହିଛନ୍ତି।

## ■ କପ୍ତିପଦା ଥାନା ଏଏସ୍‌ଆଇଙ୍କ ନାମରେ ବଳାତ୍କାର ଉଦ୍ୟମ ଅଭିଯୋଗ

# ପରିବାର ସଦସ୍ୟଙ୍କ ଆତ୍ମାହୁତି ଉଦ୍ୟମ

■ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନବୀନ ନିବାସ ଆସିଥିଲେ

■ ଅଭିଯୋଗ ରଖି ଛାଡ଼ିଲା କମିଶନରେଟ ପୋଲିସ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ମୟୂରଭଞ୍ଜ ଜିଲା କପ୍ତିପଦା ପୋଲିସ ନ୍ୟାୟ ଦେଉନି। ପୂର୍ବରାଗ ରଖି ବିଭିନ୍ନ ସମୟରେ ହଇରାଣ ହରକତ କରୁଛି। ଥାନାର ଜଣେ ଏଏସ୍‌ଆଇ ମିଛ ମାମଲାରେ ଫସାଇ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ସହ ପରିବାର ସଦସ୍ୟଙ୍କୁ ଜେଲ୍ ପଠାଇଛନ୍ତି। ପରିବାର ଲୋକେ ଥାନା ଅଧିକାରୀ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ନିବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ବରଂ ନିର୍ଯାତନା ବଢ଼ି ଚାଲିବାରୁ ଶେଷରେ ପୀଡ଼ିତ ପରିବାରର ସଦସ୍ୟମାନେ ନ୍ୟାୟ ପାଇଁ ସୋମବାର ଭୁବନେଶ୍ୱର ଆସି ନବୀନ ନିବାସ ନିକଟରେ ପହଞ୍ଚିଥିଲେ। ଉପସ୍ଥିତ ପୋଲିସକୁ ଏ ସମ୍ପର୍କରେ ଜଣାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଥିଲେ। ହେଲେ ସୁଯୋଗ ନ ମିଳିବାରୁ ଶେଷରେ ସେମାନେ ସେଠାରେ ଆତ୍ମାହୁତି ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ କାବୁ କରିନେବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନେଇଥିଲେ। ଅଭିଯୋଗ ରଖାଯିବା ପରେ ସେମାନଙ୍କୁ ସେଠାରୁ କ୍ୟାପିଟାଲ ପୋଲିସ ଭ୍ୟାନ୍‌ରେ ବସାଇ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଛାଡ଼ିଦେଇଥିଲା।

ଅଭିଯୋଗ ମୁତାବକ, କଳହକୁ ନେଇ ଗତ ମେ ମାସରେ ଏହି ପରିବାରର ଜଣେ ମହିଳାଙ୍କ ସ୍ୱାମୀଙ୍କ ନାମରେ ପଡୋଶୀଙ୍କ ପକ୍ଷରୁ କପ୍ତିପଦା ଥାନାରେ ଅଭିଯୋଗ ହୋଇଥିଲା। ମହିଳା ଜଣକ ମଧ୍ୟ ପଡୋଶୀ ଲୋକଙ୍କ ନାମରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତଭାର ନେଇଥିବା ଏଏସ୍‌ଆଇ ଶୁଭେନ୍ଦୁ ବେହେରା ବିଭିନ୍ନ ସମୟରେ ପୀଡ଼ିତାଙ୍କୁ ଥାନାକୁ ଡାକି ଦୁର୍ବ୍ୟବହାର କରୁଥିଲେ। ମେ' ୧୨ ବିଳମ୍ବିତ ରାତିରେ ଏଏସ୍‌ଆଇ ବେହେରା ଜଣେ ହୋମଗାର୍ଡଙ୍କ ସହ ପୀଡ଼ିତାଙ୍କ ଘରେ ପହଞ୍ଚି ଶୋଇଥିବା ଅବସ୍ଥାରେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ଉଠି ପଡ଼ିବାରୁ ଏଏସ୍‌ଆଇ ବେହେରାଙ୍କ ମୁଣ୍ଡ ଗ୍ରୀଲ୍‌ରେ ମାଡ଼ ହୋଇ ଫାଟିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଥାନାର ଅନ୍ୟ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଉଦଳା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ଏଏସ୍‌ଆଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୬୬/୧୯)ରୁଜୁ କରି ପୀଡ଼ିତାଙ୍କ ସ୍ୱାମୀଙ୍କୁ ଗିରଫ କରିଥିଲା। ବଳାତ୍କାର ଉଦ୍ୟମ ନେଇ ପୀଡ଼ିତା ଜଣକ ତାଙ୍କ ଯାଆଙ୍କ ସହ ଅଭିଯୋଗ କରିବାକୁ ଥାନାକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ମିଛ ମାମଲାରେ ଫସାଇ କୋର୍ଟଚାଲାଣ କରିଥିଲା। ସେହିଭଳି ଏହି ମାମଲାରେ ତାଙ୍କ ଦିଅର ଓ ଶ୍ୱଶୁର କୋର୍ଟରୁ ଜାମିନ ପାଇଯାଇଥିଲେ ମଧ୍ୟ ପୋଲିସ ରାଗ ରଖି ନାନା ହଇରାଣ କରୁଥିବା ସେମାନେ ପ୍ରକାଶ କରିଛନ୍ତି। ଏନେଇ ଏଏସ୍‌ଆଇ ବେହେରା କହିଛନ୍ତି, ତାଙ୍କ ସ୍ୱାମୀଙ୍କ ନାମରେ ଅଭିଯୋଗ ରହିଥିବାରୁ ତାଙ୍କ ଘରେ ଚଢାଉ କରିଥିଲୁ। ହେଲେ ଗିରଫରୁ ବର୍ତ୍ତିବା ପାଇଁ ପୋଲିସକୁ ପରିବାର ସଦସ୍ୟ ଆକ୍ରମଣ କରିଥିଲେ। ବଳାତ୍କାର ଉଦ୍ୟମ ଅଭିଯୋଗ ମିଛ।

## କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ କରି ଆତ୍ମପ୍ରଚାର କରୁଛି ବିଜେଡି: ଭାଜପା



ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ନେତୃମଣ୍ଡଳୀ।

ଭୁବନେଶ୍ୱର,୧୬।୯(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜ ନାଁରେ କରି ରାଜ୍ୟବାସୀଙ୍କୁ ରାଜ୍ୟ ସରକାର ଭୁଆଁ ବୁଲାଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର 'ବିଜୁ ପକ୍କା ଘର' ଲୋଗୋ ଓ ନାଁ ଦେଇ ସାଧାରଣ ଲୋକଙ୍କୁ ଭ୍ରମିତ କରୁଛନ୍ତି। ମୋଦି ସରକାର ଦେଶରେ ବିଭିନ୍ନ ପ୍ରକାରର ଜନହିତକର ଯୋଜନା ଲାଗୁ କରିଥିବା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ କେନ୍ଦ୍ରୀୟ ଯୋଜନାକୁ ହଡ଼ପ କରି ନାଁ ବଦଳାଇ ବାହାବାହା ନେବାକୁ ବସିଛନ୍ତି ବୋଲି ରାଜ୍ୟ ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳରେ ୪ ଲକ୍ଷ ପକ୍କାଘର ନିର୍ମାଣର ଶୁଭ ଦେବେ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ଚିରାଚରିତ ଢଙ୍ଗରେ ସଂଘୀୟ ବ୍ୟବସ୍ଥାକୁ ଭୃକ୍ଷେପ ନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହିସବୁ ପକ୍କାଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେବ। ଚଳିତ ବଜେଟରେ ବିଜୁ ପକ୍କାଘର ଯୋଜନାରେ ଟଙ୍କା ଟିଏ ଅର୍ଥ ବରାଦ ହୋଇନାହିଁ। ରାଜ୍ୟରେ ଗରିବ ଲୋକଙ୍କୁ ମିଳୁଥିବା ସମସ୍ତ ପକ୍କାଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଛି। 'ହାଉସିଂ ଫର ଅଲ୍ ୨୦୨୨' ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୧୧ ସେପ୍ଟେମ୍ବର ୨୦୧୮ରେ ବିଧାନସଭା ପ୍ରଶ୍ନର ଉତ୍ତରରେ ରାଜ୍ୟ ସରକାର କହିଥିଲେ କି, ରାଜ୍ୟର ସମୁଦାୟ ୨୦ ଲକ୍ଷ ପକ୍କାଘର ମଧ୍ୟରୁ ୩ଲକ୍ଷ ୭୭ ହଜାର ହେଉଛି ବିଜୁ ପକ୍କାଘର ଆଉ ବାକି ୧୬ ଲକ୍ଷ ୨୩ ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହୋଇଛି। ୨୦୧୭-୨୦ ପର୍ଯ୍ୟନ୍ତ ରାଜ୍ୟ ସରକାର ଟଙ୍କାଟିଏ ବ୍ୟୟବରାଦ କରି ନ ଥିବାବେଳେ କେନ୍ଦ୍ର ସରକାର ୨୦୧୭-୧୮ରେ ୩ ହଜାର ୧୦୦କୋଟି, ୨୦୧୮-୧୯ରେ ୩,୬୦୦କୋଟି, ୨୦୧୯-୨୦ରେ ୪,୮୨୦କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ବିଜ୍ଞାପନରେ 'ରୁରାଲ ହାଉସିଂ ଫର ଅଲ'ରେ ରାଜ୍ୟ ସରକାରଙ୍କ ଲୋଗୋ ଏବଂ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଛି। ପୂର୍ବରୁ ଅନେକ ଯୋଜନା କ୍ଷେତ୍ରରେ ଏଭଳି କରାଯାଇଛି। ମୁଖ୍ୟମନ୍ତ୍ରୀ ନିଜ ଭୁଲ୍ ସ୍ୱୀକାର କରିବା ସହିତ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦିଅନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

# କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର

ଟିଗିରିଆ,୧୬।୯(ଡି.ଏନ୍.ଏ.)



ଆଠଗଡ଼ ବନାଖଣ୍ଡ ଅନ୍ତର୍ଗତ ଟିଗିରିଆ ବନାଞ୍ଚଳ ଅଧୀନ ନିଜିଗଡ଼ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଦ୍ୱାରା କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର ହୋଇଛି। ମୃତ ବାଘୁଣୀର ବୟସ ୧୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଓଜନ ୫୦ କିଲୋ ଓ ୨ଫୁଟ ଉଚ୍ଚ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରବିବାର ବାଘୁଣୀର ମୃତଦେହକୁ ଟିଗିରିଆ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସୋମବାର ସକାଳେ ବନ୍ୟପ୍ରାଣୀ ଓ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଟିଗିରିଆ ପ୍ରାଣୀ ଚିକିତ୍ସାଧିକାରୀ ଧର୍ମାନନ୍ଦ ମହାନ୍ତି ବାଘୁଣୀର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ବାଘୁଣୀ ଦେହରେ କୌଣସି କ୍ଷତଚିହ୍ନ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଠଗଡ଼ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି। ବ୍ୟବଚ୍ଛେଦ ପରେ ବିଭାଗୀୟ ନିୟମାନୁଯାୟୀ ବାଘୁଣୀର ମୃତଦେହକୁ କାର୍ଯ୍ୟାଳୟ ପରିସରରେ ଦାହ କରିଦିଆଯାଇଛି। ଅପରପକ୍ଷେ ଟିଗିରିଆ ବନାଞ୍ଚଳରେ କୌଣସି ବାଘଙ୍କ ଚଳାଚଳ ସ୍ଥାନୀୟ ଲୋକେ ଦେଖି ନ ଥିବା ବେଳେ ହଠାତ୍ ଏକ ବାଘୁଣୀର ମୃତ୍ୟୁକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ କହିଛନ୍ତି।

# ପୁରୁଣାବଜାରରେ ଲାଠିଚାର୍ଜ, ଉତ୍ତେଜନା

## ଘଟଣାସ୍ଥଳ ଅନୁଧ୍ୟାନ କଲେ ଆଇଜି, ଏସ୍‌ପି



ପୁରୁଣାବଜାର ଥାନା ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ହୋହଲ୍ଲା।

ଭଦ୍ରକ ଅଫିସ, ୧୬।୯

ଏକ ଦୋକାନରେ ଉପାସନା କାର୍ଯ୍ୟ ଲାଗି ବିକ୍ରି ସକାଶେ ରଖାଯାଇଥିବା ଚାଦରକୁ ପୋଲିସ ଫିଙ୍ଗି ଦେବା ଘଟଣା ନେଇ ଭଦ୍ରକ ସହର ପୁରୁଣାବଜାର ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ରମେ ଉତ୍ତେଜନା ବଢ଼ି ଏହା ଉଗ୍ର ରୂପ ନେଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଶତାଧିକ ଲୋକ ବିରୋଧ କରି

### ବଦଳିଲେ ଥାନାଧିକାରୀ

ପୁରୁଣାବଜାର ଥାନା ଆଗରେ ରୁଣ୍ଡ ହୋଇ ପ୍ରତିବାଦ ଜଣାଇଥିଲେ। ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେମାନେ ଦାବି କରିଥିଲେ। ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୁରୁଣାବଜାର ଥାନା ସମ୍ମୁଖ ସମେତ ମେଡିକାଲ ଓ ଅନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ଆଇଜି ଦିପ୍ତେଶ ପଟ୍ଟନାୟକ ଓ ଏସ୍‌ପି ରାଜେଶ ପଣ୍ଡିତ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏହାମଧ୍ୟରେ ଥାନାଧିକାରୀ ପ୍ରଜ୍ଞା ମହାନ୍ତିଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇ ତାଙ୍କ ସ୍ଥାନରେ ନାୟକାଣିଡିହୀ ଥାନାଧିକାରୀ ରତିକାନ୍ତ ଗିରିଙ୍କୁ ନିଯୁକ୍ତି ଦିଆଯାଇଛି। ଆଇଜି ପଟ୍ଟନାୟକ ଏବଂ ଏସ୍‌ପି ପଣ୍ଡିତ ଜିଲା ଚିକିତ୍ସାଳୟକୁ ଯାଇ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏ ସମ୍ପର୍କରେ ଆଇଜିଙ୍କୁ ପଚାରିବାରୁ କହିଛନ୍ତି, ମୋ ସରକାର ଯୋଜନାରେ ଲୋକଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ପାଇଁ ପୋଲିସକୁ କୁହାଯାଇଛି। ଏହାସତ୍ତ୍ୱେ ପୋଲିସ ରୁକ୍ଷ ବ୍ୟବହାର କରିଥିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଥାନାଧିକାରୀଙ୍କୁ ତୁରନ୍ତ ବଦଳି କରାଗଲା ବୋଲି ସେ କହିଛନ୍ତି।

**OFFICE OF THE NOTIFIED AREA COUNCIL, ASKA, GANJAM**

Letter No. 1151/2019 Date: 16.09.2019

**Bid Identification No. - ASKA-NAC- 03/2019-20**

Bid document consisting of work, estimated cost, cost of Tender paper, EMD, Time of completion, Class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in**.

Total number of Civil works: **2 Nos.**, Estimated Cost for civil works: **Rs. 16,75,286/-**, Date & time of availability of Bid documents in the portal: **Dt.17.09.2019 of 11.00AM to dt.26.09.2019 of 5.00PM for online bidding**, Last date of receipt of Bid through online: **Dt.26.09.2019 upto 5.00PM**, Offline receipt of tender documents: **Dt.30.09.2019 upto 5.00PM through Registered Post / Speed Post only**, Date of opening of Bid: **Dt.01.10.2019 at 11.00AM.**

*Sd./- Executive Officer, Aska NAC*

**PARADIP PORT TRUST**

**CORRIGENDUM TO E-TENDER CALL NOTICE NO. EM/MM/P/PAINTS/05/ 2019/1908TDR172 DT.31.08.2019, FOR SUPPLY PAINTS.**

The Brand / Make of the Paints offered shall be Jotun / Sigmamarine / Hempel / Akzonoble International. Accordingly the technical specification containing bill of materials at Annexure-II of tender is amended.

All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

Sr. Dy. Materials Manager

PPT/PR/327/19-20 Dt.13.09.2019

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

Lifeline of Odisha O/o the GM (Elect.) E.H.T. Construction Circle, Bhubaneswar-22. CIN: U40102OR2004SGC007553

Advt. No. GM-EHT(C)CIRCLE-BBSR-03/2019-20 Dated 16.09.2019

**NOTICE INVITING TENDER**

Sealed tenders are invited from registered goods transport agencies having valid transport license of at least One year experience in goods transportation work, GSTIN, PAN, Contract labour license, EPF & ESI registration to carry out the work "Loading and transportation of various transmission line materials from Bharatipur Store, Pipili and unloading the same with proper sorting and stacking at E.H.T (Constn.) Store, Mancheswar". **Cost of Tender Paper (Non-refundable) :** Rs.4,000/- +12% GST=Rs.4,480/- only. **EMD :** 1% of total estimated cost. **Sale of Tender Documents :** From 20.09.2019 to 10.10.2019 (11:00 AM to 03:00 PM). **Last Date of Submission of Tender :** 11.10.2019 up to 03.00 PM. **Date & Time of Opening of Tender :** 11.10.2019 at 04:00 PM. For details, please visit our website **www.optcl.co.in**. **Corrigendum, if any, will be published in the website or in the office notice board only.**

Sd/- General Manager (Elect.)

Please connect us: optcl.odisha optcl_odisha energyodisha

**PARADIP PORT TRUST**

**e-TENDER CALL NOTICE No. AD/OE/GL-07/13(Vol.V)/3044, Dtd.12.09.2019**

Name of the work : **"Providing secretarial and other assistance for official works of Administrative Department for a period of one year"** Estimated cost put to tender **₹2,13,43,803/-**. The last date & time of submission of bid is **03.10.2019** upto **1700 Hrs**. For details please refer our website : www.paradipport.gov.in/ https://eprocure.gov.in/eprocure/app.

Asst. Secretary (Admn.)

PPT/PR/330/19-20, DT.13.09.2019

cmpdi
A Mini Ratna Company

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड

**CENTRAL MINE PLANNING AND DESIGN INSTITUTE LIMITED**

(A Subsidiary of Coal India Limited)

Regional Institute-VII, Plot No : E-4, Near Gandhi Park, Samantapuri, PO : RRL, Bhubaneswar-751013(Odisha)

**NO. CMPDI/RI-VII/ENVT/BBSR/2019 Dated : 10-09-19**

Offers are invited for CMPDI, RI-VII, Near Mahatma Gandhi Park PO - RRL Bhubaneswar through e-Tendering (online bidding) only :

**Tender Notice No. & Date :** NIT NO. : CMPDI/RI-VII/BBSR/ENV/e-T/2019/E-362810 Dtd. : 10-09-2019. **Description : Baseline Data Collection/Generation and Analysis of Various samples of Group I (Air, Water, Noise and Soil) for Integrated Lakhnapur-Belpahar-Lilari OCP of MCL.**

The details of the tenders are available on following website www.cmpdi.co.in, www.eprocure.gov.in & https://coalindiatenders.nic.in. Important note to all prospective bidder : For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at www.coalindiatenders.nic.in. For any query, contact HoD (Environment), CMPDI, RI-VII, Bhubaneswar Tel No.0674-2303482 Mobile No.9438881032, 9438881086.

**HoD (Environment)**

**PARADIP PORT TRUST**

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **Steel cord conveyor belt**. The last date and time of submission of the tender is **17.15 hrs. on 03.10.2019**. For details, log on to website : **https://eprocure.gov.in/eprocure/app**

**Sr. Dy. Materials Manager,**

**PPT/PR/328/19-20 Dt : 13.09.2019**

# ସମ୍ବଲପୁର ରେଳ ଡିଭିଜନ ଦେଶରେ ପ୍ରଥମ

ସମ୍ବଲପୁର,୧୬।୯ (ବ୍ୟୁରୋ)




ରେଳ ବୋର୍ଡ ୫୮ଟି ଦିଗକୁ ଆଧାର କରି ବିଭିନ୍ନ ରେଳ ମଣ୍ଡଳକୁ ମାର୍କ ଦେଇଛି। ଏଥିରେ ସମ୍ବଲପୁର ରେଳମଣ୍ଡଳ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ବିଭିନ୍ନ ଦିଗରେ କାର୍ଯ୍ୟ ଦକ୍ଷତାକୁ ନେଇ ରେଳ ବୋର୍ଡ ଏହି ଚୟନ କରିଛି। ଅଗଷ୍ଟ ମାସର ରିପୋର୍ଟ ଅନୁସାରେ ୮୦ ମାର୍କରୁ ୭୩.୦୨ ମାର୍କ ରଖି ସମ୍ବଲପୁର ରେଳ ମଣ୍ଡଳ ପ୍ରଥମ ସ୍ଥାନରେ ରହିବାକୁ ଯୋଗ୍ୟ ବିବେଚିତ ହୋଇଛି। ୭୩.୦୧ ମାର୍କ ରଖି ରତଲାମ ଡିଭିଜନ ଦ୍ୱିତୀୟ ସ୍ଥାନ ପାଇଥିବାବେଳେ ୭୨.୦୫ ମାର୍କ ରଖି ଗୁଣ୍ଟୁକାଲ ଡିଭିଜନ ତୃତୀୟ ସ୍ଥାନରେ ରହିଛି।

ଦେଶରେ ୬୮ଟି ରେଳ ଡିଭିଜନ ରହିଛି। ସେଥିମଧ୍ୟରୁ ଯାତ୍ରୀସେବା ଓ ସୁରକ୍ଷା, ରାଜସ୍ୱ ଆୟ, କର୍ମଚାରୀ ଓ ଅଧିକାରୀଙ୍କ ଶୃଙ୍ଖଳାଗତ କାର୍ଯ୍ୟ, ସମୟାନୁବର୍ତ୍ତିତା, ସଫା ସୁତୁରା ଆଦି ୫୮ଟି ଦିଗକୁ ନେଇ ମାର୍କ ଦିଆଯାଇଛି। ସମ୍ବଲପୁର ରେଳ ଡିଭିଜନ ଏପ୍ରିଲ ମାସରୁ ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ସ୍ଥାନରେ ରହିଥିଲା। ଜୁଲାଇ ମାସରେ ତାହା ଖସି ଯାଇ ତୃତୀୟ ସ୍ଥାନକୁ ଚାଲିଯାଇଥିଲା। ହେଲେ ଅଗଷ୍ଟ ମାସରେ ପୁଣି ଉତ୍କୃଷ୍ଟ ସେବା ଓ ଅନ୍ୟ ଦିଗରେ ଭଲ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ନେଇଛି। ସୋମବାର ଅପରାହ୍ନରେ ଏହି ଖବର ଜାଣିବା ପରେ ସମ୍ବଲପୁର ଡିଭିଜନରେ ଖୁସିର ଲହରି ଖେଳିଯାଇଥିଲା। ମଣ୍ଡଳ ପ୍ରବନ୍ଧକ ଜୟଦୀପ ଗୁପ୍ତା ଏହାର ଶ୍ରେୟ ଅଧିକାରୀ ଓ କର୍ମଚାରୀଙ୍କୁ ଦେଇଛନ୍ତି। ସମସ୍ତଙ୍କ ଉଦ୍ୟମରେ ଏହି ରେଳ ଡିଭିଜନ ଏକ ନମ୍ବର ସ୍ଥାନ ଅଧିକାର କରି ପାରିଛି। ଆଗାମୀ ମାସଗୁଡ଼ିକରେ ମଧ୍ୟ ଏହି ସ୍ଥାନ ବଜାୟ ରଖିବାକୁ ସମସ୍ତେ ନିଷ୍ଠାର ସହ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

OPTCL Lifeline of Odisha

(A Government of Odisha Undertaking)

Regd. Office : Janpath, Bhubaneswar - 751022 CIN: U40102OR2004SGC007553

**e-TENDER NOTICE NO.: CPC-12/2019-20**

For & on behalf of ODISHA POWER TRANSMISSION CORPORATION LIMITED, Senior General Manager (C.P.C) invites Tenders from reputed manufacturers in two part bidding system for Supply of 33KV Vacum Circuit breakers. The interested bidders would be required to enroll themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL** from **dt.17.09.2019 (10:00 AM)** to **dt.15.10.2019 (12:30 PM)**. Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

| Tender Specification No. | Description of equipment / Materials | Quantity in Nos. | Delivery schedule | Earnest Money Deposit (in Rs.) | Cost of Tender Spec. document (in Rs.) | Last date of receipt & Opening of tender |
|---|---|---|---|---|---|---|
| Sr. G.M.-CPC-Tender-C.B-12/2019-20 | 36 KV Vacuum Circuit breakers. | 40 | (As per Appendix-I of technical specification) 4 months from the issue of P.O. | 85,250/- | 12,000/- (INR) + (GST) @ 12% = 13,440/- | 15.10.2019 (01:0 PM) & 15.10.2019 (03:00 PM) |

The bidders can view the tender documents from website free of cost.

**N.B:** All subsequent addendum / corrigendum to the tender shall be hosted in the OPTCL's official website **http://www.optcl.co.in** and **www.tenderwizard.com/OPTCL** only.

Sd/-

**CR Advt. No. 12/2019-20** **Senior General Manager (C.P.C.)**

Please connect us: optcl.odisha optcl_odisha energyodisha



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପୋଲିସ କମିଶନ ପକ୍ଷରୁ ପାସିଂ ଆଉଟ୍ ପରେଡ୍, ଟ୍ରାଫିକ ଟ୍ରେନିଂ ଇନଷ୍ଟିଚ୍ୟୁଟ, ଝାରପଡ଼ା, ସକାଳ ୯ଟା।
- ଓଡ଼ିଶା ମିରର ପକ୍ଷରୁ ଟକ୍ ଶୋ, ସିମ୍ଫନି ମଲ, ହଂସପାଳ ଛକ, ଅପରାହ୍ନ ୫ଟା।

**ପୁରୀ**

- ଜୟ ସିଂ ଚା ଦୋକାନ ପକ୍ଷରୁ ଚାରା ରୋପଣ ଓ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ, ପୌର ସଦନ ଛକ, ସକାଳ ୮ଟା।
- ପୁରୀ ଜିଲା କାଠ ଶିଳ୍ପୀ ଓ କାଠ କାରିଗର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ରେଡକ୍ରସ ରୋଡ, ପୂର୍ବାହ୍ନ ୧୦ଟା।
- ଏମ୍‌କେ ଗ୍ରୁପ ପକ୍ଷରୁ ମୋଦିଙ୍କ ଜନ୍ମଦିନ ପାଳନ, ଗାନ୍ଧୀ ପାର୍କ, ଅପରାହ୍ନ ୪ଟା ୪୫।
- ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱଦେଶୀ ବିଚାର ବର୍ଗ, ଗୋଏଙ୍କା ଧର୍ମଶାଳା, ସନ୍ଧ୍ୟା ୭ଟା।

## ୨୦ରୁ କିଟ୍ ଆନ୍ତର୍ଜାତିକ ଛାୟା ଜାତିସଂଘ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ):** କିଟ୍ ଆନ୍ତର୍ଜାତିକ ଛାୟା ଜାତିସଂଘର ୭ମ ସଂସ୍କରଣ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା କିଟ୍ ଆନ୍ତର୍ଜାତିକ ଛାୟା ଜାତିସଂଘରେ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କ ଦ୍ୱାରା କୂଟନୀତିକ ଓ ରାଜନୀତିକ ପ୍ରସଙ୍ଗ ଭିତ୍ତିକ ଯୁକ୍ତି ଉପସ୍ଥାପନ କରାଯିବ। ବିଶ୍ୱର ବିଭିନ୍ନ ଅନୁଷ୍ଠାନରୁ ୨୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଛାୟା ଜାତିସଂଘରେ ନାମ ପଞ୍ଜୀକରଣ କରିସାରିଛନ୍ତି। ୨୩ଟି ଆନ୍ତର୍ଜାତିକ ସହଯୋଗ ଓ ଆନ୍ତର୍ଜାତିକ ପ୍ରତିନିଧିମଣ୍ଡଳ ସମେତ ଚଳିତ ବର୍ଷ କିଟ୍ ଆନ୍ତର୍ଜାତିକ ଛାୟା ଜାତିସଂଘରେ ୫ଟି ମହାଦେଶରୁ କାର୍ଯ୍ୟକାରୀ ବୋର୍ଡ ସଦସ୍ୟ ରହିଛନ୍ତି। ଭାରତୀୟ ଷ୍ଟାଣ୍ଡ୍ ଅପ୍ କମେଡିଆନ୍ ଆବିଶ ମାଥ୍ୟୁ ୨୧ତାରିଖରେ ହେବାକୁ ଥିବା ଷ୍ଟାର୍ ନାଇଟ୍‌ର ମୁଖ୍ୟ ଆକର୍ଷଣ ରହିବେ। ସୂଚନାଯୋଗ୍ୟ, ଏହି ଛାୟା ଜାତିସଂଘ ମାଧ୍ୟମରେ ଭାରତୀୟ ଛାତ୍ରୀଛାତ୍ରମାନେ ଅନ୍ୟ ଦେଶର ଛାତ୍ରୀଛାତ୍ରମାନଙ୍କ ସହ ଭାବ ବିନିମୟ ଓ ବିଶ୍ୱର ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ପାଇଥାନ୍ତି।

## ୨ରେ ଆଦର୍ଶ ସମ୍ମାନ ପ୍ରଦାନ ଉତ୍ସବ

**ଭୁବନେଶ୍ୱର ୧୬।୯(ବ୍ୟୁରୋ):** ସ୍ୱେଚ୍ଛାସେବୀ ସଂଗଠନ ତୁତୁନୁ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆସନ୍ତା ଅକ୍ଟୋବର ୨ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଉତ୍ସବ ପାଳନ କରାଯିବ। ଏହି ଅବସରରେ ସ୍ଥାନୀୟ ଉତ୍କଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠାନ ପକ୍ଷରୁ ଆଦର୍ଶ ସମ୍ମାନ ପ୍ରଦାନ ଉତ୍ସବ ୨୦୧୯ର ଆୟୋଜିତ ହେବ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ତଥା ଉତ୍କର୍ଷ ଲାଭ କରିଥିବା ପ୍ରତିଭାମାନେ ଅଂଶଗ୍ରହଣ କରିବେ ବୋଲି ତୁତୁନୁ ଫାଉଣ୍ଡେଶନର ଅଧକ୍ଷା ବନ୍ଦନା ହରିଚନ୍ଦନ କହିଛନ୍ତି। କାର୍ଯ୍ୟକ୍ରମ ଉପଲକ୍ଷେ ସାମାଜିକ କର୍ମୀ, ଶିକ୍ଷାବିତ୍, ସ୍ୱାଧୀନତା ସଂଗ୍ରାମୀ, ଶହୀଦଙ୍କ ପରିବାର ଏବଂ ପରିଚିତ ଚେହେରାଙ୍କୁ ଆଦର୍ଶ ସମ୍ମାନରେ ସମ୍ମାନୀତ କରାଯିବ। ଏହାସହ ୩ଟି ପ୍ରମୁଖ ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହେବ।

## ସାପ କାମୁଡ଼ାରେ ଯୁବକ ମୃତ

**ଖୋର୍ଦ୍ଧା ଅଫିସ,୧୬।୯:** ଚିଲିକା ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ସୋମବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଅନୀଲ ସାହୁ(୨୯)। ସୂଚନା ଅନୁଯାୟୀ, ଅନୀଲ ବାରିରେ କାମ କରୁଥିବାବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପରିବାର ସୁତ୍ରରୁ ଜଣାପଡିଛି।



ଭୁବନେଶ୍ୱର ପଳାଶୁଣୀଠାରେ ଜଣେ ଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ: ବିକାଶ ନାୟକ)

# ୧୬୦୦ କୀର୍ତ୍ତିରାଜି ଫଟୋରେ ନିର୍ମିତ ବିଶ୍ୱକର୍ମା

**ପୁରୁଣା ଭୁବନେଶ୍ୱର,୧୬।୯(ଡି.ଏନ.ଏ)**

ମଙ୍ଗଳବାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା। ଏଥିପାଇଁ ପ୍ରସ୍ତୁତି ସରିଥିବାବେଳେ ସହରଠୁ ଗାଁ ସବୁଠି ଉତ୍ସାହ ଆଉ ଉତ୍କଣ୍ଠା। ବିଶେଷକରି ବିଭିନ୍ନ ସହର ଓ ବଜାରରେ ନିଆରା ମୂର୍ତ୍ତି ନିର୍ମାଣ ସହ ସୁଉଚ୍ଚ ତୋରଣ, ଆଲୋକସଜ୍ଜାକୁ ନେଇ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ପ୍ରତିଯୋଗିତା ଚାଲିଛି। ଏସବୁ ଭିତରେ ଶାନ୍ତିସ୍ତୂପ ନିକଟ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରୀମାନେ ବିଭିନ୍ନ ଦେଶର ୧୬୦୦ କୀର୍ତ୍ତିରାଜି ଫଟୋକୁ ନେଇ ତିଆରି କରିଛନ୍ତି ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି। ପେପର କୋଲାଜ ଶୈଳୀରେ ପ୍ରସ୍ତୁତ ଏହି ମୂର୍ତ୍ତି ବେଶ୍ ଆକର୍ଷଣୀୟ ହେବା ସହ ନୂଆ ବାର୍ତ୍ତା ଦେଉଛି। ଏଥିରେ ବିଶ୍ୱର ପ୍ରମୁଖ ଐତିହ୍ୟ କୋଣାର୍କ ମନ୍ଦିର ସହ ଏହାର ଚକ୍ର, ଘୋଡ଼ା, ନର୍ତ୍ତକୀ ସ୍ଥାନ ପାଇଛି। ସେହିପରି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ମୁକ୍ତେଶ୍ୱର ତୋରଣ, ବୋଇତାଳ ମନ୍ଦିର, ଶାନ୍ତିସ୍ତୂପ ଧଉଳି, ଖଣ୍ଡଗିରି ଗୁମ୍ଫା ସହ ଅନେକ କୀର୍ତ୍ତିରାଜିର ଫଟୋଚିତ୍ର ଓ ବିଶ୍ୱକର୍ମାଙ୍କ ଶ୍ଳୋକ ସ୍ଥାନିତ ହୋଇଛି।

■ ଶ୍ରୀମନ୍ଦିର, କୋଣାର୍କ, ଲିଙ୍ଗରାଜ ଭଳି ମନ୍ଦିରର ସ୍ଥାପତ୍ୟ ସାମିଲ



ମହାବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗ ଅଧ୍ୟାପକ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ରାଜେଶ୍ୱର ମହାପାତ୍ର, ରଣଜିତ୍ ପାଣି, ସୁଧାଂଶୁ ବକ୍ସି, ରାକେଶ ବିଶ୍ୱାଳ, ବିଶ୍ୱଜିତ୍ ସାହୁ, ଅବିନାଶ ସାହୁ, ରାକେଶ ଦାସ, ନୀଳମଣି ଗୌଡ, ସୁମିତ୍ କୁମାର ଧାଙ୍ଗଡ଼ା ମାଝି ଓ ଗତିକୃଷ୍ଣ ନାୟକଙ୍କ ସମେତ ବହୁ ଛାତ୍ରୀଛାତ୍ର ୮ଦିନ ଧରି ଏହି ମୂର୍ତ୍ତି ତିଆରି କରିବାରେ ସଫଳ ହୋଇନ୍ତି। ଏମାନେ କୁହନ୍ତି, ଐତିହ୍ୟ, କୀର୍ତ୍ତିରାଜି, କଳା ଓ ସ୍ଥାପର୍ତ୍ୟର ରକ୍ଷଣାବେକ୍ଷଣ ଏବଂ ସେଗୁଡିକର ପ୍ରଚାରପ୍ରସାର ପାଇଁ ଏପରି ପ୍ରୟାସ କରାଯାଇଛି। ଛାତ୍ରଛାତ୍ରୀଙ୍କ ଏଭଳି ଉଦ୍ୟମକୁ ମହାବିଦ୍ୟାଳୟ ଅଧକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ, ସମ୍ପାଦକ ମିହିରକାନ୍ତ ପ୍ରହରାଜ, ଅଧ୍ୟାପକ ମାନସ ରଞ୍ଜନ ନାୟକ, ବିଶ୍ୱକାନ୍ତ ପଣ୍ଡା, ରାମଶଙ୍କର ସାହୁ, ସସ୍ମିତା କାମିଲା, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ପ୍ରଶଂସା କରିଛନ୍ତି।



ମା' ଆସୁଛନ୍ତି

### ଶହୀଦନଗର ଦୁର୍ଗାପୂଜା ସମିତି

# ତୋରଣରେ ଲକ୍ଷ୍ନୌ ରାଜପ୍ରାସାଦ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତିରେ ନିଜକୁ ସାମିଲ କରିଛି ଭୁବନେଶ୍ୱରର ଅନ୍ୟତମ ପ୍ରମୁଖ ପୂଜାମଣ୍ଡପ ଶହୀଦନଗର। ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ଏବେ ସୁଦ୍ଧା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହ ପାର୍ଶ୍ୱବର୍ତ୍ତୀ ମୂର୍ତ୍ତି ଓ ତୋରଣ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଲକ୍ଷ୍ନୌର ବିଖ୍ୟାତ ରାଜପ୍ରସାଦ ପ୍ରତିକୃତି



ତୋରଣ ଶହୀଦନଗରରେ ଶୋଭାପାଇବାକୁ ଥିବାବେଳେ ଚାନ୍ଦିରେ ନିର୍ମିତ ମେଢ଼ ଓ ସୁନା, ରୁପା ଅଳଙ୍କାରରେ ସଜ୍ଜିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଏଠାକାର ପ୍ରମୁଖ ଆକର୍ଷଣ ସାଜିବ। ଏହାବ୍ୟତୀତ ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ପୂଜାମଣ୍ଡପର ଅନନ୍ୟ ଆକର୍ଷଣ ମଧ୍ୟରେ ରହିବ।

୪୧ବର୍ଷରେ ପଦାର୍ପଣ କରିଥିବା ଶହୀଦନଗର ପୂଜା ସମିତି ଏଥର ମା'ଙ୍କ ଅଳଙ୍କାର, ଲାଇଟ୍ ଡେକୋରେଶନ୍, ଭସାଣି ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଫୋକସରେ ରଖିଛି। ଚଳିତବର୍ଷ ଏଠାରେ ଲକ୍ଷ୍ନୌ ରାଜପ୍ରସାଦ ସଦୃଶ ତୋରଣ ନିର୍ମାଣ କରାଯିବାକୁ ଥିବାବେଳେ ଏହାର କାର୍ଯ୍ୟ ପ୍ରାୟ ଅଧାଅଧି ହେଲାଣି। ୭୦ଫୁଟ ଉଚ୍ଚତା ଏବଂ ୧୨୦ଫୁଟ ଓସାର ବିଶିଷ୍ଟ ଏହି ତୋରଣ କିଭଳି ଅନ୍ୟ ପୂଜାମଣ୍ଡପଗୁଡିକଠାରୁ ଭିନ୍ନ ଓ ଆକର୍ଷଣୀୟ ହେବ ସେଥିପାଇଁ ରାଜ୍ୟ ବାହାରୁ ଆସିଥିବା ସ୍ୱତନ୍ତ୍ର ଡିଜାଇନର ଓ ୩୫ରୁ ଊର୍ଦ୍ଧ୍ୱ କାରିଗର ଜନ୍ମାଷ୍ଟମୀ ଠାରୁ ଦିନରାତି କାମରେ ଲାଗିଛନ୍ତି। ଫାଇବର, ବତି, ପ୍ଲାଏ ଓ ବାଉଁଶର ସୂକ୍ଷ୍ମ କାରୁକାର୍ଯ୍ୟ ଏହି ତୋରଣରେ ଦେଖିବାକୁ ମିଳିବ। ଏହାସହ ୩ କୁଇଣ୍ଟାଲ ଚାନ୍ଦିରେ ନିର୍ମିତ ମା'ଙ୍କର ଚାନ୍ଦିମେଢ଼ ଏବଂ ସୁନା ଓ ରୁପାରେ ନିର୍ମିତ ଅଳଙ୍କାର ଶହୀଦନଗର ମଣ୍ଡପର ଅନ୍ୟତମ ପ୍ରମୁଖ ଆକର୍ଷଣ ରହିବ। ଚଳିତବର୍ଷ ପ୍ରଥମଥର ପାଇଁ ଚାନ୍ଦି ପରିବର୍ତ୍ତେ ୨.୫ କିଲୋଗ୍ରାମ ସୁନାରେ ନିର୍ମିତ ମୁକୁଟ ମା'ଙ୍କ ମସ୍ତକରେ ଶୋଭାପାଇବ। ମା'ଙ୍କର ମୃଣ୍ମୟୀ ମୂର୍ତ୍ତି କଟକର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବାବେଳେ ଏଥର ଆଲୋକୀକରଣ ଓ ସାଜସଜ୍ଜା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ୬ଟି ବଡ଼ ବଡ଼ ଏଲ୍‌ଇଡି ଗେଟ୍ ସହ ୬୦ଟି ଷ୍ଟ୍ରକଚର୍ ଗେଟ୍ ଓ ରଙ୍ଗବେରଙ୍ଗ ଆଲୋକମାଳାରେ ସମଗ୍ର ଅଞ୍ଚଳକୁ ସଜାଯିବାକୁ ସ୍ଥିର ହୋଇଛି। ସବୁଠାରୁ ବଡକଥା ହେଲା, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଦର୍ଶନ ପାଇଁ ସ୍ୱତନ୍ତ୍ର ଧାଡି କରାଯିବା ସହ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଭକ୍ତମାନଙ୍କ ସୁରକ୍ଷା ଦୃଷ୍ଟିରୁ ସମିତି ତରଫରୁ ୧୦୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ।

### କମିଟି ସଦସ୍ୟଙ୍କ ମୁହଁରୁ



୯ ତାରିଖରେ ସମୂହ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଆମର ୨୫ଟି ମେଢ଼ ଭଷାଣିରେ ଅଂଶଗ୍ରହଣ କରିବେ। ଭସାଣି ଉତ୍ସବରେ ପାରମ୍ପରିକ ଲୋକନୃତ୍ୟ ଓ ବାଦ୍ୟ ପ୍ରମୁଖ ଆକର୍ଷଣ ରହିବ। ଶବ୍ଦ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ ଦିଆଯିବ।
**- ସଚ୍ଚିଦାନନ୍ଦ ରଥ, ସଭାପତି**



ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମଣ୍ଡପ ଭିତରେ ଓ ବାହାରେ ୧୬ଟି ସିସିଟିଭି କ୍ୟାମେରା ଲଗାଯିବ। ମହିଳାଙ୍କ ସୁରକ୍ଷା ନିମନ୍ତେ ମହିଳା ସୁରକ୍ଷା କର୍ମୀ ନିୟୋଜିତ ହେବେ। କମିଶନରେଟ୍ ପୋଲିସ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ। ଏହାସହ ସମିତିର ନିଜସ୍ୱ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ହେବେ। ମନୋରଞ୍ଜନ ନିମନ୍ତେ ରାମଦୋଳି, ମିନାବଜାର ଓ ଫୁଡ୍‌କୋର୍ଟର ବ୍ୟବସ୍ଥା କରାଯିବ।
**- ନାରାୟଣ ମହାପାତ୍ର, ସମ୍ପାଦକ**



ଚଳିତବର୍ଷ ଆମ ପୂଜାର ଆକର୍ଷଣ ରହିବ 'ମାତା କି ଜାଗରଣ' କାର୍ଯ୍ୟକ୍ରମ। ଦଶମୀରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଣ୍ଣ ମହନ୍ତ ଓ ସାଥୀଙ୍କ ଦ୍ୱାରା ଦଶମୀରେ ଜାଗରଣ ପରିବେଷଣ କରାଯିବ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରାଜ୍ୟର ଖ୍ୟାତନାମା ଶିଳ୍ପୀମାନେ ଭଜନ ପରିବେଷଣ କରିବେ। କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ସୁଧାକର, ଇପ୍‌ସିତା ପଣ୍ଡା, ପ୍ରଶାନ୍ତ ପାଢ଼ୀ, ଅନୁସୂୟା ନାଥ, ଜଗବନ୍ଧୁ ମୁଦୁଲି ଓ ଅନ୍ୟାନ୍ୟ କଳାକାରମାନେ ଏଥିରେ ଯୋଗଦେବେ।
**- ଡ. ଜଗନ୍ନାଥ ମହାପାତ୍ର, ମୁଖ୍ୟ ଉପଦେଷ୍ଟା**

# ମୁମ୍ବାଇ ପଶ୍ଚିମ ଓଡ଼ିଶା ପରିବାରର ନୂଆଖାଇଁ ଭେଟ୍‌ଘାଟ୍

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**




ମୁମ୍ବାଇ ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ରବିବାର ମୁମ୍ବାଇର ସ୍ୱତନ୍ତ୍ରବୀର ସାବରକର ଅଡିଟୋରିୟମଠାରେ ୧୩ତମ ନୂଆଖାଇଁ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିଚାଳନା କମିଟିର ସଦସ୍ୟ ଚମ୍ପକ ତ୍ରିପାଠୀଙ୍କ କଣ୍ଠରୁ ଦେବୀଙ୍କ ମନ୍ତ୍ର ସହ ବରିଷ୍ଠ ମହିଳା ସଦସ୍ୟଙ୍କ ଦ୍ୱାରା ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନାରୁ ଆରମ୍ଭ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏହାପରେ ସମସ୍ତେ ପ୍ରସାଦ ପାଇବା ପରେ ନିଜ ନିଜକୁ ନୂଆଖାଇଁ ଜୁହାର କହି ଅଭିନନ୍ଦନ ଜଣାଇଥିଲେ। ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ହରୁନ ରସିଦ ଖାନ, ଇନ୍‌କମ୍ ଟାକ୍ସ(ତଦନ୍ତ)ର ନିର୍ଦ୍ଦେଶକ ଆନନ୍ଦ କୁମାର, ଗ୍ଲୋବାଲ ମାର୍କେଟ୍ସ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଏଚ୍.କେ.ଜେନା ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ 'ଜୁହାର' ପତ୍ରିକାର ନବମ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭବାନୀପାଟଣାର 'ପ୍ରତିଭା' ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ବଲପୁର ଗୀତର ତାଳେ ତାଳେ ଉପସ୍ଥିତ ଦର୍ଶକ ମଧ୍ୟ ମନ୍ତ୍ରମୁଗ୍ଧ ହୋଇ ନୃତ୍ୟ ପରିବେଷଣ କରୁଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜକଙ୍କ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିବା ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପାଖାପାଖି ୫୦୦ଲୋକ ଏଠାରେ ପ୍ରସ୍ତୁତ ହୋଇଥିବା ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ତୃପ୍ତିଲେଖା



ସିପୁନ୍



ଭାସ୍କର



ସ୍ନେହାଞ୍ଜଳି



ସତ୍ୟବ୍ରତ



ଚନ୍ଦ୍ରକାନ୍ତ



ସାଜନ୍



ବିକ୍ରମ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ



## ସଂକ୍ଷେପରେ

### ଦାଦାବଟି ପାଇଁ ହାଟରେ ବୁଲିଲା ଖଣ୍ଡା, ଭୁଜାଲି
### ୬ ଜେଲ ଗଲେ

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗର ଅଞ୍ଚଳରେ ଦାଦାବଟି ପାଇଁ ଖଣ୍ଡା ଭୁଜାଲି ଧରି ଆତଙ୍କ ଖେଳାଉଥିବା ୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ତାରିଣୀ ବସ୍ତିର ସୂର୍ଯ୍ୟ ବାହାଦୁର, ଖାରବେଳ ନଗର ଥାନା ମସ୍ଜିଦ କଲୋନୀର ଶେଖ୍ ଆଲିଜାନ, ଖଣ୍ଡଗିରି ଥାନାଞ୍ଚଳର ଦୀପ୍ତି ରଞ୍ଜନ ସ୍ୱାଇଁ, ରେଣ୍ଟାଲ କଲୋନୀର କୁଲୁ ନାୟକ, ପ୍ରୀତମ ନାୟକ ଓ ଶ୍ରୀଧର ଦାସ। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ ଭିଏସ୍ଏସ୍ନଗର ସାପ୍ତାହିକ ହାଟ ଚାଲିଥିବାବେଳେ ଏହି ଅଭିଯୁକ୍ତମାନେ ଖଣ୍ଡା, ଭୁଜାଲି, ହକି ଷ୍ଟିକ୍ ଧରି ପ୍ରଥମେ ବ୍ୟବସାୟୀଙ୍କୁ ଭୟଭୀତ କରିଥିଲେ। ପରେ ୧ ହଜାର ଟଙ୍କା ଲେଖାଏ ଦାଦାବଟି ଦେବାକୁ ଧମକ ଦେଇ ବ୍ୟବସାୟୀଙ୍କ ସାମଗ୍ରୀକୁ ଫିଙ୍ଗା ଫୋପଡ଼ା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ଥାନାକୁ ନେଇଥିଲା। ଏ ନେଇ ୨୪୨/୧୯ରେ ଏକ ମାମଲା ରୁଜୁ କରି ପୋଲିସ ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ନୟାପଲ୍ଲୀ, ଶହୀଦନଗର ଓ ଚନ୍ଦ୍ରଶେଖରପୁର ଅଞ୍ଚଳରେ ମର୍ନିଂୱାକ୍‌ରେ ଯାଉଥିବା ମହିଳାଙ୍କଠାରୁ ଲୁଟ୍ କରୁଥିବା ପୋଲିସ ଜାଣିବାକୁ ପାଇଛି।

### ବଟି ଆଦାୟ କରି ଜଣେ ଗିରଫ

**ଟାଙ୍ଗୀ(କଟକ), ୧୬।୯(ଡି.ଏନ୍.ଏ.)-** ଦାଦା ବଟି ଆଦାୟ କରିବା ଅଭିଯୋଗରେ ଟାଙ୍ଗୀ ପୋଲିସ ଜଣେ ଯୁବକକୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି । ସେ ହେଲେ କୋଟସାହି ପଞ୍ଚାୟତ ମଠସାହିର ଚିତ୍ତରଞ୍ଜନ ସ୍ୱାଇଁ। ରବିବାର ଓଡ଼ି-୦୫ଏକେ-୬୦୬୭ ନଂ ଟ୍ରାକ୍ଟର ଇଟା ଖଲାସକରି ଟାଙ୍ଗୀ-ହରିପୁର ରାସ୍ତାରେ ଫେରୁଥିଲା। ଟାଙ୍ଗୀ ମେଡିକାଲ ଛକ ନିକଟରେ ଅଭିଯୁକ୍ତ ସ୍ୱାଇଁ ଓ ତାଙ୍କର କେତେକ ସାଥୀ ଟ୍ରାକ୍ଟର ଅଟକାଇ ଗାଡ଼ି ପିଛା ୫ଶହ ଟଙ୍କା ଦାବି କରିଥିଲେ। ଏଥିସହ ଉକ୍ତ ରାସ୍ତାରେ ଆସୁଥିବା ସମସ୍ତ ଗାଡ଼ିକୁ ଅଟକାଇ ଚାନ୍ଦା ଦାବିକରିବା ଫଳରେ ପ୍ରାୟ ୨ଘଣ୍ଟା କାଳ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଟ୍ରାକ୍ଟର ଚାଳକ ସୁଶାନ୍ତ ତିରିଆଙ୍କ ଲିଖିତ ଅଭିଯୋଗ ଆଧାରରେ କେସ ନଂ-୧୯୦/୧୯ ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ବିମଳ କୁମାର ବାରିକ କହିଛନ୍ତି।

### ଟ୍ରେନ ଅଟକାଇ ଟିକେଟ ଯାଞ୍ଚ: ଯାତ୍ରୀ ଅସନ୍ତୋଷ

**ଟାଙ୍ଗୀ(କଟକ), ୧୬।୯(ଡି.ଏନ୍.ଏ.):** ପୂର୍ବତଟ ରେଳପଥ ଟାଙ୍ଗୀସ୍ଥିତ କପିଳାସ ରୋଡ଼ ରେଳଷ୍ଟେଶନରେ ସୋମବାର ଟ୍ରେନ ଅଟକାଇ ଟିକେଟ ଯାଞ୍ଚ ଘଟଣାରେ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ଓ ରବିବାର ଛୁଟି ପରେ ସୋମବାର ଅଫିସରେ ପହଞ୍ଚିବା ଡେରି ହେଉଥିବାରୁ ବହୁ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଯେଉଁ ଯାଞ୍ଚ ଟ୍ରେନ ଚାଲିବା ବେଳେ ହୋଇପାରିଥାନ୍ତା ତାକୁ ଜାଣିଶୁଣି ଟ୍ରେନ ଅଟକାଇ କରାଗଲା ବୋଲି ଯାତ୍ରୀମାନେ ଷ୍ଟେଶନ ମାଷ୍ଟରଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ୍ରମେ ଗଠିତ ସ୍କ୍ୱାଡ଼ ସକାଳ ୮ ରୁ ଗୋଟିକ ପରେ ଗୋଟିଏ ପାସେଞ୍ଜର ଟ୍ରେନ ଅଟକାଇ ଟିକେଟ୍ ଯାଞ୍ଚ କରିଥିଲେ। ବିନା ଟିକେଟରେ ଯାତ୍ରା କରୁଥିବା ଅନେକ ଯାତ୍ରୀଙ୍କ ନିକଟରୁ ଜୋରିମାନା ଆଦାୟ କରାଯାଇଥିଲା।

## ବିପଦକୁ ଅଣଦେଖା



ଭୁବନେଶ୍ୱର ଜନତା ମଇଦାନ



ଜୟଦେବ ବିହାର-ବାଣୀବିହାର ରୋଡ୍







ଜୟଦେବ ବିହାରରୁ ବାଣୀବିହାର ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ରହିଥିବା ବିଦ୍ୟୁତ୍ ଟାୱାର ଓ ଖୁଣ୍ଟରେ ଗଛଲତା ମାଡ଼ି ରହିଛି। (ଫଟୋ: ବିକାଶ ନାୟକ)

## ସମସ୍ୟା ଘେରରେ ଉତ୍କଳ ବିଶ୍ୱବିଦ୍ୟାଳୟ

# ୧୦ ଦଫା ଦାବିରେ ତାତିଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକାଧିକ ସମସ୍ୟା ଦେଖାଦେଇଛି। ତାହାର ସମାଧାନ ପାଇଁ ଛାତ୍ରୀଛାତ୍ରମାନେ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କୁ ବାରମ୍ବାର କହିଆସୁଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ତେଣୁ ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଛାତ୍ରୀଛାତ୍ରମାନେ ୧୦ ଦଫା ଦାବି ନେଇ କୁଳପତିଙ୍କ ଅଫିସ୍ ଆଗରେ ଧାରଣା ଦେବା ସହ ଗେଟ୍‌ରେ ତାଲା ପକାଇଥିଲେ। ଏପରି କି କୁଳପତି ନ ଆସିବା ପର୍ଯ୍ୟନ୍ତ କେହି ଉଠିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଶହୀଦନଗର ଥାନା ପୋଲିସ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ କିଛି ସଫଳ ମିଳି ନ ଥିଲା। ଛାତ୍ରୀଛାତ୍ରମାନେ ହୋହଲ୍ଲା କରିବା ସହ କୁଳପତିଙ୍କ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ରୋକିବାରେ ସଫଳ ନ ହେବାରୁ ମୃଦୁ ଲାଠିଚାଳନା କରିଥିଲା। ଫଳରେ ଉତ୍ତେଜନା ବଢ଼ିଥିଲା। ଡିସିପି ଅନୁପ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ୫ ଘଣ୍ଟା ଧରି ପୋଲିସ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଛକାପଞ୍ଝା

### ପୋଲିସ ସହ ଧସ୍ତାଧସ୍ତି, ମୃଦୁ ଲାଠିଚାଳନା

ଲାଗିଥିଲା। ଖରାରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିବାରୁ ଜଣେ ଛାତ୍ର ଅଚେତ ହୋଇଯାଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ବହୁ ସମୟ ଧରି କୁଳପତି ନ ଆସିବାରୁ ପିଲାମାନେ ପୁଣି ତାତିଯାଇଥିଲେ। ସେମାନେ ପୁନର୍ବାର କୁଳପତିଙ୍କ ଅଫିସ ଭିତରକୁ ପଶିବାକୁ ଉଦ୍ୟମ କରି ଗେଟ୍‌କୁ ଭାଙ୍ଗିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଏପରି କି ଜଣେ ଛାତ୍ରୀଙ୍କୁ ପୋଲିସ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଶେଷରେ ଅପରାହ୍ନ ପ୍ରାୟ ୩ଟାରେ କଡ଼ା ସୁରକ୍ଷା ମଧ୍ୟ କୁଳପତି ପଟ୍ଟନାୟକ ଆସି ୧୦ ଦଫା ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଦାବିଗୁଡିକ ହେଲା, ବିଶ୍ୱବିଦ୍ୟାଳୟକୁ ରଙ୍ଗ୍‌ରୁଟରେ ଆସିବା ଯୋଗୁ ଦୁର୍ଘଟଣା ଘଟୁଥିବାରୁ ବାଣୀବିହାର ଛକ ନିକଟରୁ ପ୍ରବେଶ ପଥ କରିବା, ପରୀକ୍ଷା ନିର୍ଦ୍ଦିଷ୍ଟ ସମୟରେ କରିବା ଏବଂ ପରୀକ୍ଷାଫଳ ୪୫ ଦିନ ମଧ୍ୟରେ ପ୍ରକାଶ କରିବା, ବିଭିନ୍ନ ଫି ଦୁଇବର୍ଷ ହେଲା ବଢୁଥିବାରୁ ତାହାକୁ କମ୍ କରିବା, ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଜାତୀୟ ପତାକା ଉଡ଼ିବା ଭଳି ବ୍ୟବସ୍ଥା କରିବା, କ୍ୟାମ୍ପସରେ ସିସିଟିଭି ଲଗାଇବା, ନବନିର୍ମାଣ କୋଠାକୁ ତୁରନ୍ତ ବ୍ୟବହାରରେ ଲଗାଇବା, ୭ ନମ୍ବର ବାଳକ ଏବଂ ୭ ନମ୍ବର ବାଳିକା ହଷ୍ଟେଲର ସମସ୍ୟା (ପାଣି ଏବଂ ନିମ୍ନମାନର ଖାଦ୍ୟ)ର ସମାଧାନ କରିବା, ଫନୀରେ ଭାଙ୍ଗିଯାଇଥିବା ବାଳିକା ହଷ୍ଟେଲ ନିକଟ ପାଚେରିକୁ ମରାମତି କରାଯିବା ଏବଂ ବିଶ୍ୱବିଦ୍ୟାଳୟକୁ ମିଳିଥିବା ଆମ୍ବୁଲାନ୍ସକୁ କାର୍ଯ୍ୟରେ ଲଗାଯିବା।



କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୋଲିସ-ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି।



କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେଉଛନ୍ତି।

### ୧୧କେଭି ବିଦ୍ୟୁତ୍ ନେଲା ଶ୍ରମିକଙ୍କ ଜୀବନ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ହାଉସିଂବୋର୍ଡ କଲୋନୀରେ ଛାତ ଉପରେ କାମ କରୁଥିବା ସମୟରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତ ଶ୍ରମିକ ଜଣକ ହେଲେ ଦିଲୁ ସୋରେନ(୩୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଆହତଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ହାଉସିଂବୋର୍ଡ କଲୋନୀର ଘର ନଂ.କେ/୧୮ର ଦୁଇ ମହଲା ଛାତ ଉପରେ କାମ ଚାଲୁଥିଲା। ଡିଷ୍ଟ୍ରିକ ସେଣ୍ଟର ପାଣିଟାଙ୍କି ବସ୍ତିର ମଙ୍ଗଳ ଦିଗି ଓ ଦିଲୁ ସୋରେନ କାମ କରୁଥିବା ସମୟରେ ଅସାବଧାନତା ବଶତଃ ଏକ ଲୁହା ପାଇପ ନିକଟରେ ଯାଇଥିବା ୧୧କେଭି ବିଦ୍ୟୁତ ତାରରେ ଲାଗିଯିବାରୁ ଉଭୟ ଜଳିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଛାତରୁ ତଳକୁ ଓହ୍ଲାଇବା ସହ ୧୦୮ ଆମ୍ବୁଲାନରେ ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ଦିଲୁଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ମଙ୍ଗଳଙ୍କ ଡାହାଣ ହାତ ପାପୁଲି ପୋଡ଼ିଯାଇଥିବାବେଳେ ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

### କୃଷି କାର୍ଯ୍ୟକ୍ରମର ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଫସଲ ପାଣିପାଗ ନିରୀକ୍ଷଣ ଗ୍ରୁପ୍ (କ୍ରପ୍ ୱେଦର ୱାଚ୍ ଗ୍ରୁପ୍) ବୈଠକ ସୋମବାର କୃଷି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ପ୍ରକାର କୃଷି କାର୍ଯ୍ୟକ୍ରମର ନିୟମିତ ନିରୀକ୍ଷଣ, ଆପତ୍‌କାଳୀନ ସ୍ଥିତି ନିମନ୍ତେ ଆକସ୍ମିକ ଯୋଜନା ପ୍ରସ୍ତୁତ ଓ ଚାଷୀମାନଙ୍କୁ କୃଷି ସମ୍ବନ୍ଧୀୟ ପରାମର୍ଶ ଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଆନାଲିଟିକ୍ସ ଫର୍ ଡିସିଶନ୍ ମେକିଙ୍ଗ୍ ଆଣ୍ଡ୍ ଏଗ୍ରିକଲଚରାଲ୍ ପଲିସି ଟ୍ରାନ୍ସଫରମେଶନ୍ (ଆଡାପଟ୍) ପକ୍ଷରୁ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନା କରାଯିବା ସହ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ମାସ ସ୍ୱାଭାବିକ ବୃଷ୍ଟିପାତ ହୋଇଥିବା ଯୋଗୁ ରାଜ୍ୟରେ କୌଣସି ମରୁଡ଼ି ପରିସ୍ଥିତି ଦେଖାଦେଇ ନାହିଁ। ତେବେ ଫସଲରେ ରୋଗପୋକ ଆଦି ବିଷୟରେ ପ୍ଲାଣ୍ଟ ପ୍ରୋଟେକଶନ୍ ଅଧିକାରୀମାନେ ଦୃଷ୍ଟି ରଖିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହ ଫସଲ ଚାଷ, ଫସଲ ଋଣ, ବିହନର ସଦ୍ୟତମ ସ୍ଥିତି, ସାରର ଉପଲବ୍ଧତା ଏବଂ ଫସଲ ବୀମା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । କୌଣସି ପ୍ରକାର ବିପର୍ଯ୍ୟୟ ଏଡ଼ାଇବା ପାଇଁ 'ଆମ କୃଷି' ମାଧ୍ୟମରେ କୃଷକମାନଙ୍କୁ ନିୟମିତ ଭାବରେ ପରାମର୍ଶ ଦିଆଯାଉଥିବା ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ 'ଆମ କୃଷି' ମାଧ୍ୟମରେ କୃଷକମାନଙ୍କୁ ଅବଗତ କରିବା ପାଇଁ ସଚିବ ପରାମର୍ଶ ଦେଇଥିଲେ। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାରଙ୍କ ସମେତ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ବରିଷ୍ଠ ଅଧିକାରୀ ଓ ଆଡାପଟ୍ ଏବଂ ପ୍ରିସିଶନ୍ ଏଗ୍ରିକଲଚର ଡେଭଲପ୍‌ମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ।

## ୧୪ତମ ଗୁରୁଦକ୍ଷିଣା ସମ୍ମାନ ଆରମ୍ଭ

**ଭୁବନେଶ୍ୱର ୧୬।୯(ବ୍ୟୁରୋ)**

ନୃତ୍ୟାନୁଷ୍ଠାନ 'କଳାଶ୍ରମ' ତରଫରୁ ଚତୁର୍ଦ୍ଦଶ ଗୁରୁଦକ୍ଷିଣା ଉତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏବଂ ପୂର୍ବତନ ରାଜସ୍ୱ ପର୍ଷଦ ସଦସ୍ୟ ଅଶୋକ କୁମାର ତ୍ରିପାଠୀ ଯୋଗଦେଇଥିଲେ। ୪ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ କଳାଶ୍ରମ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପଞ୍ଚବେଦ ଶ୍ରୁତି ପରିବେଷଣ କରାଯାଇଥିଲା।



ଏହାପରେ କଲିକତାର ପରମାଇତ ମଇତ୍ର ଓ ଗ୍ରୁପ୍ ଦ୍ୱାରା ପରିବେଷିତ କଥକ ନୃତ୍ୟ ବିଶେଷ ଆକର୍ଷଣ ସାଜିଥିଲା। ପରେ ପରେ ଭିନ୍ନକ୍ଷମ ଶିଳ୍ପୀ ସତ୍ୟବ୍ରତ ସାହୁ ଏବଂ ସାଗରିକା ସାହୁଙ୍କ ଯୁଗଳବନ୍ଦୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ କେନ୍ଦୁଝରର ଗୁରୁ ମାଗୁଣି ଚରଣ କୁଅଁର ଏବଂ ଗ୍ରୁପ୍ ଦ୍ୱାରା କଣ୍ଢେଇ ନାଚ ପରିବେଷଣ କରାଯାଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ଗୁରୁ ନିତ୍ୟାନନ୍ଦ ଦାସ, ଗୁରୁ ଗଜେନ୍ଦ୍ର ପଣ୍ଡା ଓ ଗୁରୁ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିତେନ୍ଦ୍ରଙ୍କ 'ଦି ଲାଷ୍ଟ କଲର୍' ଶ୍ରେଷ୍ଠ ଫିଚର ଫିଲ୍ମ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଓଡ଼ିଶା ଜନ୍ମିତ ଫିଲ୍ମ ପ୍ରଯୋଜକ ଓ ପ୍ରମୋଟର ଜିତେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ଫିଚର ଫିଲ୍ମ 'ଦି ଲାଷ୍ଟ କଲର୍' ପୁଣି ଏକ ମାଇଲଷ୍ଟୋନ୍ ଅତିକ୍ରମ କରିଛି। ଜିତେନ୍ଦ୍ରଙ୍କ ନିର୍ମିତ ଏହି ଫିଲ୍ମ ଇଣ୍ଡିଆ ଇଣ୍ଟରନ୍ୟାଶ୍‌ନାଲ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ବୋଷ୍ଟନ୍‌ର ଉଦ୍‌ଘାଟନୀ ସମାରୋହରେ ପ୍ରଦର୍ଶିତ ହେବାର ଗୌରବ ଅର୍ଜନ କରିଛି। ସେପ୍ଟେମ୍ବର ୧୩ରେ ଯୁକ୍ତରାଷ୍ଟ୍ର ଆମେରିକାର ବୋଷ୍ଟନ୍ ସହରରେ ଥିବା ଜନ୍ ଏଫ୍. କେନେଡି ପ୍ରେସିଡେନ୍ସିଆଲ ଲାଇବ୍ରେରୀ ଆଣ୍ଡ୍ ମ୍ୟୁଜିୟମ୍‌ରେ ଏହା ପ୍ରଦର୍ଶିତ ହେବାସହ ଦୁଇଟି ପୁରସ୍କାର ହାସଲ କରିଛି। 'ଦି ଲାଷ୍ଟ କଲର୍'କୁ ମିଳିଛି ଶ୍ରେଷ୍ଠ ଫିଚର୍ ଫିଲ୍ମ ଏବଂ ଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର। ସେଲିବ୍ରିଟି ସେଫ୍ ବିକାଶ ଖାନ୍ନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ କିଛିଦିନ ତଳେ ଜାତିସଂଘ ମୁଖ୍ୟାଳୟରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଥିଲା। ଏହାସହ ୩୦ତମ ଆନୁଆଲ୍ ପାମ୍ ସ୍ପ୍ରିଙ୍ଗ୍‌ସ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍‌ରେ ପ୍ରିମିୟର୍ ହୋଇଥିବାବେଳେ ସମ୍ମାନଜନକ କାନ୍ସ ଫିଲ୍ମ ଫେଷ୍ଟିଭାଲ୍ ୨୦୧୯ରେ ସ୍ୱତନ୍ତ୍ରଭାବେ ସ୍କ୍ରିନିଂ ହୋଇଥିଲା। କିଛିବର୍ଷ ପୂର୍ବେ ବିକାଶ ଖାନ୍ନାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଦି ଲାଷ୍ଟ କଲର୍' ଉପରେ ଆଧାରିତ ଏହି ଫିଲ୍ମରେ ଅଭିନେତ୍ରୀ ନିନା ଗୁପ୍ତା ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ୮୬ ମିନିଟର ଏହି ଫିଲ୍ମରେ ବୃନ୍ଦାବନରେ ବିଧବା ମହିଳାମାନେ ହୋଲି ଖେଳିବାକୁ ନେଇ ରହିଥିବା କଟକଣା ଓ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ରାୟକୁ ଦର୍ଶାଯାଇଛି। ମହିଳାମାନଙ୍କ ବିରୋଧରେ ରହିଥିବା ବିଭିନ୍ନ କୁପ୍ରଥା ଏବଂ ସାମାଜିକ ପ୍ରତିବନ୍ଧକ ବିରୋଧରେ ଲଢ଼େଇ କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଏହି ଫିଲ୍ମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିତେନ୍ଦ୍ର କହିଛନ୍ତି।

ଇଣ୍ଟରନ୍ୟାଶ୍‌ନାଲ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ବୋଷ୍ଟନ୍





ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସ୍କୁଲ ଅଫିସ୍ ଗୃହରୁ ନାଗସାପ ଉଦ୍ଧାର



**ପୁରୀ ଅଫିସ,୧୬।୯:** ଶିରୁଳି ମହାବୀର ହାଇସ୍କୁଲରୁ ପୁଣି ନାଗସାପ ଉଦ୍ଧାର ହୋଇଛି। ଗତ ମାସରେ ଏହି ବିଦ୍ୟାଳୟ ପରିସରରୁ ୪ଟି ନାଗସାପ ଧରା ପଡ଼ିଥିଲେ। ସୋମବାର ଏକ ବଡ଼ ନାଗସାପ ବିଦ୍ୟାଳୟ ଅଫିସ ଘରୁ ଧରାଯିବା ପରେ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡ଼ିଛନ୍ତି। ଅପରାହ୍ଣରେ ବିଦ୍ୟାଳୟ ଅଫିସ ଘରେ ଏକ ନାଗସାପ ଥିବା କର୍ମଚାରୀମାନେ ଦେଖି ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ସ୍ନେକ ହେଲ୍ପ ଲାଇନ ସଦସ୍ୟ ନିହାର ରଞ୍ଜନ ପଣ୍ଡା ପହଞ୍ଚି ଗଡରେଜ୍ ଆଲମିରା ତଳୁ ସାପଟିକୁ ଧରିଥିଲେ। ୬/୭ ବର୍ଷର ଏହି ସାପଟିର ଲମ୍ବ ପ୍ରାୟ ସାଢେ ୪ ଫୁଟ ହେବ ବୋଲି ପଣ୍ଡା କହିଛନ୍ତି। ଗତମାସରେ ଏହି ବିଦ୍ୟାଳୟ ଲାଇବ୍ରେରି, ନବମଶ୍ରେଣୀ ଗୃହ ଏବଂ ସ୍କୁଲ କ୍ୟାମ୍ପସରୁ ୪ଟି ନାଗସାପ ଉଦ୍ଧାର ହୋଇଥିଲେ। ଚାରିପଟେ ଚାଷଜମି ଥିବାବେଳେ ମଝିରେ ଏହି ବିଦ୍ୟାଳୟଟି ରହିଛି। ଫନୀ ବାତ୍ୟାରେ ବିଦ୍ୟାଳୟ ପାଚେରି ଭାଙ୍ଗିଯାଇଥିଲା। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ବର୍ତ୍ତମାନ ବିଲରେ ପାଣି ମାଡ଼ିଥିବାରୁ ସାପ ଏବଂ ବିଭିନ୍ନ ସରୀସୃପ ମୁକୁଳା ପାଚେରି ଦେଇ ସ୍କୁଲ ହତା ଭିତରକୁ ପଶି ଆସୁଛନ୍ତି। ତେଣୁ ଭୟ ଲାଗୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପାଚେରି ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଶିକ୍ଷକମାନେ ଦାବି କରିଛନ୍ତି।

### ଭକ୍ତି ନିର୍ମାଲ୍ୟ-୨ ଉନ୍ମୋଚିତ

**ପୁରୀ ଅଫିସ,୧୬।୯:** ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ତ୍ରିଭାଷୀ (ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ) ଭଜନ ସିଡୀ ଭକ୍ତି ନିର୍ମାଲ୍ୟ-୨ ଉନ୍ମୋଚିତ ହୋଇଯାଇଛି। ଗତ ୧୪ ତାରିଖରେ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମନ୍ତ୍ରୀ ଅରୁଣ ସାହୁ ଏହାକୁ ଉନ୍ମୋଚନ କରିଥିଲେ। ଭକ୍ତି ନିର୍ମାଲ୍ୟ ସଭାପତି ବଦ୍ରି ମିଶ୍ର, ସମ୍ପାଦକ ରାଜେନ୍ଦ୍ର ମିଶ୍ର ଓ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଉପସ୍ଥିତ ଥିଲେ। ଗତବର୍ଷ ଗୀତିକାର ବଦ୍ରି ମିଶ୍ର ଓ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ରଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ତିନୋଟି ଭାଷାରେ ଜଗନ୍ନାଥ ଭଜନ ସିଡୀ ଉନ୍ମୋଚିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଶ୍ରୀଜଗନ୍ନାଥ ସଂସ୍କୃତିର ବିକାଶ ପାଇଁ ବଜେଟରେ ବ୍ୟୟ ବରାଦ କରୁଛି। କିନ୍ତୁ ଏ ଦିଗରେ ଖର୍ଚ୍ଚ ଉତ୍ସାହଜନକ ନୁହେଁ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଲାଗି ବିଭିନ୍ନ ଭାଷାରେ କ୍ଷୁଦ୍ର ପୁସ୍ତକ, ଗବେଷଣାତ୍ମକ ରଚନା ବିଶେଷକରି ନୃତ୍ୟ, ସଙ୍ଗୀତ ପାଇଁ ଏକାଡେମୀ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି ବୋଲି ଭକ୍ତି ନିର୍ମାଲ୍ୟର ସଭାପତି ମିଶ୍ର କହିଛନ୍ତି।

## ଆସୁଛି ଧର୍ମମାସ କାର୍ତ୍ତିକ

# ଦୟନୀୟ ଅବସ୍ଥାରେ ତୀର୍ଥ ପୁଷ୍କରିଣୀ

**ପୁରୀ ଅଫିସ,୧୬।୯**

ଆସୁଛି ଧର୍ମମାସ କାର୍ତ୍ତିକ। ଏହି ସମୟରେ ହବିଷ ପାଳିବାକୁ ଶ୍ରୀକ୍ଷେତ୍ର ଆସିବେ ହଜାର ହଜାର ହବିଷିଆଳି। ମାସେ ପର୍ଯ୍ୟନ୍ତ ପୁରୀରେ ରହିବେ। ଏଠାକାର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ପ୍ରାତଃ ସ୍ନାନ ସାରି ଚଉଁରା ମୂଳେ ରାଇ ଦାମୋଦରଙ୍କ ପୂଜା କରିବେ। ପୁଣି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। କାର୍ତ୍ତିକ ମାସକୁ ଆଉ ୨୭ଦିନ ବାକି ରହିଲା। ମାତ୍ର ଏ ପର୍ଯ୍ୟନ୍ତ ତୀର୍ଥ ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର କି ମରାମତି କରାଗଲା ନାହିଁ। ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡ, ଶ୍ୱେତଗଙ୍ଗା, ପାର୍ବତୀ ସାଗର ଆଦି ଏକାଧିକ ତୀର୍ଥ ପୁଷ୍କରିଣୀର ଅବସ୍ଥା ଦୟନୀୟ ହୋଇପଡ଼ିଲାଣି। ରକ୍ଷଣାବେକ୍ଷଣ ଦିଗରେ ଉପଯୁକ୍ତ ଧ୍ୟାନ ଦିଆଯାଉ ନ ଥିବାରୁ କାହାର ପାଚେରି ଭୁଶୁଡ଼ି ପଡ଼ିଛି ତ ଆଉ କେଉଁଥିରେ ପଶୁଛି ଆବର୍ଜନା ଜଳ। ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ପୂର୍ବରୁ ତିନି ପାର୍ଶ୍ୱ ପାଚେରି ଭୁଶୁଡ଼ି ପଡିଥିଲା। ପୂର୍ବପାର୍ଶ୍ୱରେ ଅସ୍ଥାୟୀ ଭାବେ ତିଆରି ସିମେଣ୍ଟ ବାଡ଼ା ସହ ରାସ୍ତା ଭୁଶୁଡ଼ି ପଡ଼ିଛି। ଫଳରେ ଏହି ପାର୍ଶ୍ୱରେ ଥିବା ଘରଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି।

କାର୍ତ୍ତିକ ବ୍ରତ ପାଳନ କରିବା ଲାଗି ରାଜ୍ୟର ବିଭିନ୍ନ ସ୍ଥାନରୁ ହବିଷିଆଳି ପୁରୀ ଆସିବେ। ପ୍ରାତଃରୁ ସେମାନେ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବାର ବିଧି ରହିଛି। ତେଣୁ ଏହି ମାସରେ ତୀର୍ଥ ପୁଷ୍କରିଣୀଗୁଡ଼ିକରେ ହବିଷିଆଳିଙ୍କ ଭିଡ଼ ହେବ। କେବଳ କାର୍ତ୍ତିକ ମାସ ନୁହେଁ, ବର୍ତ୍ତମାନ ପିତୃପକ୍ଷ ଚାଲିଛି। ପିତୃପକ୍ଷରେ ତୀର୍ଥ ପୁଷ୍କରିଣୀ କୂଳରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କାର୍ଯ୍ୟ କରାଯାଉଛି। ବହୁ ଗୃହସ୍ଥ ନିଜ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରିବା ପାଇଁ ତୀର୍ଥକୂଳରେ ଏକତ୍ର ହେଉଛନ୍ତି। ଅନ୍ୟପକ୍ଷରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ମଧ୍ୟ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ ପୁଷ୍କରିଣୀଗୁଡ଼ିକ ଅତ୍ୟନ୍ତ ରମଣୀୟ ଓ ଆକର୍ଷଣୀୟ ହେବା ଉଚିତ। ଏହା ପରିବର୍ତ୍ତେ ତୀର୍ଥ ପୁଷ୍କରିଣୀଗୁଡ଼ିକର ସୌନ୍ଦର୍ଯ୍ୟ ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି।



ଶ୍ରୀଲୋକନାଥ ମନ୍ଦିର ପରିସରରେ ଥିବା ପାର୍ବତୀ ସାଗର ପାଚେରି ଭୁଶୁଡ଼ି ପଡ଼ିଛି।

ଇନ୍ଦ୍ରଦ୍ୟୁମ୍ନର ପୂର୍ବ ପାର୍ଶ୍ୱ ପାଚେରି ପ୍ରାୟ ୫୬ ଫୁଟ, ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୫୦ ଫୁଟ ଏବଂ ଉତ୍ତର ପାର୍ଶ୍ୱରେ ୪୦ରୁ ୫୦ ଫୁଟ ପାଚେରି ଭୁଶୁଡ଼ି ପଡ଼ିଛି। ପୂର୍ବ ପାର୍ଶ୍ୱ ପାଚେରି ତିଆରି କରାଯାଇ ନ ଥିବା ବେଳେ ଏହା କଡ଼ରେ ସିମେଣ୍ଟ କାଞ୍ଚ ବାଡ଼ା ତିଆରି ହୋଇଥିଲା। ବର୍ଷା ହେଲେ ରାସ୍ତାର ପାଣି ଏହି ସ୍ଥାନ ଦେଇ ପୁଷ୍କରିଣୀକୁ ପଶୁଥିଲା। କିଛିଦିନ ତଳେ ସ୍ୱେରେଜ ନଳା ଫାଟି ମଇଳା ପାଣି ବି ଇନ୍ଦ୍ରଦ୍ୟୁମ୍ନ ଭିତରେ ପ୍ରବେଶ କରିଥିଲା। ଏ ନେଇ ବାରମ୍ବାର ଖବର ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏକାଧିକ ଥର ଅବଗତ କରାଇଥିଲେ। କିନ୍ତୁ କେହି କିଛି ଶୁଣି ନ ଥିଲେ। ନିକଟରେ ପୂର୍ବପାର୍ଶ୍ୱ ରାସ୍ତା ଦବି ବର୍ଷା ଓ ଡ୍ରେନ୍ ପାଣି ପୁଷ୍କରିଣୀରେ ମିଶୁଥିଲା। ରବିବାର ରାତିରେ ସିମେଣ୍ଟ କାଞ୍ଚ ବାଡ଼ା ସହ ରାସ୍ତା ପ୍ରାୟ ୨୦ ଫୁଟ ଭୁଶୁଡି ପଡିଛି। ଏହି ବାଟ ଦେଇ ଯାତାୟାତ ହୋଇପାରୁ ନ ଥିବାବେଳେ ନିକଟସ୍ଥ ଘରଗୁଡ଼ିକ ମଧ୍ୟ ଭୁଶୁଡିବା ଆଶଙ୍କା ସୃଷ୍ଟି ହୋଇଛି। ଇନ୍ଦ୍ରଦ୍ୟୁମ୍ନର ତିନିପାର୍ଶ୍ୱ ପାଚେରି ଭାଙ୍ଗି ଏହା ଅସୁନ୍ଦର ଲାଗୁଛି। ସେହିପରି ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ମାର୍କଣ୍ଡେୟ ପୁଷ୍କରିଣୀର ପୂର୍ବ-ଉତ୍ତର କୋଣ ପାଚେରି ପ୍ରାୟ ୫୦ ଫୁଟ ଭୁଶୁଡ଼ି ପଡ଼ିଛି। ଏହାର ମରାମତି କାମ ଅଧାପନ୍ତରିଆ ଥିବାବେଳେ ଅନ୍ୟ ପାର୍ଶ୍ୱ ପାଚେରିରେ ଶହ ଶହ ଗଛ ଉଠି ଫାଟ ସୃଷ୍ଟି ହେଲାଣି। ସେହିପରି ପ୍ରସିଦ୍ଧ ଶୈବ ପୀଠ ଶ୍ରୀଲୋକନାଥ ମନ୍ଦିର ନିକଟରେ ରହିଛି ପାର୍ବତୀ ସାଗର। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ଲୋକନାଥଙ୍କୁ ଦର୍ଶନ ପାଇଁ ଯିବା ବେଳେ ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ଗୋଡ, ହାତ ଧୋଇଥାନ୍ତି। ଶ୍ରାବଣ ମାସରେ କାଉଡ଼ିଆ ମଧ୍ୟ ଏଠାରେ ସ୍ନାନ କରିଥାନ୍ତି। ସରନ୍ତି ସୋମବାର ରାତିରେ ଶ୍ରଦ୍ଧାଳୁ ଗାଧୋଇବା ସହ ଠାକୁରଙ୍କ ବାସନକୁସନ ଏହି ପୋଖରୀରେ ସଫା କରାଯାଏ। ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହାର ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟର ପାଚେରି ଭୁଶୁଡି ପଡ଼ିଥିଲେ ମଧ୍ୟ ମରାମତି କରାଯାଇନାହିଁ। ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଶ୍ୱେତଗଙ୍ଗା ପୁଷ୍କରିଣୀର ପାଚେରି ମଧ୍ୟ ଦୁର୍ବଳ ହୋଇପଡ଼ିଛି। ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ କରିବାର ସ୍ୱପ୍ନ ଦେଖୁଥିବା ପ୍ରଶାସନ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ଏହି ତୀର୍ଥ ପୁଷ୍କରିଣୀଗୁଡ଼ିକର ତ୍ୱରିତ୍ୱ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରିବା ଦରକାର ବୋଲି ସହରର ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

## ୨୦ ବର୍ଷ ଧରି ବାସନ୍ଦ ଜୀବନ ବିତାଉଛନ୍ତି ରବୀନ୍ଦ୍ର

### ନ୍ୟାୟ ପାଇଁ ପ୍ରଶାସନକୁ ଗୁହାରି ଜଣାଇ ନିରାଶ

**ପୁରୀ ଅଫିସ, ୧୬।୯:** ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ବ୍ରାହ୍ମଣିଆ ଗ୍ରାମର ରବୀନ୍ଦ୍ର ପାଇକରାୟ (୬୫) ଦୀର୍ଘ ୨୦ ବର୍ଷ ହେଲା ବାସନ୍ଦ ଜୀବନ ବିତାଉଛନ୍ତି। ଗ୍ରାମବାସୀ ତାଙ୍କୁ ନିଆଁ, ପାଣି ବାସନ୍ଦ କରିଥିବାବେଳେ ନ୍ୟାୟ ଲାଗି ସେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ମାତ୍ର କେହି ତାଙ୍କ ଦୁଃଖ ଶୁଣୁ ନ ଥିବା ସେ ଗଣମାଧ୍ୟମକୁ କହିଛନ୍ତି। ଏ ନେଇ ସେ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ପତ୍ର ଦେଇଛନ୍ତି। ଏଥିରେ ସେ ଅଭିଯୋଗ କରିଛନ୍ତି, ଗତ ୧୯୯୯ରେ ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଗ୍ରାମରୁ ତାଙ୍କୁ ବାସନ୍ଦ କରିଦିଆଗଲା। ଗ୍ରାମର ମାଙ୍ଗଳିକ କାର୍ଯ୍ୟ, ଯାନିଯାତ୍ରା, ରାସ୍ତାରେ ଚଳପ୍ରଚଳ, ମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଗଲା। ତାଙ୍କ ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ଗ୍ରାମରେ ରହୁଥିବାବେଳେ ରବୀନ୍ଦ୍ର ବାସନ୍ଦ ଦିନଠାରୁ ବାହାରେ ରହୁଛନ୍ତି। ତାଙ୍କ ଚାଷଜମି ପଡ଼ିଆ ପଡ଼ିଛି। ତାଙ୍କ ପରିବାରକୁ ଗାଁ ନୂଳକୂପରୁ ପାଣି ଆଣିବାକୁ ଦିଆଯାଉନାହିଁ। ଫଳରେ ସେମାନେ ହଇରାଣ ହେଉଛନ୍ତି। ଏବେ ସ୍ୱାସ୍ଥ୍ୟବସ୍ଥା ଖରାପ ଯୋଗୁ ରବୀନ୍ଦ୍ର ବ୍ରହ୍ମଗିରି ବଜାର ଓ ମଠ ମନ୍ଦିରରେ ଆଶ୍ରୟ ନେଇଛନ୍ତି। ଆର୍ଥିକ ଅନଟନ କାରଣରୁ ପିଲାଙ୍କ ପାଠପଢାରେ ଡୋରି ବନ୍ଧା ହେଲାଣି। ବାସନ୍ଦ ଉଠାଗଲେ, ନିଜ ଜମିରେ ଚାଷ କରି ଗୁଜରାଣ ମେଣ୍ଟାନ୍ତେ ବୋଲି ରବୀନ୍ଦ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।



ଶହୀଦ ଦିବସ ସମାରୋହରେ ଶହୀଦ ସଂଗ୍ରାମୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

# ଶହୀଦ ଦିବସ ସମାରୋହ

**ନିମାପଡ଼ା,୧୬।୯(ଡି.ଏନ୍.ଏ.)**

ନିମାପଡ଼ା ଏନ୍ଏସି ଓ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଶହୀଦ ଦିବସ ସମାରୋହ ସୋମବାର ଶହୀଦ ଉଚ୍ଛବ ମଲ୍ଲିକଙ୍କ ସ୍ମୃତି ସ୍ତମ୍ଭ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍ପି ରାଜଶ୍ରୀ ମଲ୍ଲିକ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳଜିତ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ବିଡିଓ ବିଜୟ ବେହେରା, ଶହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଭାରତ ଛାଡ ଆନ୍ଦୋଳନରେ ନିମାପଡ଼ାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ୧୯୪୨ ସେପ୍ଟେମ୍ବର ୧୬ରେ ସ୍ୱାଧୀନତା ସଂଗ୍ରାମୀ ଉଚ୍ଛବ ମଲ୍ଲିକ ଶହୀଦ ହୋଇଥିଲେ। ତାଙ୍କର ବଳିଦାନ ନିମାପଡ଼ାର ଇତିହାସକୁ ମନେପକାଇବାକୁ ଏହି ଶହୀଦ ଦିବସ ପାଳିତ ହେଉଛି। ଆଜିର ଯୁବପିଢି ସ୍ୱାଧୀନତା ସଂଗ୍ରାମୀଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଦାଶ ସ୍ମୃତି ପୀଠ ଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ସହ ଶହୀଦ ମଲ୍ଲିକ ଓ ବୀର ସଂଗ୍ରାମୀଙ୍କୁ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶହୀଦଙ୍କ ଗ୍ରାମରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ସଭାସ୍ଥଳୀ ନିକଟରେ ପହଞ୍ଚିଥିଲା। ଏହି ମଶାଲ ଶୋଭାଯାତ୍ରାରେ ପ୍ରାୟ ୨ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଷଣ୍ଢକୁ ଧକ୍କା ଦେଲା ବସ୍, ଡ୍ରାଇଭର ଗିରଫ

**ଡେଲାଙ୍ଗ, ୧୬।୯(ଡି.ଏନ୍.ଏ.):** ପିପିଲି-ଜଟଣୀ ରାସ୍ତାର ବାସନ୍ତୀ କ୍ଲବ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଷଣ୍ଢକୁ ବସ୍ (ନଂ ଓଡି୩୩ୟୁ-୭୩୪୭) ଧକ୍କା ଦେବାରୁ ତା'ର ମୃତ୍ୟୁ ହୋଇଥିଲା। ଲୋକେ ବସ୍ ପିଛା କରି ଅଟକାଇଥିଲେ। ଖବର ପାଇ ହରିରାଜପୁର ପାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ମଲ୍ଲିକ ପହଞ୍ଚି ବସ୍ ଡ୍ରାଇଭରଙ୍କୁ ଗାଡି କାଗଜପତ୍ର ମାଗିଥିଲେ। ଡ୍ରାଇଭର ମହେଶ୍ୱର ମାନଧାତା ଯୁକ୍ତିତର୍କ କରିବାରୁ ଥାନାଧିକାରୀ ତାଙ୍କୁ ଗିରଫ କରିଥିଲେ।

## ପୋଲ ଉପରେ ବାଇକ ରଖି ଭାର୍ଗବୀକୁ ଡେଇଁଲେ ଯୁବକ

**ସାକ୍ଷୀଗୋପାଳ, ୧୬।୯(ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ଥାନା ବଳପୁର ନିକଟ ସୁଆଣ୍ଡୋ ପୋଲ ଉପରେ ବାଇକ ରଖି ସୋମବାର ମଧ୍ୟାହ୍ନରେ ଭାର୍ଗବୀ ନଦୀକୁ ଜଣେ ଯୁବକ ଡେଇଁପଡିଛନ୍ତି। ଯୁବକ ଜଣଙ୍କ ଆତ୍ମହତ୍ୟା ଉଦ୍ଦେଶ୍ୟରେ ନଦୀକୁ ଡେଇଁଥିବା ସନ୍ଦେହ କରାଯାଉଛି। ତାଙ୍କ ନାମ ସୁବ୍ରତ କୁମାର ଦାସ (୩୫)। ତାଙ୍କ ଘର ପୁରୀ ସହର ମୁକୁନ୍ଦମିଶ୍ର ନଗରରେ। ଲାଲ ରଙ୍ଗର ବଜାଜ୍ ପଲସର ବାଇକ (ନଂ ଓଡି୧୩-୫୩୫୫) ପୋଲ ଉପରେ ଥିବାବେଳେ ନଦୀରେ କିଛି ପଡିବା ଭଳି ଶବ୍ଦ ହୋଇଥିଲା। ନଦୀ ଘାଟରେ ସ୍ନାନ କରୁଥିବା ସ୍ଥାନୀୟ ଲୋକେ ଏହା ଶୁଣିଥିଲେ। କେହିଜଣେ ନଦୀ ମଧ୍ୟକୁ ଡେଇଁପଡିଲା ବୋଲି ସନ୍ଦେହରେ ସେମାନେ ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ର ଓ ସତ୍ୟବାଦୀ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ନଦୀ ମଧ୍ୟରେ ଯୁବକଙ୍କୁ ଖୋଜିବାରେ ଲାଗିଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଯୁବକଙ୍କ ସନ୍ଧାନ ମିଳି ନ ଥିଲା। ଖବର ପାଇ ସୁବ୍ରତଙ୍କ ବାପା ଭୁବନେଶ୍ୱର ଦାସ ପୁଅ ନିଖୋଜ ରହିଥିବା ନେଇ ସତ୍ୟବାଦୀ ଥାନରେ ଜଣାଇଛନ୍ତି। ସକାଳୁ ବାଇକ ନେଇ ଆସିଥିବା ପୁଅ ଆଉ ଘରକୁ ଫେରି ନ ଥିବା ପୋଲିସକୁ କହିଥିବା ବେଳେ ସୁଆଣ୍ଡୋ ବ୍ରିଜ ଉପରେ ରହିଥିବା ବାଇକଟି ତାଙ୍କର ବୋଲି ପୋଲିସକୁ କହିଛନ୍ତି। ଯୁବକ ଜଣଙ୍କ ବିବାହିତ ଓ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଥିବା ଜଣାପଡ଼ିଛି।

## ବନ୍ଧୁତା ପାଇଁ ଜର୍ମାନୀରୁ ଗୋପ

**ଗୋପ, ୧୬।୯(ଡି.ଏନ୍.ଏ.)**

ଗ୍ଲୋବାଲ ୱାର୍ମିଂ ଆଜି ବିଶ୍ୱବାସୀଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଏଥିରୁ ମୁକ୍ତି ପାଇବାର ଗୋଟିଏ ମାଧ୍ୟମ ବୃକ୍ଷରୋପଣ। ଏହା ସହ ଜର୍ମାନୀ ଓ ଭାରତ ମଧ୍ୟରେ ବନ୍ଧୁତା ସ୍ଥାପନ କରିବାକୁ ହେଲେ ଏହି ବୃକ୍ଷ ଦ୍ୱାରା ସବୁ କିଛି ସମ୍ଭବ ହୋଇପାରିବ ବୋଲି କହିଛନ୍ତି, ସୁଦ ସୁଦୂର ଜର୍ମାନୀରୁ ଓଡ଼ିଶା ଆସିଥିବା ସ୍ୱେଚ୍ଛାସେବୀ ସଂଗଠନ 'ଆଶ୍ରୟ'ର ଅଧ୍ୟକ୍ଷ ଜୋହନା ରୋଡେ। ପୁରୀ ଜିଲା ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତ ସ୍ଥିତ ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟ ହନ୍ତସୁରାଠାରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏହା କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ 'ଆଶ୍ରୟ'ର ତନୁଜା ମହାନ୍ତି, ନମିତା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପୀନାଥ ମୁଦୁଲି, ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ପରିବେଶକୁ ସରସ ସୁନ୍ଦର କରିବା ଲାଗି ବୃକ୍ଷରୋପଣ ପ୍ରୟୋଜନ ବୋଲି ଅତିଥିମାନେ କହିବା ସହ ପ୍ରତି ଛାତ୍ରୀଛାତ୍ରଙ୍କୁ ନିଜ ବାଡ଼ିରେ ୨ଟି ଲେଖାଏଁ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ରୋଡ଼େ ସ୍କୁଲ



ଜୋହନା ରୋଡେ ଚାରା ରୋପଣ କରୁଛନ୍ତି।

ପରିସରରେ ବିଭିନ୍ନ ପ୍ରକାର ବୃକ୍ଷ ଲଗାଇ ଛାତ୍ରୀଛାତ୍ରମାନଙ୍କୁ ଏହାର ଯତ୍ନ ନେଇ ଦେଶକୁ ଆହୁରି ଆଗକୁ ନେବା ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭ୍ୟା/ସଭ୍ୟ, ଗ୍ରାମବାସୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ନବକିଶୋର ବିଶ୍ୱାଳ, ଦାଶରଥି ପରିଡ଼ା, ଜ୍ୟୋତିରଞ୍ଜନ ମିଶ୍ର, ବିରଞ୍ଚି ପ୍ରସାଦ ମିଶ୍ର, ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ହାଜରା, ପ୍ରିୟମ୍ବଦା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅପହରଣର ୨ମାସ ପରେ ବି ନାବାଳିକାଙ୍କ ପତ୍ତା ପାଉନି ପୋଲିସ

# ନ୍ୟାୟ ଦାବିରେ ଧାରଣା ଦେଲେ ମହିଳା

**ପୁରୀ ଅଫିସ,୧୬।୯**

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳର ଏକ ଅପହରଣ ଘଟଣାରେ ନାବାଳିକାଙ୍କ ପରିବାରକୁ ପୋଲିସ ସହଯୋଗ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ପୁରୀ ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସମ୍ପୃକ୍ତ ଗ୍ରାମର ଶତାଧିକ ମହିଳା। ସେମାନେ ନ୍ୟାୟ ଦାବିରେ ଏସ୍ପି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

ଅଭିଯୋଗରେ ଦର୍ଶାଯାଇଛି, ପୁରୀ ଜିଲା ସଦର ଥାନା ଅଞ୍ଚଳର ଜନୈକା ନାବାଳିକା ଭୁବନେଶ୍ୱରର ଏକ କଲେଜରେ ପଢନ୍ତି। ଗତ ଜୁଲାଇ ୧୧ତାରିଖରେ ସେ ଟ୍ୟୁଶନକୁ ଯାଇ ରୁମ୍କୁ ଫେରି ନ ଥିଲେ। ନାବାଳିକାଙ୍କ ବାପା ଏ ନେଇ ମଞ୍ଚେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଡାକି ପଚରାଉଚୁରା କରିବା ପରେ ଛାଡ଼ି ଦେଇଥିଲା। ପୋଲିସର ତଦନ୍ତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଏ ପର୍ଯ୍ୟନ୍ତ ନାବାଳିକାଙ୍କ ସନ୍ଧାନ ମିଳିନାହିଁ। ତୁରନ୍ତ ପୁରୀ ଏସ୍ପି ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଗୁହାରି ଜଣାଇଛନ୍ତି।




ଏସ୍ପି ଅଫିସ୍ ସମ୍ମୁଖରେ ମହିଳାମାନେ ଧାରଣା ଦେଇଛନ୍ତି।

### ମାଲେସିଆ ଫେରିଗଲା ଜିନ୍ ହ୍ୱା

# ଛାଡ଼ିଗଲା ସ୍ମୃତି, ଦେଇଗଲା ଅନେକ ଅନୁଭୂତି

**ବ୍ରହ୍ମଗିରି, ୧୬।୯(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାଜହଂସ ଓ ଖିରୀସାହି ମଝି ବଙ୍ଗୋପ ସାଗର କୂଳରେ ଅଟକିଥିବା ମାଲେସିଆର ପଣ୍ୟବାହୀ ଜାହାଜ ଜିନ୍ ହ୍ୱା ରବିବାର ରାତିରେ କୂଳ ଛାଡ଼ିଥିଲା। ଗତ ମାସ ୭ତାରିଖରୁ ବୈଷୟିକ ତ୍ରୁଟି ଯୋଗୁ କୂଳକୁ ଚାଲିଆସିଥିବା ଜାହାଜଟି ତାର ଗନ୍ତବ୍ୟସ୍ଥଳକୁ ଫେରିଯାଇଛି। କିନ୍ତୁ ଏହାରି ଏହାରି ଭିତରେ ଛାଡିଯାଇଛି ଅନେକ ସ୍ମୃତି ଏବଂ ସ୍ଥାନୀୟ ଲୋକଙ୍କୁ ଦେଇଯାଇଛି ଅନେକ ଅନୁଭୂତି। ଏହାର କଣ୍ଟେନରଟି ଅଲଗା ହୋଇ ଜୁଆର ମାଡରେ କ୍ଷତିଗ୍ରସ୍ତ ହୋଇ ସମୁଦ୍ର ମଧ୍ୟରେ ଓଲଟି ପଡିଥିଲା। ସେହିପରି ଜାହାଜରେ ଥିବା ତେଲ ଚିଲିକାର ଜୈବ ବିବିଧତା ଉପରେ ପ୍ରଭାବ ପକାଇବାର ଆଶଙ୍କା କରି ବିଭିନ୍ନ କଳ୍ପନା ଜଳ୍ପନା ଉଙ୍କି ମାରିଥିଲା। ଯାହାକୁ ନେଇ ଜିଲା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟି ଯାଇଥିଲା। ଜାହାଜରେ ଥିବା ୧୦ ଜଣ ବିଦେଶୀ କର୍ମଚାରୀଙ୍କ ଅସହାୟ ଅବସ୍ଥା ଦେଖି ସାହାରା ଦେଇଥିଲେ ସ୍ଥାନୀୟ ଖିରୀସାହି ଗ୍ରାମବାସୀ। ସେମାନଙ୍କ ସହ ପରିଚୟ ନ ଥିଲେ ବି ୪୦ ଦିନ ନିଜ ପାଖରେ ରଖି ଖାଇବାକୁ ଦେଇଥିଲେ ଗ୍ରାମବାସୀ। ଭାଷା ଓ ଚାଲିଚଳନର ପ୍ରଭେଦ ଥିଲେ ମଧ୍ୟ ଭାବର ଆଦାନ ପ୍ରଦାନରେ ଅତି ଅନ୍ତରଙ୍ଗ ପାଲଟି ଯାଇଥିଲେ ସେମାନେ। ନିଜ ଦେଶକୁ ଫେରି ଯାଉଥିବା ସମୟରେ ସେମାନଙ୍କୁ



ଭୁଲି ପାରି ନାହାନ୍ତି ଏଠାକାର ବାସିନ୍ଦା।

ଜାହାଜଟି ଲାଗିବା ପରଠାରୁ ଏହି ସ୍ଥାନଟି କିଛି ଦିନ ପାଇଁ ପାଲଟି ଯାଇଥିଲା ଏକ ପର୍ଯ୍ୟଟନସ୍ଥଳୀ। ପ୍ରତ୍ୟେକ ଦିନ ଏହି ଜାହାଜ ଦେଖିବାକୁ ବିଭିନ୍ନ ସ୍ଥାନରୁ ଛୁଟି ଆସୁଥିଲେ ଲୋକେ। ଏହି ସମାଗମ ଦେଖି ଉକ୍ତ ସ୍ଥାନରେ ଖୋଲିଥିଲା ଛୋଟ ଛୋଟ ଦୋକାନ। ଡଙ୍ଗା ଚାଳକଙ୍କଠାରୁ ଆରମ୍ଭ କରି ଉଠାଦୋକାନୀଙ୍କ ରୋଜଗାରର ମାଧ୍ୟମ ପାଲଟିଥିଲା ଜାହାଜ ଜିନ୍ ହ୍ୱା। ଫଳରେ ଭଲ ଦିପଇସା ରୋଜଗାର କରି ନିଜ କୁଟୁମ୍ବ ପ୍ରତିପୋଷଣ କରୁଥିଲେ ସ୍ଥାନୀୟ ଲୋକେ। ଏବେ ଜିନ୍ ହ୍ୱା ଫେରିଯିବା ପରେ ଶୂନଶାନ ହୋଇପଡିଛି ଏହି ସ୍ଥାନ। ଜାହାଜଟିକୁ ଅତି ନିକଟରୁ ଦେଖିବାର ଅନୁଭୂତି ଅନେକ ଲୋକଙ୍କ ପାଇଁ ବିରଳ। ଅନେକ ଛାତ୍ରୀଛାତ୍ର ଯାଇ ଏହାକୁ ଦେଖିବା ସହିତ ସ୍ୱତନ୍ତ୍ର ଅନୁଭୂତି ପାଇଥିଲେ। ଏବେ କିନ୍ତୁ ସ୍ଥାନଟି ସମ୍ପୂର୍ଣ୍ଣ ଖାଁ ଖାଁ ହୋଇଯାଇଛି।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ।
-ମନୋଜ ଦାସ



## ସଂକ୍ଷେପରେ

### ରାଜଧାନୀରେ ଗଡ଼ିଲା ଟ୍ରାଫିକ ସଚେତନତା ରଥ

ଭୁବନେଶ୍ୱର,୧୬।୯(ବ୍ୟୁରୋ): ନୂଆ ମୋଟର ଯାନ ଆଇନ ଲାଗୁ ପରେ ଲୋକଙ୍କୁ ସଚେତନ କରୁଛି କମିଶନରେଟ ପୋଲିସ। ରାଜଧାନୀବାସୀଙ୍କୁ ସଚେତନ କରିବା ପାଇଁ ସୋମବାରଠାରୁ ଗଡ଼ିଛି ଟ୍ରାଫିକ ସଚେତନତା ରଥ। ଏଜି ଛକ ଟ୍ରାଫିକ ଥାନାରେ ପୂର୍ବାହ୍ନ ୧୧ଟାରେ ଟ୍ରାଫିକ ଡିସିପି ସାଗରିକା ନାଥ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସହରର ଗଳି କନ୍ଦି, ବିଶେଷକରି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବୁଲି ଲୋକଙ୍କୁ ସଚେତନ କରିବ। ଏହା ଚାରିପାର୍ଶ୍ୱରେ ଟ୍ରାଫିକ ନିୟମ ସମ୍ପର୍କରେ ଚିତ୍ର ଓ ଲେଖା ମାଧ୍ୟମରେ ବିଭିନ୍ନ ସୂଚନା ଦିଆଯାଇଛି। ଆଗାମୀ ଦିନରେ ବିଭିନ୍ନ ପୂଜା ମଣ୍ଡପ ନିକଟରେ ଗୋଟିଏ ଦିନ ଲେଖାଏ ରହି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିବ ବୋଲି ଟ୍ରାଫିକ ଡିସିପି ନାଥ କହିଛନ୍ତି।

### ନାବାଳିକାଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୬।୯(ବ୍ୟୁରୋ): ଖାରବେଳ ନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଏକ ତରଫା ପ୍ରେମ କରୁଥିବା ଯୁବକ ବ୍ଲେଡରେ ଆକ୍ରମଣ କରିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୂଚନା ମୁତାବକ, ସୋମବାର ସନ୍ଧ୍ୟାବେଳେ ନାବାଳିକା ଜଣଙ୍କ ଟିଉଶନରୁ ଫେରିବାବେଳେ ଯୁବକ ଜଣଙ୍କ ତାଙ୍କୁ ଅଟକାଇ କଥା ହେବାକୁ ଚେଷ୍ଟା କରିଥିଲେ। ଯୁବତୀ ଜଣଙ୍କ ନ ରହି ଚାଲିଯିବାରୁ ଯୁବକ ଜଣକ ରାଗି ଯୁବତୀଙ୍କ ହାତକୁ ବ୍ଲେଡରେ ଆକ୍ରମଣ କରିଥିଲେ। ଯୁବତୀ ଜଣକ ଚିତ୍କାର କରିବାରୁ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ଘଟଣା ଉପରେ ପୋଲିସ ନଜର ରଖିଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

### ପୂର୍ବତଟ ରେଳପଥର ସ୍ୱଚ୍ଛତା ପକ୍ଷୱାଡ଼ା

ଭୁବନେଶ୍ୱର,୧୬।୯(ବ୍ୟୁରୋ): ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ଭାରତୀୟ ରେଳ ଦେଶ ସାରା ୧୧ ସେପ୍ଟେମ୍ବରରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷୱାଡ଼ା ପାଳନ କରୁଛି। ପୂର୍ବତଟ ରେଳପଥ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଜୋରଦାର କରାଯାଉଛି। ସୋମବାର ସକାଳେ ରେଲୱେ ଷ୍ଟାଡିୟମଠାରେ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ରେଳ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ, ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ଏକ ଶପଥ ପାଠ କରାଇଛନ୍ତି।

### ଚାରାରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୬।୯: ଶ୍ରଦ୍ଧାଞ୍ଜଳି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସତ୍ୟବିହାର ୟୁଥ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ତ୍ରୟମ୍ବକେଶ୍ୱର ମନ୍ଦିର ପ୍ରାଙ୍ଗଣ ଓ ଆଖପାଖ ଅଞ୍ଚଳରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ପାତ୍ର ଯୋଗଦେଇଥିଲେ। ଶ୍ରଦ୍ଧାଞ୍ଜଳିର ସଭାପତି ରାଜେଶ କୁମାର ସାହୁ, ସତ୍ୟବିହାର ୟୁଥ୍ ଆସୋସିଏଶନର ସଭାପତି ଜ୍ଞାନରଞ୍ଜନ ମହାନ୍ତି ଯୋଗଦେଇଥିଲେ। କିଶୋରକାନ୍ତ ଜେନା, ନାରାୟଣ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ଆନନ୍ଦ ଜେନା, ସୁନୀଲ ଦାସ, ଅକ୍ଷୟ ଖଟେଇ ଓ ମାନସ ମହାପାତ୍ର ଉପସ୍ଥିତ ଥିଲେ।

■ ସହରର ପରିମଳ ବ୍ୟବସ୍ଥା ସୁଧୁରିବ

# ସଫେଇ ସଂସ୍ଥାକୁ ବିଏମ୍‌ସିର ଛାଟ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

- ■ୱାର୍ଡ ସ୍ତରରୁ ହେବ ନିୟନ୍ତ୍ରଣ, ପୂଜା ପୂର୍ବରୁ ବାକିଥିବା କାମ ସରିବ
- ■ କାର୍ଯ୍ୟ ଠିକ୍ ନ ଥିଲେ ଜରିମାନା, ସ୍ଥିତି ନ ସୁଧୁରିଲେ ଏତଲା
- ■ ଜରିମାନା କରିବେ ସାନିଟାରୀ ଇନ୍‌ସପେକ୍ଟର

ଖାମଖିଆଲ ଭାବେ କାର୍ଯ୍ୟ କରୁଥିବା ସଫେଇ ସଂସ୍ଥାମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରର ପରିମଳ ବ୍ୟବସ୍ଥା ସୁଧାରିବା ପାଠ ପଢ଼ାଇଛି। କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ଏକ ବୈଠକରେ ଠିକା ସଂସ୍ଥା ରାମକି, ପିଏମ୍‌ଆର, ଜାଗୃତି ଓ ଲାୟନ୍ସକୁ ତାଗିଦ୍ କରାଯାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର କର। ଠିକ୍ ଢଙ୍ଗରେ କାର୍ଯ୍ୟ ନ ହେଲେ ସମ୍ପୃକ୍ତ ସଂସ୍ଥାକୁ ଜରିମାନା କରାଯିବ। ଏହାପରେ ଯଦି ସ୍ଥିତି ନ ସୁଧୁରିଲା ତା'ହେଲେ ସଂସ୍ଥା ବିରୋଧରେ ଏତଲା ଦେବାକୁ ବିଏମ୍‌ସି ପଛାଇବ ନାହିଁ ବୋଲି କମିଶନର ଚୌଧାରୀ ଚେତାବନୀ ଶୁଣାଇଛନ୍ତି।

କମିଶନର ଚୌଧାରୀ କହିଛନ୍ତି, ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ହେଲେ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏବେ ବିଏମ୍‌ସିର ସମସ୍ତ ବରିଷ୍ଠ ଅଧିକାରୀ ଓ ମଣ୍ଡଳ ଅଧିକାରୀ ପ୍ରତିଦିନ ୱାର୍ଡକୁ ଯାଇ ସ୍ଥିତି ନିରୀକ୍ଷଣ କରିବା ସହ ଦାୟିତ୍ୱରେ ଥିବା ସଫେଇ ସଂସ୍ଥା କାର୍ଯ୍ୟକୁ ତଦାରଖ କରିବେ। ଅଳିଆ ଉଠାଇବା ସହ ଘାସ ବୁଦାକୁ ବି ସମ୍ପୃକ୍ତ ସଂସ୍ଥା କାଟି ସଫା କରିବ। ତେବେ ଏଥର ଘାସ କଟା କାର୍ଯ୍ୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଗୋଟିଏ ୱାର୍ଡର ସମସ୍ତ ଘାସ ବୁଦା କାଟି ସାରିବା ପରେ ବିଏମ୍‌ସିକୁ ରିପୋର୍ଟ କରିବେ। ବିଏମ୍‌ସି ଅଧିକାରୀ କ୍ଷେତ୍ର ଅନୁଧ୍ୟାନ କରି କହିବା ପରେ ଅନ୍ୟ ୱାର୍ଡରେ ଘାସ ସଫେଇ ହେବ। ଆସନ୍ତା ୧୦ଦିନ ମଧ୍ୟରେ ଘାସକଟା ସାରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦୁର୍ଗାପୂଜା ପୂର୍ବରୁ ସମସ୍ତ ଫଟା ଓ ଭଙ୍ଗା ଡଷ୍ଟବିନ୍ ବଦଳାଯିବ। ସମ୍ପୃକ୍ତ ଠିକା ସଂସ୍ଥା ଉକ୍ତ ଡଷ୍ଟବିନ୍ ନ ବଦଳାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଳିଆବୁହା




ଗାଡ଼ିକୁ ଘୋଡଣି ପକାଇ ନେବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ କାର୍ଯ୍ୟ ତଦାରଖ କରିବା ଓ ରିପୋର୍ଟ ପ୍ରଦାନ କରିବା ସହ ସାନିଟାରୀ ଇନ୍‌ସପେକ୍ଟରମାନେ ଏବେ ଜରିମାନା ଆଦାୟ କରିବେ। ସଫେଇରେ ଅବହେଳା କରୁଥିବା ପରିଲକ୍ଷିତ ହେଲେ ସେମାନେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ନେଇପାରିବେ ବୋଲି କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ବିଏମ୍‌ସି ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର, ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଡେପୁଟି କମିଶନର ଶ୍ୟାମଶୁନ୍ଦର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

#### କର୍ମଚାରୀ, ଗାଡି ସଂଖ୍ୟା ହିସାବ ଦେବେ ଠିକା ସଂସ୍ଥା

ସଫେଇ କାର୍ଯ୍ୟରେ ବ୍ୟବହାର କରୁଥିବା ଗାଡ଼ି ଓ ସଫେଇରେ ନିୟୋଜିତ କର୍ମଚାରୀଙ୍କ ହିସାବ ଦେବେ ଠିକା ସଂସ୍ଥା। ଏ ସଂକ୍ରାନ୍ତରେ ଅଭିଯୋଗ ଆସିବା ପରେ ବିଏମ୍‌ସି ପକ୍ଷରୁ ଏହି ନିଷ୍ପତ୍ତି ହେବା ସହ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ଉକ୍ତ ସଂସ୍ଥା ଦ୍ୱାରା ବ୍ୟବହୃତ ଗାଡି ଓ ତା'ର ଫିଟନେସ୍ ରିପୋର୍ଟ ମଧ୍ୟ ବିଏମ୍‌ସିକୁ ଦେବା ପାଇଁ କମିଶନର କହିଛନ୍ତି।

#### ରାସ୍ତାପାର୍ଶ୍ୱ ଗଛ, ଡ଼ାଳ କାଟିବାକୁ ନିର୍ଦ୍ଦେଶ

ସିଏସ୍‌ଆର ଫଣ୍ଡରେ ସହର ମୁଖ୍ୟରାସ୍ତାର ଦୁଇପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇଛି। କିନ୍ତୁ ଏବେ ସେଗୁଡ଼ିକ ଉପରେ ବୃକ୍ଷଲତା ମାଡ଼ିଯାଇଥିବା ବେଳେ ବଡ଼ ବଡ଼ ଗଛ ରାସ୍ତା ଉପରେ ମାଡିହୋଇ ରହିଛି। ଫଳରେ ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ଯାତାୟାତରେ ମଧ୍ୟ ସମସ୍ୟା ଉପୁଜୁଛି। ଦୁର୍ଗାପୂଜା ପୂର୍ବରୁ ସମସ୍ୟା ସୃଷ୍ଟି କରୁଥିବା ଗଛଗୁଡ଼ିକୁ କାଟିବାକୁ ସଫେଇ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।

#### ୧୦ଦିନରେ ରାସ୍ତା କାମ ସାରିବ ପୂର୍ତ୍ତ, ସ୍ୱେରେଜ୍ ବୋର୍ଡ

ସହରର ବିଭିନ୍ନ ରାସ୍ତାକୁ ଅଧାଖୋଳା ଅବସ୍ଥାରେ ଛାଡ଼ି ଦିଆଯାଇଛି। ସେହିଭଳି ରାସ୍ତା ଉପରେ କଞ୍ଚାମାଲ ପଡ଼ି ରହିଛି। ତୁରନ୍ତ ସମସ୍ୟା ସୃଷ୍ଟି କରୁଥିବା କଞ୍ଚାମାଲକୁ ଉଠାଇ ୧୦ଦିନ ଭିତରେ ସବୁ କାମ ସାରିବାକୁ ପୂର୍ତ୍ତ ବିଭାଗ, ସ୍ୱେରେଜ୍ ବୋର୍ଡ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତ ରିପୋର୍ଟ ଦେବାକୁ ପରାମର୍ଶ ଦିଆଯିବା ସହ ବ୍ୟତିକ୍ରମ ହେଲେ ଏତଲା ଦିଆଯିବ ବୋଲି କମିଶନର କହିଛନ୍ତି।



ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କୁ ଭେଟିବା ଅବସରରେ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘର କର୍ମକର୍ତ୍ତା।

## ଅବ୍ୟବହୃତ ସ୍ଥାନ ଜନତାଙ୍କ ହିତରେ ଲାଗିବ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧୀନରେ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଖୋଲା ଓ ଅବ୍ୟବହୃତ ସ୍ଥାନ ଜନସାଧାରଣଙ୍କ ହିତରେ ଲାଗିବ। ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ସୋମବାର ଏହା କହିଛନ୍ତି। ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାରରେ ପ୍ରିୟଦର୍ଶୀ ଏହା କହିଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ଏହି ସ୍ଥାନଗୁଡ଼ିକରେ ଉନ୍ନତୀକରଣ ଲାଗି ଆଲୋକ, ପାନୀୟ ଜଳ, ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ପତ୍ରରେ ଉଲ୍ଲେଖ ଅଛି। ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ, ବଟକୃଷ୍ଣ ପଣ୍ଡା, କୁମର ବାରିକ, ଆଲୋକ ପରିଡ଼ା ପ୍ରମୁଖ ପ୍ରିୟଦର୍ଶୀଙ୍କୁ ସୋମବାର ଭେଟିଥିଲେ। ଗଠନମୂଳକ କାର୍ଯ୍ୟରେ ଅନୁଷ୍ଠାନର ଯୋଗଦାନ ଓ ରୌପ୍ୟ ଜୟନ୍ତୀ ପାଳନ ବିଷୟରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷ ସଂଘର କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଶଂସା କରିଥିଲେ ବୋଲି କୁହାଯାଇଛି।

## କଲ୍ୟାଣମୟୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ବିମାନ ବନ୍ଦର ପ୍ରାଧିକରଣର ସମାଜ ମଙ୍ଗଳ ଅନୁଷ୍ଠାନ କଲ୍ୟାଣମୟୀ ଭୁବନେଶ୍ୱର ପକ୍ଷରୁ ବିଦ୍ୟାଧରପୁରରେ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମହିଳାମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପୋଷଣ, ବ୍ରେଷ୍ଟ କ୍ୟାନସର, ସର୍ଭିକାଲ କ୍ୟାନସର ଓ ସାଧାରଣ କ୍ୟାନସର ଉପରେ ମହିଳାମାନଙ୍କୁ ସଚେତନ କରାଯାଇଛି। ୬୬ଜଣ ମହିଳାଙ୍କର ଏହି ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ମହିଳାମାନେ ନିଜେ ସ୍ତନ ପରୀକ୍ଷା କରିବା ସହ ପରିବାରର ଅନ୍ୟ ମହିଳାମାନଙ୍କୁ ଏ ବିଷୟରେ ଶିକ୍ଷା ଦେଇପାରିବେ ବୋଲି କଲ୍ୟାଣମୟୀ ପକ୍ଷରୁ କୁହାଯାଇଛି।

ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ

## ଫନୀ କ୍ଷୟକ୍ଷତି ଆକଳନ ସହ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା




ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ ସୋମବାର ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡା ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଫନୀ ଯୋଗୁ ଦାସିଆ ପୀଠରେ ହୋଇଥିବା ବିଭିନ୍ନ କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଏହି ଅବସରରେ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା ହେବାସହ ପୀଠ ପରିସରରେ ଥିବା କୂଅରୁ ଜଳ ନିଷ୍କାସନ, ରୋଷେଇ ଘର ମରାମତି ଆଦି ପାଇଁ ବିଭିନ୍ନ ବଦାନ୍ୟ ବ୍ୟକ୍ତି ତଥା ସଦସ୍ୟଙ୍କ ସହଯୋଗ ନେବା ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ପାର୍ଶ୍ୱ ମନ୍ଦିର ମା' ବିମଳାଙ୍କ ତ୍ରୟୋଦିବସ ଚଣ୍ଡୀପୂଜା ଆସନ୍ତା ଅକ୍ଟୋବର ୪ରୁ ୬ ତାରିଖ ପର୍ଯ୍ୟନ୍ତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏହାସହ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ଗଜଲକ୍ଷ୍ମୀ ପୂଜା, ମହାକାର୍ତ୍ତିକ ବ୍ରତ ଏବଂ ଭକ୍ତ ଜୟନ୍ତୀ ଦିବସ ସମ୍ବନ୍ଧରେ ଉପସ୍ଥିତ ସଦସ୍ୟମାନେ ଆଲୋଚନା କରିଥିଲେ। ପୁରୀ ଶ୍ରୀମନ୍ଦିରର ଉପ ପ୍ରଶାସକ ଡ. ଭାସ୍କର ମିଶ୍ର ମା'ଙ୍କ ତ୍ରୟୋଦିବସ ଚଣ୍ଡୀପୂଜାର ବିଧି ବିଧାନ ବିଷୟରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଂପାଦକ ଡ. ଘନଶ୍ୟାମ ସ୍ୱାଇଁ ଆମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ କାର୍ଯ୍ୟଧାରାର ବିବରଣୀ ସଭାରେ ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର ମନ୍ଦିରର ରୀତିନୀତି ଓ ଆର୍ଥିକ ପରିଚାଳନା ଉପରେ ମତ ରଖିବାବେଳେ ସଦସ୍ୟ ଲାବର୍ଣ୍ୟ ଶବର, ଅର୍ଜୁନ ଚରଣ ସାମଲ, ପ୍ରଭାତ କୁମାର ନଳ, ପ୍ରଫେସର ରମେଶ ଚନ୍ଦ୍ର କର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।




ଭାରତୀୟ ବିଦ୍ୟାଭବନରେ ସୋମବାର ଭାରତୀୟ ବିଦ୍ୟା ଭବନ ଓ ଇନ୍ଫୋସିସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ମ୍ୟାଜିକ୍ ଶୋ'ରେ ମ୍ୟାଜିସିଆନ୍ ମହେନ୍ଦ୍ର ହରିଚନ୍ଦନ ଦୁଇ ଛାତ୍ରଙ୍କୁ ଧରି ମ୍ୟାଜିକ୍ ଦେଖାଉଛନ୍ତି।

## ନିଶା ନିବାରଣ ହିଁ ଗାନ୍ଧୀଙ୍କ ପ୍ରତି ଯଥାର୍ଥ ସମ୍ମାନ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ବିଶାଳ ମୂର୍ତ୍ତି ନୁହେଁ, ନିଶା ନିବାରଣ ହିଁ ଗାନ୍ଧିଜୀଙ୍କ ପ୍ରତି ଯଥାର୍ଥ ସମ୍ମାନ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଏହି ମନ୍ତବ୍ୟ ଦେଇଛନ୍ତି। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସରକାର ଭୁବନେଶ୍ୱରରେ ବିରାଟ ମୂର୍ତ୍ତି ନିର୍ମାଣ କରିବା ଯୋଜନାକୁ ବିରୋଧ କରି ଏକ ପ୍ରେସ ସୂଚନା ଦେଇଛନ୍ତି ପଦ୍ମଚରଣ। ସେ ଉଲ୍ଲେଖ କରିଛନ୍ତି ଯେ, ଜୟନ୍ତୀ ପାଳନ ଲାଗି ରାଜ୍ୟ ସରକାର ଗଢ଼ିଥିବା ୩୫ ଜଣିଆ କମିଟିରୁ ସେ ଓହରି ଯାଇଛନ୍ତି। ଓହରି ଯିବାର କାରଣ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଭିତରେ ନିଶା ନିବାରଣ ନ ଥିବା ଦର୍ଶାଇଛନ୍ତି। ୧୯୫୬ ମସିହାର ରାଜ୍ୟ ନିଶା ନିବାରଣ ଆଇନ ୧୯୫୭ରୁ ଅଚଳ ହୋଇଯାଇଛି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟରେ ମଦ ଚରମ ସୀମାରେ ପହଞ୍ଚିଛି ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ସମ୍ବିଧାନରେ ଅହିଂସା ଶବ୍ଦ ଯୋଡିବା ପ୍ରସ୍ତାବକୁ ସମାଲୋଚନା କରିଛନ୍ତି। ପଦ୍ମଚରଣ କହିଛନ୍ତି ଯେ, ଅହିଂସା ଶବ୍ଦ ଯୋଡିଲେ ହିଂସା କମିଯିବନି। ରାଜ୍ୟରେ ଆସନ୍ତା ବର୍ଷ ଏପ୍ରିଲରୁ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କଲେ ତାହା ହିଁ ଗାନ୍ଧିଜୀଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ହେବ।

■ରଙ୍ଗମାଟିଆ ଦୀପକ ହତ୍ୟା ମାମଲା

## ୪ ସହଯୋଗୀଙ୍କୁ ଉଠାଇନେଲା ପୋଲିସ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ରଙ୍ଗମାଟିଆ ଦୀପକ ବେହେରା ଓରଫ ଲଣ୍ଡା ହତ୍ୟା ମାମଲାରେ ପୋଲିସ ପୂର୍ବରୁ ୨ଜଣ ଯୁବକଙ୍କୁ ଉଠାଇଥିବା ବେଳେ ଘଟଣାରେ ସଂପୃକ୍ତ ଅନ୍ୟ ଦୁଇ ସହଯୋଗୀ ଅଭିଯୁକ୍ତଙ୍କୁ ସୋମବାର ଭୋର ଉଠାଇ ପଚରାଉଚୁରା ପରେ ତାଙ୍କ ତଥ୍ୟ ମୁତାବକ ଆଉ ଦୁଇ ସହଯୋଗୀଙ୍କୁ ବିଳମ୍ବିତ ରାତିରେ ଉଠାଇ ନେଇଛି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ୪ ସହଯୋଗୀ ଅଭିଯୁକ୍ତଙ୍କ ସମେତ ୬ ଜଣଙ୍କୁ ଥାନରେ ଅଟକ ରଖି ତଦନ୍ତ ଚଳାଇଛି। ସେମାନଙ୍କ ସୂଚନାକୁ ଆଧାର କରି ଖୁବ ଶିଘ୍ର ହତ୍ୟାରେ ସଂପୃକ୍ତ ୩ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେଠୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ରାତି ପ୍ରାୟ ୭.୩୦ରେ ଲଣ୍ଡା ବାପାଙ୍କ ଜଳଖିଆ ଦୋକାନ ବନ୍ଦ କରୁଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁସାରେ ଅଭିଯୁକ୍ତମାନେ ତାଙ୍କୁ ଘେରି ହତ୍ୟା କରିଥିଲେ। ଜମି ବେପାର ଓ ପୂର୍ବଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା।

## ପୁଣି ରେଳ ଷ୍ଟେଶନ ଛାତରେ ଚାଲିଛି ନିଶା ସେବନ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ.୬ରେ ଥିବା ଫୁଡ ପ୍ଲାଜା ଛାତରେ ପୁଣି ଆରମ୍ଭ ହୋଇଯାଇଛି ନିଶା ସେବନ। ସୂଚନାଯୋଗ୍ୟ, ଗତ ୪ ଅଗଷ୍ଟରେ ଷ୍ଟେଶନ ଛାତ ଉପରେ ନିଶା ସେବନ ହେଉଥିବାର ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପାଇବା ପରେ ରେଳ କର୍ତ୍ତୃପକ୍ଷ ଏହି ଛାତ ଉପରେ ତାଲା ପକାଇ ଦେଇଥିଲେ। କିନ୍ତୁ ସୋମବାର ଏହି ଛାତର ଗେଟ୍ ପୁଣି ଖୋଲାଥିବାବେଳେ ନିଶା ସେବନ କରାଯାଉଥିବାର ପ୍ରମାଣ ମଧ୍ୟ ମିଳିଛି। ଛାତ ଉପରେ ମଦ ବୋତଲ, ଗ୍ଲାସ୍, ସିଗାରେଟ ଖୋଳ, ଗଞ୍ଜେଇ ଭଳି ସାମଗ୍ରୀ ପଡିଥିବାର ଦେଖିବାକୁ ମିଳିଥିଲା। ଯାହା ଅତି ନିକଟରେ ବ୍ୟବହାର ହୋଇଥିବା ଜଣାପଡୁଛି। ରେଳ ଷ୍ଟେଶନ ପରିସରରେ ନିଶାଦ୍ରବ୍ୟ ସେବନ କରିବା ରେଳପଥ ଅଧିନିୟମ ଅନୁଯାୟୀ ଅପରାଧ। କିନ୍ତୁ ଏଠାରେ ବେଧଡକ ନିଶା ସେବନ ଚାଲୁଥିଲେ ବି ସୁରକ୍ଷା ଅଧିକାରୀଙ୍କ ନିକଟରେ ଖବର ନାହିଁ। ଛାତକୁ ଯାତ୍ରୀମାନେ ଆସନ୍ତି ନାହିଁ। ଫୁଡପ୍ଲାଜା କର୍ମଚାରୀ ଓ ସଫେଇ କର୍ମଚାରୀ ଏଠାରେ ନିଶା ସେବନ କରୁଛନ୍ତି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି। କିନ୍ତୁ ଏହି ନିଶା ସେବନ ସମ୍ପର୍କରେ କୌଣସି ଖବର ନ ଥିବା କଥା ଉଭୟ ଜିଆରପି ଅଧିକାରୀ ଭରତ ସାହୁ ଓ ଆରପିଏଫ ଥାନାଧିକାରୀ କାଳୁ ସେଠୀ କହିଛନ୍ତି। ଏପରିକି ଛାତ ଖୋଲାଥିବା ଖବର ମଧ୍ୟ ସେମାନଙ୍କ ନିକଟରେ ନାହିଁ। ଏ ସମ୍ପର୍କରେ ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ କୁହନ୍ତି, ଆମେ ପୂର୍ବରୁ ତାଲା ପକାଇ ଦେଇଥିଲୁ। କିନ୍ତୁ ଏବେ କେହି ତାଲା ଭାଙ୍ଗି ଦେଇଥିବା ସେ ସନ୍ଦେହ କରୁଛନ୍ତି।



ଷ୍ଟେଶନ ଛାତ ଗେଟ୍ ଖୋଲା ଯାଇଥିବାବେଳେ ପଡିଥିବା ନିଶା ସାମଗ୍ରୀ।

## ଶ୍ରମିକ ଶିକ୍ଷା ଦିବସ ପାଳିତ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ଶ୍ରମ ମନ୍ତ୍ରାଳୟ ଅଧୀନସ୍ଥ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ ବିକାଶ ବୋର୍ଡ, ସିସିଡବ୍ଲୁଡି ଓ ଆକ୍ସନ୍‌ଏଡ୍‌ର ମିଳିତ ଆନୁକୂଲ୍ୟରେ ସୋମବାର ରୋଟାରୀ କ୍ଲବଠାରେ ଶ୍ରମିକ ଶିକ୍ଷା ଦିବସ ପାଳିତ ହୋଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ ମୁଖ୍ୟ ଅତିଥି ଓ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ତଥା ଉତ୍କଳ ପ୍ରସଙ୍ଗର ସମ୍ପାଦକ ଲେନିନ୍ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଆଞ୍ଚଳିକ ନିର୍ଦ୍ଦେଶିକା ସସ୍ମିତା ଭଞ୍ଜ , ଆକ୍ସନ୍‌ଏଡ୍‌ର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ, ଅଣସଙ୍ଗଠିତ ଶ୍ରମିକ ମଞ୍ଚର ଅଭୟ କୁମାର ପତି, ଜ୍ୟୋତ୍ସ୍ନାରାଣି ମିଶ୍ର, ଫୁଲମଣି ପାତ୍ର ଉପସ୍ଥିତ ଥିଲେ। ଶ୍ରମିକ ଶିକ୍ଷା ବୋର୍ଡର ଶିକ୍ଷା ଅଧିକାରୀ ବସନ୍ତ ପାତ୍ର ଧନ୍ୟବାଦ ଦେଇଥିଲେ। ଔଦ୍ୟୋଗିକ କ୍ଷେତ୍ରରେ ଉତ୍ତମ ପ୍ରଶିକ୍ଷିତ ସମନ୍ୱୟ ପାଇଁ ଟାଟା ଷ୍ଟିଲ ଢେଙ୍କାନାଳ, ଜିନ୍ଦଲ ଷ୍ଟେନ୍‌ଲେସ୍ ଯାଜପୁର ଏବଂ ଓ.ଏଚ୍.ପି.ସିକୁ ସମ୍ମାନିତ କରାଯାଇଥିଲା।

## ଏଏସ୍‌ଆଇ ସଂରକ୍ଷଣ ଅଧିକାରୀଙ୍କ ଅଚାନକ ବଦଳି

ପୁରୁଣା ଭୁବନେଶ୍ୱର,୧୬।୯(ଡି.ଏନ୍.ଏ.)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଅଧୀନରେ କାର୍ଯ୍ୟ କରୁଥିବା ସଂରକ୍ଷଣ ଅଧିକାରୀ ତ୍ରୈଲୋକ୍ୟନାଥ ବେହେରାଙ୍କୁ ସୋମବାର ଅଚାନକ ବଦଳି କରାଯାଇଛି। ପୁରୁଣା ଭୁବନେଶ୍ୱର ତଥା ଏକାମ୍ର କ୍ଷେତ୍ରରେ ବିଭିନ୍ନ ମନ୍ଦିରର ଜବରଦଖଲକାରୀଙ୍କ ବିରୋଧରେ ଏବଂ ମନ୍ଦିର ସୁରକ୍ଷା ନିମନ୍ତେ କଠୋର ପଦକ୍ଷେପ ନେବାକୁ ପଛାଉ ନ ଥିବା ଅଧିକାରୀ ବେହେରାଙ୍କୁ ଏହି ଦାୟିତ୍ୱରୁ ହଟାଯିବା ନେଇ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧ତାରିଖରେ ଅଧିକାରୀ ବେହେରାଙ୍କୁ ସଂରକ୍ଷଣ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ନିଯୁକ୍ତି ହେବା ପରଠାରୁ ବୈତାଳ ମନ୍ଦିର ନିକଟରେ ବେଆଇନ ନିର୍ମାଣ, ଅନନ୍ତ ବାସୁଦେବ ମନ୍ଦିର ବେଢ଼ାରେ ଅବୈଧ ନିର୍ମାଣ ଆଦି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ତେଣୁ ଚାପରେ ଏଭଳି ଅଫିସରଙ୍କୁ ବଦଳି କରାଯାଇଥିବା ସାଧାରଣରେ ସନ୍ଦେହ କରାଯାଇଛି। ଏ ନେଇ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କୁହନ୍ତି, ପ୍ରଶାସନିକ ସ୍ତରରୁ ଆସିଥିବା ନିର୍ଦ୍ଦେଶ ଅନୁଯାୟୀ ବଦଳି କରାଯାଇଛି। ସୂଚନା ଥାଉ କି, ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିବା ପ୍ରଦୀପ କୁମାର ସାହୁଙ୍କୁ ଦାୟିତ୍ୱ ଦେବାର ୬ମାସ ମଧ୍ୟରେ ସେ ଶ୍ରୀ ଲିଙ୍ଗରାଜଙ୍କ ଦୁଇଟି ଜବରଦଖଲ ହଟାଇ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ଠାକୁରଙ୍କ ତହବିଲକୁ ଫେରାଇ ଆଣିଥିଲେ। ସେତେବେଳେ ତାଙ୍କୁ ଉପରିସ୍ଥ ପ୍ରଶାସନିକ ଚାପରେ ହଠାତ୍ ଦାରିଙ୍ଗବାଡ଼ି ବଦଳି କରାଯାଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିଲା।

## ମୋବାଇଲ ଦୋକାନରୁ ଚୋରି, ୨ ଗିରଫ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଶହୀଦନଗର ଥାନା ଅନ୍ତର୍ଗତ ଟଙ୍କପାଣିରୋଡ୍‌ରେ ଥିବା ଏକ ମୋବାଇଲ ରିପାରିଂ ଦୋକାନରୁ ଚୋରି କରିଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଟଙ୍କପାଣିରୋଡ୍ ସୁଶାନ୍ତିବିହାର ଅଞ୍ଚଳର ମନୋଜ ମହାକୁଡ ଓ ଆଲୋକ ମହାପାତ୍ର। ଗତ ୧୧ ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଚୋରି ସମ୍ପର୍କରେ ଦୋକାନ ମାଲିକ ବାସୁଆଘାଇ ଅଞ୍ଚଳର ରାକେଶ ମହାପାତ୍ର ୧୨ ତାରିଖ ସକାଳେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୨୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ଧରିବା ସହ ସେମାନଙ୍କ ନିକଟରୁ କିଛି ଚୋରି ମୋବାଇଲ ଫୋନ୍ ଜବତ ହୋଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



“ ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତିପଥରେ ଚାଲିବା ପାଇଁ ବଳ ପାଇଥାଏ।
- ମାର୍ଟିନ ଲୁଥର



## ସଂକ୍ଷେପରେ

### ଆର୍‌ଡିସିଙ୍କୁ ୩ଦଫା ଦାବିପତ୍ର ପ୍ରଦାନ

**କଟକ ଅଫିସ, ୧୬।୯:** ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ ପକ୍ଷରୁ ୩ଦଫା ଦାବିପତ୍ର କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସୋମବାର ପେନସନଭୋଗୀ ବରିଷ୍ଠ ନାଗରିକମାନେ ଶୋଭାଯାତ୍ରାରେ ଗଣେଶ ଘାଟସ୍ଥିତ ସାଇମନ୍ଦିର ନିକଟରୁ ବାହାରି ଆରଡିସି ଅଫିସରେ ପହଞ୍ଚିଥିଲେ। ଦେଶର ୬୫ ଲକ୍ଷ ଇପିଏଫ୍ ପେନସନଭୋଗୀ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ପାଇଁ ସର୍ବନିମ୍ନ ମାସିକ ପେନ୍‌ସନ ୭୫୦୦ ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ କରିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଦେବା ଏବଂ ସମସ୍ତ ଇପିଏଫ୍ ପେନସନର୍ସଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରି ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରିବା ଭଳି ଦାବି ସମ୍ପର୍କିତ ପତ୍ର ଆରଡିସିଙ୍କୁ ପ୍ରଦାନ କରିଛନ୍ତି। ଆସୋସିଏଶନର ଡାକରାରେ ଶତାଧିକ ଇପିଏଫ୍ ପେନସନଭୋଗୀ କଟକଠାରେ ଏକତ୍ରିତ ହୋଇ କେନ୍ଦ୍ର ସରକାର, ଇପିଏଫ୍ କର୍ତ୍ତୃପକ୍ଷଙ୍କ ଏତାଦୃଶ ଉଦାସୀନ ମନୋଭାବର ପ୍ରତିବାଦ ଓ ନିନ୍ଦା କରିଥିଲେ। ଏହି ସମାବେଶରେ ବିଭିନ୍ନ ସରକାରୀ ଓ ଘରୋଇ ଉଦ୍ୟୋଗରେ କାର୍ଯ୍ୟକରି ଅବସର ନେଇଥିବା ଇପିଏଫ୍ ପେନସନ ଭୋଗୀଙ୍କ ପ୍ରତିନିଧିମାନେ ଏକତ୍ରିତ ହୋଇ ଆସୋସିଏଶନକୁ ମଜଭୁତ କରିବା ସହ ଆଗାମୀ ଦିନରେ ଦାବି ହାସଲ କରିବା ପାଇଁ ବରିଷ୍ଠ ନାଗରିକମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି କହିଛନ୍ତି।

### ଦଶହରାକୁ ନେଇ ଡିଜିପିଙ୍କୁ ଭେଟିଲେ ଆଇନଜୀବୀ

**କଟକ ଅଫିସ, ୧୬।୯:** ଦଶହରାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ନେଇ ଆଇନଜୀବୀମାନଙ୍କ ଏକ ପ୍ରତିନିଧି ମଣ୍ଡଳୀ ପକ୍ଷରୁ ସୋମବାର ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ପୋଲିସ ପକ୍ଷରୁ ଦଶହରା ପ୍ରସ୍ତୁତି ନେଇ ବୈଠକ ଅନୁଷ୍ଠିତ ହେଉଛି। ଏଥିରେ ବିଭିନ୍ନ ସାହିବସ୍ତିର ମୁରବୀ, ବିଧାୟକ ଓ ଏମ୍‌ପିଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କ ମତାମତ ନିଆଯାଉଛି। ମାତ୍ର ବାରବାଟୀ-କଟକ ବିଧାୟକଙ୍କୁ କ୍ରମାଗତ ଭାବେ ଉକ୍ତ ବୈଠକକୁ ଡକାଯାଉନାହିଁ। ଯାହା କଟକର ଭାଇଚାରାକୁ ପ୍ରଭାବିତ କରୁଛି। ସେହିପରି ଜାଇକା କାର୍ଯ୍ୟ ଯୋଗୁ ସହରର ରାସ୍ତା ନଷ୍ଟ ହୋଇ ଯାଇଥିବାବେଳେ ଯାତାୟତାରେ ସମସ୍ୟା ସୃଷ୍ଟି ହେଉଛି। କମିଶନରେଟ୍ ପୋଲିସ ଜାଇକା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥର ଦୁର୍ଗା ପୂଜା ପୂର୍ବରୁ ସହରକୁ ଅପରାଧ ମୁକ୍ତ କରିବା, ଦଶହରା ପ୍ରସ୍ତୁତି ବୈଠକରେ ବାରବାଟୀ-କଟକ ବିଧାୟକଙ୍କୁ ସାମିଲ କରିବା ଓ ପୂଜା ପୂର୍ବରୁ ସମସ୍ତ ରାସ୍ତା ମରାମତି କରିବାକୁ ଆଇନଜୀବୀମାନେ ଡିଜିପିଙ୍କ ନିକଟରେ ଦାବି ଉପସ୍ଥାପନା କରିଛନ୍ତି। ଡିଜିପିଙ୍କୁ ସାକ୍ଷାତ କରିଥିବା ପ୍ରତିନିଧି ଦଳରେ ଆଇନଜୀବୀ ରେହେମା ଖାତୁନ୍, ସୁସ୍ମିତା ପଟ୍ଟନାୟକ, ଗଙ୍ଗାଧର ସାମଲ, ମୁକ୍ତିକାନ୍ତ ମହାନ୍ତି, ଆକାଶ ଭୂୟାଁ, ବିଭୁ ପ୍ରସନ୍ନ ମହାପାତ୍ରଙ୍କ ଅନ୍ୟମାନେ ସାମିଲ ହୋଇଥିଲେ।

### ଭାରତୀୟ ଗଣନାଟ୍ୟ ସଂଘର ରାଜ୍ୟ ପରିଷଦ ବୈଠକ

**କଟକ ଅଫିସ, ୧୬।୯:** ଭାରତୀୟ ଗଣନାଟ୍ୟ ସଂଘର ରାଜ୍ୟ ପରିଷଦ ବୈଠକ ସୋମବାର ଗାନ୍ଧୀଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଭ୍ରମରବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲାର ରାଜ୍ୟ ପରିଷଦ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ସମ୍ପାଦକ ସୁଶାନ୍ତ ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିଙ୍କ ଗଣତାନ୍ତ୍ରିକ, ସାମାଜିକ ଓ ସାମ୍ବିଧାନିକ ସୁରକ୍ଷା ଦିଗରେ ଗଣନାଟ୍ୟ ସଂଘ ସଦାସର୍ବଦା ପ୍ରତିବଦ୍ଧ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଓ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପରିଷଦର ଉପସଭାପତି ବିଜୟ ମହାନ୍ତି, ବରିଷ୍ଠ ସଦସ୍ୟ ପ୍ରଣବ ଅଖଣ୍ଡ, ଆଶିଷ ଦାସ, ତପନ ଉପାଧ୍ୟାୟ, ସ୍ୱାତୀ ମିଶ୍ର, ଲକ୍ଷ୍ମୀଧର ମହାଳିକ, ଲକ୍ଷ୍ମୀଧର ଦାଶ, ନିହାରୀକା ଦାଶ, ଅଧାପକ ଅଶୋକ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ ସିଏମ୍‌ସି ଅଫିସ୍‌କୁ ଅଚାନକ ଗସ୍ତ କଲେ ମନ୍ତ୍ରୀ

# କାର୍ଯ୍ୟରେ ଅବହେଳାକୁ ନେଇ ଅସନ୍ତୁଷ୍ଟ

■ପାନୀୟଜଳ, ବିଦ୍ୟୁତ୍, ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ
■୩ ମ୍ୟୁନିସିପାଲ ସର୍ଭିସ ପାଭିଲିୟନ ନିର୍ମାଣ ହେବାକୁ ଯୋଜନା

**କଟକ ଅଫିସ, ୧୬।୯**

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଅପରାହ୍ନ ସାଢ଼େ ଗୋଟାଏରେ କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ବୈଠକ ପରେ ବୈଠକ ବସୁଛି। କିନ୍ତୁ ସହର ସମସ୍ୟାକୁ କେହି ଗୁରୁତ୍ୱ ଦେଉନାହାନ୍ତି। କାର୍ଯ୍ୟରେ ଅବହେଳା ହେଉଥିବାରୁ ମନ୍ତ୍ରୀ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ପରେ ମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଥିଲେ। ପୂଜା ନିମନ୍ତେ ସହରର କେଉଁ କେଉଁ ଅଞ୍ଚଳକୁ ଧ୍ୟାନ ଦିଆଯାଉଛି ସେ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ବାଦାମବାଡ଼ି, ବକ୍ସିବଜାର, ମଧୁପାଟଣା, କଲେଜ ଛକ, ରିଂରୋଡ ରାସ୍ତା କାମ ପୂଜା ପୂର୍ବରୁ ଶେଷ କରାଯିବା ଉପରେ ଧ୍ୟାନ ଦେବାକୁ କମିଶନରଙ୍କୁ କହିଥିଲେ। ପୂଜା ସମୟରେ ପାନୀୟଜଳ, ବିଦ୍ୟୁତ୍, ପରିମଳ ସମସ୍ୟା ପ୍ରତି ଧ୍ୟାନ ଦେବା ସହ କାର୍ଯ୍ୟାଳୟରେ ୫-ଟିକୁ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପ୍ରତି ୱାର୍ଡ ଅଫିସରେ ଯେପରି ଲୋକଙ୍କର ସମସ୍ୟା ସମାଧାନ କରାଯାଇ ପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଇ-ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କୁ କିପରି ସୁବିଧା ମିଳୁଛି ସେ ନେଇ ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ସିଏମ୍‌ସିରେ ୩ଟି ବିଶ୍ୱସ୍ତରୀୟ ମ୍ୟୁନିସିପାଲ ସର୍ଭିସ ପାଭିଲିୟନ ବା କମନ ସର୍ଭିସ ସେଣ୍ଟର ନିର୍ମାଣ କରିବା ନିମନ୍ତେ ଯୋଜନା କରାଯାଇଛି। ଫଳରେ ସିଏମ୍‌ସି ପକ୍ଷରୁ ଲୋକଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧା ଗୋଟିଏ ଜାଗାରେ ଉପଲବ୍ଧ ହେବ। ଯେପରି କି ଟ୍ୟାକ୍ସ ଡିପୋଜିଟ, ଟ୍ରେଡ୍ ଲାଇସେନ୍ସ ନବୀକରଣ, ନୂତନ ଭୋଟର କାର୍ଡ ସହ ଭୋଟର ଆଇଡି ସଂଶୋଧନ, ନୂତନ ଆଧାର କାର୍ଡ ସହ ସଂଶୋଧନ, କଲ୍ୟାଣମଣ୍ଡପ ବୁକିଂ, ମ୍ୟାରେଜ ସାର୍ଟିଫିକେଟ୍, ପାର୍କିଂ ଫି' ଡିପୋଜିଟ, ଜନ୍ମ ସାର୍ଟିଫିକେଟ ଭଳି ବିଭିନ୍ନ ସୁବିଧା ଲୋକେ ଏହାରି ମାଧ୍ୟମରେ ପାଇପାରିବେ। କମିଶନର ଦାସ କହିଛନ୍ତି, ଇ-ଅଭିଯୋଗ ମାଧ୍ୟମରେ ଆମେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସେବା ଯୋଗାଇ ଆସୁଛୁ। ଆଗାମୀ ପୂଜା ନିମନ୍ତେ ସମସ୍ତ ସିଏମ୍‌ସି ଅଧିକାରୀ ଏବଂ ଅନ୍ୟ ବିଭାଗ ଅଧିକାରୀ ମିଳିମିଶି କାର୍ଯ୍ୟ କରୁଛନ୍ତି। ବିଶେଷକରି ରାସ୍ତା, ପାନୀୟଜଳ ଓ ପରିମଳ ସମସ୍ୟା ନ ଉପୁଜିବା ଉପରେ ଧ୍ୟାନ ଦିଆଯାଉଛି।



ସିଏମ୍‌ସି କାର୍ଯ୍ୟାଳୟରେ ମନ୍ତ୍ରୀ ପ୍ରତାପ ଜେନା।

## ପୂର୍ବତନ ଷ୍ଟାଇପେଣ୍ଡାରି ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

**କଟକ ଅଫିସ, ୧୬।୯**

ଇନ୍ଦିରାଆବାସ ଘର ନିର୍ମାଣର ଜାଲ କାଗଜପତ୍ର ପ୍ରସ୍ତୁତ କରି ଭିଜିଲାନ୍ସ ହାତରେ ଧରା ପଡ଼ିଥିବା ବାଙ୍କୀ ବ୍ଲକର ପୂର୍ବତନ ଷ୍ଟାଇପେଣ୍ଡାରୀ ଯନ୍ତ୍ରୀ ବିଜ୍ଞାନ କୁମାର ବେଉରିଆଙ୍କୁ ଜେଲଦଣ୍ଡ ହୋଇଛି। କଟକ ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଜଜ୍ ତାଙ୍କୁ ଦୁଇବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଠିକାଦାର ଲକ୍ଷ୍ମଣ ନାଏକଙ୍କୁ ମଧ୍ୟ ଅଦାଲତ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୬ ଡିସେମ୍ବର ୩୧ରେ ବେଉରିଆ ସରକାରୀ ଅର୍ଥ ହେରଫେର କରିବା ଓ ଇନ୍ଦିରା ଆବାସ ଯୋଜନାରେ ଘର ନିର୍ମାଣ ହୋଇ ନ ଥିବାବେଳେ ଜାଲ କାଗଜପତ୍ର ଜରିଆରେ ବିଲ୍ କରିବା ନେଇ ଧରା ପଡ଼ିଥିଲେ। ଏ ନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୯୩/୧୯୯୬) ରୁଜୁ ହୋଇଥିଲା।

## ସାଇନ ମୋମେଣ୍ଟସ-୨୦୧୯

**କଟକ ଅଫିସ, ୧୬।୯**

ସ୍ଥାନୀୟ କଳା ବିକାଶ କେନ୍ଦ୍ରଠାରେ ସାଇନଷ୍ଟାର ପକ୍ଷରୁ ସାଇନ ମୋମେଣ୍ଟସ ୨୦୧୯ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମାନବିକ ଅଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାସ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଷ୍ଟେଟ ବାର କାଉନସିଲର ଅଧ୍ୟକ୍ଷ ଡ. ଟହଲି ଚରଣ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ସ୍ତମ୍ଭକାର ଅରୁଣ କୁମାର ପଣ୍ଡା କହିଥିଲେ, ଶିଶୁମାନେ ଦେଶର ଭବିଷ୍ୟତ। ସେମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ସେମାନଙ୍କୁ ଜଣାଇବା ଆମର କର୍ତ୍ତବ୍ୟ। ଏହି ଅବସରରେ ଯୋଗଗୁରୁ ଆଚାର୍ଯ୍ୟ ଅରୁଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଲୋରିନା ଜେନା ଧନ୍ୟବାଦ ଦେଇଥିଲେ।





ଓଡ଼ିଶା ହାଇକୋର୍ଟ ବାର୍ ପରିସରରେ ଅନୁଷ୍ଠିତ ଦସ୍ତଖତ ଅଭିଯାନରେ ସାମିଲ ଆଇନଜୀବୀମାନେ।

## ■ କଟକରୁ ବିଭିନ୍ନ କାର୍ଯ୍ୟାଳୟର ସ୍ଥାନାନ୍ତରକୁ ବିରୋଧ

# ହାଇକୋର୍ଟ ବାର୍‌ରେ ଦସ୍ତଖତ ଅଭିଯାନ

**କଟକ ଅଫିସ, ୧୬।୯**

କଟକ ସହରରୁ ବିଭିନ୍ନ ପର୍ଯ୍ୟାୟରେ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଛି। ଏହାକୁ ବିଭିନ୍ନ ସଙ୍ଗଠନ ବିରୋଧ କରୁଥିବାବେଳେ ସୋମବାର ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। କଟକ ସହରକୁ ଶ୍ରୀହୀନ କରିବା ପାଇଁ ରାଜ୍ୟ ସରକାର କରୁଥିବା ଚକ୍ରାନ୍ତକୁ ଆସୋସିଏଶନ୍ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି । ବିଶେଷକରି କଟକ-ଭୁବନେଶ୍ୱରକୁ ଟୁଇନ୍ ସିଟି ଭାବେ ଘୋଷଣା କରାଯାଇଥିବାବେଳେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ସରକାରୀ କାର୍ଯ୍ୟାଳୟ କଟକରୁ ଉଠାଇ ନେବା ଘଟଣା ଅତ୍ୟନ୍ତ ଅଗଣତାନ୍ତ୍ରିକ ବୋଲି ଅଭିଯୋଗ ହୋଇଛି। ହାଇକୋର୍ଟ ବାର୍‌ର ସମ୍ପାଦକ ସଞ୍ଜୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦସ୍ତଖତ ଅଭିଯାନରେ ଉପ ସଭାପତି ପୀୟୂଷ ମିଶ୍ର, ଯୁଗ୍ମ ସମ୍ପାଦକ ଯଟେଶ୍ୱର ନାୟକ, ସହ ସମ୍ପାଦକ ପଦ୍ମାଳୟା ମହାପାତ୍ର, ପାଠାଗାର ସମ୍ପାଦକ ସୋମନାଥ ମିଶ୍ରଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ବରିଷ୍ଠ ଆଇନଜୀବୀ ଚୟନକୁ ନେଇ ହାଇକୋର୍ଟରେ ମାମଲା

**କଟକ ଅଫିସ, ୧୬।୯**

କିଛିଦିନ ତଳେ ହାଇକୋର୍ଟଙ୍କ ପକ୍ଷରୁ ପାଞ୍ଚଜଣ ଆଇନଜୀବୀଙ୍କୁ ବରିଷ୍ଠ ମାନ୍ୟତା ପ୍ରଦାନ କରାଯାଇଛି। ତେବେ ଏହାକୁ ନେଇ ସୋମବାର ହାଇକୋର୍ଟରେ ଆଇନଜୀବୀ ବଂଶୀଧର ବାଗ୍ ଏକ ମାମଲା ରୁଜୁ କରିଛନ୍ତି। ଗତ ଅଗଷ୍ଟ ୧୯ରେ ହାଇକୋର୍ଟ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚୟନ କରାଯାଇ ତାଲିକା ପ୍ରକାଶ ପାଇଥିଲା। ଏହି ଚୟନ ପ୍ରକ୍ରିୟାକୁ ଆବେଦନକାରୀ ବାଗ୍ ବିରୋଧ କରିବା ସହ ଏହାକୁ ରଦ୍ଦ କରିବା ପାଇଁ ପ୍ରାର୍ଥନା କରିଛନ୍ତି। ଯେଉଁ ସ୍ଥାୟୀ କମିଟି ଏହି ତାଲିକା ପ୍ରସ୍ତୁତ କରିଛି, ସେ କେବଳ ୫ଜଣଙ୍କୁ ବରିଷ୍ଠ ମାନ୍ୟତା ପାଇଁ ଚୟନ କରିଛି। ତେବେ ଆହୁରି ୪୫ଜଣ ଆଇନଜୀବୀ କମିଟିରେ ବରିଷ୍ଠ ମାନ୍ୟତା ପାଇଁ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ମାନ୍ୟତା ଦିଆଯାଇନାହିଁ। ତେଣୁ ଏହି ୪୫ଟି ଆବେଦନକୁ ସାନି ବିଚାର କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ଆବେଦନକାରୀ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ, ମୁଖ୍ୟ ବିଚାରପତି, ରେଜିଷ୍ଟ୍ରାର(ଜୁଡିସିଆଲ), ବରିଷ୍ଠ ଆଇନଜୀବୀ ଚୟନ ପାଇଁ ଥିବା ସ୍ଥାୟୀ କମିଟି ଏବଂ ନୂତନ ଭାବେ ବରିଷ୍ଠ ଆଇନଜୀବୀ ଭାବେ ଚୟନ ହୋଇଥିବା ୫ଜଣ ଆଇନଜୀବୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଆବେଦନକାରୀ ବାଗ୍ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

## ସ୍ୱଚ୍ଛ ଭାରତ ପଖୱାଡା ଉଦ୍‌ଯାପିତ

**କଟକ ଅଫିସ, ୧୬।୯**

ଗଣ୍ଡରପୁର ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ୧୫ ଦିନ ଧରି ଚାଲିଥିବା ସ୍ୱଚ୍ଛ ଭାରତ ପଖୱାଡା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହ ଭାରତକୁ ଆବର୍ଜନା ଓ ପ୍ରଦୂଷଣମୁକ୍ତ ରଖିବା ପାଇଁ ଶପଥ ନିଆଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା କରାଯାଇଥିଲା। ବିଦ୍ୟାଳୟର ଚେୟାରମ୍ୟାନ ଦୀପକ ମାଳବ୍ୟ ଓ ଲୋକସେବକ ମଣ୍ଡଳର ସଦସ୍ୟ ପ୍ରଭାସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଥିଲା। ଏଥିସହିତ ସ୍ୱଚ୍ଛତା ଜାଗରଣ ପ୍ରଦର୍ଶନୀ ଓ ପତ୍ରଲିଖନ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ସ୍ୱାଇଁ, ମଞ୍ଜୁଶ୍ରୀ ସ୍ୱାଇଁ, ନିର୍ମଳା ଦାସ, ଶିକ୍ଷକ ଚିତ୍ତରଞ୍ଜନ ନାୟକ, ବିଭୂତି ସ୍ୱାଇଁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୯ରେ ରାମମନ୍ଦିର ଟ୍ରଷ୍ଟ ବିବାଦର ଚୂଡ଼ାନ୍ତ ଶୁଣାଣି

**କଟକ ଅଫିସ, ୧୬।୯**

ଭୁବନେଶ୍ୱର ରାମ ମନ୍ଦିର ଟ୍ରଷ୍ଟ ବିବାଦର ଚୁଡାନ୍ତ ଶୁଣାଣି ଆସନ୍ତା ୧୯ରେ ହାଇକୋର୍ଟରେ ହେବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ମନ୍ଦିରର ଅନ୍ତରୀଣ ଟ୍ରଷ୍ଟବୋର୍ଡ ବୈଧ କି ନୁହେଁ ସେ ସମ୍ପର୍କରେ ହାଇକୋର୍ଟ ଶୁଣାଣି କରିବେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ବିଚାର କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୧୯୬୯ରେ ଭୁବନେଶ୍ୱର ରାମମନ୍ଦିର ଛକଠାରେ ସରକାରୀ ଜମିକୁ ଲିଜ୍ ନେଇ ରାମ ମନ୍ଦିର ସେବା ସମିତି ଟ୍ରଷ୍ଟ ଏଠାରେ ମନ୍ଦିର ନିର୍ମାଣ କରିଥିଲା। ମନ୍ଦିର ପରିଚାଳନା ଦାୟିତ୍ୱ ରାମମନ୍ଦିର ସେବା ସମିତି ହାତରେ ରହିଥିଲା। ମାତ୍ର ଦେବୋତ୍ତର କମିଶନଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଗତ ଜାନୁୟାରୀରେ ପୁରୁଣା ଟ୍ରଷ୍ଟକୁ ଭାଙ୍ଗି ଦିଆଯାଇଥିଲା। ମନ୍ଦିର ପରିଚାଳନା ପାଇଁ ଏକ ଅସ୍ଥାୟୀ ଟ୍ରଷ୍ଟବୋର୍ଡ଼ ଗଠନ କରାଯାଇଥିଲା। ଏହାକୁ ବିରୋଧ କରି ରାମମନ୍ଦିର ସେବା ସମିତି ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଆବେଦନକାରୀ ଜାନୁୟାରୀରେ ଜାରି ହୋଇଥିବା ବିଜ୍ଞପ୍ତିକୁ ରଦ୍ଦ କରିବାକୁ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଏହାର ପରିଚାଳନା ଦାୟିତ୍ୱରେ ବିମଳ କୁମାର ପାତ୍ରଙ୍କୁ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦେଇଥିଲେ। ଫଳରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ହାଇକୋର୍ଟଙ୍କ ପୂର୍ବ ଅନ୍ତରୀଣ ନିର୍ଦ୍ଦେଶନାମା ବଳବତ୍ତର ରହିବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅମିତ ପ୍ରସାଦ ବୋଷ ମାମଲା ପରିଚାଳନା କରୁଛନ୍ତି।

## ଉତ୍କଳ ସମ୍ମିଳନୀ ସଭାପତି ବହିଷ୍କାର ମାମଲା ଖାରଜ

**କଟକ ଅଫିସ, ୧୬।୯**

ବିଶୃଙ୍ଖଳିତ କାର୍ଯ୍ୟକୁ ନେଇ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କଟକ ଶାଖାର ସଭାପତି ଥିବା ଡ. ରବିରଞ୍ଜନ ସାହୁଙ୍କୁ ବହିଷ୍କାର କରିଛି। ଏହାକୁ ନେଇ ସାହୁ କଟକ ୫ମ ଅତିରିକ୍ତ ସିଭିଲ୍ ଜଜ୍‌ଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ। ତେବେ ମାମଲାର ବିଚାର କରି ଅଦାଲତ ଏହାକୁ ଖାରଜ କରି ଦେଇଛନ୍ତି। ଉତ୍କଳ ସମ୍ମିଳନୀ ଏକ ପଞ୍ଜୀକୃତ ସରକାରୀ ସଂସ୍ଥା ହୋଇଥିବାରୁ କେନ୍ଦ୍ରୀୟ କମିଟି ଏଭଳି ନିଷ୍ପତ୍ତି ନେଇପାରିବେ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ତେବେ ଗତ ଅଗଷ୍ଟ ୨୦ରେ ଅଦାଲତ ରାୟ ପ୍ରକାଶ କରିଥିବାବେଳେ ଶନିବାର ଉତ୍କଳ ସମ୍ମିଳନୀ କଟକ ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏଥିରେ ଉତ୍କଳ ସମ୍ମିଳନୀ କଟକ ଶାଖା ସଭାପତି ତଥା ଆଇନଜୀବୀ ମହମ୍ମଦ କମରୁଲ ହୁସେନ, ସାଧାରଣ ସମ୍ପାଦକ କିଶୋର ମହାନ୍ତି, ସମ୍ପାଦିକା ଡ. ନୀଳିମା ପ୍ରିୟଦର୍ଶିନୀ, ସଦସ୍ୟ ଡ. ମିନାକ୍ଷୀ ପଣ୍ଡା, ଆଇନଜୀବୀ କବି ରଞ୍ଜନ ମହାନ୍ତି, ପ୍ରାକ୍ତନ ରାଜ୍ୟ ସଭାପତି ଗୁରୁ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉତ୍କଳ ସମ୍ମିଳନୀ ଭଳି ଅନୁଷ୍ଠାନରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ।



ରାସ୍ତାପାର୍ଶ୍ୱର ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ରାଜପଥର ମୁଖ୍ୟଯନ୍ତ୍ରୀ ଓ ଅନ୍ୟ ଅଧିକାରୀଙ୍କ ସହ ଏମ୍‌ପି ଆଲୋଚନା କରୁଛନ୍ତି।

## ଜାତୀୟ ରାଜପଥ ପାର୍ଶ୍ୱ କାମ ତଦାରଖ କଲେ ଏମ୍‌ପିଙ୍କ

**କଟକ ଅଫିସ, ୧୬।୯**

କଟକ ଓଏମ୍‌ପି ଛକସ୍ଥିତ ଡାକବଙ୍ଗଳାଠାରେ ସୋମବାର ଏମ୍‌ପି ଭର୍ତ୍ତୃହରି ମହତାବ ଜାତୀୟ ରାଜପଥର ପାରିପାର୍ଶ୍ୱିକ କାର୍ଯ୍ୟ ଯଥା ଲାଇଟ୍, ଡ୍ରେନ୍, କଲର ଆଦିକୁ ତଦାରଖ କରିଥିଲେ। ସେହିପରି ପ୍ରେସ୍‌ଛକ, ମଧୁପାଟଣା, କଲ୍ୟାଣୀନଗର ଅଞ୍ଚଳର ରାଜପଥରେ ଥିବା ଅସୁବିଧା ବୁଲି ଦେଖିବା ସହିତ ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ଓ ଅନ୍ୟ ଅଫିସରଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୨୫ ସୁଦ୍ଧା ଜାତୀୟ ରାଜପଥର ଲାଇଟ୍‌ଗୁଡିକ ଜଳିବ ବୋଲି ମୁଖ୍ୟଯନ୍ତ୍ରୀ କହିଥିଲେ। ସେହିପରି ଶିଖରପୁର ଅଣ୍ଡରପାସ କାମ ଦଶହରା ପରେ ଆରମ୍ଭ କରିବାକୁ ରାଜପଥ କର୍ତ୍ତୃପକ୍ଷ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ସାହୁ, ସରୋଜିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ବିରୋଧୀ ହିଂସା କର୍ମଶାଳା

**କଟକ ଅଫିସ, ୧୬।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ୱିଜଡମଠାରେ ମହିଳା ବିରୋଧୀ ହିଂସା କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶାଖା ଭଞ୍ଜ ଓ ଅନ୍ୟ ଅତିଥି ଭାବେ ସ୍କୁଲ ଅଫ ସୋସିଆଲ ସାଇନ୍ସର ଡିନ୍ ପ୍ରଫେସର ଅସୀମା ସାହୁ ଯୋଗଦେଇଥିଲେ। ସିସିଡି ପ୍ରଫେସର ସଙ୍ଗୀତା ରଥ ସ୍ୱାଗତ ଭାଷଣ, ଡ. ବିକ୍ରମ କେଶରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସୋମା ପାଇକରାୟ ଓ ରାକ୍ଷୀ ମହାନ୍ତିଙ୍କ ନେତୃତ୍ୱରେ ସଖୀର ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଜେମସ୍ କିଣ୍ଡୋ ଧନ୍ୟବାଦ ଦେଇଥିଲେ।



କଟକ ସନ୍‌ସାଇନ୍ ଗ୍ରାଉଣ୍ଡରେ ସାତସାହି କଟକ ନୃତ୍ୟୋତ୍ସବର ସୋମବାର ଚତୁର୍ଥ ସନ୍ଧ୍ୟାରେ ରେଭେନ୍‌ଶା ଥିଏଟର ପକ୍ଷରୁ ପରିବେଷିତ ନାଟକ 'ହୁ ହା'ର ଏକ ଦୃଶ୍ୟ।



କଟକ ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାରଠାରେ ସୋମବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ ପାଳନ ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗ।

ସୌନ୍ଦର୍ଯ୍ୟ

# ଗ୍ରୀନ୍ ଟି ଫେସ୍ ପ୍ୟାକ୍



ସ୍ୱାସ୍ଥ୍ୟ ପାଇଁ ଗ୍ରୀନ୍ ଟି'ର ଉପକାରିତା ସମ୍ପର୍କରେ ପ୍ରାୟ ସମସ୍ତଙ୍କୁ ଜଣା। କେବଳ ଏତିକି ନୁହେଁ, ଏଥିରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟବର୍ଦ୍ଧକ ଗୁଣ। ଏହାକୁ ପିଇବା ଦ୍ୱାରା ତ୍ୱଚାର କୁଞ୍ଚନ, ଦାଗ, ବ୍ରଣ, ସନ୍‌ଟ୍ୟାନ୍ ଭଳି ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ହେଲେ ଆପଣ ଜାଣନ୍ତିକି ଏହାକୁ କେବଳ ପିଇବା ନୁହେଁ ଫେସ୍‌ପ୍ୟାକ୍ ଭାବେ ଲଗାଇବା ଦ୍ୱାରା ମଧ୍ୟ ତ୍ୱଚାର ଗ୍ଲୋ ବଢ଼ିବା ସହ ରଙ୍ଗ ଗୋରା ହୋଇଥାଏ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...

**ଅମୃତଭଣ୍ଡା– ଗ୍ରୀନ୍ ଟି ପ୍ୟାକ୍:** ପାଚିଲା ଅମୃତଭଣ୍ଡା ସହିତ ଗ୍ରୀନ୍ ଟି ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସଫା ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଟ୍ୟାନ୍ ସମସ୍ୟା ଦୂର ହୋଇଯିବ।

**ଅଦା– ଗ୍ରୀନ୍ ଟି ପ୍ୟାକ୍:** ୩ଟି ଗ୍ରୀନ୍ ଟି ପ୍ୟାକ୍ ସହ ଖଣ୍ଡେ ଅଦାକୁ ଭଲ ଭାବେ ଛେଚି ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ। ପାଣି ଫୁଟି ଅଧା ହୋଇଗଲେ ଏହାକୁ କାଢ଼ି ଥଣ୍ଡା କରନ୍ତୁ। ଏହାକୁ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ ଉପକୃତ ହେବେ।

**ଚାଉଳ ଗୁଣ୍ଡ– ଗ୍ରୀନ୍ ଟି ପ୍ୟାକ୍:** ଚାଉଳକୁ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ସେଥିରେ ୨ଟି ଗ୍ରୀନ୍ ଟି ବ୍ୟାଗ୍ ଖୋଲି ମିଶାନ୍ତୁ। ସେଥିରେ ଅଳ୍ପ ଲେମ୍ବୁରସ ଏବଂ ଆବଶ୍ୟକ ମାତ୍ରାରେ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୀରେ ଧୀରେ ସ୍କ୍ରବ୍ କରି ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ସ୍କିନ୍ ଅଧିକ ବ୍ରାଇଟ୍ ଲାଗିବା ସହ ଗ୍ଲୋ ମଧ୍ୟ ବଢ଼ିବ।

**ଷ୍ଟ୍ରବେରୀ– ଗ୍ରୀନ୍ ଟି ପ୍ୟାକ୍:** ୩ଟି ଷ୍ଟ୍ରବେରୀକୁ ଭଲ ଭାବେ ପେଷ୍ଟ କରି ସେଥିରେ ଅଧା ଚାମଚ ମହୁ ଏବଂ ୧ ପ୍ୟାକ୍ ଗ୍ରୀନ୍ ଟି ଖୋଲି ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ତଳୁ ଉପରକୁ ଘଷନ୍ତୁ। ଅଧ ଘଣ୍ଟା ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇବା ଦ୍ୱାରା ରିଙ୍କଲ୍ ମାର୍କ ଦୂର ହେବା ସହ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ।



# ଗର୍ଭବତୀ ନାରୀର ଯତ୍ନ



ଡା. ସରୋଜିନୀ ଷଡ଼ଙ୍ଗୀ

କିଛିଦିନ ହେବ କେବେ ଅଧିକ ଖରା ତ କେବେ ଦିନ ଦିନ ଲାଗି ରହୁଛି ପ୍ରବଳ ବର୍ଷା। ତେବେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ବିଶେଷ କରି ଏଭଳି ବର୍ଷା ଅଧିକ ପ୍ରଭାବିତ କରୁଛି ଭାବୀ ମା' ମାନଙ୍କୁ। ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଉଛି। ତେଣୁ ଏ ସମୟରେ ଗର୍ଭବତୀ ନାରୀମାନଙ୍କୁ ଉଭୟ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଭାବରେ ସତର୍କ ରହିବା ଆବଶ୍ୟକ...

ସୁଷମ ଖାଦ୍ୟ – ଗର୍ଭବତୀ ନାରୀମାନେ ନିଜ ସହ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ବିଶେଷ କରି ବର୍ଷା ସମୟରେ ସେମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଅନେକ ଗୁଡ଼ିଏ ଖାଦ୍ୟ ଜନିତ ସଂକ୍ରମଣ ରୋଗ ହୋଇଥାଏ ଯଥା – ଝାଡ଼ା, ଜଣ୍ଡିସ୍, ଆନ୍ତ୍ରିକ ଜ୍ୱର ଆଦି ହୋଇଥାଏ । ତେଣୁ ଏ ସମୟରେ ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ, ଯାହା ଶରୀରକୁ ଶକ୍ତି ଯୋଗାଇଥାଏ। ଏହାଛଡ଼ା ବେଶି ତେଲ, ମସଲାଯୁକ୍ତ, ବାସିଖାଦ୍ୟ ଆଦି ନ ଖାଇ ସଦ୍ୟ ପ୍ରସ୍ତୁତ ଗରମ ଖାଦ୍ୟ ଖାଇବା ସହ ଗରମ ସୁପ୍ ପିଇବା ଭଲ । କାକୁଡ଼ି, ଟମାଟୋ ଓ ପିଆଜ ଆଦି ଗରମ ପାଣିରେ ଧୋଇ ସାଲାଡ ପ୍ରସ୍ତୁତ କରିବା ଦରକାର । ବିଶେଷଭାବରେ ଶାଗଜାତୀୟ ଖାଦ୍ୟ ଯଥା– ପାଳଙ୍ଗଶାଗ, ବିଭିନ୍ନ ପ୍ରକାର ଶାଗ, ବନ୍ଧାକୋବି, ଫୁଲକୋବି ଆଦି ପରିବା ପତ୍ରରେ ଛୋଟ ଛୋଟ ପୋକ ଓ ଜୀବାଣୁ ଥିବାରୁ ଏହାକୁ ରାନ୍ଧିବା ପୂର୍ବରୁ ଗରମ ପାଣିରେ ୩–୪ ଥର ଭଲଭାବେ ଧୋଇବା ଉଚିତ୍। ଏହି ସମୟରେ ମଟନ ଓ ଚିକେନ୍ ମଧ୍ୟ ବେଶି ପରିମାଣରେ ଖାଇବା ଠିକ୍ ନୁହେଁ। ଏହା ହଜମ ନ ହୋଇ ଅଜୀର୍ଣ୍ଣ ରୋଗ, ଝାଡ଼ା ଓ ବାନ୍ତିର କାରଣ ସାଜିଥାଏ।

– ବର୍ଷା ଅଧିକ ହେଲେ ଅନେକେ ଭାବନ୍ତି ଜଳବାୟୁ ଆର୍ଦ୍ର ଥିବାରୁ ବେଶି ପାଣି ପିଇବା ଉଚିତ ନୁହେଁ। ହେଲେ ମନେ ରଖନ୍ତୁ ଏ ସମୟରେ ପରିବେଶର ଉଷ୍ମତା କମିଯିବାରୁ ବେଶି ପାଣି ପିଇବା ଓ ପାନୀୟ ଜିନିଷ ବ୍ୟବହାର କରିବା ଆବଶ୍ୟକ। ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେଶନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ । ତେଣୁ ସେମାନେ ଫଳରସ, ପଇଡ଼, ପାଣି, ଲେମ୍ବୁ ସରବତ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର। ହେଲେ ବଜାରରେ ମିଳୁଥିବା ଦହି ଓ ଲସି ପିଇବା ଠିକ୍ ନୁହେଁ । ସେହିପରି ବାହାରେ ବିକ୍ରି ହେଉଥିବା ଖାଦ୍ୟ ଆଦୌ ଖାଇବା ଉଚିତ ନୁହେଁ। ଏଥିରେ ବ୍ୟବହୃତ ହେଉଥିବା ସମସ୍ତ ଜିନିଷରେ ପ୍ରଚୁର ପରିମାଣରେ ତେଲ ଓ ମସଲା ସହ ସଂକ୍ରମିତ ପାଣି ବ୍ୟବହାର ହୋଇଥିବାରୁ ସଂକ୍ରମଣ ଜନିତ ରୋଗ ହେବାର ଆଶଙ୍କା ବେଶି ଥାଏ । ବେଳେ ବେଳେ କଟା ହୋଇଥିବା ଫଳ ବହୁତ ସମୟ ବାହାରେ ରହିବା ଦ୍ୱାରା ବି ସଂକ୍ରମଣ ହୋଇଥାଏ। ତେଣୁ ବାହାରେ ରହିଥିବା କଟା ଫଳ ଖାଇବା ଅନୁଚିତ୍।

ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ । ବାହାରେ ବର୍ଷାରେ ଭିଜିଗଲେ ନିଜ ଶରୀରକୁ ଟାୱେଲରେ ପୋଛି ଶୁଖିଲା କରିବା ପରେ ଗରମ ପାଣିରେ ଗାଧୋଇବା ଦ୍ୱାରା ସଂକ୍ରମଣ ହୋଇ ନ ଥାଏ। କେବଳ ସ୍ନାନ, ଶୌଚ ଠିକ୍ ଭାବେ କରିବା ନୁହେଁ ନଖକାଟିବା, ରାନ୍ଧିବା ଓ ଖାଇବା ଆଗରୁ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ। ଯାହାକି ନିଜ ସହ ଗର୍ଭସ୍ଥ ଶିଶୁକୁ ବି ନୀରୋଗ ରଖିଥାଏ। ସେହିପରି ନିଜର ଘରଦ୍ୱାର ଓ ଆଖପାଖ ସ୍ଥାନ ମଧ୍ୟ ପରିଷ୍କାର ରଖନ୍ତୁ। କାର୍ବୋଲିକ୍ ସାବୁନର ଦ୍ରବଣରେ ଘରଦ୍ୱାର ପୋଛି ସଫା କରିବା ଦ୍ୱାରା ଜୀବାଣୁମୁକ୍ତ ରହିଥାଏ। ଏହା ସହ ବିଛଣା ଚଦର ଓ ତଉଲିଆ ଆଦି ସଫା ରଖିବା ଆବଶ୍ୟକ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୁଅନ୍ତୁ। ଆବଶ୍ୟକ ସ୍ଥଳେ ମଶାଧୂପ ଓ ମଶାକ୍ରିମ ବ୍ୟବହାର କରିପାରିବେ। ସର୍ବଦା କଟନ୍ ବା ସୂତା କପଡ଼ା ପିନ୍ଧିବା ଭଲ।

– ଗର୍ଭାବସ୍ଥାରେ ହେଭି ମେକଅପ୍ ବା ଗାଢ଼ ପ୍ରସାଧନ ବ୍ୟବହାର କରିବା ଠିକ୍ ନୁହେଁ। ବିଶେଷ କରି ମସ୍କାରା ଓ ପଫ୍, ଆଇ–ଲାଇନର ଓ ଲିପଷ୍ଟିକ୍‌ରୁ ସଂକ୍ରମଣର ଭୟ ଥାଏ, ତେଣୁ ହାଲୁକା ମେକଅପ୍ ନିଅନ୍ତୁ।

– ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖନ୍ତୁ। ଯଦି ପ୍ରସବର ସମ୍ଭାବନା ତାରିଖ ନିକଟରେ ଥାଏ, ତେବେ ସବୁ ପ୍ରକାର ପ୍ରସ୍ତୁତି କରି ରଖନ୍ତୁ। ଯଥା– ଡାକ୍ତରଙ୍କର ଫୋନ୍ ନମ୍ବର, ହସପିଟାଲ, ଆମ୍ବୁଲାନ୍ସର ଫୋନ୍ ନମ୍ବର ଏବଂ ହସପିଟାଲ ଯିବା ପାଇଁ ଗାଡି ଠାରୁ ଆରମ୍ଭ କରି ସବୁ ଜିନିଷର ପ୍ରସ୍ତୁତି ଆଗରୁ କରି ରଖନ୍ତୁ।

ପାଣିପାଗ ଯାହା ହେଉ ନା କାହିଁକି ଏହା ଅନୁଯାୟୀ ସମସ୍ତ ପ୍ରକାର ପ୍ରସ୍ତୁତି ସହ ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିଲେ ନିଜେ ନୀରୋଗ ରହିବା ସହ ଗର୍ଭସ୍ଥ ଶିଶୁକୁ ବି ସୁରକ୍ଷିତ ରଖିବା ସହଜ।

–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କରୋଡ଼, କଟକ
ମୋ– ୯୪୩୭୦୫୫୦୦୭







# ପିଲାଙ୍କୁ ଡାଇପର ପିନ୍ଧାଉଥିଲେ...

ଛୋଟ ପିଲା ଝାଡ଼ା, ପରିସ୍ରା କରି ବାରମ୍ବାର ଓଦା ନ ହେବା ଲାଗି ବର୍ତ୍ତମାନ ଡାଇପର ଖୁବ୍ କାମରେ ଆସୁଛି। ହେଲେ ପିଲାଙ୍କୁ ଡାଇପର ପିନ୍ଧାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ...

❖ପିଲାଙ୍କୁ ଡାଇପର ପିନ୍ଧାଉଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କମ୍ଫର୍ଟ। ଅର୍ଥାତ୍ ଡାଇପର ଯେପରି କେବେବି ପିଲାଙ୍କୁ ଟାଇଟ୍ କିମ୍ବା ଛୋଟ ନ ହୁଏ ସେଥିଲାଗି ପିଲାର ଓଜନ ଅନୁସାରେ ଡାଇପର କିଣନ୍ତୁ।

❖ଡାଇପରକୁ ନିୟମିତ ସମୟ ଅନ୍ତରାଳରେ ବଦଳାନ୍ତୁ। ତଥାପି ମଝିରେ ମଝିରେ ଚେକ୍ କରିନିଅନ୍ତୁ। ଯଦି ପିଲା ଅଧିକ ପରିସ୍ରା କରିଛି କିମ୍ବା ଝାଡ଼ା କରିଛି ତେବେ ତୁରନ୍ତ ବଦଳାଇ ଦିଅନ୍ତୁ।

❖ଡାଇପର ବଦଳାଇବା ପରେ ପିଲାର ଉକ୍ତ ସ୍ଥାନକୁ ଭଲ ଭାବେ ୱାଇପ୍‌ରେ ପୋଛି ଦିଅନ୍ତୁ ଏବଂ କିଛି ସମୟ ଖୋଲା ଛାଡିଦିଅନ୍ତୁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡାଇପର ଖୋଲିବା ପରେ ପିଲାର ସ୍କିନ୍‌କୁ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ପିଲାଙ୍କ ସମ୍ବେଦନଶୀଳ ତ୍ୱଚାରେ ଅଧିକ ସମୟ ଡାଇପର ରହିବା ଦ୍ୱାରା ଲାଲ୍ ପଡିବା, ଫଳିବା (ର୍‍ୟାସେସ୍)ଭଳି ସମସ୍ୟାର ଆଶଙ୍କା ଅଧିକ।

❖ଯଦି ପିଲାର ର୍‍ୟାସେସ୍ ହୁଏ ତେବେ ଡାଇପର ର୍‍ୟାସ୍ କ୍ରିମ୍ ଲଗାନ୍ତୁ। ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।



❖ରାତିରେ ଡିସ୍ପୋଜେବଲ ଡାଇପର ବ୍ୟବହାର କରନ୍ତୁ। ଏହା ଅଧିକ ମୁତ୍ର ରଖିପାରିବା ସହ ଖୋଲିଯିବା କିମ୍ବା ଲିକ୍ ହେବାର ଟେନ୍‌ଶନ୍ ବି ନ ଥାଏ।

ଖାଦ୍ୟରୁଚି

# ଆଚାରୀ ପନିର

**ଆବଶ୍ୟକ ସାମଗ୍ରୀ:** ପନିର– ୨୫୦ ଗ୍ରାମ୍, ଟମାଟୋ– ୩ଟି, କଞ୍ଚାଲଙ୍କା –୨ଟି, ଅଦା(ଏକ ଇଞ୍ଚ), ତେଲ ୨–୩ ଚାମଚ, କଟା ଧନିଆପତ୍ର ୨–୩ ଚାମଚ, ଅଳ୍ପ ମେଥି, ଅଧା ଚାମଚ ସୋରିଷ, ଅଧା ଚାମଚ ଜିରା, ପାନମଧୁରୀ ଏକ ଛୋଟ ଚାମଚ, ଧନିଆ ଗୁଣ୍ଡ ଏକ ଛୋଟ ଚାମଚ, ଚିମୁଟାଏ ହେଙ୍ଗୁ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗରମ ମସଲା ୧/୪ ଚାମଚ, ଲାଲ ଲଙ୍କା ପାଉଡର ୧/୪ ଚାମଚ, କ୍ରିମ୍ ୧/୨ କପ୍, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଅଦା, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଟ ଛୋଟ କାଟି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ମେଥି, ସୋରିଷ ଏବଂ ଜିରାକୁ ଅଳ୍ପ ଭାଜି ପାନମଧୁରୀ ଏବଂ ଧନିଆ ପାଉଡର ମିଶାଇ ଅଳ୍ପ ଗ୍ରାଇଣ୍ଡିଂ କରି ମସଲା ଗୁଣ୍ଡ ପ୍ରସ୍ତୁତ କରନ୍ତୁ।

ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ସେଥିରେ ହେଙ୍ଗୁ, ହଳଦୀଗୁଣ୍ଡ ଏବଂ ଗୁଣ୍ଡ କରିଥିବା ମସଲା ପକାନ୍ତୁ। ଅଳ୍ପ ଭାଜିବା ପରେ ସେଥିରେ ଅଦା ପେଷ୍ଟ ଏବଂ ଲାଲ୍ ଲଙ୍କା ଗୁଣ୍ଡ ପକାଇ ଭଲ ଭାବେ ଭାଜନ୍ତୁ। ମସଲା ଭାଜି ହୋଇ ସେଥିରୁ ତେଲ ଅଲଗା ହେବା ମାତ୍ରେ କ୍ରିମ୍ ପକାଇ ୨–୩ ମିନିଟ୍ ଭାଜନ୍ତୁ। ଭଲ ଭାବେ କଷି ହୋଇଯିବା ପରେ ସେଥିରେ ଅଧା କପ୍ ପାଣି, ଲୁଣ, ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ତରକାରି ଫୁଟିବା ଭିତରେ ପନିରକୁ ୧–୨ ଇଞ୍ଚ ଆକାରରେ ଛୋଟ ଛୋଟ କାଟି ଦିଅନ୍ତୁ। ତରକାରି ଫୁଟିଲେ ସେଥିରେ ପନୀର ପକାଇ ଘୋଡାଇ ଦିଅନ୍ତୁ ଏବଂ ଆଉ ୨–୩ ମିନିଟ୍ ଫୁଟାଇବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆଚାରୀ ପନିର, ଏହାକୁ ଗରମା ଗରମ ଖାଇବାର ମଜା ନିଅନ୍ତୁ।



# ଘର ଭଡ଼ା ନେଉଥିଲେ...



ଜବ୍, ବ୍ୟବସାୟ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅଧିକାଂଶ ପରିବାର ଭଡ଼ାଘର ନେଇ ରହିଥାନ୍ତି। ସେଠାରେ ଆବଶ୍ୟକତା ଅନୁସାରେ ସମସ୍ତ ସାମଗ୍ରୀ ମଧ୍ୟ ରଖିଥାନ୍ତି। ହେଲେ ବେଳେବେଳେ ବିଭିନ୍ନ କାରଣରୁ ଘର ପରିବର୍ତ୍ତନ କରିବାକୁ ପଡୁଥିବାରୁ କେତେକ ସାମଗ୍ରୀ ଭାଙ୍ଗିଯିବା କିମ୍ବା ନଷ୍ଟ ହେବାର ଆଶଙ୍କାଥାଏ। ତେଣୁ ଭଡ଼ାଘରେ କେଉଁସବୁ ଜିନିଷ ନ ରଖିବା ଭଲ ଜାଣି ରଖନ୍ତୁ...

**ଇଲେକ୍ଟ୍ରୋନିକ୍ସ ସାମଗ୍ରୀ:** ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିନା ଚଳିବା ଯେମିତି ଏକ ପ୍ରକାରର ଅସମ୍ଭବ ହୋଇଗଲାଣି। ହେଲେ ଭଡାଘରେ ରହୁଥିଲେ, ପରେ ସିଫ୍ଟ ବେଳେ ଯେପରି ନଷ୍ଟ ନ ହୁଏ ସେଥିପାଇଁ ଟିଭି, ଫ୍ରିଜ୍, ଫ୍ୟାନ୍, କମ୍ପ୍ୟୁଟର ଭଳି ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀକୁ ଛାଡି ଏସି, ମାଇକ୍ରୋୱେଭ୍, ଗିଜର ଆଦି ସାମଗ୍ରୀ କମ୍ ରଖିବାକୁ ଚେଷ୍ଟା କରନ୍ତୁ।

**ଗାଡ଼ି:** ଭଡ଼ାଘରେ ରହୁଥିଲେ ସଉକ ପାଇଁ ଏକାଧିକ ଗାଡ଼ି ବିଶେଷକରି ଚାରି ଚକିଆ ଯାନ ନ କିଣିବା ଭଲ। କାରଣ ଅନେକ ଭଡାଘରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ନ ଥାଏ। ତେଣୁ ଗାଡି ରଖିବା ନିହାତି ଆବଶ୍ୟକ ଥିଲେ ପ୍ରଥମେ ପାର୍କିଂ ବ୍ୟବସ୍ଥା ଦେଖିବା ପରେ ଭଡ଼ା ନିଅନ୍ତୁ। ନଚେତ୍ ଆପଣଙ୍କୁ ରାସ୍ତା କଡରେ ଗାଡି ରଖିବାକୁ ପଡିପାରେ, ଯାହାକି ଉଭୟ ଅବୈଧ ଏବଂ ବିପଦପୂର୍ଣ୍ଣ।

**ଗୃହସଜ୍ଜା ଉପକରଣ:** ଘର ସଜାଇବାକୁ ସମସ୍ତେ ଭଲ ପାଆନ୍ତି, ତାହା ନିଜ ଘର ହେଉ ଅବା ଭଡାଘର। ହେଲେ ଭଡାଘର ମଝିରେ ମଝିରେ ବଦଳାଇବାକୁ ହେଉଥିବାରୁ ସିଫ୍ଟ ସମୟରେ ଯେପରି ଭାଙ୍ଗି ନ ଯାଏ ସେଥିପାଇଁ ଅଧିକ ଦାମୀ କାଚ ଶୋ ପିସ୍, ଝୁମର, ଅନ୍ୟାନ୍ୟ ଡେକୋରେଟିଭ୍ ଲାଇଟ୍ ଆଦି ସାମଗ୍ରୀ ନ ରଖିବା ଭଲ। ସେହିପରି ଅଧିକ ଦାମୀ ଗ୍ଲାସ୍ କିମ୍ବା ସେରାମିକ୍ ଫ୍ଲାୱାର ପଟ୍ ବଦଳରେ ନ ଭାଙ୍ଗିବା ଲାଗି ମେଟାଲିକ୍ ପଟ୍ ରଖନ୍ତୁ। ଯଦି ସେସବୁ ନିହାତି ପସନ୍ଦ ତେବେ ତା' ବଦଳରେ ଆପଣ ଚାହିଁଲେ ମାଟିର ଡେକୋରେଟିଭ୍ ଜିନିଷ କିମ୍ବା ପଟ୍ ରଖିପାରିବେ, ଯାହାକି ଭାଙ୍ଗିଗଲେ ଅଧିକ ଟଙ୍କା ନଷ୍ଟ ହେବାର ଦୁଃଖ ରହିବନାହିଁ।

**ପୋଷା ଜୀବଜନ୍ତୁ:** ଘରେ ପୋଷା ଜୀବଜନ୍ତୁ ରଖିବାର ସଉକ ଅନେକଙ୍କ ରହିଛି। ହେଲେ ଯଦି ଆପଣ ଭଡାଘରେ ରହୁଛନ୍ତି ତେବେ ପୋଷା ଜୀବଜନ୍ତୁ ନ ରଖିବା ଭଲ। କାରଣ ଅନେକ ଘର ମାଲିକ କୁକୁର, ବିଲେଇ ଆଦି ନିଜ ଘରେ ରଖିବାକୁ ପସନ୍ଦ କରନ୍ତି ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.60 (68) | 261.68 37,123.31 | 79.80 10,996.10 | ₹460 38,860.00 | ₹1096 47,957.00 |



“ବିଶ୍ୱ ବ୍ୟାଙ୍କର ସହଯୋଗୀ ଆଇଏଫ୍‌ସିଠାରୁ ୩୪୫ କୋଟି ଟଙ୍କାର ଋଣ ସହାୟତା ମିଳିଛି। ରାଜସ୍ଥାନର ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶସ୍ତା ଘର ନିର୍ମାଣରେ ଏହା ବିନିଯୋଗ କରାଯିବା।

–ସୁଶୀଲ କୁମାର ଅଗ୍ରୱାଲ, ଆଭାସ ଫାଇନାନ୍ସିୟର୍ସ ଏମ୍‌ଡି ତଥା ସିଇଓ



“ୱାନ୍‌୯୭କମ୍ୟୁନିକେଶନ୍ସକୁ ଶେୟାର ବିକ୍ରିରୁ ୪୦ କୋଟି ଟଙ୍କା ଯୋଗାଡ ହୋଇଛି। ଏହି ଅର୍ଥକୁ ଅତ୍ୟାଧୁନିକ ଟେକ୍ନୋଲୋଜି, ନୂଆ ପ୍ରଡକ୍ଟ ଓ କର୍ମଚାରୀ ବୃଦ୍ଧି ଲାଗି ଖର୍ଚ୍ଚ କରିବା।

–ପ୍ରବୀଣ ଯାଦବ, ପେଟିଏମ୍ ମନି ଏମ୍‌ଡି

## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ହାର ୧.୦୮%ରେ ଅପରିବର୍ତ୍ତିତ



ନୂଆଦିଲ୍ଲୀ,୧୬-୯: ଅଗଷ୍ଟରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ପ୍ରାୟ ୨୫ ମାସର ସର୍ବନିମ୍ନ ସ୍ତର ୧.୦୮%ରେ ଅପରିବର୍ତ୍ତିତ ରହିଛି। ଜୁଲାଇ ମୁକାବିଲାରେ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ବର୍ଷକ ପୂର୍ବେ ସମାନ ଅବଧିରେ ଅର୍ଥାତ୍ ୨୦୧୮ ଅଗଷ୍ଟରେ ପାଇକାରୀ ମୁଦ୍ରାସ୍ଫୀତି ହାର ୪.୬୨% ରହିଥିଲା। ସରକାରଙ୍କ ପକ୍ଷରୁ ପୂର୍ବରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଖୁଚୁରା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇ ୩.୨୧% ହୋଇଛି। ସୋମବାର ଜାରି ପାଇକାରୀ ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ଖାଦ୍ୟପଦାର୍ଥ ସୂଚକାଙ୍କ ୧.୪% ବୃଦ୍ଧି ପାଇଛି। ମସଲା, କେତେକ ଡାଲି ଜାତୀୟ ଖାଦ୍ୟସାମଗ୍ରୀ ମୂଲ୍ୟ ୪% ବଢ଼ିଥିବା ବେଳେ ଫଳ ଓ ପନିପରିବା ଏବଂ ପର୍କ ମାଂସ ଦର ୩%, ମାଛ,ଗହମ,ମକା, ବିଫ୍ ଆଦି ମୂଲ୍ୟ ୨%,କ୍ଷୀର, ରାଜମା, ଧାନ, ମଟନ ଦରରେ ୧% ବୃଦ୍ଧି ଦେଖିବାକୁ ମିଳିଛି। ତେବେ ଅଣ୍ଡା ମୂଲ୍ୟ ୭%, ଚା'ପତ୍ର ମୂଲ୍ୟ ୨% ଏବଂ ଚିକେନ ମୂଲ୍ୟ ୧% ହ୍ରାସ ପାଇଛି। ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୧.୦୮% ରହିଥିଲା।

### କଗ୍ନିଜାଣ୍ଟର ପୂର୍ବତନ ସିଓଓଙ୍କ ବିରୋଧରେ ୩୫ ଲକ୍ଷର ଜରିମାନା

ନୂଆଦିଲ୍ଲୀ,୧୬-୯: ଆମେରିକାର ପୁଞ୍ଜି ବଜାର ନିୟାମକ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ କମିଶନ(ଏସ୍‌ଇସି) କଗ୍ନିଜାଣ୍ଟର ପୂର୍ବତନ ମୁଖ୍ୟ ପରିଚାଳନା ଅଧିକାରୀ(ସିଓଓ) ଶ୍ରୀଧର ତିରୁମ୍ବେଗଦମଙ୍କୁ ଜଣେ ଭାରତୀୟଙ୍କୁ ଲାଞ୍ଚ ଦେବା ଅଭିଯୋଗରେ ୫୦ ହଜାର ଡଲାର( ପ୍ରାୟ ୩୫ ଲକ୍ଷ ଟଙ୍କା) ଜରିମାନା କରିଛି। ଅଭିଯୋଗ ଅନୁଯାୟୀ ତିରୁମ୍ବେଗଦମ କଗ୍ନିଜାଣ୍ଟ ସଲ୍ୟୁସନ୍ସ କର୍ପୋରେଶନର ଅନ୍ୟ ୩ ଜଣ ଅଧିକାରୀଙ୍କ ସହ ମିଶି କମ୍ପାନୀ ପକ୍ଷରୁ ଭାରତର ଜଣେ ଅଧିକାରୀଙ୍କୁ ୨୦ ଲକ୍ଷ ଡଲାର ଲାଞ୍ଚ ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଚେନ୍ନାଇରେ ବାଣିଜ୍ୟିକ ଅଫିସ୍ ଖୋଲିବା ଲାଗି ଅନୁମତି ଦେବାକୁ ଏହି ଲାଞ୍ଚ ଦିଆଯାଇଥା'ନ୍ତା। ନିର୍ଦ୍ଦେଶର ୧୦ ଦିନ ଭିତରେ ସିଓଓଙ୍କୁ ଜରିମାନା ଅର୍ଥ ଦାଖଲ କରିବାକୁ ହେବ।

### ଅଶ୍ୱଥ ନାରାୟଣଙ୍କୁ ସମ୍ବର୍ଦ୍ଧିତ କଲା ୟୁନିୟନ ବ୍ୟାଙ୍କ

ଭୁବନେଶ୍ୱର, ୧୬-୯: ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅଶ୍ୱଥ ନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସିଭି ରମଣ ଇଞ୍ଜିନିୟରିଂ କଲେଜର ଶିକ୍ଷକ ଛାତ୍ରୀଛାତ୍ରଙ୍କ ଗହଣରେ ଅଶ୍ୱଥଙ୍କୁ ଅଭିନନ୍ଦନ ପତ୍ର, ପୁଲତୋଡା ୧୦,୦୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ କରାଯାଇଛି। ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ସିଭିରମଣ କଲେଜର ପ୍ରିନ୍ସିପାଲ ଭବେଶ ଭଟ୍ଟାଚାର୍ଯ୍ୟ ଏସ୍‌ଏସ୍‌ଇପିଏଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପ ଭାଦୁଭାଇଙ୍କ ଉପସ୍ଥିତିରେ ଅଶ୍ୱଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### କେଟିଏମ୍‌ର ଷ୍ଟଣ୍ଟ ଶୋ

ଭୁବନେଶ୍ୱର, ୧୬-୯: କେଟିଏମ୍ ପକ୍ଷରୁ ପୁରୀ ଏବଂ ଭବାନୀ ପାଟଣାରେ ଆକର୍ଷଣୀୟ କେଟିଏମ୍ ଷ୍ଟଣ୍ଟ ଶୋ' ଆୟୋଜନ କରାଯାଇଛି। ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀ ଏଠାରେ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ। ପୁରୀର ସର୍ବୋଦୟ ନଗରସ୍ଥିତ ସୁଷମା ଗାର୍ଡେନ ଏବଂ ଭବାନୀ ପାଟଣାର ଏଲ୍‌ବିଏସ୍ ଗ୍ରାଉଣ୍ଡ ଟେନିସ କୋର୍ଟରେ ଏହା ଆୟୋଜନ କରାଯାଇଛି। କେଟିଏମ୍ ଡ୍ୟୁକ ବାଇକରେ ପ୍ରଦର୍ଶନକାରୀ ଷ୍ଟଣ୍ଟ ଦେଖାଇଥିଲେ। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚ ପ୍ରଦାନ କରିବା ଲାଗି ଏଭଳି ଶୋ'ଆୟୋଜନ କରାଯାଇଥିବା ବଜାଜ ଅଟୋର ପ୍ରୋ ବାଇକିଂ ଉପସଭାପତି ସୁମିତ ନାରଙ୍ଗ ସୂଚନା ଦେଇଛନ୍ତି। ରାଜ୍ୟର କଟକ, ବ୍ରହ୍ମପୁର, ଭଦ୍ରକ ଏବଂ ବାଲେଶ୍ୱର ଭଳି ସ୍ଥାନରେ ଏହାକୁ ଆୟୋଜନ କରାଯାଇଛି। କମ୍ପାନୀ ସାରା ଦେଶରେ ଏଭଳି ଶୋ' ଆୟୋଜନ ଧାରା ଜାରି ରଖିଛି। ଏହି ବାଇକକୁ ପୁରୀର କୁମ୍ଭାରପଡା ସ୍ଥିତ କେଟିଏମ୍ ପୁରୀ ଏବଂ ଭବାନୀପାଟଣାର କେସିଙ୍ଗା ରୋଡ ସ୍ଥିତ ଶୋ'ରୁମରୁ ଗ୍ରାହକ ପାଇପାରିବେ।

### ଅଶୋଧିତ ତୈଳ ଦର ୨୮ବର୍ଷ ପରେ ଗୋଟିଏ ଦିନରେ ସର୍ବବୃହତ୍ ବୃଦ୍ଧି

# ୭ ଟଙ୍କା ପର୍ଯ୍ୟନ୍ତ ବଢ଼ିବ ପେଟ୍ରୋଲ, ଡିଜେଲ

ରିଆଧ/ନୂଆଦିଲ୍ଲୀ,୧୬-୯

ବିଶ୍ୱର ସର୍ବବୃହତ୍ ତୈଳ ଉତ୍ପାଦକ କମ୍ପାନୀ ସୌଦି ଆରାମ୍‌କୋରେ ଡ୍ରୋନ ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତେଲ ଦରରେ ନିଆଁ ଲାଗିଛି। ସୋମବାର ବ୍ରେଣ୍ଟ କ୍ରୁଡ୍ ଦର ୨୦% ବୃଦ୍ଧିପାଇଛି, ଯାହାକି ୨୮ ବର୍ଷପରେ ଗୋଟିଏ ଦିନରେ ଅର୍ଥାତ୍ ୧୯୯୧ ଜାନୁୟାରୀ ୧୪ରେ ଏହା ସର୍ବବୃହତ୍ ବୃଦ୍ଧି ପରିଲକ୍ଷିତ ହୋଇଛି। ତେବେ ଦିନର କାରବାର ଶେଷ ବେଳକୁ ଏହା ୧୦% ଅର୍ଥାତ୍ ୬ ଡଲାର ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ପ୍ରଭାବିତ ହେବ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଆସନ୍ତା ୧୫ ଦିନ ମଧ୍ୟରେ ଦେଶରେ ତେଲ ଦର ପ୍ରାୟ ୫ରୁ ୭ ଟଙ୍କା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

ଶନିବାର ହୁତି ବିଦ୍ରୋହୀ ସଂଗଠନ ପକ୍ଷରୁ ଆରାମ୍‌କୋର ଅବକ୍ୟାକ୍ ଓ ଖୁରାଇସସ୍ଥିତ ଦୁଇଟି ତୈଳ କୂଅ ଉପରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ଏହାପରେ ଆରାମ୍‌କୋର ତୈଳ ଉତ୍ପାଦନ ଦୈନିକ ପ୍ରାୟ ୧୦୦ ମିଲିୟନ ବ୍ୟାରେଲର ଅଧା ହୋଇଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୨/୩ ଦିନ ଭିତରେ ଉତ୍ପାଦନ ହ୍ରାସ କରି କୂଅର ମରାମତି କରାଯିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସୋମବାର ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୧୯.୫% ବୃଦ୍ଧି ପାଇ ବ୍ୟାରେଲ ପିଛା ୭୧.୯୫ ଡଲାରରେ ପହଞ୍ଚିଯାଇଥିଲା। ଅନ୍ତର୍ଜାତୀୟ





ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ପାଇବା ଅର୍ଥ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ଯଥେଷ୍ଟ ବଢ଼ିବ। କାରଣ ଭାରତ ଏହାର ଚାହିଦାର ପ୍ରାୟ ୮୩ ପ୍ରତିଶତ ତୈଳ ବିଦେଶରୁ ଆମଦାନୀ କରିଥାଏ। ତେବେ ହୁତି ବିଦ୍ରୋହୀଙ୍କ ଡ୍ରୋନ ଆକ୍ରମଣ ପଛରେ ଇରାନର ହାତ ରହିଥିବା ଆମେରିକା ଅଭିଯୋଗ କରିଛି। ଇରାନ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ନେବାକୁ ଚିନ୍ତା କରୁଛି। ଅନ୍ୟପକ୍ଷରେ ଆକ୍ରମଣ ହେଲେ ଇରାନ ମଧ୍ୟ ଆମେରିକା ବିରୋଧରେ ବଡ଼ ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତ ଥିବା କହିଛି। ଆଗାମୀ ଦିନରେ ଗଲ୍ଫ ଅଞ୍ଚଳରେ ଯୁଦ୍ଧ ଲାଗିଲେ ତେଲ ଦର ଆହୁରି ବଢ଼ିଯିବ ଏଥିରେ ସନ୍ଦେହ ନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ (ଏଚ୍‌ପିସିଏଲ୍) ପକ୍ଷରୁ କୁହାଯାଇଛି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବ। କ୍ରୁଡ୍ ଦର ୧୦% ବଢ଼ିଲେ ପେଟ୍ରୋଲ ଓ ଡିଜେଲ ଦର ପ୍ରଭାବିତ ହେବ ବୋଲି ଅଧ୍ୟକ୍ଷ ଏମ୍.କେ.ସୁରନା କହିଛନ୍ତି।

#### ୨୦ ଡଲାର ପର୍ଯ୍ୟନ୍ତ ବଢ଼ିପାରେ ଅଶୋଧିତ ତେଲ ଦର

ବିଶେଷଜ୍ଞଙ୍କ ମତକୁ ଉଦ୍ଧାର କରି ରଏଟର୍ସ ଲେଖିଛି ଯେ, ଆସନ୍ତା ୩୦ ତାରିଖ ସୁଦ୍ଧା ସୌଦି ଆରାମ୍‌କୋର ସ୍ଥିତି ନ ସୁଧୁରିଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୧୦୦ ଡଲାର ପ୍ରତି ବ୍ୟାରେଲ ଛୁଇଁପାରେ। ଆସନ୍ତା ୭ ଦିନ ଭିତରେ ସ୍ଥିତିରେ ପରିବର୍ତ୍ତନ ନ ଆସିଲେ ତେଲ ଦର ୧୫ରୁ ୨୦ ଡଲାର ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

#### ଚଳନ୍ତି ଖାତା ନିଅଣ୍ଟ ବଢ଼ିବ

ସିଙ୍ଗାପୁରସ୍ଥିତ ଡିବିଏସ୍ ବ୍ୟାଙ୍କିଙ୍ଗ୍ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ, ଅଶୋଧିତ ତୈଳ ଦର ୧୦% ବଢ଼ିଲେ ଭାରତର ଚଳନ୍ତି ଖାତା ନିଅଣ୍ଟ ପରିମାଣ ଜିଡିପିର ୦.୪ରୁ୦.୫% ବଢ଼ିବ। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ଗୋଟିଏ ଡଲାର ବଢ଼ିଲେ ଭାରତର ତୈଳ ଆମଦାନୀ ବିଲ୍‌ରେ ୨ ବିଲିୟନ ଡଲାର ଯୋଡି ହେବ।

#### ତେଲ ଉପଲବ୍ଧତା ପ୍ରଭାବିତ ହେବନି: ଧର୍ମେନ୍ଦ୍ର



ସୌଦି ଆରାମ୍‌କୋରେ ଡ୍ରୋନ୍ ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ବୃଦ୍ଧି ପାଇଛି। ତେଲ ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ଦରବୃଦ୍ଧି ଘଟିଛି। ତେବେ ଭାରତ ପାଇଁ କିଛି ଅସୁବିଧା ହେବ ନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶବାସୀଙ୍କୁ ଆଶ୍ୱସ୍ତ କରିବାକୁ ଚାହିଁଛନ୍ତି। ସେ କହିଛନ୍ତି ଯେ, ସରକାର ତୈଳ ମାର୍କେଟିଂ କମ୍ପାନୀଙ୍କ ସହ ମିଶି ସେପ୍ଟେମ୍ବର ପାଇଁ ତେଲ ଯୋଗାଣର ସମୀକ୍ଷା କରିଛନ୍ତି। ଦେଶକୁ ତେଲ ଯୋଗାଣରେ କିଛି ଅସୁବିଧା ହେବ ନାହିଁ ବୋଲି ସରକାର ଆଶ୍ୱସ୍ତ ଅଛନ୍ତି। ଦରକାର ପଡିଲେ ଦେଶର ରଣନୈତିକ ଭଣ୍ଡାରରୁ ତେଲ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଜଣାଇଛନ୍ତି ଯେ, ଡ୍ରୋନ୍ ଆକ୍ରମଣ ପରେ ସୌଦି ଆରାମ୍‌କୋର ଅଧିକାରୀମାନେ ଦେଶର ତୈଳ କମ୍ପାନୀଙ୍କୁ ଜଣାଇଛନ୍ତି ଯେ, ତାଙ୍କ ଦ୍ୱାରା ତୈଳ ଯୋଗାଣ ବ୍ୟାହତ ହେବ ନାହିଁ। ଏ ସମ୍ପର୍କରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ମଧ୍ୟ ଜାରି କରାଯାଇଛି। ମନ୍ତ୍ରଣାଳୟ, ତୈଳ କମ୍ପାନୀଗୁଡ଼ିକ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

#### ଅପେକ୍ଷା କରିବାକୁ ହେବ: ଶକ୍ତିକାନ୍ତ



ସୌଦି ଆରାମ୍‌କୋରେ ଡ୍ରୋନ ଆକ୍ରମଣ ଯୋଗୁ ଭାରତୀୟ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡିବ। କାରଣ ଭାରତର ଚଳନ୍ତି ଖାତା ନିଅଣ୍ଟ ପରିମାଣ ଏବଂ ବିତ୍ତୀୟ ନିଅଣ୍ଟ ପରିମାଣ ବଢ଼ିବ। ଆରାମ୍‌କୋ ଘଟଣା ପରେ ତୈଳ ଓ ମୁଦ୍ରା ଦର ପ୍ରଭାବିତ ହେବ। ଆସନ୍ତା କିଛି ଦିନ ଭିତରେ ଏ ଦିଗରେ ସ୍ୱଷ୍ଟତା ଆସିବ। ତେବେ ଆମକୁ ବର୍ତ୍ତମାନ 'ଅପେକ୍ଷା କରିବାକୁ ହେବ' ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ କହିଛନ୍ତି।

## ଟିଭିଏସ୍ ରାଡିଅନ୍‌ର ସ୍ୱତନ୍ତ୍ର ଏଡିଶନ





ଭୁବନେଶ୍ୱର, ୧୬-୯

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ମଡେଲ ରାଡିଅନର ସ୍ୱତନ୍ତ୍ର ଏଡିଶନ ବଜାରକୁ ଆସିଛି। ସେଲିବ୍ରିଟାରୀ ଏଡିଶନ ଶୁଭାରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ରୋମ ବ୍ଲାକ ଏବଂ କ୍ରୋମ ବ୍ରାଉନ ରଙ୍ଗରେ ଉପଲବ୍ଧ। ମଡେଲଟିରେ ସାମ୍ନା ଡିସ୍କ ବ୍ରେକ, ନୂଆ ପ୍ୟାଡ ଡିଜାଇନ, ନୂଆ ପେଟ୍ରୋଲ ଟାଙ୍କି କୁଶନ ସହ ମେଟାଲିକ ଲେବଲ, କ୍ରୋମ ରିୟର ଭିୟୁ ମିଟର, କ୍ରୋମ କାର୍ବୋରେଟର କଭର, ପ୍ରିମିୟମ ଗ୍ରାଫିକ୍ସ ଏବଂ ଷ୍ଟାଇଲ ଗ୍ରାହକମାନେ ଲାଭ କରି ପାରିବେ। ନୂତନ ପିଢ଼ିର ଗ୍ରାହକଙ୍କୁ ନଜରରେ ରଖି ଯାନଟିକୁ ପ୍ରସ୍ତୁତ କରାଯାଇଛି। ୨ ଲକ୍ଷରୁ ଉର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକ ଯାନଟିକୁ ପସନ୍ଦ କରିଛନ୍ତି। ଲୋକଙ୍କଠାରୁ ଭଲ ପାଇବା ପାଇଥିବାରୁ ସ୍ୱତନ୍ତ୍ର ମଡେଲଟି ପ୍ରସ୍ତୁତ କରାଯାଇଥିବା କମ୍ପାନୀର ଉପସଭାପତି ଅନିରୁଦ୍ଧ ହାଲଦାର କହିଛନ୍ତି। ଏଥିରେ ଆରାମ ଏବଂ ପ୍ରିମିୟମର ସ୍ୱତନ୍ତ୍ରତା ରହିଥିବା ହଲଦାର ପ୍ରକାଶ କରିଛନ୍ତି।

## 'କ୍ଷୁଦ୍ର ରପ୍ତାନିକାରୀଙ୍କ ଲାଗି ବୀମା ପ୍ରିମିୟମ କମିବ'

ନୂଆଦିଲ୍ଲୀ,୧୬-୯

ବାଣିଜ୍ୟ ମନ୍ତ୍ରଣାଳୟ କ୍ଷୁଦ୍ର ରପ୍ତାନିକାରୀଙ୍କ ଲାଗି ବୀମା ପ୍ରିମିୟମ ହାର କମ୍ କରିବା ପାଇଁ କ୍ୟାବିନେଟରେ ଏକ ପ୍ରସ୍ତାବ ଆଣିବ। ଯେଉଁ ରପ୍ତାନିକାରୀଙ୍କ ବକେୟା ସୀମା ୮୦ କୋଟି ଟଙ୍କାରୁ କମ୍ ହୋଇଥିବ ସେମାନଙ୍କ ଲାଗି ବୀମା ପ୍ରିମିୟମ ହାରକୁ ୦.୬୦ ପ୍ରତିଶତକୁ ହ୍ରାସ କରାଯିବ। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ସୋମବାର କହିଛନ୍ତି ଯେ, ବର୍ତ୍ତମାନ ବୀମା ପ୍ରିମିୟମ ୦.୭୨% ରହିଛି। ଏହାବ୍ୟତୀତ ୮୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସୀମାର ରପ୍ତାନିକାରୀଙ୍କ ସହାୟତା ଲାଗି ପ୍ରିମିୟମକୁ ସୁବ୍ୟବସ୍ଥିତ କରାଯିବ। ଏଭଳି ଭାବେ ରପ୍ତାନିକାରୀଙ୍କୁ ବିଭିନ୍ନ ଶ୍ରେଣୀରେ ବଣ୍ଟାଯିବ ବୋଲି ସେ କହିଛନ୍ତି। ଏଥିରେ ଅଣ ସ୍ୱର୍ଣ୍ଣ, ଗହଣା ଏବଂ ହୀରା ସମେତ ଅନ୍ୟ ରପ୍ତାନିକାରୀ ସାମିଲ ହେବେ। ସେ କହିଛନ୍ତି ଯେ, ଭାରତୀୟ ରପ୍ତାନି ଋଣ ଗ୍ୟାରେଣ୍ଟି ନିଗମ ପକ୍ଷରୁ ନୂଆ ସ୍କିମ୍ ନିର୍ବିକ(ରପ୍ତାନି ଋଣ ବିକାଶ ଯୋଜନା) ଆରମ୍ଭ କରାଯାଇଛି। ଏହା ରପ୍ତାନିକାରୀଙ୍କୁ ଋଣ ପ୍ରଦାନରେ ବ୍ୟାଙ୍କଗୁଡ଼ିକୁ ସହାୟତା କରିବ। ବାଣିଜ୍ୟ ମନ୍ତ୍ରୀ କହିଛନ୍ତି ଯେ, ଏହି ସୁରକ୍ଷା କବଚ ପରିସରକୁ ଅଧିକ ବୃଦ୍ଧି କରାଯାଇଛି। ଏଥିରେ ବକେୟା ସମେତ ମୂଳଧନକୁ ମଧ୍ୟ ଯୋଡା ଯାଇଛି।

## ବ୍ୟାଙ୍କ ମିଶ୍ରଣକୁ କର୍ପୋରେଶନ ବ୍ୟାଙ୍କର ବିରୋଧ

ଭୁବନେଶ୍ୱର, ୧୬-୯(ବ୍ୟୁରୋ)

କର୍ପୋରେଶନ ବ୍ୟାଙ୍କକୁ ୟୁନିୟନ ବ୍ୟାଙ୍କ ସହ ମିଶ୍ରଣ ପ୍ରକ୍ରିୟାକୁ ବ୍ୟାଙ୍କ ପକ୍ଷରୁ ବିରୋଧ କରାଯାଇଛି। ନିକଟରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମିଶ୍ରଣ ସମ୍ପର୍କରେ ଘୋଷଣା କରିଥିଲେ। ସ୍ଥାନୀୟ ଶହୀଦ ନଗରସ୍ଥିତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ବ୍ୟାଙ୍କର ସମସ୍ତ ଅଧିକାରୀ, କର୍ମଚାରୀ



ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ସରକାର ତାଙ୍କର ନିଷ୍ପତ୍ତିକୁ ପୁନଃବିଚାର କରନ୍ତୁ ବୋଲି ସଂଘର ରାଜ୍ୟ ଆବାହକ ଗଣେଷ ପ୍ରଶାଦ ନାଥ କହିଛନ୍ତି। ବ୍ୟାଙ୍କକୁ ତାର ପୂର୍ବ ମାନ୍ୟତାରେ ରଖାଯାଉବୋଲି ସେ ଦାବି କରିଛନ୍ତି। ସରକାର ଏ ଦିଗରେ କୌଣସି ଠୋସ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ସୂଚନା ଦେଇଛନ୍ତି।

### ନିଲାମୀରେ ବିକ୍ରି ହୋଇପାରିନି ସ୍ପେକ୍ଟ୍ରମ
## ସରକାରଙ୍କ ୫.୪ଲକ୍ଷ କୋଟି ଟଙ୍କା କ୍ଷତି

ନୂଆଦିଲ୍ଲୀ,୧୬-୯

ଗତ ନିଲାମୀରେ କିଛି ସ୍ପେକ୍ଟ୍ରମ ବିକ୍ରି ହୋଇପାରି ନ ଥିବାରୁ ସରକାରଙ୍କର ପ୍ରାୟ ୫.୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି ବୋଲି ଉଦ୍ୟୋଗ ସଂଗଠନ ବ୍ରଡ୍‌ବ୍ୟାଣ୍ଡ ଇଣ୍ଡିଆ ଫୋରମ୍ (ବିଆଇଏଫ୍) ପକ୍ଷରୁ ଦାବି କରାଯାଇଛି। ସରକାର ୫ଜି ସ୍ପେକ୍ଟ୍ରମ ନିଲାମ କଲା ବେଳେ ଏହାର ଉପଲବ୍ଧତା ଏବଂ ଉଚିତ୍ ଦର ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ବିଆଇଏଫ୍ ପକ୍ଷରୁ କୁହାଯାଇଛି ଯେ, ୫ଜି ସ୍ପେକ୍ଟ୍ରମର ସଂରକ୍ଷିତ ମୂଲ୍ୟ ବହୁତ। ଅନ୍ୟ ଦେଶ ତୁଳନାରେ ଏହା ୪ ଗୁଣା ଅଧିକ। ଏଥିରେ ତତ୍କାଳ ସଂଶୋଧନ କରାଯିବା ଜରୁରୀ। ବିଆଇଏଫ୍ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଭାରତରେ ସ୍ପେକ୍ଟ୍ରମ ନିଲାମୀର ସଫଳତା କେବଳ ଏହାର ମୂଲ୍ୟ ଉପରେ ନିର୍ଭରଶୀଳ। ଉଚିତ୍ ଦର ଥିଲେ ସର୍ବାଧିକ ବିକ୍ରି ହୋଇପାରିବ ଏବଂ ସର୍ବୋତ୍ତମ ପ୍ରତ୍ୟକ୍ଷ ଓ ପରୋକ୍ଷ ଲାଭ ହାସଲ ହୋଇପାରିବ।

## ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୬-୯

ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୭୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରର ଶହୀଦ ନଗରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଏବଂ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିଭଳି କ୍ଷେତ୍ରୀୟ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀର କ୍ଷେତ୍ରୀୟ ପ୍ରବନ୍ଧକ ଗଜେନ୍ଦ୍ର ନାଥ ସାମଲ, ସତ୍ୟ ନାରାୟଣ ନନ୍ଦ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସର୍କଲ ମୁଖ୍ୟ ଗଣପତ ଲାଲ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ମହାପ୍ରବନ୍ଧକ ବିନୟ ଗୁପ୍ତା ଏବଂ କ୍ଷେତ୍ରୀୟ ମୁଖ୍ୟ ତୌଫିକ ଆଲାମ ଯୋଗ ଦେଇ ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଅନିଲ ଅମ୍ବାନୀଙ୍କ ଆଉ ଏକ କମ୍ପାନୀ ଦେବାଳିଆ

ନୂଆଦିଲ୍ଲୀ,୧୬-୯



ଶିଳ୍ପପତି ଅନିଲ ଅମ୍ବାନୀଙ୍କ ମାଲିକାନାରେ ଥିବା ଆଉ ଏକ କମ୍ପାନୀ ଦେବାଳିଆ ହୋଇଗଲାଣି। ଋଣରେ ବୁଡ଼ି ରହିଥିବା ଟେଲିକମ୍ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ୍ସର ଏକ ସହଯୋଗୀ କମ୍ପାନୀ ଜିସିଏକ୍ସ ଲିମିଟେଡ ନିଜକୁ ଦେବାଳିଆ ଘୋଷଣା ଲାଗି ଆଇବିସି କୋର୍ଟରେ ଆବେଦନ କରିଛି ବୋଲି ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ସମୁଦ୍ର ତଳେ ବିଶ୍ୱର ସର୍ବବୃହତ ଘରୋଇ କେବଲ ସିଷ୍ଟମ ଜିସିଏକ୍ସ ନିକଟରେ ରହିଛି। ୩୫ କୋଟି ଡଲାର ୭% ବଣ୍ଡ ପେମେଣ୍ଟ ଦେବାରେ ବିଫଳ ହେବା ପରେ କମ୍ପାନୀ ଉକ୍ତ ପଦକ୍ଷେପ ଗ୍ରହଣ କରିଛି। ଏଥିପୂର୍ବରୁ ରିଲାଏନ୍ସ କମ୍ୟୁନିକେଶନ୍ସ ନିଜକୁ ଦେବାଳିଆ ଘୋଷଣା ପାଇଁ ଆଇବିସି କୋର୍ଟରେ ଆବେଦନ କରିସାରିଛି। ଋଣବୋଝକୁ କମାଇବା ଲକ୍ଷ୍ୟରେ ରିଲାଏନ୍ସ ଗ୍ରୁପ୍ ରୋଡ୍‌ରୁ ରେଡିଓ ଷ୍ଟେଶନ ପର୍ଯ୍ୟନ୍ତ ବିକ୍ରି କରି ୨୧,୭୦୦ କୋଟି ଟଙ୍କା ଯୋଗାଡ କରିବାକୁ ଲକ୍ଷ୍ୟ ରଖିଛି।

## '୫% ଜିଡିପି ଚକିତ କରିଛି'

### ଆର୍‌ବିଆଇ ଗଭର୍ନରଙ୍କ ସ୍ୱୀକାରୋକ୍ତି

ନୂଆଦିଲ୍ଲୀ,୧୬-୯

ଦେଶର ଅର୍ଥନୀତି ଖରାପ ସମୟ ଦେଇ ଗତିକରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୫% ଜିଡିପି ଅଭିବୃଦ୍ଧି ହାର ତାଙ୍କୁ ଚକିତ କରିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ସ୍ୱୀକାର କରିଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଶକ୍ତିକାନ୍ତ କହିଛନ୍ତି ଯେ, ଦେଶର ଅର୍ଥନୀତିକୁ ବଢ଼ାଇବା ଲାଗି ସରକାର କେତେକ ପଦକ୍ଷେପ ଘୋଷଣା କରିଛନ୍ତି। ଗତବର୍ଷ ଅପେକ୍ଷା ଅଧିକ ଏଫଡିଆଇ ଆସିଛି। ଖାଦ୍ୟ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସବୁ ଠିକ୍ ରହିଛି। ଧୀରେ





ଧୀରେ ସ୍ଥିତିରେ ଉନ୍ନତି ଆସିବ। ସରକାର ତୁରନ୍ତ ହସ୍ତକ୍ଷେପ କରୁଛନ୍ତି, ଏହା ଏକ ସକାରାତ୍ମକ ଦିଗ। ଢାଞ୍ଚାଗତ କ୍ଷେତ୍ରରେ ସଂସ୍କାର ପାଇଁ ଆର୍‌ବିଆଇ ନିଜର ରିପୋର୍ଟରେ କହିସାରିଛି। ଖର୍ଚ୍ଚ ବଢ଼ାଇବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରୁଛନ୍ତି। ଦେଶର ଜିଡିପି ପ୍ରଥମ ତ୍ରୈମାସରେ ୫.୮% ରହିବ ବୋଲି ଆର୍‌ବିଆଇ ଅନୁମାନ କରିଥିବା ବେଳେ ଏହା ୫% ରହିବା ନିଶ୍ଚିତ ଭାବେ ଖରାପ କୁହାଯାଇପାରେ ବୋଲି ଶକ୍ତିକାନ୍ତ କହିଛନ୍ତି। ତେବେ କେବେ ସୁଦ୍ଧା ଅର୍ଥନୀତି ଗତିଶୀଳ ହେବ ବର୍ତ୍ତମାନ କହିବା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦ୍ୱିତୀୟ ତ୍ରୈମାସର ଫଳାଫଳକୁ ଅପେକ୍ଷା କରିବାକୁ ହେବ ବୋଲି ସେ କହିଛନ୍ତି।



ସୌମ୍ୟ ସରକାର ଫର୍ମରେ ନ ଥିବାରୁ ତାଙ୍କ ସ୍ଥାନରେ ଦଳରେ କେତେଜଣ ନୂଆ ଖେଳାଳିଙ୍କୁ ପରୀକ୍ଷାମୂଳକ ଭାବେ ଖେଳାଯାଉଛି ।
–ମିନ୍‌ହାଜୁଲ ଆବେଦିନ୍,ବାଂଲାଦେଶ କ୍ରିକେଟର ମୁଖ୍ୟ ଚୟନକର୍ତ୍ତା



ରାଫାଲ ନାଡାଲ ଅବା ନୋଭାକ ଜୋକୋଭିଚ୍ ଯଦି ଅବା ଅଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସଫଳ ହୁଅନ୍ତି, ରୋଜର ଫେଡରର କିନ୍ତୁ ମହାନ ଖେଳାଳି ହୋଇ ରହିବେ ।
–ରଡ୍ ଲାଭର, ପୂର୍ବତନ ଅଷ୍ଟ୍ରେଲୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକା କ୍ରିକେଟ୍‌ର ପାର୍ଟନର ହେଲା 'ଅମୂଲ'

ନୂଆଦିଲ୍ଲୀ, ୧୬।୯(ପି.ଟି.): ଭାରତ ବିପକ୍ଷ ଚଳିତ ୩ ମ୍ୟାଚବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଭାରତର ପ୍ରମୁଖ ଡାଏରୀ କମ୍ପାନୀ 'ଅମୂଲ' କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ)ର ପାର୍ଟନର ହୋଇଛି। ଏନେଇ ସୋମବାର ଉଭୟ ପକ୍ଷ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଟି୨୦ ସିରିଜର ଅବଶିଷ୍ଟ ଦୁଇଟି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନଙ୍କ ଶାର୍ଟରେ ବିଶ୍ୱର ୭୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ 'ଅମୂଲ' ଛାପା ସ୍ଥାନ ପାଇବ। ବର୍ଷା ଯୋଗୁ ଧର୍ମଶାଳାରେ ସିରିଜର ପ୍ରଥମ ମ୍ୟାଚ ବାତିଲ ହୋଇଯାଇଛି। ଦ୍ୱିତୀୟ ମ୍ୟାଚ ବୁଧବାର ମୋହାଲିଠାରେ ଖେଳାଯିବାକୁ ଥିବାବେଳେ ସେପ୍ଟେମ୍ବର ୨୨ରେ ତୃତୀୟ ତଥା ଅନ୍ତିମ ମ୍ୟାଚ ବେଙ୍ଗାଲୁରୁରେ ଖେଳାଯିବ। ସିଏସଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଥବଙ୍ଗ ମୋରୋ କହିଛନ୍ତି, ଆମର ଇଣ୍ଟରନ୍ୟାଶନାଲ ମାର୍କେଟିଂ ପାର୍ଟନର ଆଇଟିଡବ୍ଲ୍ୟୁର ଉଦ୍ୟମକ୍ରମେ ଅମୂଲ କମ୍ପାନୀ ସହିତ ଚୁକ୍ତି ହୋଇପାରିଛି।

### ପଦକ ଦୌଡ଼ରେ ନବୀନ

ନୁର୍-ସୁଲତାନ (କାଜାଖସ୍ତାନ), ୧୬।୯ (ପି.ଟି.): ଭାରତୀୟ ରେସ୍‌ଲର ଗୁରପ୍ରୀତ୍ ସିଂ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ସଂଘର୍ଷ କରି ଶେଷରେ ପରାଜୟବରଣ କରିଛନ୍ତି। କିନ୍ତୁ ନବୀନ ପଦକ ଦୌଡ଼ରେ ନିଜକୁ ସାମିଲ କରିବାରେ ସଫଳ ହୋଇଛନ୍ତି। ୧୩୦ କିଗ୍ରା ପୁରୁଷ ଗ୍ରୀକ୍ ରୋମାନ ବର୍ଗରେ ନବୀନ ପ୍ରଥମେ ୨୦୧୮ ପାନ୍-ଆମେରିକାନ ଚାମ୍ପିୟନ ଓସ୍କାର ପିନୋ ହିଣ୍ଡ୍ସଙ୍କ ନିକଟରୁ ଟେକ୍ନିକାଲ ପ୍ରଦର୍ଶନ ବଳରେ ହାରିଯାଇଥିଲେ। କିନ୍ତୁ ପରେ କ୍ୟୁବା କୁସ୍ତିଯୋଦ୍ଧା ଓସ୍କାର ଫାଇନାଲରେ ପ୍ରବେଶ କରିବା ଫଳରେ ପଦକ ଦୌଡ଼ରେ ସାମିଲ କରିବା ପାଇଁ ନବୀନକୁ ସହାୟତା ହୋଇଥିଲା। ନବୀନ ପ୍ରଥମେ ଇସ୍ତୋନିଆର ହେଇକି ନବି ଓ ପରେ କିର୍ଗିଜସ୍ତାନର ମୁରାଟ ରାମୋନୋଭଙ୍କୁ ହରାଇ ବ୍ରୋଞ୍ଜ ପଦକ ରାଉଣ୍ଡକୁ ପ୍ରବେଶ କରିଛନ୍ତି। ପୂର୍ବରୁ ସୋମବାର ଅନୁଷ୍ଠିତ ପୁରୁଷ ୭୭ କିଗ୍ରା ବର୍ଗର ଏକ ବାଉଟ୍‌ରେ ଗୁରପ୍ରୀତ୍ ବିଶ୍ୱ ମାନ୍ୟତାର ୨ ନମ୍ବର ସ୍ଥାନରେ ରହିଥିବା ସର୍ବିୟାର ଭିକ୍ଟର ନେମିସ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ଭିକ୍ଟରଙ୍କ ନିକଟରୁ ହାରିବା ପୂର୍ବରୁ ଗୁରପ୍ରୀତ୍ ଅଷ୍ଟ୍ରିୟାର ମାଇକେଲ୍ ୱାଗଂର୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ କୁସ୍ତିଯୋଦ୍ଧା ମନୀଷଙ୍କୁ ୬୦ କିଗ୍ରା ବର୍ଗରେ ପରାଜୟର ସାମ୍ନା କରିବାକୁ ପଡ଼ିଛି।

### କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ -ଏ

ମହୀଶୂର, ୧୬।୯ (ପି.ଟି.): ଭାରତ ଏ' ଏବଂ ଦକ୍ଷିଣ ଆଫ୍ରିକା ଏ' ମଧ୍ୟରେ ଦ୍ୱିତୀୟ ଅନ୍‌ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିରେ ଯୁବ ଖେଳାଳି ଶୁବମନ ଗିଲ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ। ୫ ମ୍ୟାଚବିଶିଷ୍ଟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜିତିସାରିଥିବା ଭାରତ ଏ' ଭ୍ରମଣକାରୀ ଦଳ ବିପକ୍ଷ ପ୍ରଥମ ଗେମ୍ ୭ ଉଇକେଟରେ ଜିତିସାରିଛି। ଦଳ ଏଥିରେ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି। ଦକ୍ଷିଣ ଆଫ୍ରିକା ସିନିୟର ଟିମ୍ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳର ଶୁବମନ ଗିଲ୍ ସ୍ଥାନ ପାଇଥିବାରୁ ତାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ। ଏହି ଟେଷ୍ଟ ସିରିଜ ଅକ୍ଟୋବର ୨ରୁ ବିଶାଖାପାଟଣାରେ ଆରମ୍ଭ ହେବ। ଗିଲ୍ ପ୍ରଥମ ମ୍ୟାଚରେ ଅଧିନାୟକତ୍ୱ କରିଥିଲେ। ସେ ଆକର୍ଷଣୀୟ ୯୦ରନ କରି ଦଳକୁ ବିଜୟୀ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଚୟନକର୍ତ୍ତାମାନେ ତାଙ୍କୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ଦେବା ନିଷ୍ପତ୍ତି ଯଥାର୍ଥ ବୋଲି ତାହା ପ୍ରମାଣ କରାଇବା ଲାଗି ପଞ୍ଜାବର ଏହି ଯୁବ ଖେଳାଳି ବ୍ୟଗ୍ର। ଏହି ୪ ଦିନିଆ ଦ୍ୱିତୀୟ ଗେମ୍ ପାଇଁ ଚୟନକର୍ତ୍ତାମାନେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିବା କେତେଜଣ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ଏହି ମ୍ୟାଚରେ ଗିଲ୍‌ଙ୍କ ସ୍ଥାନରେ ବେଙ୍ଗଲର ଅଭିଜ୍ଞ ଉଇକେଟକିପର ଋଦ୍ଧିମାନ ଶାହା ଅଧିନାୟକତ୍ୱ କରିବେ। ଓପନର ପ୍ରିୟଙ୍କ ପଞ୍ଚାଲ ଏବଂ ଅଭିମନ୍ୟୁ ଈଶ୍ୱରନଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଉଭୟ ପଞ୍ଚାଲ ଏବଂ ଈଶ୍ୱରନ ସିନିୟର ଟେଷ୍ଟ ଦଳରେ ସ୍ଥାନ ପାଇଁ ଦାବିଦାର ବୋଲି ପ୍ରମାଣିତ କରିବାକୁ ହେବ। ନିକଟରେ ୱେଷ୍ଟଇଣ୍ଡିଜ ଟୁର୍‌ରେ ଶାହା ରିଜର୍ଭ ଉଇକେଟକିପର ଥିଲେ।

# ଓସିଏକୁ ସମ୍ବିଧାନ ପଞ୍ଜୀକରଣ ଚିନ୍ତା

**କଟକ ଅଫିସ,୧୬।୯**

ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍)ର ଦ୍ୱାରସ୍ଥ ହେଉଛନ୍ତି ଓସିଏର ଅଧିକାରୀମାନେ। ଗତ କିଛି ଦିନ ହେବ ସେମାନେ ଲଗାତର ଭାବେ ଆଇଜିଆରଙ୍କ ସହ ଯୋଗାଯୋଗରେ ଅଛନ୍ତି। ଗତ ୫ ତାରିଖରେ ଆଇଜିଆରଙ୍କୁ ଭେଟି ଘଣ୍ଟା ଘଣ୍ଟା ଆଲୋଚନା ହେବା ସହ ସଂଶୋଧିତ ସମ୍ବିଧାନର ପଞ୍ଜୀକରଣ ପାଇଁ ନିବେଦନ ମଧ୍ୟ କରାଯାଇଛି। ପୂର୍ବରୁ ବିନା ପଞ୍ଜୀକରଣରେ ନିର୍ବାଚନ ସମ୍ଭବ ବୋଲି କହୁଥିବା ଓସିଏ ଅଧିକାରୀମାନେ ତରବର ହେଉଛନ୍ତି। ସଂଶୋଧିତ ସମ୍ବିଧାନର ବିନା ପଞ୍ଜୀକରଣରେ ଓସିଏ କର୍ମକର୍ତ୍ତା ନିର୍ବାଚନ ହୋଇପାରିବ ତ ବର୍ତ୍ତମାନ ତାହା ଏକ ପ୍ରଶ୍ନ। ଘଟଣା ଏବେ ଜିଲା ପ୍ରଶାସନ ପାଖରେ ପହଞ୍ଚିଲାଣି। ଓସିଏ ସମ୍ବିଧାନକୁ ନେଇ ଅନେକ ଅଭିଯୋଗ ଥିବା ହେତୁ ଆଇଜିଆର ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଏଯାଏ ଆଇଜିଆର ନିକଟରେ ପହଞ୍ଚି ନ ଥିବା କୁହାଯାଉଛି। ସେପ୍ଟେମ୍ବର ୬ ତାରିଖରେ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ) ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସମ୍ବିଧାନ ଅଗଷ୍ଟ ୨୧ ତାରିଖରେ ପଞ୍ଜୀକୃତ ହୋଇଛି। ସେହି ଦିନ ହିଁ ପଞ୍ଜୀକରଣ ହୋଇଥିବା ରିପୋର୍ଟ ବିସିସିଆଇର ଅଫିସିଆଲ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ ହୋଇଛି। ଏହାର ଠିକ୍ ୩୦ ଦିନ ମଧ୍ୟରେ ସମସ୍ତ ରାଜ୍ୟ ସଂଘ ନିଜ ସମ୍ବିଧାନ ପଞ୍ଜୀକରଣ କରିବାକୁ ବାଧ୍ୟତାମୂଳକ ବୋଲି ସିଓଏ ଏହି ବିଜ୍ଞପ୍ତିରେ ଉଲ୍ଲେଖ କରିଥିଲା । ଦୁଇମାସ ହେବ ଓସିଏର ସମ୍ବିଧାନ ସଂଶୋଧନ ହୋଇଥିଲେ ମଧ୍ୟ ପଞ୍ଜୀକରଣ କରାଯିବାକୁ ଉଦ୍ୟମ କରାଯାଉ ନ ଥିବା ଅଭିଯୋଗ ହୋଇଛି। ନିର୍ବାଚନକୁ ଆଉ ୧୦ଦିନ ଏବଂ ସିଓଏର ନିର୍ଦ୍ଦେଶ ପାଳନକୁ ଆଉ ୪ଦିନ ବାକି। ଘଟଣା ଏବେ କେଉଁ ମୋଡ଼ ନେବ ତାହା କହିବା ମଧ୍ୟ ମୁସ୍କିଲ। ୫ ତାରିଖରୁ ପଞ୍ଜୀକରଣ ନିମନ୍ତେ ନିବେଦନ କରାଯାଇଥିଲେ ମଧ୍ୟ ଏବେ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ ।

ଅନ୍ୟପକ୍ଷରେ ଆଇଜିଆରଙ୍କ ନିକଟରେ କେତେକ କ୍ରୀଡ଼ା ସଙ୍ଗଠକ ଅଭିଯୋଗ କରିଛନ୍ତି। ସମ୍ବିଧାନ ସଂଶୋଧନରେ କେତେକ ତ୍ରୁଟି ଥିବା ସେମାନେ ଦର୍ଶାଇଛନ୍ତି। ଅଭିଯୋଗ ଦୃଷ୍ଟିରୁ ପଞ୍ଜୀକରଣ ସହଜରେ ହୋଇପାରୁ ନ ଥିବା କୁହାଯାଉଛି। ଓସିଏର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରାଯାଇଛି । ନିର୍ଦ୍ଦେଶ ବାହାରେ କିଛି କାମ ହୋଇନି। ପଞ୍ଜୀକରଣ ନ ହେଲେ ନିର୍ବାଚନ ହେବ କି ନାହିଁ ତାହା ସିଓଏ ସ୍ଥିର କରିବ। ଆମେ କିନ୍ତୁ ପଞ୍ଜୀକରଣ ପାଇଁ ଆବେଦନ କରିସାରିଛୁ।

**ଓସିଏ ନିର୍ବାଚନ**




- ସେପ୍ଟେମ୍ବର ୨୧ ସିଓଏର ଡେଡ୍‌ଲାଇନ
- ଅତିରିକ୍ତ ଜିଲାପାଳଙ୍କୁ ତଦନ୍ତ ଦାୟିତ୍ୱ

## ସିଓଏର ବିଜ୍ଞପ୍ତି ପରେ ଅଡୁଆ ବଢ଼ିଲା

**କଟକ ଅଫିସ, ୧୬।୯**

କମିଟି ଅଫ ଆଡମିନିଷ୍ଟ୍ରେଟର୍ସ (ସିଓଏ) ପକ୍ଷରୁ ସୋମବାର ନିର୍ବାଚନ ସଂକ୍ରାନ୍ତିୟ ତଥ୍ୟ ଅପ୍‌ଡେଟ୍ କରାଯାଇଛି। ଏହି ତଥ୍ୟଅନୁସାରେ ଯେଉଁମାନେ କୌଣସି ରାଜ୍ୟ ସଂଘର ପଦବୀ ନିମନ୍ତେ ଅଯୋଗ୍ୟ ବୋଲି ଘୋଷିତ ହୋଇ ସାରିଥିବେ ସେମାନେ କୌଣସି କ୍ଲବ ତରଫରୁ ପ୍ରତିନିଧିତ୍ୱ କରିପାରିବେ ନାହିଁ କିମ୍ବା ଭୋଟ ଦେଇ ପାରିବେ ନାହିଁ। ତେବେ ଏହି ନିୟମ ଏବେ ରାଜ୍ୟର ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ଓସିଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ।

ଓସିଏରେ ଆଶୀର୍ବାଦ ୧୬ବର୍ଷ ଧରି ସମ୍ପାଦକ ପଦବୀରେ ରହିଥିଲେ । ଏଣୁ ସିଓଏର ନୂତନ ନିୟମ ବଳରେ ସେ କୌଣସି ପଦବୀ ନିମନ୍ତେ ଯୋଗ୍ୟ ବିବେଚିତ ହୋଇ ପାରିବେ ନାହିଁ । ପଦବୀ ଆଶା ଶୂନ ଥିଲେ ମଧ୍ୟ ଆଶୀର୍ବାଦ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ପକ୍ଷରୁ ପ୍ରତିନିଧି ହୋଇ ଓସିଏର ନିର୍ବାଚନୀରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ରଖିଥିଲେ। ଗତ ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ଓ ୧୫ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଥିବା ବେଳେ ଏଥିରେ ତାଙ୍କ ନାମ ସୁରକ୍ଷିତ ରହିଥିଲା। ତେବେ ସିଓଏର ନୂତନ ଘୋଷଣା ପରେ ନିର୍ବାଚନ ଅଧିକାରୀଙ୍କ ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ ତା' ଉପରେ ସମସ୍ତଙ୍କ ନଜର ରହିଛି। ପ୍ରକାଶଯୋଗ୍ୟ, କିଛି ପ୍ରସଙ୍ଗରେ ସିଓଏ ନିୟମକୁ କୋହଳ କରିଛି। ଯେଉଁମାନେ କ୍ରିକେଟ ସଂଘର ଆଜୀବନ ସଦସ୍ୟ ଥିବେ କିମ୍ବା ଅନ୍ତର୍ଜାତୀୟ ସ୍ତରର କ୍ରିକେଟର ହୋଇଥିବେ ସେମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ସିଓଏ କହିଛି ।

## ଏଣ୍ଡୁରୋମାନ ଟ୍ରାଇଥଲନ
# ମୟଙ୍କ ପ୍ରଥମ ଭାରତୀୟ



ରେସ୍ ଶେଷ କରିବା ପରେ ମୟଙ୍କ ବୈଦ୍ୟ।

**ନୂଆଦିଲ୍ଲୀ, ୧୬।୯**

ଏଣ୍ଡୁରୋମାନ ଟ୍ରାଇଥଲନ ଶେଷ କରିବାରେ ପ୍ରଥମ ଭାରତୀୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି ମୟଙ୍କ ବୈଦ୍ୟ। ଏହି ବିରଳ ସଫଳତା ହାସଲ କରିବାରେ ସେ ବିଶ୍ୱର ୪୪ତମ ଏବଂ ଏସିଆର ପ୍ରଥମ ବ୍ୟକ୍ତି। ଇଂଲଣ୍ଡରୁ ଫ୍ରାନ୍ସ ୨୮୯ ମାଇଲରୁ ଊର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଏହି ଟ୍ରାଇଥଲନ୍ ନିଜ ସାମର୍ଥ୍ୟରେ ଶେଷ କରିବାକୁ ହୋଇଥାଏ। ଏଥିରେ ରନିଂ, ସୁଇମିଂ ଏବଂ ସାଇକ୍ଲିଂ ତିନୋଟି ବିଭାଗ ରହିଛି। ଏହି ଟ୍ରାଇଥଲନର ପୂର୍ବ ରେକର୍ଡ ବେଲଜିୟମର ଜୁଲିଏନ୍ ଡେନେୟରଙ୍କ ନାମରେ ରହିଥିଲା। ସେ ୫୨ ଘଣ୍ଟା ଏବଂ ୩୦ ମିନିଟ୍ ସମୟ ନେଇଥିଲେ। ବୈଦ୍ୟ କିନ୍ତୁ ଏହି ଦୂରତାକୁ ଅତିକ୍ରମ କରିବା ଲାଗି ୫୦ ଘଣ୍ଟା ଓ ୨୪ ମିନିଟ୍ ସମୟ ନେଇଥିଲେ। ଲଣ୍ଡନର କେଣ୍ଟ୍ ଉପକୂଳସ୍ଥିତ ମାର୍ବଲ ଆର୍କଠାରୁ ଡୋଭର ପର୍ଯ୍ୟନ୍ତ ୧୪୦ କିଲୋମିଟର ଦୌଡ଼ ସହ ଏହି ଟ୍ରାଇଥଲନ ଆରମ୍ଭ ହୋଇଥାଏ। ପରେ ସନ୍ତରଣରେ ଫ୍ରେଞ୍ଚ ଉପକୂଳ ପର୍ଯ୍ୟନ୍ତ ୩୩.୮ କିଲୋମିଟର ଦୀର୍ଘ ଚ୍ୟାନେଲ ଅତିକ୍ରମ କରିବାକୁ ପଡ଼ିଥାଏ। ଏହାପରେ କାଲାଇସ୍‌ଠାରୁ ପ୍ୟାରିସ୍‌ର ଆର୍କ ଡି' ଟ୍ରିଓମ୍ଫ୍ ପର୍ଯ୍ୟନ୍ତ ସାଇକ୍ଲିଂରେ ଅତିକ୍ରମ କରିବାକୁ ହୋଇଥାଏ। ବୈଦ୍ୟ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଏହା ହେଉଛି ବିଶ୍ୱର ଅନ୍ୟତମ କଠିନ ପ୍ରତିଯୋଗିତା। ସନ୍ତରଣ ଏବଂ ସାଇକ୍ଲିଂ ପର୍ଯ୍ୟାୟ ସବୁଠାରୁ କଷ୍ଟକର।

### ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଶୁଟିଂ ବାଦ୍
## ଭାରତ, ଅଷ୍ଟ୍ରେଲିଆ ସପକ୍ଷରେ ବାଂଲାଦେଶ

ଢାକା,୧୬।୯(ପିଟି): ଆଗାମୀ ୨୦୨୨ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁଟିଂ ଇଭେଣ୍ଟକୁ ସାମିଲ କରିବା ପାଇଁ ଭାରତ, ଅଷ୍ଟ୍ରେଲିଆ ପରେ ବାଂଲାଦେଶ ଦାବି କରିଛି। ବାଂଲାଦେଶ କ୍ରୀଡ଼ାମନ୍ତ୍ରୀ ମହମ୍ମଦ ଜାହିଦ ଏହସାନ ରସେଲ ରବିବାର ଇଂଲଣ୍ଡ ମନ୍ତ୍ରୀ ତାରିଖ ଅହମ୍ମଦ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ବର୍ତ୍ତମାନ କ୍ରିକେଟ, ଫୁଟ୍‌ବଲ, ତୀରନ୍ଦାଜୀ ଓ ଶୁଟିଂ ଆମ ଦେଶର ଅଗ୍ରଣୀ କ୍ରୀଡ଼ା ତୁମେ ଜାଣିଥିବ। କିନ୍ତୁ ଶୁଟିଂ କ୍ରୀଡ଼ାକୁ ବାଦ୍ ଦିଆଯାଇଛି। ଏ ସମ୍ପର୍କରେ ଆମେ ତୁମର ହସ୍ତକ୍ଷେପ ଲୋଡୁଛୁ। ରାଜ୍ୟଗୋଷ୍ଠୀର ଆଗାମୀ ସଂସ୍କରଣ ୨୦୨୨ରେ ବର୍ମିଂହାମଠାରେ ଖେଳାଯିବ। ତୁମେ ହସ୍ତକ୍ଷେପ ପରେ ଶୁଟିଂ ଇଭେଣ୍ଟକୁ ପ୍ରତିଯୋଗିତା ତାଲିକାରେ ସାମିଲ କରାଯାଇପାରେ ବୋଲି ଉକ୍ତ ପତ୍ରରେ ଲଖିତ ରହିଛି। ବାଂଲାଦେଶ ୩ୟ ଦେଶ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁଟିଂ ସାମିଲ ନ କରାଯିବାକୁ ବିରୋଧ କରିଛନ୍ତି। ଭାରତୀୟ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଯୁବକେ ଡିଜିଟାଲ, ପରମ୍ପରା, ଗଣମାଧ୍ୟମ ଓ କ୍ରୀଡ଼ା ବିଭାଗୀୟ ମନ୍ତ୍ରୀ ନିକି ମୋର୍ଗାନଙ୍କୁ ହସ୍ତକ୍ଷେପ ପାଇଁ ପତ୍ର ଲେଖିଥିଲେ। ୧୯୭୪ପରେ ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଶୁଟିଂ ଇଭେଣ୍ଟ ବାଦ୍ ଦିଆଯାଇଛି। ଯଦି ଏହି ନିଷ୍ପତ୍ତି ବଦଳା ନ ଯାଏ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ଇଭେଣ୍ଟରୁ ଓହରିବାକୁ ଧମକ ଦେଇଛି।

# ଭାରତୀୟ ମହିଳା କ୍ରିକେଟରଙ୍କୁ ପ୍ରଲୋଭିତ କରାଯାଇଥିଲା

ନୂଆଦିଲ୍ଲୀ, ୧୬।୯ (ପି.ଟି.): ଚଳିତ ବର୍ଷ ପ୍ରାରମ୍ଭରେ ମ୍ୟାଚ ଫିକ୍ସ ଲାଗି ଭାରତୀୟ ମହିଳା କ୍ରିକେଟର ଜଣେ ସଦସ୍ୟାଙ୍କୁ ପ୍ରଲୋଭିତ କରାଯାଇଥିବା ଅଭିଯୋଗ ହୋଇଛି। ବିସିସିଆଇର ଦୁର୍ନୀତି ନିବାରଣ ୟୁନିଟ (ଏସିୟୁ) ଏନେଇ ସୋମବାର ଦୁଇଜଣଙ୍କ ବିରୋଧରେ ଏଫ୍‌ଆଇଆର୍ ଦରଜ କରିଛି। ଫେବୃୟାରୀରେ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜ ପୂର୍ବରୁ ଘଟଣାଟି ଘଟିଥିବା ଜଣେ ଖେଳାଳି ବୋର୍ଡର ଏସିୟୁ ନିକଟରେ ରିପୋର୍ଟ କରିଛନ୍ତି। ଏସିୟୁର ମୁଖ୍ୟ ଅଜିତ ସିଂ ଶେଖାୱତ ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଘଟଣାରେ ଭାରତର ଜଣେ ଅନ୍ତର୍ଜାତୀୟ କ୍ରିକେଟର ସମ୍ପୃକ୍ତ ଥିବାରୁ ଆଇସିସି ଏନେଇ ତଦନ୍ତ କରୁଛି। ଯେଉଁ ବ୍ୟକ୍ତି ପ୍ରଲୋଭିତ କରିବାକୁ ଚେଷ୍ଟା କରିଥିଲେ, ଆଇସିସି ତରଫରୁ ସେମାନଙ୍କୁ ଚେତାବନୀ ଶୁଣାଇ ଦିଆଯାଇଛି। ଅନ୍ୟପକ୍ଷରେ କ୍ରିକେଟର ଜଣକ ଘଟଣା ସମ୍ପର୍କରେ ଜଣାଇ ଉଚିତ କାର୍ଯ୍ୟ କରିଛନ୍ତି ବୋଲି ଆଇସିସି କହିଥିବା ଶେଖାୱତ ସୂଚନା ଦେଇଛନ୍ତି। ଏସିୟୁ ବେଙ୍ଗାଲୁରୁ ପୋଲିସ ନିକଟରେ ରାକେଶ ବାଫନା ଏବଂ ଜିତେନ୍ଦ୍ର କୋଠାରିଙ୍କ ବିରୋଧରେ ଏଫଆଇଆର ଦରଜ କରିଛି। ଏହି ଦୁଇଜଣ ମ୍ୟାଚ୍ ଫିକ୍ସିଂ ପାଇଁ ମହିଳା କ୍ରିକେଟରଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ରାକେଶ ଓ ଜିତେନ୍ଦ୍ରଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ୍ ସେକ୍ସନ ୪ ଏବଂ ଧାରା ୪୨୦ ଅଧୀନରେ ମାମଲା ଦରଜ କରାଯାଇଛି। ଜଣେ ଅଭିଯୁକ୍ତଙ୍କ ସହ ହୋଇଥିବା କଥାବାର୍ତ୍ତାକୁ ସେ ରେକର୍ଡ କରିଥିବା ଖେଳାଳି ଜଣକ କହିଛନ୍ତି। ଖବର ଅନୁସାରେ, ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ରିକଭରି ସେସନରେ ଥିବା ସମୟରେ ଖେଳାଳି ଜଣଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଇଥିଲା। କୋଠାରି ଖେଳାଳି ଜଣଙ୍କୁ ବାଫନାଙ୍କୁ ଜଣେ ସ୍ପୋର୍ଟ୍ସ ମ୍ୟାନେଜର ଭାବେ ପରିଚିତ କରାଇଥିଲେ। ଏହି ଘଟଣାରୁ ସ୍ପଷ୍ଟ ସୂଚନା ମିଳୁଛି କେବଳ ପୁରୁଷ ନୁହେଁ, ମହିଳା କ୍ରିକେଟ ମଧ୍ୟ ମ୍ୟାଚ ଫିକ୍ସିଂ ପ୍ରଭାବରୁ ମୁକ୍ତ ନୁହେଁ।

**ମ୍ୟାଚ ଫିକ୍ସିଂ**

# ମ୍ୟାଚ୍ ଫିକ୍ସିଂ ସୁରାକ ପାଇଲା ବିସିସିଆଇ

ନୂଆଦିଲ୍ଲୀ,୧୬।୯: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁଣି ମ୍ୟାଚ୍ ଫିକ୍ସିଂ ସୁରାକ ପାଇଛି। ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ)ରେ ମ୍ୟାଚ୍ ଫିକ୍ସିଂ ହୋଇଥିବାର କିଛି ଖେଳାଳି ଅଭିଯୋଗ କରିବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବିସିସିଆଇର ଆଣ୍ଟି କରପଶନ ୟୁନିଟ (ଏସିୟୁ) ମୁଖ୍ୟ ଅଜିତ ସିଂ ସୋମବାର ସ୍ପଷ୍ଟ କରିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ, ଏକ ଅଜଣା ଲୋକ ଲିଗ୍ ବେଳେ କିଛି ଖେଳାଳିଙ୍କୁ ମ୍ୟାଚ୍ ଫିକ୍ସିଂ ପ୍ରସ୍ତାବ ଦେଇଥିଲେ। ଏହାପରେ ଖେଳାଳିମାନେ ଏସିୟୁ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। କିଛି ଖେଳାଳିଙ୍କ ମତକୁ ଭିତ୍ତି କରି ଆମେ ତଦନ୍ତ ନିର୍ଦ୍ଦେଶ ଦେଇଛୁ। ସେମାନେ କେତେବେଳେ ଜଣେ ଅଜଣା ଲୋକଠାରୁ କ'ଣ ହ୍ୱାଟସଆପ ମେସେଜ ପାଇଥିଲେ, ତାହା ଆମେ ରେକର୍ଡ କରିଛୁ। ଏଥିରେ କେହି ବି ଜଡ଼ିତ ହୋଇପାରନ୍ତି। ତେବେ କିଛି ପ୍ରଥମଶ୍ରେଣୀ କ୍ରିକେଟର ଓ ଦୁଇ ଜଣ କୋଚ୍‌ଙ୍କ ଉପରେ ସନ୍ଦେହ ରହିଛି। ହେଲେ କୌଣସି ଅନ୍ତର୍ଜାତୀୟ ଖେଳାଳି ନାହାନ୍ତି। ଟିଏନ୍‌ପିଏଲ ତାମିଲନାଡୁର ଏକ ବାର୍ଷିକ ଇଭେଣ୍ଟ, ଯେଉଁଥିରେ ରବିଚନ୍ଦ୍ରନ ଅଶ୍ୱିନ, ମୁରଲୀ ବିଜୟ ଓ ଦୀନେଶ କାର୍ତ୍ତିକଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳି ଅଂଶଗ୍ରହଣ କରନ୍ତି।

# ୮୭୬ ଓଭର ପରେ ପ୍ରଥମ ନୋ ବଲ୍

**ଲଣ୍ଡନ, ୧୬।୯**

୮୭୬ ଓଭର ବୋଲିଂ କରିବା ପରେ କ୍ୟାରିୟରର ପ୍ରଥମ ଟେଷ୍ଟ ନୋ ବଲ୍ ପକାଇଛନ୍ତି ବୋଲର। ପଢ଼ିଲା ପରେ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଘଟଣାଟି ସତ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଶେଷ ହୋଇଥିବା ଆଶେସ ସିରିଜରେ ଏହା ଦେଖିବାକୁ ମିଳିଛି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଆଶେସର ୪ର୍ଥ ଦିବସରେ ବିଜୟ ପାଇଁ ଅଷ୍ଟ୍ରେଲିଆ ନିକଟରେ ଘରୋଇ ଇଂଲଣ୍ଡ ୩୯୯ ରନର କଷ୍ଟସାଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ତେବେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୬୩ ରନରେ ଅଲ୍‌ଆଉଟ୍ ହୋଇ ୧୩୫ ରନରେ ପରାଜୟ ବରଣ କରିଥିଲା। ମ୍ୟାଚ୍‌ରେ ଷ୍ଟୁଆର୍ଟ ବ୍ରଡ୍ ଓ ଜ୍ୟାକ୍ ଲିଚ୍ ୪ଟି ଲେଖାଏ ଉଇକେଟ୍ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଅଷ୍ଟ୍ରେଲିଆ ୨ୟ ଇନିଂସ ବ୍ୟାଟିଂର ୩୧ତମ ଓଭରର ୨ୟ ବଲ୍‌ରେ ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ୱୋକ୍ସଙ୍କ ଏକ ଚମତ୍କାର ଲେନ୍ଥ ଓ ସୁଇଂ ବଲ୍ ମିଚେଲ ମାର୍ଶଙ୍କ ବ୍ୟାଟ୍‌ରୁ ଏଜ୍ ଲାଗିଥିଲା। ସ୍ଲିପ୍‌ରେ ରୋରୀ ବ୍ରୁନ୍ସ ନିମ ବାମପଟକୁ ଡାଇଭମାରି ଏକ ସୁନ୍ଦର କ୍ୟାଚ୍ ଧରିଥିଲେ। କିନ୍ତୁ ଅମ୍ପାୟରଙ୍କ ରିପ୍ଲେରେ ୱୋକ୍ସ ଓଭର ଷ୍ଟେପିଂ କରିଥିବା ସହ ଏହା ନୋ ବଲ୍ ରହିଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା। ଫଳରେ ମାର୍ଶ ଆଉଟ୍ ହେବାରୁ ବର୍ତ୍ତିଯାଇଥିଲେ। ତେବେ ୩୦ ବର୍ଷୀୟ ୱୋକ୍ସଙ୍କ ଟେଷ୍ଟ କ୍ୟାରିୟରର ଏହା ପ୍ରଥମ ନୋ ବଲ୍ ଥିବା ଜଣାପଡ଼ିଥିଲା। କ୍ୟାରିୟରର ୩୧ତମ ଟେଷ୍ଟ ତଥା ୮୭୬ ଓଭର ବୋଲିଂ କରୁଥିବାବେଳେ ଏହି ଡାହାଣହାତୀ ଇଂଲଣ୍ଡ ଦ୍ରୁତ ବୋଲର ପ୍ରଥମ ଟେଷ୍ଟ ନୋ ବଲ୍ ପକାଇ ଉଇକେଟ୍ ନେବାରୁ ବଞ୍ଚିତ ହୋଇଥିଲେ।



କ୍ରିସ୍ ୱୋକ୍ସ



ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ କ୍ରିକେଟ ସ୍କିଲ୍ ଡେଭଲପ୍‌ମେଣ୍ଟ କ୍ୟାମ୍ପରେ ଅଂଶଗ୍ରହଣ କରିଥିବା କ୍ରିକେଟ ପ୍ରତିଭାମାନେ ଅତିଥିଙ୍କ ସହ। ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାସ, ବିଧାୟକ ସୁରେଶ କୁମାର ରାଉତରାୟ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନନ୍ତ ନାରାୟଣ ଜେନା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

ଏଜବାଷ୍ଟନରେ ପ୍ରଥମ ଇନିଂସରେ ୧୨୨/୮ ସ୍କୋରରେ ସଂଘର୍ଷ କରୁଥିବାବେଳେ ମୁଁ ଦଳକୁ ସଂକଟରୁ ଉଦ୍ଧାର କରିପାରିଥିଲି। ଆଶେସ ସିରିଜରେ ଏହା ମୋର ଶ୍ରେଷ୍ଠ ଇନିଂସ ଥିଲା ।

–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



ଆମ ଦଳ ଇଂଲଣ୍ଡ ବିପକ୍ଷ ୫ମ ଆଶେସ ଟେଷ୍ଟରେ ପରାଜିତ ହୋଇଥିଲେ ହେଁ ସିରିଜ ବରାବର ରଖିପାରିଥିବାରୁ ମୁଁ ଗର୍ବିତ ।

–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ବିଜୟ ହଜାରେ ଟ୍ରଫି: ଓଡ଼ିଶା ଦଳ ଘୋଷିତ

# ସ୍ୱସ୍ତିକ, ଦେବାଶିଷ ନୂଆ ମୁହଁ

କଟକ ଅଫିସ,୧୬।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ଦିନିକିଆ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ଏହି ପ୍ରତିଯୋଗିତାରୁ ବିସିସିଆଇର ଚଳିତବର୍ଷ ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ବିଜୟ

### ଫେରିଲେ ଅଭିଷେକ, ବିପ୍ଳବଙ୍କୁ ବିଶ୍ରାମ





ସ୍ୱସ୍ତିକ ସାମଲ ଓ ଦେବାଶିଷ ସାମନ୍ତରାୟ।

ହଜାରେ ଟ୍ରଫିରେ ଓଡ଼ିଶା ଏଲିଟ ଗ୍ରୁପ-ବିରେ ସ୍ଥାନ ପାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୋମବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳରେ ଜୁନିୟର ବର୍ଗର ପ୍ରତିଭାସମ୍ପନ୍ନ ଖେଳାଳି ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ସାମଲ ଓ ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ ନୂଆ ମୁହଁ ଭାବେ ସାମିଲ ହୋଇଛନ୍ତି। ଉଭୟଙ୍କ ପାଖରେ ଅଲରାଉଣ୍ଡର ଦକ୍ଷତା ମଧ୍ୟ ରହିଛି। ଅନ୍ୟପକ୍ଷରେ ପୂର୍ବରୁ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିଥିବା ଅଭିଷେକ ଯାଦବ ପୁନର୍ବାର ରାଜ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଷେକ ଗତ ସଂସ୍କରଣରେ ରେଲୱେ ନିମନ୍ତେ ଖେଳୁଥିଲେ। ଦଳର ଅଧିନାୟକ ଭାର ରହିଛି ଯୁବ ତାରକା ଶୁଭ୍ରାଂଶୁ ସେନାପତିଙ୍କ କାନ୍ଧରେ। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଦଳରେ ଥିବା ବେଳେ ବିପ୍ଳବ ସାମନ୍ତରାୟଙ୍କୁ ବିଶ୍ରାମ ଦିଆଯାଇଛି। ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ଏ ସମ୍ପର୍କରେ କହିଛନ୍ତି ଯେ, ବିପ୍ଳବଙ୍କ ଉପରେ ଦଳ ଅନେକ ଭରସା ରଖିଛି। ସେ ଆଘାତ ନ ଥିଲେ ମଧ୍ୟ ଫିଲ୍ଡରେ ତାଙ୍କ ପ୍ରଦର୍ଶନକୁ ନେଇ କିଛି ଆଶଙ୍କା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ବିପ୍ଳବଙ୍କୁ ନେଇ ଦଳ ନିଶ୍ଚିତ ପଡ଼ିଆକୁ ଓହ୍ଲାଇବ ବୋଲି ବିଷ୍ଣୁଦେବଙ୍କ ମତ। ଅଧିନାୟକ ଶୁଭ୍ରାଂଶୁ ନିଜ ପ୍ରତିକ୍ରିୟାରେ କହିଥିଲେ, ଯୁବ ପ୍ରତିଭା ଅଧିକ ଅଛନ୍ତି। ଏଣୁ ରାଜ୍ୟ ପାଇଁ ନିଶ୍ଚିତ ଭାବେ ଚ୍ୟାଲେଞ୍ଜିଂ ହେବ। ଏହି ଚ୍ୟାଲେଞ୍ଜ ସମ୍ମୁଖୀନ ହେବାକୁ ଆମେ ପ୍ରସ୍ତୁତ ବୋଲି ଶୁଭ୍ରାଂଶୁ କହିଥିଲେ। ଭଦୋଦରାଠାରେ ଆସନ୍ତା ୨୪ରେ ଓଡ଼ିଶା ପ୍ରଥମ ମ୍ୟାଚ୍ ବରୋଦା ବିପକ୍ଷରେ ଖେଳିବ। ୨୧ରେ ଦଳ ବରୋଦା ଅଭିମୁଖେ ଯାତ୍ରା କରିବ।

### ମ୍ୟାଚ୍ କାର୍ଯ୍ୟସୂଚୀ

ସେପ୍ଟେମ୍ବର ୨୪– ଓଡ଼ିଶା ବନାମ ବରୋଦା
ସେପ୍ଟେମ୍ବର ୨୬– ଓଡ଼ିଶା ବନାମ ହରିୟାଣା
ସେପ୍ଟେମ୍ବର ୨୮– ଓଡ଼ିଶା ବନାମ ହିମାଚଳପ୍ରଦେଶ
ସେପ୍ଟେମ୍ବର ୨୯– ଓଡ଼ିଶା ବନାମ ଦିଲ୍ଲୀ
ଅକ୍ଟୋବର ୩– ଓଡ଼ିଶା ବନାମ ବିଦର୍ଭ
ଅକ୍ଟୋବର ୭– ଓଡ଼ିଶା ବନାମ ଉତ୍ତରପ୍ରଦେଶ
ଅକ୍ଟୋବର ୯– ଓଡ଼ିଶା ବନାମ ମହାରାଷ୍ଟ୍ର
ଅକ୍ଟୋବର ୧୩– ଓଡ଼ିଶା ବନାମ ପଞ୍ଜାବ

### ଓଡ଼ିଶା ଦଳ

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସନ୍ଦୀପ ପଟ୍ଟନାୟକ, ସ୍ୱସ୍ତିକ ସାମଲ, ଶାନ୍ତନୁ ମିଶ୍ର, ଦେବାଶିଷ ସାମନ୍ତରାୟ, ଅଭିଷେକ ଯାଦବ, ଅଭିଷେକ ରାଉତ, ଗୋବିନ୍ଦ ପୋଦ୍ଦାର, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ପ୍ରୟାସ କୁମାର ସିଂ, ସୁଜିତ ଲେଙ୍କା(ଉଇକେଟ କିପର), ପପୁ ରାୟ, ଦୀପକ ରଞ୍ଜନ ବେହେରା ।
**କୋଚ୍:** ରଶ୍ମିରଞ୍ଜନ ପରିଡ଼ା, **ଫିଜିଓ:** ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ ।

### ଷ୍ଟାଣ୍ଡବାଇ

ଶୁଭମ ନାୟକ, ଅଙ୍କିତ ଯାଦବ, ରାଜକିଶନ ପଟେଲ, ଐଶକାନ୍ତ ସାହୁ, ପ୍ରୀତ କନୱର ସିଂ ଚୌହ୍ୱାନ, କ୍ରୀଷ୍ଣା ପଲେଇ, ଆଶୁତୋଷ ଦାସ, ଆଶିଷ ରାୟ, ପ୍ରବୀଣ ଲୋହା ।


**ଜନ୍ମଦିନ ଶୁଭେଚ୍ଛା**



ଦେବାଶିଷ ଜେନା
ସରାଟ
ମହାପ୍ରଭୁ ଶ୍ରୀଜଗନ୍ନାଥ ଭଗବାନ ବିଶ୍ୱକର୍ମା ଓ ମା' ମଙ୍ଗଳା ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ଜେଜ, ବାପା, ବୋଉ, ଭଉଣୀ, ଭିଣୋଇ, ମାମୁ, ମାଇଁ, ପିଇସୀ, ପିଉସା ଓ ବନ୍ଧୁ ପରିବାରବର୍ଗ
ଧ–୬୬୯୬୪

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଜିଜ୍ଞାଶା ପଟ୍ଟନାୟକ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
ତୋର ଶୁଭାକାଂକ୍ଷୀ:
ଜିକୁ, ଜେଜୀ, ଅଜା, ଆଈ, ବଡବାବା, ବଡମାଆ, ବାବା, ମା', ପିଇସୀ, ମାମୁ, ମାଇଁ, ମାଉସୀ, ଦୁଇଭାଇ।
ଧ–୬୬୯୬୫

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ଶ୍ରୀମାନ୍ ଧ୍ରୁବ୍ (ପୁପୁ/ସୁଟୁନି)
ସା.ସମେଇ ଗଡ଼ିଆ, ମଞ୍ଚେଶ୍ୱର, ଭୁବନେଶ୍ୱର
ଆଜି ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ, ଦୀର୍ଘାୟୁ, ନୀରୋଗ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ବାପା–ବାବୁଲି, ମା–ମିନୁ, ଜେଜେ–ଅଭିମନ୍ୟୁ, ଜେଜିମା'–ଡ଼ଲି, ପିଉସା,ପିଉସୀ– ଗୁଡ଼ି, ଅଜା, ଆଈ, ମାମୁ, ମାଇଁ
ଧ–୧୪୩୬୪


# ନାଗାଲଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୧୬।୯(ପି.ଟି.)

ନିକଟ ଅତୀତରେ ଭଲ ପ୍ରଦର୍ଶନ ପୁରସ୍କାର ପାଇଛନ୍ତି ଭାରତର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ସୁମିତ ନାଗାଲ। ସୋମବାର ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ୍‌ର ପୁରୁଷ ସିଙ୍ଗଲ୍ସରେ ସେ ୧୫ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୧୫୯ତମ ସ୍ଥାନରେ ପହଞ୍ଚିଛନ୍ତି। ଗତ ମାସରେ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପ୍ରଥମ ରାଉଣ୍ଡ ଖେଳିଥିବା ୨୨ ବର୍ଷୀୟ ଏହି ହରିୟାଣା ଟେନିସ ପ୍ରତିଭା ବାନ୍‌ଜା ଲୁକା ଏଟିପି ଚ୍ୟାଲେଞ୍ଜରରେ ରନର୍ସଅପ୍ ହୋଇଥିଲେ। ୟୁଏସ ଓପନର ପ୍ରଥମ ରାଉଣ୍ଡରେ ସେ ରୋଜର ଫେଡରରଙ୍କ ନିକଟରୁ ହାରିଥିଲେ ହେଁ ଅନେକ ଅନୁଭୂତି ଲାଭ କରିଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପ୍ରଜ୍ଞେଶ ଗୁଣେଶ୍ୱରନ ଏକମାତ୍ର ଟପ–୧୦୦ ମଧ୍ୟରେ ସ୍ଥାନ ବଜାୟ ରଖିଛନ୍ତି। ସେ ୩ଟି ସ୍ଥାନ ଉପରକୁ ଉଠି ୮୨ତମ ସ୍ଥାନରେ ପହଞ୍ଚିଛନ୍ତି। ରାମକୁମାର ରମାନାଥନ ୩ଟି ସ୍ଥାନ ତଳକୁ ଖସିଛନ୍ତି। ଏବେ ସେ ୧୭୯ତମ ସ୍ଥାନରେ ଅଛନ୍ତି। ପୁରୁଷ ଡବଲ୍ସରେ ରୋହନ ବୋପାନ୍ନା ଓ ଡିଭିଜ ଶରନ ଯଥାକ୍ରମେ ୪୩ ଓ ୪୯ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଲିଆଣ୍ଡର ପେସ ୭୮ତମ ସ୍ଥାନରେ ରହିଛନ୍ତି। ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗରେ ଅଙ୍କିତା ରାଇନା ଭାରତର ଶ୍ରେଷ୍ଠ ଖେଳାଳିଭାବେ ୧୯୧ ଏବଂ ପ୍ରାଞ୍ଜଳା ୟାଡଲାପଲ୍ଲୀ ୩୩୮ତମ ସ୍ଥାନରେ ରହିଛନ୍ତି।

# କାର୍ତ୍ତିକଙ୍କ କ୍ଷମାପ୍ରାର୍ଥନା ଗ୍ରହଣ କଲା ବିସିସିଆଇ

**ନୂଆଦିଲ୍ଲୀ,୧୬।୯(ପିଟି):** ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ବିନା ସର୍ତ୍ତମୂଳକ କ୍ଷମାପ୍ରାର୍ଥନାକୁ ସୋମବାର ବିସିସିଆଇ ଗ୍ରହଣ କରିଛି। ସେ କାରିବିଅନ ପ୍ରିମିୟର ଲିଗ୍ (ସିପିଏଲ) ଦଳର ଡ୍ରେସିଂ ରୁମ୍‌ରେ ମ୍ୟାଚ୍ ଦେଖିଥିଲେ। ସେ ଏଭଳି କରି କେନ୍ଦ୍ରୀୟ ଚୁକ୍ତିର ନିୟମ ଭଙ୍ଗ କରିଥିଲେ। ଉଲ୍ଲେଖଥାଉ କି, ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ସିପିଏଲ ଦଳ ଟ୍ରିନବାଗୋ ନାଇଟ୍ ରାଇଡର୍ସର ଜର୍ସି ପିନ୍ଧି ଡ୍ରେସିଂ ରୁମ୍‌ରେ ବସି ମ୍ୟାଚ୍ ଦେଖିଥିଲେ। ଏଥିନେଇ ତାଙ୍କୁ ବିସିସିଆଇ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। କେନ୍ଦ୍ରୀୟ ଚୁକ୍ତିର ନିୟମ ଅନୁଯାୟୀ, ଦେଶ ପାଇଁ ୨୬ ଟେଷ୍ଟ ଓ ୯୪ ଦିନିକିଆ ଖେଳିଥିବା କାର୍ତ୍ତିକ ମ୍ୟାଚ୍‌ରେ ଉପସ୍ଥିତ ହେବା ପାଇଁ ବିସିସିଆଇର ଅନୁମତି ନେବା ଦରକାର ଥିଲା।

# ଓଡ଼ିଶା ପାରା ସ୍ପୋର୍ଟ୍ସର ପ୍ରତିଷ୍ଠାତା ବିଷ୍ଣୁ ସାହୁଙ୍କ ପରଲୋକ

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)



ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନର ସମ୍ପାଦକ ବିଷ୍ଣୁ ଚରଣ ସାହୁଙ୍କର ପରଲୋକ ଘଟିଛି। ସୋମବାର ସକାଳ ୫ଟା ୩୦ରେ ନିଜ ଗାଁ ଯାଜପୁରର ଦେବାନପାଟଣାଠାରେ ଉଚ୍ଚ ରକ୍ତଚାପଜନିତ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ବିଷ୍ଣୁ ଚରଣ ଥିଲେ ଓଡ଼ିଶା ପାରା ସ୍ପୋର୍ଟ୍ସର ପ୍ରତିଷ୍ଠାତା। ୨୦୦୧ରେ ସେ ଓଡ଼ିଶା ପାରା ଅଲିମ୍ପିକ୍ ଆସୋସିଏଶନ ଆରମ୍ଭ କରିଥିଲେ। ସେ ପାରା ଆଥଲେଟ୍, ପାରା ଭଲିବଲ, ରୋଇଂ, ଫେନସିଂ, ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ରାଜ୍ୟର ପାରା ଆଥଲେଟ୍‌ଙ୍କୁ ପ୍ରତିଷ୍ଠା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ସମୟରେ ମଧ୍ୟ ସେ ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଶା ଦଳକୁ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିଥିଲେ। ପାରା ଆଥଲେଟ୍‌ମାନଙ୍କୁ ସାଧାରଣ ଖେଳାଳିଙ୍କ ସମକକ୍ଷ ପ୍ରୋତ୍ସାହନ ଦେବା ପାଇଁ ସେ ଓଡ଼ିଶା କ୍ରୀଡ଼ା ବିଭାଗ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସେ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଓଡ଼ିଶା ପାରା ପ୍ଲେୟର୍ସ ଫୋରମ ଓ ବିଭିନ୍ନ ଆସୋସିଏଶନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ୨୦୧୯ ଆଇସିସି ବିଶ୍ୱକପ୍ ଦେଖଣାହାରି ସଂଖ୍ୟା ସର୍ବାଧିକ

**ଦୁବାଇ,୧୬।୯(ପିଟି):** ଚଳିତବର୍ଷ ଅନୁଷ୍ଠିତ ପୁରୁଷ ଦିନିକିଆ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଆଇସିସି ଟୁର୍ନାମେଣ୍ଟ ମଧ୍ୟରୁ ୨୦୧୯ ବିଶ୍ୱକପ୍‌ର ସିଧାପ୍ରସାରଣ ସମଗ୍ର ବିଶ୍ୱରେ ହାରାହାରି ୧.୬ବିଲିୟନ ଲୋକେ ଦେଖିଛନ୍ତି। ଏହା ଯେକୌଣସି ଆଇସିସି ଇଭେଣ୍ଟର ଭ୍ୟୁୟର୍ସ ଅପେକ୍ଷା ଖୁବ ଅଧିକ। ଡିଜିଟାଲ ପ୍ଲାଟଫର୍ମ ହଟ୍‌ଷ୍ଟାରରେ ବିଶ୍ୱକପ୍ ମ୍ୟାଚ୍‌ର ସିଧାପ୍ରସାରଣ ଦେଖିବାରେ ଭାରତ ଶୀର୍ଷରେ ରହିଛି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌କୁ ହଟ୍‌ଷ୍ଟାରରେ ୨୫.୩ ନିୟୁତ ଲୋକେ ଦେଖିଥିଲେ, ଯାହାକି ହଟ୍‌ଷ୍ଟାର ପାଇଁ ଏକ ବିଶ୍ୱ ରେକର୍ଡ। ଭାରତ–ନ୍ୟୁଜିଲାଣ୍ଡ ବିଶ୍ୱକପ୍ ସେମିଫାଇନାଲ ମ୍ୟାଚ୍‌ର ଦେଖଣାହାରୀ ସଂଖ୍ୟା ଖୁବ ଅଧିକ ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ୨୦୧୫ ସଂସ୍କରଣ ଅପେକ୍ଷା ଦେଖଣାହାରୀଙ୍କ ସଂଖ୍ୟାରେ ଚଳିତ ଥର ୩୮ ପ୍ରତିଶତ ବୃଦ୍ଧି ହୋଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବିଶ୍ୱକପର ସବୁଠୁ ଅଧିକ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଏହି ମ୍ୟାଚ୍‌ର ଟିଭି ଭ୍ୟୁୟର୍ସଙ୍କ ସଂଖ୍ୟା ୨୭୩ ନିୟୁତ। ତେବେ ଆହୁରି ୫୦ ନିୟୁତ ଦେଖଣାହାରୀ ଡିଜିଟାଲ ପ୍ଲାଟଫର୍ମରେ ଦେଖିଥିଲେ।

# ବ୍ରୋଞ୍ଜ ବିଜୟିନୀ ଅନୁପମାଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ଗହଣରେ ଅନୁପମା ସ୍ୱାଇଁ।

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଥିବା ଅନୁପମା ସ୍ୱାଇଁଙ୍କୁ ସୋମବାର ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍କଳ କରାଟେ ସ୍କୁଲର ଅନୁପମା ନିକଟରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ସାମରିକ କ୍ରୀଡ଼ାର ମହାକୁମ୍ଭ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଜୁଜୁଟ୍‌ସୁର ଫୁଲ୍ କଣ୍ଟାକ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭକରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିଲେ। ସମ୍ପ୍ରତି ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଭାରତର ଏକମାତ୍ର ପ୍ରତିଯୋଗୀଭାବେ ଏହି ସଫଳତା ପାଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଅନୁପମାଙ୍କୁ ଉପଢୌକନ, ମାନପତ୍ର ଓ ୨୫,୦୦୦ ଟଙ୍କାର ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁପମାଙ୍କ କୋଚ୍ ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବୋଧି ସୋସାଇଟିର ସମ୍ପାଦକ ଡ. ସୌରେନ୍ଦ୍ର ମହାପାତ୍ର ଓ ଡ. ବଦ୍ରିନାଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ, ନବକିଶୋର ବରାଳ, ନିର୍ମାଲ୍ୟ ବରାଳ, ପ୍ରିୟରଞ୍ଜନ ମହାନ୍ତି, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁପମା କରାଟେରେ ଜାତୀୟ ଓ ରାଜ୍ୟଗୋଷ୍ଠୀ ପଦକ ଏବଂ ଶକ୍ତି ଉତ୍ତୋଳନର ଏସୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଓଡ଼ିଶା ଖେଳାଳିଙ୍କ ବିଜୟ ଅଭିଯାନ








ଦୀପ ରଞ୍ଜନ ବିଶୋଇ, ଦିଲେଶ୍ୱର ରାଓ ଓ ପ୍ରମୋଦ ଭଗତ।

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି):** ବ୍ୟାଙ୍କକ୍‌ର ହୁଆମାର ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୪୫ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ୍ସ ବିଭାଗରେ ଓଡ଼ିଶା ପ୍ରତିଯୋଗୀମାନେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ନିକଟରେ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଡେବାଭିଲାରି ଜାଭିୟର୍ସଙ୍କୁ ୨୧–୧୭, ୨୧–୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ଦିଲେଶ୍ୱର ରାଓ ଥାଇଲାଣ୍ଡର ସୋମତା ତାନାକୋନଙ୍କୁ ୨୧–୬, ୨୧–୧୨ରେ ହରାଇଥିବାବେଳେ ଦୀପରଞ୍ଜନ ବିଶୋଇ ମାଲେସିଆର ମହମ୍ମଦ ସାହେରିଙ୍କୁ ୨୧–୭, ୨୧–୧୦ ପଏଣ୍ଟରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସିଙ୍ଗଲ୍ସରେ ଅନ୍ୟ ମ୍ୟାଚ ଏବଂ ଡବଲ୍ସ ଗ୍ରୁପ ମ୍ୟାଚ ଆରମ୍ଭ ହେବ।


## ମନେ ପଡ଼ନ୍ତି

**ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ବଂଶୀଧର ମିଶ୍ର
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୧।୦୯।୨୦୦୫
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନମାନେ।
ଧ–୧୪୩୬୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର
ଆବିର୍ଭାବ: ୦୨।୦୯।୧୯୬୮
ତିରୋଧାନ: ୦୮।୦୯।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଭାବଗ୍ରାହୀ ମିଶ୍ର, ରମାକାନ୍ତ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର, ଅନ୍ନପୂର୍ଣ୍ଣା ନନ୍ଦ, ପ୍ରଫୁଲ୍ଲ ନନ୍ଦ ଓ ପରିବାରବର୍ଗ।
ଧ–୬୭୦୬୬

**ଏକାଦଶାହ ଉପଲକ୍ଷେ**



✓ ଛାୟାକାନ୍ତ ସାହୁ
୪୮, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୫.୦୪.୧୯୪୧
ତିରୋଧାନ : ୦୭.୦୯.୨୦୧୯
ଆଜି ଏକାଦଶାହ ଉପଲକ୍ଷେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ତ୍ରୀ -ସୌଦାମିନୀ
କନ୍ୟା–ସୁକାନ୍ତି, ସୁନିତୀ, ନାତି–ଉଦିତ
ନାତୁଣୀ–ସୁଶ୍ରୀ ଓ କ୍ୱାଇଁ ତଥା ବନ୍ଧୁଗଣ
ଧ–୬୮୦୦୧

**ଅଠେଇଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ–୧୫୭, ସହିଦନଗର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
"ମୃତ୍ୟୁ କାହାପାଇଁ କିପରି ଆସେ
ମଣିଷ ଜାଣେନା ...
କାହା କପାଳରେ କେବେ ମୃତ୍ୟୁ ତାରିଖ ଲେଖା
ମଣିଷ ପଢ଼େନା" ...
ବାପା, ଆଜିର ପବିତ୍ର ଦିନରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ। ଇତି
ଆପଣଙ୍କର ପରିବାରବର୍ଗ
ଧ–୬୮୦୦୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୧୯ Bhubaneswar, Tuesday, September 17/2019

# ଜଳପଥରେ ଆଣୁଥିଲେ ନିଶା

- ବାଂଲାଦେଶ, କୋଲକାତାରୁ ବୋଟ୍‌ରେ ଆଣୁଥିଲେ ବ୍ରାଉନ୍‌ସୁଗାର
- ୧୩୦ ଗ୍ରାମର ବ୍ରାଉନ୍‌ସୁଗାର, ୧ ଲକ୍ଷ ଟଙ୍କା, ବନ୍ଧୁକ ଜବତ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ବ୍ରାଉନ୍‌ସୁଗାର ଚୋରା କାରବାରର କିଙ୍ଗପିନ୍ ତଥା ଓଡ଼ିଶା ପୋଲିସ୍‌ର ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ଡିଲର ଏସ୍.କେ. ରାଜା(୨୯)ଙ୍କୁ ଏସ୍‌ଟିଏଫ୍ ଖୋର୍ଦ୍ଧାରୁ ଗିରଫ କରିଛି। ସେ ଏଜେଣ୍ଟ ଓ ଖୁଚୁରା ବେପାରୀଙ୍କୁ ବ୍ରାଉନସୁଗାର ଦେବାକୁ ଅପେକ୍ଷା କରିଥିବାବେଳେ ଧରାପଡ଼ିଥିଲେ। ତାଙ୍କଠାରୁ ୧୩୦ ଗ୍ରାମର ବ୍ରାଉନସୁଗାର, ଗୋଟିଏ ବନ୍ଧୁକ, ଗୁଳି, ୧ ଲକ୍ଷ ଟଙ୍କା, ଗୋଟିଏ କାର ଓ ୬ ମୋବାଇଲ୍ ଫୋନ୍ ମିଳିଛି। ଦଫା ୨୫/୨୭ ଆର୍ମସ ଆକ୍ଟ ସହ ଏନ୍‌ଡିପିଏସ୍‌ରେ ମାମଲା (ନଂ.୧୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି ଏସ୍‌ଟିଏଫ୍। ତେବେ ପଚରାଉଚରାବେଳେ ପୋଲିସକୁ ବହୁ ତଥ୍ୟ ମିଳିଛି। ସେ ବାଂଲାଦେଶ ଓ କୋଲ୍‌କାତାରୁ ବୋଟରେ ବେଆଇନ ଭାବେ ବ୍ରାଉନସୁଗାର ସହ ଅନ୍ୟ ନିଶାଦ୍ରବ୍ୟ ଓଡ଼ିଶାକୁ ଆଣୁଥିଲେ। ଜଳପଥକୁ ସୁରକ୍ଷିତ ମାଧ୍ୟମ କରିବା ସହ ସେ ସାମ୍ରାଜ୍ୟ ବଢ଼ାଇ ଚାଲିଥିଲେ। ସମୁଦ୍ର ଦେଇ ଉପକୂଳରେ ପହଞ୍ଚିବା ପରେ ବିଭିନ୍ନ ନଦୀ ଦେଇ ପ୍ରମୁଖ ସ୍ଥାନକୁ ନେଉଥିଲେ। ବିଶେଷକରି ବାଲେଶ୍ୱର ଓ ଖୋର୍ଦ୍ଧାକୁ ଆଡ୍ଡାସ୍ଥଳ କରି ହୋଲ୍‌ସେଲିଂ କରୁଥିଲେ। ସେଠାରୁ ସ୍ୱତନ୍ତ୍ର ଏଜେଣ୍ଟଙ୍କ ଜରିଆରେ ରାଜ୍ୟର ବିଭିନ୍ନ ଜିଲା ଓ ଅନ୍ୟ ରାଜ୍ୟକୁ ଚୋରା ଚାଲାଣ କରୁଥିଲେ। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଗୋଆ, ରାଜସ୍ଥାନ ଏବଂ ନେପାଳରେ ରାଜା ବ୍ରାଉନସୁଗାର ଡିଲରଭାବେ କାର୍ଯ୍ୟ କରୁଥିଲେ। ରାଜାଙ୍କ ଏହି ନିଶା ସାମ୍ରାଜ୍ୟର ଖୋଳତାଡ଼ ପାଇଁ ତାଙ୍କୁ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଯୋଜନା କରୁଥିବା ଜଣାପଡ଼ିଛି।

## ଡ୍ରଗ୍ସ ଡିଲର ଏସ୍.କେ. ରାଜା ଗିରଫ





## ହିରୋ ନିଶାରେ ଟିକ୍‌ଟକ୍ ଭିଡିଓ କରିଥିଲେ

ରାଜା କେବଳ ନିଜର କଳା ସାମ୍ରାଜ୍ୟରେ ବୁଡି ରହି ନ ଥିଲେ। ସେ ଓ ତାଙ୍କ ସହଯୋଗୀ ଏହି ଟଙ୍କାରେ ମଉଜମସ୍ତି କରୁଥିଲେ। ଏପରିକି ରାଜା ମୋବାଇଲ୍‌ରେ ଟିକ୍‌ଟକ୍ ଭିଡିଓ କରି ମଜା ଉଠାଉଥିଲେ। ସେ ଗିରଫ ହେବା ପରେ ପୋଲିସ ତାଙ୍କ ଟିକ୍‌ଟକ୍ ଭିଡିଓକୁ ଜବତ କରି ତଦନ୍ତ କରୁଛି। ରାଜା ହିରୋ ହେବା ନିଶାରେ ଏଭଳି ଏକାଧିକ ଟିକ୍‌ଟକ୍ ଭିଡିଓ କରିଥିବା ଏସ୍‌ଟିଏଫ୍‌କୁ ସୂଚନା ମିଳିଛି।

## ୭ ଦିନ ରିମାଣ୍ଡରେ ଆଣିବାକୁ ଯୋଜନା

ରାଜାଙ୍କ ବ୍ରାଉନସୁଗାର କାରବାରର ଆନ୍ତଃଦେଶୀୟ ସାମ୍ରାଜ୍ୟର ପୂରା ଖୁଲାସା କରିବା ସହ ଏହାକୁ ଧ୍ୱଂସ କରିବାକୁ ଏସ୍‌ଟିଏଫ୍ ତାଙ୍କୁ ୭ଦିନ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରିବ। ଅନୁମତି ମିଳିବା ପରେ ତାଙ୍କୁ ପଚରାଉଚରା କରାଯିବ। ତାଙ୍କ ବୟାନ ଆଧାରରେ ସ୍ୱତନ୍ତ୍ର ଅପରେଶନ ଆରମ୍ଭ ହେବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର କହିଛନ୍ତି। ରାଜାଙ୍କ ସହ ଓଡ଼ିଶା ତଥା ବାହାରେ କେଉଁମାନେ ଲିଙ୍କରେ ରହିଛନ୍ତି, ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ମତ୍ସ୍ୟଜୀବୀ ବେଶରେ ମାଛଧରା ବୋଟରେ ଯିବାଆସିବା କରୁଥିଲେ

ରାଜା ନିଜେ ବ୍ରାଉନ୍‌ସୁଗାର ଆଣିବା ପାଇଁ ବାଂଲାଦେଶ ଯାଉଥିଲେ। ତାଙ୍କ ସହ କେତେଜଣ ସହଯୋଗୀ ଯାଉଥିଲେ। ମାଛଧରା ବୋଟ ମାଧ୍ୟମରେ ଯିବାଆସିବା କରୁଥିଲେ। କୋଷ୍ଟଗାର୍ଡ କିମ୍ବା ପୋଲିସ ହାବୁଡ଼ରେ ପଡିଲେ ସେ ମତ୍ସ୍ୟଜୀବୀ ପରିଚୟ ଦେଉଥିଲେ। ଏଥିରେ ସହଯୋଗ କରୁଥିଲେ ନିର୍ଦ୍ଦିଷ୍ଟ କିଛି ମତ୍ସ୍ୟଜୀବୀ ଗୋଷ୍ଠୀ। ବିଶେଷକରି ମତ୍ସ୍ୟଜୀବୀ କୁହାଯାଉଥିବା ନୋଳିଆମାନେ ହିଁ ଏଥିପାଇଁ ତାଙ୍କଠାରୁ ମୋଟାଅଙ୍କର ଅର୍ଥ ନେଉଥିଲେ। ନିକଟରେ ବାଲେଶ୍ୱରରେ ଏକ ମାଛ ବୋଝେଇ ବୋଟ୍ ଉପରେ ପୋଲିସ ଚଢ଼ାଉ କରିଥିଲା। ଯାଞ୍ଚ ପରେ ମାଛ ପେଟରୁ ବ୍ରାଉନ ସୁଗାର ବାହାରିଥିଲା। ଏହି ର୍‍ୟାକେଟ ପଛରେ ରାଜା ହିଁ ମାଷ୍ଟରମାଇଣ୍ଡ୍ ବୋଲି ଜଣାପଡିଥିଲା। ବାଲେଶ୍ୱର ପୋଲିସ ରାଜାକୁ ଧରିବା ପାଇଁ ଚେଷ୍ଟା କରିଥିଲେ ମଧ ସେ ବିଭିନ୍ନ ସମୟରେ ବେଶ ବଦଳାଇ ଫେରାର ହେବାରେ ସକ୍ଷମ ହେଉଥିଲେ। ତେଣୁ ରାଜା ବାଲେଶ୍ୱର ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ ଥିଲେ। ସେହିଭଳି ମାସକ ତଳେ ରାଜାଙ୍କ ସହଯୋଗୀ ଏସ୍.କେ. ଆଜବାହର, ଏସ୍.କେ. ଆଜାଦ ଓ ରମାକାନ୍ତ ସାହୁ ଗିରଫ ହୋଇଥିଲେ। ସେହିଭଳି ଜେଲ୍‌ରେ ଥିବା ଖୋର୍ଦ୍ଧାର ବ୍ରାଉନ୍‌ସୁଗାର ବେପାରୀ ଛୋଟା ଓ ସହଯୋଗୀଙ୍କଠାରୁ ରାଜାଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଧରିବାକୁ ଯୋଜନା ହୋଇଥିଲା। ଗତ କିଛିଦିନ ତଳେ ମାଛ ପେଟରେ ବ୍ରାଉନସୁଗାର ଭର୍ତ୍ତି କରାଯାଇ ବାଂଲାଦେଶରୁ ବୋଟରେ ଓଡ଼ିଶା ଆସୁଥିବାବେଳେ ବାଲେଶ୍ୱର ପୋଲିସ ଜବତ କରିଥିଲା। ଏହି ଘଟଣାରେ ରାଜା ମୁଖ୍ୟ କାର୍ପଟଦାର ଥିବା ଜଣାପଡିଥିଲା।




ନନ୍ଦନକାନନରେ ଭାଇରସ୍ ଭୟ

## ବଦଳିଲା ଛୁଆହାତୀ କମଳା, ଗୌରୀଙ୍କ ଠିକଣା

ବାରଙ୍ଗ,୧୬।୯(ଡି.ଏନ୍.ଏ)



ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହରପିସ ଭୂତାଣୁ ଯୋଗୁ ଦୁଇଟି ହାତୀଙ୍କର ମୃତ୍ୟୁପରେ ହାତୀଶାଳରେ ଥିବା ଦୁଇ ହାତୀଛୁଆ କମଳା ଓ ଗୌରୀଙ୍କର ଠିକଣା ବଦଳିଯାଇଛି। ଆଉ ପର୍ଯ୍ୟଟକମାନେ କମଳା ଓ ଗୌରୀକୁ ହାତୀଶାଳରେ ଦେଖିବାର ସୁଯୋଗ ପାଇବେ ନାହିଁ। ହାତୀଶାଳରେ ଥିବା ପ୍ରେମା, ବାସନ୍ତୀ, ହୀରାଙ୍କଠାରୁ ସେମାନଙ୍କୁ ଅଲଗା କରାଯାଇଛି। କମଳା ଓ ଗୌରୀକୁ ଜଳହସ୍ତୀ ଏନକ୍ଲୋଜର ପାଖରେ ଥିବା ଶାନ୍ତୀ, ମୈତ୍ରୀ, ତୃପ୍ତି, ସ୍ମୃତି ଚାରି କଟେଜ ପରିସର ହିଁ ନୂଆ ଠିକଣା ହୋଇଛି। ଏହି କଟେଜ ପରିସରକୁ ସଫା କରିବା ସହ ମାଟିକୁ ସମାନ କରାଯାଇ ଏକ ଅସ୍ଥାୟୀ ଘର ହୋଇଛି। ଏହି ଅସ୍ଥାୟୀ ଘରର ଚତୁଃପାର୍ଶ୍ୱକୁ ପ୍ରତିଷେଧକ ଔଷଧ ଦ୍ୱାରା ଛିଞ୍ଚନ କରାଯାଇଛି। ସବୁଠାରୁ ଛୋଟ ହାତୀ ମାମା ନନ୍ଦନକାନନକୁ ଆସିବା ପରଠାରୁ ଡାକ୍ତରଖାନା ପାର୍ଶ୍ୱରେ ରହିଥିବାବେଳେ ହାତୀଶାଳରେ ଥିବା ପ୍ରେମା, ବାସନ୍ତୀ, ହୀରାଙ୍କୁ ଏକା ସାଙ୍ଗରେ ନୁହେଁ ଅଲଗା ଅଲଗା କରି ରଖାଯାଇଛି। ସମସ୍ତ ହାତୀଙ୍କର ରକ୍ତନମୁନା ସଂଗ୍ରହ କରାଯାଇ ସୋମବାର ଏଠାକାର ଡାକ୍ତରମାନେ ଓୟୁଏଟିକୁ ପଠାଇଛନ୍ତି। ଓୟୁଏଟିରେ ଏହି ରକ୍ତନମୁନା ପରୀକ୍ଷା ପରେ ଆସାମକୁ ପୁନଃ ପରୀକ୍ଷା ପାଇଁ ପଠାଯିବ ବୋଲି ଜଣାପଡିଛି । ସମସ୍ତ ହାତୀଙ୍କୁ ଡାକ୍ତରମାନଙ୍କ ନଜରବନ୍ଦିରେ ରଖାଯିବା ସହ କର୍ମଚାରୀ ଓ ମାହୁନ୍ତମାନେ ସଜାଗ ରହି ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଜଣାଇବାକୁ କୁହାଯାଇଥିବାର ଜଣାପଡିଛି।

## ବାରାଶିଙ୍ଗା ଛୁଆ ଜନ୍ମ

ବାରଙ୍ଗ,୧୬।୯(ଡି.ଏନ.ଏ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ସୋମବାର ସକାଳେ ଏକ ନୂଆ ଅତିଥି ଆସିଛି। ୩୮ନଂ ଏନକ୍ଲୋଜରରେ ଥିବା ବାରାଶିଙ୍ଗାର ଏକ ଛୁଆ ଜନ୍ମ ହୋଇଛି। ଜନ୍ମ ପରେ ମାଆ ଛୁଆଦ୍ୱୟ ସୁସ୍ଥ ଥିବାର ଜଣାପଡିଛି। ସକାଳେ ଉକ୍ତ ଏନକ୍ଲୋଜର ଦାୟିତ୍ୱରେ ଥିବା କର୍ମଚାରୀ ଜଣକ ସଫା କରିବାକୁ ଯାଇଥିବାବେଳେ ଏକ ଛୁଆ ଜନ୍ମ ହୋଇଥିବାର ଦେଖିବାକୁ ପାଇଥିଲେ। ପରେ ଏ ବିଷୟରେ ସେ ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇଥିଲା। ବାରାଶିଙ୍ଗାର ଜନ୍ମପରେ ଏମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୧ରେ ପହଞ୍ଚିଛି। ସେଥିମଧ୍ୟରେ ୬ ମାଈ, ୪ ଅଣ୍ଡିରା ଥିବାବେଳେ ଜନ୍ମିତ ଛୁଆର ଲିଙ୍ଗ ନିରୂପଣ ହୋଇ ନାହିଁ।

## ଦୁର୍ନୀତିଖୋରଙ୍କୁ ଚପଲରେ ପିଟ: ପଞ୍ଚାୟତିରାଜ ମନ୍ତ୍ରୀ

ମାହାଙ୍ଗା,୧୬।୯(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ଟି ଶୂନ ସହିଷ୍ଣୁତାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଆହ୍ୱାନ ଦେଇଛନ୍ତି। ଏପରିକି ମାହାଙ୍ଗାରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଯେଉଁମାନେ ଦୁର୍ନୀତି କରୁଛନ୍ତି ସେମାନଙ୍କୁ ଚପଲରେ ପିଟ ବୋଲି ସୋମବାର ମାହାଙ୍ଗା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ କୁଆଁପାଳ-ଭେଡା ପୂର୍ତ୍ତ ରାସ୍ତା ଦବିବା ଘଟଣା ସମ୍ପର୍କରେ ଖବର ମିଳିବା ପରେ ଏହାର ତଦନ୍ତ ପାଇଁ ୱାର୍କ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ସେ କହିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟସ୍ଥଳ ଅନୁଧ୍ୟାନ କରି ନମୁନା ସଂଗ୍ରହ କରିବା ସହ ତଦନ୍ତ ଚଳାଇଛନ୍ତି । ରିପୋର୍ଟ ଆସିବା ପରେ ଯଦି ଏଥିରେ କୌଣସି ଅନିୟମିତତା ଥାଏ ତେବେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ଏହି ବ୍ଲକରେ ଆଗକୁ ରାସ୍ତାଘାଟ ସମେତ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ତେବେ ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ କରି ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟରେ କୌଣସି ଅଧିକାରୀ ଲାଞ୍ଚ ମାଗିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ଜେନା ଚେତାବନୀ ଦେଇଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



# ସ୍କୁଲରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା



ଛାତ୍ରୀଛାତ୍ରମାନେ ସ୍କୁଲ ସମ୍ମୁଖରେ ଧାରଣା ଦେଇଛନ୍ତି ।

■ଖାଲିପଡ଼ିଛି ବିଭିନ୍ନ ଶିକ୍ଷକ ପଦବୀ
■ବିପଦସଙ୍କୁଳ ଅବସ୍ଥାରେ ରହିଛି ଶ୍ରେଣୀଗୃହ

**ନେମାଳ,୧୬।୯(ଡି.ଏନ୍.ଏ.)**

ନେମାଳ ଥାନା ଅନ୍ତର୍ଗତ କଳମିଶ୍ରି ପଞ୍ଚାୟତସ୍ଥିତ ଲେଙ୍ଗୁରା ଭଗବାନପୁର ଅନନ୍ତେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି । ଏସବୁ ସମସ୍ୟାର ସମାଧାନ ହେଉ ନ ଥିବାରୁ ସୋମବାର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରତିବାଦ କରି ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ । ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୨୪୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ମାତ୍ର ବିଦ୍ୟାଳୟରେ ଦୀର୍ଘ ଦିନ ହେବ କଳା, ବିଜ୍ଞାନ , କମ୍ପ୍ୟୁଟର ଓ ଶାରୀରିକ ଶିକ୍ଷା ବିଭାଗରେ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଛି । ଗତ ଫନୀ ବାତ୍ୟାରେ ବିଦ୍ୟାଳୟର ଅଧିକାଂଶ ଗୃହ ବିପଦ ସଙ୍କୁଳ ହୋଇପଡ଼ିଛି । ବିଭିନ୍ନ ଶ୍ରେଣୀ ପ୍ରକୋଷ୍ଠରେ ଥିବା ବେଞ୍ଚ ଓ ଡେକ୍ସଗୁଡିକ ଭାଙ୍ଗି ରୁଜି ଯାଇଛି । ଏଥିଯୋଗୁ ପିଲାମାନେ ବାଧ ହୋଇ ତଳେ ବସି ପାଠ ପଢୁଛନ୍ତି । ଏନେଇ ଛାତ୍ରୀଛାତ୍ର ପୂର୍ବରୁ ପ୍ରଧାନ ଶିକ୍ଷକ, ସରପଞ୍ଚ ଓ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର କୌଣସି ସୁଫଳ ନ ମିଳିବାରୁ ସେମାନେ ଶ୍ରେଣୀ ଗୃହ ବର୍ଜନ କରି ଧାରଣାରେ ବସିଥିଲେ । ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ସୁଧାରିବା ସହ ଶ୍ରେଣୀ ଗୃହର ମରାମତି ଓ ଆବଶ୍ୟକୀୟ ଶିକ୍ଷକ ଯୋଗାଇଦେବାକୁ ସେମାନେ ଦାବି କରିଥିଲେ । ଖବରପାଇ ଘଟଣାସ୍ଥଳରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଶିକ୍ଷାବିତ୍ ନୃସିଂହ ଚରଣ ପଣ୍ଡା, ସରପଞ୍ଚଙ୍କ ପ୍ରତିନିଧି ଅଶୋକ କୁମାର ମୁଦୁଲି, ଏବିଇଓ ଲକ୍ଷ୍ମଣ ଲେଙ୍କା ଓ ନିକୁଞ୍ଜ କିଶୋର ମହାନ୍ତି ପ୍ରମୁଖ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ସଂକ୍ଷେପରେ

### ୬ ପ୍ରତିଭାଧାରୀ ପାଇବେ ଧନେଶ୍ୱର ରଥ ସ୍ମୃତି ସମ୍ମାନ

**କଟକ ଅଫିସ, ୧୬।୯:** ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରାଜ୍ୟର ୬ଜଣ ପ୍ରତିଭାଧାରୀଙ୍କୁ ଆସନ୍ତା ୨୩ରେ ଟାଙ୍ଗୀସ୍ଥିତ ଡ୍ରିମସ୍ ଠାରେ ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ଚଳିତବର୍ଷ ପାଇଁ ଧନେଶ୍ୱର ରଥ ସ୍ମୃତି ସମ୍ମାନ ପ୍ରଦାନ ଲାଗି ମନୋନିତ କରାଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା କ୍ଷେତ୍ରରେ ଡ. ନରେଶ ଚନ୍ଦ୍ର ଦାଶ, ସାହିତ୍ୟ ଓ ସାମ୍ବାଦିକତାରେ ଡ. ଅସିତ୍ ମହାନ୍ତି, ରୁଚି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ, ଶିକ୍ଷାକ୍ଷେତ୍ରରେ ପ୍ରଫେସର ଡ. ସ୍ୱରଜିତ୍ ବାରିକ, କଳାସଂସ୍କୃତିରେ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଏବଂ କ୍ରୀଡାରେ ଆନ୍ତର୍ଜାତୀୟ ଚେସ୍ ତାରକା ସାଇନା ସାଲୋନିକାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଚିନ୍ମୟ ମିଶନର ସ୍ୱାମୀ ସଦାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିବେ । ଏହି ଉପଲକ୍ଷେ ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚନ ସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଥିବା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି ।

### ରମେଶ ଅଲ୍ଲିବେଶାନ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୧୬।୯:** ଓଷ୍ଟା ସମ୍ମିଳନୀ କକ୍ଷରେ ରମେଶ ଅଲ୍ଲିବେଶାନ୍ତ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି । ଖବରଦାତା ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବକ୍ତାମାନେ କହିଥିଲେ, ଅଲ୍ଲିବେଶାନ୍ତ ଏକାଧାରରେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ଜଣେ କବି, ସୁଲେଖକ, ଚିତ୍ରକର, ବାମପନ୍ଥୀ ମତାଦର୍ଶୀ ଚିନ୍ତକ ଓ ସାମାଜିକ କର୍ମୀ ରୂପେ ସବୁ କ୍ଷେତ୍ରରେ ନିଜର ପଦଚିହ୍ନ ରଖିଯାଇଛନ୍ତି ବୋଲି ସେମାନେ ମତ ଦେଇଥିଲେ । ଶ୍ରମିକ ନେତା କିଶୋର ଜେନା, ନାରୀନେତ୍ରୀ ଶୈଳ ବେହେରା, ଖବରଦାତା ଅରୁଣ ପଣ୍ଡା, ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ଅଧ୍ୟକ୍ଷ ସୁବାସ ସିଂ, ସିପିଆଇଏମ୍ ନେତା ରବିନାରାୟଣ ମଲ୍ଲିକ, ଦେବେନ୍ଦ୍ର ସୂତାର, ସିପିଆଇ ନେତା ବିନୋଦ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ହିନ୍ଦୀ ଦିବସ ପାଳିତ

**କଟକ ଅଫିସ, ୧୬।୯:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଆନୁକୂଲ୍ୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଅଞ୍ଜୁମାନ ଆରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମଥୁରାମ ତ୍ରିବେଦୀ, ମୁଖ୍ୟବକ୍ତା କମଳାକାନ୍ତ ବେହେରା ଯୋଗଦେଇଥିଲେ । ଇମରାନା ଇସରାଇଲ ଧନ୍ୟବାଦ ଦେଇଥିଲେ । ସେହିପରି ସିଡିଏ ଡିଏଭି ପରିସରରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା ନମିତା ମହାନ୍ତି ଓ ଶିକ୍ଷକ ରବୀନ୍ଦ୍ର ନାଥ ମହାରଣା ଉପସ୍ଥିତ ରହି ହିନ୍ଦୀ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଜ୍ୟୋତି ଧନ୍ୟବାଦ ଦେଇଥିଲେ ।

### ଦୁର୍ଘଟଣାରେ ମହିଳା ଗୁରୁତର

**ନରସିଂହପୁର,୧୬।୯(ଡି.ଏନ୍.ଏ.):** ନରସିଂହପୁର ଥାନା ଅନ୍ତର୍ଗତ ଡ଼ମକଟା ଛକ ନିକଟରେ ସେମାବାର ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ହୋଇଛନ୍ତି । ସେ ହେଲେ ନିମସାହି ଗ୍ରାମର ଗୁମାନି ସାହୁ (୬୫) । ସେ ରାସ୍ତାରେ ଯାଉଥିବା ବେଳେ ଏକ ଟାଟା ଏସିଇ ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ ।

### ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ

**ମାହାଙ୍ଗା,୧୬।୯(ସ୍ୱ.ପ୍ର.):** ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସୋମବାର ମାହାଙ୍ଗା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଗ୍ରାମ୍ୟ ପାନୀୟ ଜଳ, ବିଦ୍ୟୁତ୍, ମହିଳା ଓ ଶିଶୁ ବିକାଶ ଭଳି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ ନାୟକ, ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକ, ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାଜକିଶୋର ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଭିକାରୀ ସ୍ୱାଇଁ,ପାନୀୟ ଜଳଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ କାଳୁଚରଣ ବେହେରା ପ୍ରମୁଖ ଯୋଗଦେଇ ଥିଲେ ।

ବେଆଇନ ମଦ କାରବାର, ଭାରିଯାନ ଚଳାଚଳକୁ ବିରୋଧ

# ପ୍ରତିବାଦରେ ଥାନା ସମ୍ମୁଖରେ ଧାରଣା



ନିଶ୍ଚିନ୍ତକୋଇଲି ନାଗରିକ ମଞ୍ଚ ସଦସ୍ୟମାନେ ଧାରଣାରେ ବସିଛନ୍ତି ।

**ନିଶ୍ଚିନ୍ତକୋଇଲି, ୧୬।୯(ସ୍ୱ.ପ୍ର)**

ଭାରିଯାନ ଚଳାଚଳ ଯୋଗୁ ନିଶ୍ଚିନ୍ତକୋଇଲି ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ସେହିପରି ରାସ୍ତାର ଅନତି ଦୂରରେ ଥିବା ଦେଶୀବିଦେଶୀ ମଦ ଦୋକାନଗୁଡିକରେ ବେଆଇନ ଭାବେ ମଦ୍ୟପାନ କରାଯାଉଛି । ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି । ଏହାକୁ ବିରୋଧ କରି ସୋମବାର ନିଶ୍ଚିନ୍ତକୋଇଲି ନାଗରିକ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଥିଲା । ଗତ ୩୧ରେ ଏନେଇ ଥାନା,ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କୁ ନିକଟରେ ଲିଖିତ ଦାବିପତ୍ର ଦିଆଯାଇଥିଲା । ମାତ୍ର ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଧାରଣା ଦିଆଯାଇଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି । ତୁରନ୍ତ ଏହି ଘଟଣାର ସମାଧାନ କରିବା ପାଇଁ ସେମାନେ ଦାବି କରିଥିଲେ ।

ସୂଚନାଯୋଗ୍ୟ, କଟକ-ଚାନ୍ଦବାଲି ରାସ୍ତା ପ୍ରଶସ୍ତୀକରଣ ହେବା ପରେ ଏହି ରାସ୍ତାରେ ଦୈନନ୍ଦିନ ଭାରୀଯାନ ଚଳାଚଳ କରୁଛି । ଫଳରେ ରାସ୍ତା ପାର ହେବା ସାଧାରଣ ଲୋକଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ସେହିପରି ବେପରୁଆ ଗାଡି ଚାଳନା ଓ ମଦ୍ୟପ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହାଛଡା ଲାଇସେନ୍ସପ୍ରାପ୍ତ ମଦ ଦୋକାନୀମାନେ ନିୟମର ଉଲ୍ଲଂଘନ କରି ସ୍ଥାନୀୟ ଅଞ୍ଚଳରେ ବେଆଇନ ମଦ ବ୍ୟବସାୟ ଚଳାଇଛନ୍ତି । ସରକାରୀ ନିୟମ ଅନୁଯାୟୀ, ଠିପି ବନ୍ଦ ମଦ ଦୋକାନଗୁଡିକରେ କେବଳ ମଦ ବିକ୍ରି ହୋଇପାରୁଥିବା ବେଳେ ସେଠାରେ ମଦ୍ୟପାନ କରିବା ଲାଗି ଅନୁମତି ଦିଆଯାଇନାହିଁ । ମାତ୍ର ସ୍ଥାନୀୟ ଅଞ୍ଚଳରେ ଏହି ନିୟମର ମଦ ବ୍ୟବସାୟୀମାନେ ମାନୁ ନଥିବା ନେଇ ଅଭିଯୋଗ ହୋଇଛି । ସେମାନେ ଖୁଚୁରା ବିକ୍ରୟ କରିବା ବଦଳରେ ହୋଲସେଲ ବେପାର କରିବାରେ ଲାଗିପଡିଛନ୍ତି । ଏନେଇ ଚୋରା ମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ନିକଟରେ ପଢୁଥିବା ପିଲାମାନେ ନିଶାଶକ୍ତ ହେବା ସହ ଅଞ୍ଚଳରେ ଅପରାଧ ଓ ଦୁର୍ଘଟଣା ବଢ଼ିବାରେ ଲାଗିଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି । ଖବରପାଇ ନିଶ୍ଚିତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା ଘଟଣାସ୍ଥଳରେ ପହଞ୍ଚି ୫ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ମନୋଜ କୁମାର ମଲିକ, ଶୁଭାଶିଷ ବସନ୍ତରାୟ, ହିମାଂଶୁ ନାରାୟଣ ମଲିକ, ଶ୍ରମିକ ନେତା ଷ୍ଟାଲିନ ରାଉତ ପ୍ରମୁଖ ସାମିଲ ହୋଇଥିଲେ ।

ପକ୍କାଘର ସର୍ଭେରେ ଅନିୟମିତତା

# ଜନସାଧାରଣଙ୍କ ସହଯୋଗ ଲୋଡ଼ିଲେ ବିଡିଓ

**କଟକ ସଦର,୧୬।୯(ଡି.ଏନ.ଏ)**

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଳଘର ଥିବା ଗରିବ ଲୋକଙ୍କୁ ପକ୍କାଘର ଦେବା ପାଇଁ ଗତ ଅଗଷ୍ଟରେ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ସର୍ଭେ କରାଯାଇଥିଲା । କିନ୍ତୁ ଏହି ସର୍ଭେ ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବିଡିଓଙ୍କ ନିକଟରେ ସୋମବାର ଅଭିଯୋଗ ହୋଇଛି । ପୁଣି ରୋଷେଇ ଓ ଜାଳେଣି ରଖାଯାଇଥିବା ଘରକୁ ବାସଗୃହ ବୋଲି ସର୍ଭେରେ ସାମିଲ କରାଯାଇଛି । ଏହାବ୍ୟତୀତ ପକ୍କାଘର ଥିବା ଲୋକଙ୍କର ନାମ ମଧ୍ୟ ଅନଲାଇନ ତାଲିକାରେ ଦେଖିବାକୁ ମିଳିଛି । ୨୦୧୧ରେ ସାମାଜିକ ଅର୍ଥନୈତିକ ଓ ଜାତିଗତ ସର୍ଭେ ରିପୋର୍ଟରେ ମଧ୍ୟ ଏକାଧିକ ପକ୍କାଘର ଥିବା ପରିବାରକୁ ଚଞ୍ଚକତାରେ ସେମାନଙ୍କ ନାମ ବଦଳାଇ ସର୍ଭେରେ ସାମିଲ କରାଯାଇଥିବା ଗ୍ରାମବାସୀ ଅଭିଯୋଗ ହୋଇଛି । କଟକ ସଦର ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ନିକଟରେ ବାରମ୍ବାର ଏଭଳି ଅଭିଯୋଗ ହେବା ପରେ ଜନସାଧାରଣଙ୍କ ସହଯୋଗ ଲୋଡ଼ି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଟେଲିଫୋନ ଅଥବା ଚିଠି ମାଧ୍ୟମରେ ଜଣାଇବା ପାଇଁ ସେ ଅନୁରୋଧ କରିଛନ୍ତି ।

ଅପରପକ୍ଷେ ଚୂଡ଼ାନ୍ତ ହୋଇଥିବା ତାଲିକାରେ ଯଦି କୌଣସି ତ୍ରୁଟି ଦେଖାଯାଏ, ତେବେ ସର୍ଭେ କରିଥିବା କର୍ମଚାରୀ ହିଁ ଦାୟୀ ରହିବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରିନ୍ସପାଲ ସେକ୍ରେଟାରି ଦେଓରଞ୍ଜନ କୁମାର ସିଂହ ବିଡିଓ, ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲାପାଳମାନଙ୍କୁ ଅବଗତ କରାଇଛନ୍ତି । ଏଥିସହ ଏହି ବ୍ଲକରେ ବେଣ୍ଟକାର ପରମହଂସ, କିଶୋରନଗର, ନିମେଇସାପୁର ପଞ୍ଚାୟତ ସର୍ଭେ ତାଲିକାକୁ ମଧ୍ୟ ଟିକିନିଖି ଭାବେ ଯାଞ୍ଚ ପାଇଁ ଦାବି ହେଉଛି । ସାଧାରଣତଃ ଜଣେ ବ୍ୟକ୍ତିର ବାର୍ଷିକ ଆୟ ୧ଲକ୍ଷ ୨୦ହଜାର ଟଙ୍କାରୁ କମ ହେଲେ ସେ ଘର ପାଇବାର ସରକାରୀ ନିର୍ଦ୍ଦେଶନାମା ରହିଛି । କିନ୍ତୁ ବ୍ଲକ ଷ୍ଟାଫମାନଙ୍କୁ ପ୍ରଭାବିତ କରି ପ୍ରତ୍ୟେକ ପଞ୍ଚାୟତର ମଧ୍ୟସ୍ଥମାନେ ଘର କରାଇ ଦେବା ନାମରେ ଲୋକଙ୍କଠାରୁ ୧୦ହଜାର ଟଙ୍କା ଆଦାୟ କରୁଥିବାର ମଧ୍ୟ ଅଭିଯୋଗ ହୋଇଛି ।

ଏ ସମ୍ପର୍କରେ ବିଡିଓ ପଟ୍ଟନାୟକ କୁହନ୍ତି, ପ୍ରତି ପଞ୍ଚାୟତରେ ଆଉଥରେ ସର୍ଭେ କରାଯାଉଛି । ସେଥିପାଇଁ କେତେକ ସହୃଦୟ ବ୍ୟକ୍ତି ଯଦି ଅଯୋଗ୍ୟମାନଙ୍କର ନାମ ଶୀଘ୍ର ଜଣାଇବେ । ତେବେ ତଦନ୍ତରେ ସହାୟକ ହେବ । ସେହିଭଳି ସର୍ଭେ ପରେ ତାଲିକାକୁ ଯାଞ୍ଚ ପୂର୍ବରୁ ସାର୍ବଜନୀନ କରିବା ପାଇଁ ଦାବି ହୋଇଛି ।

### ସମ୍ବର୍ଦ୍ଧନା ଉତ୍ସବ

**କଟକ ଅଫିସ, ୧୬।୯**

କଟକ ମହାନଗର ନିଗମ ଅନ୍ତର୍ଗତ ୪୨ନଂ. ୱାର୍ଡ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି । ଏମ୍‌ପି ଭର୍ତ୍ତୃହରି ମହତାବ ଭାରତ ସରକାରଙ୍କ ଶ୍ରମ ନିଯୁକ୍ତି କମିଟିର ଅଧ୍ୟକ୍ଷ ଓ ରାଷ୍ଟ୍ରୀୟ ଭାଷା ପ୍ରଚାର ସମିତିର ଉପାଧ୍ୟକ୍ଷ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଚିତ୍ତରଞ୍ଜନ ସାହୁ, ସରୋଜିନୀ ସାହୁ, ସୁନିଲ ସାହୁ, ଜଗନ୍ନାଥ ମଲ୍ଲିକ, ସୋମନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଅକ୍ଟୋବର ୪ ରୁ ଭଟ୍ଟାରିକା ମହୋତ୍ସବ

**ବଡ଼ମ୍ବା,୧୬।୯(ଡି.ଏନ୍.ଏ)**

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ଭଟ୍ଟାରିକାଙ୍କ ମହାଷ୍ଟମୀ ପର୍ବ ତଥା ୨୦ତମ ଭଟ୍ଟାରିକା ମହୋତ୍ସବ ପାଇଁ ସୋମବାର ଭଟ୍ଟାରିକାସ୍ଥିତ ପାନ୍ଥଶାଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଅନିଲକୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏହି ବୈଠକ ଆୟୋଜନ ହୋଇଥିଲା । ଏଥିରେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର, ବିଡିଓ ସଦାନନ୍ଦ ସେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୟା ନାୟକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ଭଟ୍ଟାରିକା ଗ୍ରାମପଞ୍ଚାୟତ ସରପଞ୍ଚ ବାସନ୍ତୀ ବେହେରା, ସମିତି ସଭ୍ୟ ସୁଧାଂଶୁ ବେହେରା ଓ କରଡିବନ୍ଧ ଗ୍ରାମପଞ୍ଚାୟତ ସରପଞ୍ଚ ଆନନ୍ଦଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇଥିଲେ । ଭଟ୍ଟାରିକାଙ୍କ ମହାଷ୍ଟମୀ ପର୍ବ କିପରି ଶାନ୍ତି ଓ ଶୃଙ୍ଖଳା ସହ ଶେଷହେବ ସେନେଇ ବୈଠକରେ ଆଲୋଚନା ହୋଇଥିଲା ।

ଚଳିତ ୨୨ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଭଟ୍ଟାରିକାଙ୍କ ୧୬ ଦିନାତ୍ମକ ପୂଜା କରିବା ଲାଗି ବୈଠକରେ ସ୍ଥିର ହୋଇଥିଲା । ସେହିପରି ଅକ୍ଟୋବର ୪ରୁ ୬ ପର୍ଯ୍ୟନ୍ତ ଭଟ୍ଟାରିକା ମହୋତ୍ସବ ମହାଆଡ଼ମ୍ବରରେ କରିବା ଲାଗି ନିଷ୍ପତ୍ତି ହୋଇଥିଲା । ଏହି ପରିପ୍ରେକ୍ଷୀରେ ଭଟ୍ଟାରିକାଙ୍କର ଦୈନନ୍ଦିନ ପୂଜା ରୀତିନୀତି ସମେତ ଠାକୁରଙ୍କ ସୁନା ଅଳଙ୍କାର ଠିକ୍ ସମୟରେ ଯୋଗାଇଦେବା ପାଇଁ ଦେବୋତ୍ତର ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ଯାତ୍ରାସ୍ଥଳକୁ ବିଦ୍ୟୁତ ସରୋବରାହ ଯୋଗାଇଦେବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରିବା, ନଳକୂପ ମରାମତି କରିବା ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶେଷରେ ବିଡିଓ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅପମିଶ୍ରଣ ରୋକିବା ପାଇଁ ଚଢ଼ାଉ

## ୨୪ ଦୋକାନରୁ ନମୁନା ସଂଗ୍ରହ

**ନିଶ୍ଚିନ୍ତକୋଇଲି, ୧୬।୯(ସ୍ୱ.ପ୍ର.)**

ବିଭିନ୍ନ ସ୍ଥାନରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେବା ନେଇ ବାରମ୍ବାର ଅଭିଯୋଗ ହେବା ପରେ କଟକ ଜିଲା ଫୁଡ ବିଭାଗ ପକ୍ଷରୁ ସୋମବାର ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଚଢାଉ କରାଯାଇଛି । ଏହି ଅବସରରେ ୨୪ ଦୋକାନରୁ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି । କଟକ ଜିଲା ଭାରପ୍ରାପ୍ତ ଫୁଡ ଇନ୍ସପେକ୍ଟର ଅମିତା ଦାସଙ୍କ ନେତୃତ୍ୱରେ ଏକ ୩ ଜଣିଆ ଦଳ ଆସି ବିଭିନ୍ନ ଦୋକାନ ଉପରେ ଚଢାଉ କରିଥିଲେ । ଏହି ସମୟରେ ମିଠା ଦୋକାନ,ଜଳଖିଆ ଦୋକାନ, ହୋଟେଲ ଓ ବିଭିନ୍ନ ଫଳ ଦେକାନ ଉପରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ କିଛି ତେଜରାତି ଦୋକାନରେ ଚଢାଉ କରାଯାଇ ମସଲାର ସାମ୍ପୁଲ ସଂଗ୍ରହ କରାଯାଇଥିଲା । ଖାଦ୍ୟର ଗୁଣାବତ୍ତା ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ଲ୍ୟାବ ଗାଡି ଆସିଥିଲା । ଏହି ଲ୍ୟାବରେ ଏସବୁ ଖାଦ୍ୟର ପରୀକ୍ଷା ନିରୀକ୍ଷା କରାଯାଇଥିଲା । ପରୀକ୍ଷଣ ପାଇଁ ଆସିଥିବା ଟିମ୍‌ରେ ପି.କେ. ମହାପାତ୍ର ଓ କୃତ୍ତିବାସ ମହାପାତ୍ର ଯୋଗଦେଇ ଖାଦ୍ୟର ଗୁଣବତା ତଲାସି କରିଥିଲେ । ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ବ୍ଲକରେ ବିନା ଫୁଡ ଲାଇସେନ୍ସରେ ବହୁ ଦୋକାନ ଚାଲିଥିବା ନେଇ ବାରମ୍ବାର ଅଭଯୋଗ ହୋଇଛି । ଏନେଇ ଅପମିଶ୍ରଣ ଖାଦ୍ୟ ବୃଦ୍ଧିପାଇବାରୁ ବହୁ ଲୋକେ ପେଟରୋଗରେ ଆକ୍ରାନ୍ତ ହେଉଛନ୍ତି ।

### ବିଦ୍ୟାଳୟରେ ୨ ଛାତ୍ରଙ୍କୁ ବସଉଠ ଅଭିଯୋଗ

**ସାଲେପୁର, ୧୬।୯(ଡି.ଏନ୍.ଏ)**

ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବାବେଳେ ସାଲେପୁର ବ୍ଲକ ଅଧୀନ ଏକ ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ସେହି ବିଦ୍ୟାଳୟରେ ପାଠ ପଢୁଥିବା ୨ ଜଣ ଷଷ୍ଠ ଶ୍ରେଣୀର ଛାତ୍ରଙ୍କୁ କୌଣସି କାରଣ ନେଇ ବସଉଠ କରାଇଥିବା ନେଇ ଗତ ୭ ତାରିଖରେ ଅଭିଯୋଗ ହୋଇଥିଲା । ଏବେ ଏହି ଘଟଣା ପଦାକୁ ଆସିଥିବା ବେଳେ ଏହାର ଆପୋସ ସମାଧାନ ହୋଇଯାଇଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି । ଅପରପକ୍ଷେ ଅଭିଯୁକ୍ତ ଓ ଅଭିଯୋଗକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ସୂଚନାଯୋଗ୍ୟ, ସମ୍ପୃକ୍ତ ଶିକ୍ଷୟିତ୍ରୀ ଷଷ୍ଠ ଶ୍ରେଣୀର ୨ଜଣ ଛାତ୍ରଙ୍କୁ ଦୀର୍ଘସମୟ ଧରି ବସଉଠ କରାଇଥିଲେ । ଏନେଇ ସେମାନେ ପରିବାର ସଦସ୍ୟ ଆସି ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରୁଣ ବଳ କହିଛନ୍ତି, ଘଟଣା ସତ୍ୟ ଅଟେ । ଅଭିଭାବକଙ୍କଠାରୁ ଅଭିଯୋଗ ପାଇଲା ପରେ ଶିକ୍ଷୟିତ୍ରୀ ଆସି ଅଭିଭାବକଙ୍କ ନିକଟରେ ନିଜ ଦୋଷ ସ୍ୱୀକାର କରିବା ପରେ ଏହାର ସମାଧାନ ହୋଇଯାଇଛି ।

## କୋଇଲା ବୋଝେଇ ଟ୍ରକ୍ ଜବତ, ଚାଳକ ଗିରଫ

**ଖୁଣ୍ଟୁଣୀ,୧୬।୯(ଡି.ଏନ.ଏ)**

ତାଳଚେରରୁ ଚୋରା କୋଇଲା ନେଇ ମଙ୍ଗୁଳି ଆସୁଥିବା ଏକ ୧୦ ଚକିଆ ଟ୍ରକକୁ ସୋମବାର ଖୁଣ୍ଟୁଣୀ ପୋଲିସ ଜବତ କରିଛି । ଏହାସହ ଟ୍ରକ ଚାଳକଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ତାଳଚେର ଷଣ୍ଢଗାଁର ମଙ୍ଗୁଲୁ ନାୟକ । ସୂଚନାଯୋଗ୍ୟ, ଓଆର ୦୫ ଡବ୍ଲୁ ୫୬୩୮ନଂ. ବିଶିଷ୍ଟ ଟ୍ରକଟିରେ କୋଇଲା ନେଇ ମଙ୍ଗୁଲୁ କଟକ ପଟେ ଆସୁଥିବାବେଳେ ଖୁଣ୍ଟୁଣୀ ଥାନା ମଥୁରାପୁରସ୍ଥିତ ଏକ ପେଟ୍ରୋଲ ପମ୍ପ ପାଖରେ କିଛି ସମୟ ପାଇଁ ରହିଥିଲେ । ଏହି ସମୟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସେଠାରେ ସନ୍ଦେହ ହେବାରୁ ଗାଡ଼ିର କାଗଜପତ୍ର ଓ କୋଇଲାର ଚାଲାଣ ରସିଦ ମଙ୍ଗୁଲୁକୁ ମାଗିଥିଲେ । କିନ୍ତୁ ସେ କୌଣସି କାଗଜପତ୍ର ଦେଖାଇପାରି ନ ଥିବାରୁ ପୋଲିସ ଗିରଫ କରିଥିଲା । ପରେ ଟ୍ରକକୁ ଜବତ କରି ଥାନାରେ ରଖାଯାଇ ୧୦୬/୧୯ନଂ.ରେ ଏକ ମାମଲା ରୁଜୁ କରିବା ସହ ଟ୍ରକରେ ଥିବା ୧୬ଟନ କୋଇଲାକୁ ଜବତ କରିଛି ।

## ରାଣୀ ଶୁକଦେଈଙ୍କ ବୀରତ୍ୱ ସମ୍ପର୍କିତ ଆଲୋଚନାଚକ୍ର

**ବାଙ୍କୀ,୧୬।୯(ସ୍ୱ.ପ୍ର)**



ଆଲୋଚନାଚକ୍ରରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ବାଙ୍କୀ ମହୋତ୍ସବ ତରଫରୁ ସୋମବାର ଶୁକଦେଈଙ୍କ ବୀରତ୍ୱ ଓ ଉଦାରତା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଣୀ ଶୁକଦେଈ ମହିଳା କଲେଜରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଙ୍କୀ ମହୋତ୍ସବର ସାଧାରଣ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ ସାଭପତିତ୍ୱ କରିଥିଲେ । ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ମୁଖ୍ୟ ଅତିଥିଭାବରେ ଯୋଗଦେଇ ରାଣୀ ଶୁକଦେଈ କିପରି ନିଜ ସ୍ୱାମୀଙ୍କ ହତ୍ୟାକାରୀ ଖୋର୍ଦ୍ଧା ରାଜାଙ୍କୁ କ୍ଷମାପ୍ରଦାନ କରି ସମାଜରେ ଏକ ଆଦର୍ଶ ସୃଷ୍ଟି କରିପାରିଥିଲେ ତାଉପରେ ମତବ୍ୟକ୍ତ କରିଥିଲେ । କଲେଜର ବରିଷ୍ଠ ଅଧ୍ୟାପିକା ଡ.ବନାନୀ ପଟ୍ଟନାୟକ ମୁଖ୍ୟ ବକ୍ତା ଓ ଅଧ୍ୟାପିକା ସୁଧାଂଶୁ ମାଳି ଦେବତା ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ଆଲୋଚନା ଚକ୍ରରେ ବିଭିନ୍ନ କଲେଜର ୨୫ଜଣ ଛାତ୍ରୀଛାତ୍ର ସନ୍ଦର୍ଭ ପାଠ କରିଥିଲେ । ସେମାନଙ୍କ ମଧ୍ୟରୁ ରାଣୀ ଶୁକଦେଈ ମହିଳା କଲେଜର ଛାତ୍ରୀ ସୁପ୍ରିୟା ସାହୁ ପ୍ରଥମ, ହିମାଦ୍ରି ତନୟା ଜେନା ୩ୟ ସ୍ଥାନ ହାସଲ କରିଥିବା ବେଳେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଁ ଈଶ୍ୱରୀ ମହାପାତ୍ର ୨ୟ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ବାଙ୍କୀ ମହୋତ୍ସବରେ ପୁରସ୍କୃତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ବିଚାରକ ଭାବରେ ସାହିତ୍ୟିକ ପବନୀ ଜେନା ଓ କବି ରବିନାରାୟଣ ମଙ୍ଗରାଜ ଯୋଗ ଦେଇଥିଲେ । ସଂଯୋଜକ କାହ୍ନୁଚରଣ ନାୟକ ଧନ୍ୟବାଦ ଦେଇଥିଲେ ।

# ଜିଲାପାଳଙ୍କ ଜନଶୁଣାଣିରେ ୨୬୫ ଅଭିଯୋଗ

**ବାଙ୍କୀ,୧୬।୯(ସ୍ୱ.ପ୍ର)**



ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

ବାଙ୍କୀ ଏନ୍‌ଏସିର ବାତ୍ୟା ଆଶ୍ରୟସ୍ଥଳୀରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କଟକ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଏହି ଶିବିରରେ ଯୋଗଦେଇ ସରକାରୀ କାର୍ଯ୍ୟଗୁଡ଼ିକୁ ସରଳ କରି ପ୍ରଶାସନିକ କାର୍ଯ୍ୟକୁ ଅଧିକ ଲୋକାଭିମୁଖୀ କରିବା ଏହି ଅଭିଯୋଗ ଶୁଣାଣିର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଶିବିରରେ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା । ଏହାଛଡ଼ା ଆବାସିକ ଯୋଜନା, ଗ୍ରାମ୍ୟ ପାନୀୟ ଜଳ, ନଳକୂପ ସ୍ଥାପନ , ବିଦ୍ୟୁତ୍ ଯୋଗାଣ, ରାସ୍ତା ନିର୍ମାଣ, ରାଶନ୍ କାର୍ଡ, ଡାକ୍ତରଖାନାରେ ଡାକ୍ତର ନ ଥିବା, ମହାନଦୀ ବନ୍ଧ ସୁଦୃଢ଼ କରିବା, ଦିବ୍ୟାଙ୍ଗମାନଙ୍କୁ ଭତ୍ତା,ଫନୀ ବାତ୍ୟା, ବନ୍ୟା ସମ୍ପର୍କିତ ଅଭିଯୋଗଗୁଡିକର ଶୁଣାଣି କରାଯାଇ ଥିଲା । ଏହି ଅବସରରେ ସମୁଦାୟ ୨୬୫ ଅଭିଯୋଗର ଶୁଣାଣି କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଲିପଡ଼ା ପଞ୍ଚାୟତରେ ବ୍ୟାପକ ଧାନଫସଲ କ୍ଷତି ହେଉଥିବା ନେଇ ଉତ୍କଳମନ୍ତ୍ରୀ ଓ ଶରତ ମନ୍ତ୍ରୀଙ୍କ ନେତୃତ୍ୱରେ ଅନେକ ଚାଷୀ ପଚା ଧାନ ଆଣି ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟଙ୍କୁ ଦେଖାଇ କ୍ଷତିପୂରଣ ଦାବି କରିଥିଲେ । ଗୋଳାଗଣ୍ଡ ପଞ୍ଚାୟତର ସରପଞ୍ଚ ସୁଜାତା ଲକ୍ଷ୍ମୀ ବଳିୟାର ସିଂ ପଞ୍ଚାୟତରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଲାଗି ଦାବି କରିବା ସହ ସାଁପୁର ଦଳ, ସାଁପୁର ପାଟଣା, ଅନ୍ଧାରୁଆ ଓ ଗୋଳଗଣ୍ଡ ଗ୍ରାମକୁ ପିଇବା ପାଣି ଯୋଗାଇଦେବା ଲାଗି ସ୍ମାରକ ପତ୍ର ପ୍ରଦାନ କରିଥିଲେ ।

ଶିବିରରେ ବାଙ୍କୀ ତହସିଲଦାର ପଦ୍ମ ଲୋଚନ ସାହୁ, ଡମପଡ଼ା ତହସିଲଦାର ଇନ୍ଦିରା ସାହୁ, କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ୍ ଅବଦୁଲ୍ ଅବଜାଦ୍, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



# ପ୍ରକାଶଙ୍କ ଗିରଫକୁ ନେଇ ଦ୍ୱନ୍ଦ୍ୱ

## ୨ ଜିଲା ପୋଲିସ ତଥ୍ୟରେ ରହୁନି ତାଳମେଳ

**ଖୋର୍ଦ୍ଧା ଅଫିସ,୧୬ା୯**

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ନିୟୁ ମେଡିକାଲ ରୋଡରୁ ବ୍ରାଉନସୁଗାର ବ୍ୟବସାୟୀ ମୁନା ଓରଫ ପ୍ରକାଶ ନାୟକ(୪୦)ଙ୍କୁ ସୋମବାର ଗିରଫ କରିଛି ନାଁ ରବିବାର ଗିରଫ କରିଛି ସେ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ବାଲେଶ୍ୱର ଏସ୍‌ପିଙ୍କ ସୂଚନା ଅନୁସାରେ, ବାଲେଶ୍ୱର ପୋଲିସ ତତ୍ତ୍ୱାବଧାନରେ ଖୋର୍ଦ୍ଧା ପୋଲିସ ମୁନାଙ୍କୁ ରବିବାର ଗିରଫ କରିଥିବା କହିଥିଲେ। ଯାହାକି ବିଭିନ୍ନ ଗଣମାଧ୍ୟମରେ ସୋମବାର ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମୁନାଙ୍କୁ ସୋମବାର ଗିରଫ କରାଯାଇଥିବା ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ମୁନାର ଗିରଫଦାରିକୁ ନେଇ କିଏ ସତ କହୁଛି ତାହା ତଦନ୍ତ ସାପେକ୍ଷ।

### ମୁନାଙ୍କ କାରବାର ନେଇ ପୋଲିସ ଅନ୍ଧାରରେ

ମୁନା ନିୟୁ ମେଡିକାଲ ରୋଡରେ ବ୍ରାଉନସୁଗାର ଓ ଖଣି ବ୍ୟବାୟ କରୁଥିଲେ। କେତେଜଣ ଯୁବକଙ୍କୁ ମଧ୍ୟ ବ୍ରାଉନସୁଗାର ବ୍ୟବସାୟରେ ନିୟୋଜିତ କରିଥିଲେ। ଏସଟିଏଫ୍‌ର ଚଢ଼ାଉ ପରେ ଖଣି କାରବାର ବନ୍ଦ ହୋଇଯିବାରୁ ବ୍ରାଉନସୁଗାର କାରବାରକୁ ଆଦରି ନେଇଥିଲେ। ବାଲେଶ୍ୱରରେ ଦୁଇ ସହଯୋଗୀ ଧରାପଡିବା ପରେ ମୁନାର ଗୁମର ଖୋଲିଯାଇଥିବା ଜଣେ ବ୍ରାଉନସୁଗାର ବ୍ୟବସାୟୀ କହିଛନ୍ତି। ଅନ୍ୟପକ୍ଷରେ ମୁନାଙ୍କ ନାଁ ରେ ପୂର୍ବରୁ ୫ଟି ମାମଲା ଥିବାରୁ ଖୋର୍ଦ୍ଧା ପୋଲିସ ଚଢ଼ାଉ କରି ବ୍ରାଉନସୁଗାର ରୂପ ଦେଇ ବାହାବା ନେବାକୁ ଉଦ୍ୟମ କରୁଛି ବୋଲି ଚର୍ଚ୍ଚା ହେଉଛି।

### ପୋଲିସର ଅପରେଶନ କ୍ଲିନ ତ୍ୱରାନ୍ୱିତ

କିଛି ଦିନର ନୀରବତା ପରେ ପୁଣି ପୋଲିସ ଅପରେଶନ କ୍ଲିନ୍‌କୁ ତ୍ୱରାନ୍ୱିତ କରିଛି। ଏସପି ଅମୁଲ୍ୟ ଦାସ ଅବସର ନେବା ପରେ ଅପରେଶନ କ୍ଲିନ ଶୀତଳ ଭଣ୍ଡାରକୁ ଚାଲିଯାଇଥିଲା। ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁ କାର୍ଯ୍ୟରେ ଯୋଗଦେବା ପରେ ମଧ୍ୟ ଅପରେଶନ କ୍ଲିନ ଅଣଦେଖା ହୋଇ ରହି ଯାଇଥିଲା। ତେବେ ବାଲେଶ୍ୱର ବ୍ରାଉନସୁଗାର ଜବତ ଘଟଣା ଅପରେଶନ କ୍ଲିନ୍‌କୁ ପୁର୍ନଜିବୀତ କରିଛି ବୋଲି ଚର୍ଚ୍ଚା ହେଉଛି।

### ଅବାଧରେ ବ୍ରାଉନସୁଗାର କାରବାର

ବ୍ରାଉନସୁଗାର କାରବାର ଖୋର୍ଦ୍ଧା ସହରରେ ପୂର୍ବବତ ଚାଲୁ ରହିଛି। ବଢ଼ିବା ସତ୍ତ୍ୱେ କମି ନାହିଁ। କିନ୍ତୁ କେତେଜଣ ପୁରୁଣା ବ୍ୟବସାୟୀ ଜେଲରେ ଥିବାରୁ ନବାଗତ ବ୍ୟବସାୟୀଙ୍କୁ ଦେଖିବାକୁ ମିଳୁଛି। ପୋଲିସ ଯେପରି ଚୁପ୍ ରହିଥିଲା ଏବେ ବି ଚୁପ ରହିଛି। ଏ ନେଇ ଆଇଆଇସି ଉମା ପ୍ରସାଦ ସିଂ ଓ ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କୁ କୁହନ୍ତି, ଅପରେଶନ କ୍ଲିନ୍ ନିଶା କାରବାରକୁ ମୂଳପୋଛ କରିଦେବ।

## ଜେଲ ଗଲେ ବ୍ରାଉନସୁଗାର ବ୍ୟବସାୟୀ

**ଖୋର୍ଦ୍ଧା ଅଫିସ:**



ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସୋମବାର ବ୍ୟବସାୟୀ ପ୍ରକାଶ ନାୟକ ଓରଫ ମୁନାଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖୋର୍ଦ୍ଧା ସବଜେଲକୁ ପଠାଇଦିଆଯାଇଛି। ତାଙ୍କ ଠାରୁ ୧୬.୬୦୦ଗ୍ରାମ ବ୍ରାଉନସୁଗାର, ୩୦ହଜାର ୨ଶହ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ବାଲେଶ୍ୱରରେ ଜବତ ହୋଇଥିବା ବ୍ରାଉନସୁଗାର ଘଟଣାରେ ଅଭିଯୁକ୍ତଙ୍କ ସମ୍ପୃକ୍ତ ଥିବା ଖୋର୍ଦ୍ଧା ଏସ୍‌ଡିପିଓ ସଶୀଲ ମିଶ୍ର ସୋମବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରକାଶ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସକୁ ଖବର ମିଳିଥିଲା। ବିଭିନ୍ନ ସମୟରେ ତାଙ୍କ ଘରେ ଚଢ଼ାଉ କରାଯାଇଥିଲେ ମଧ୍ୟ ସେ ଖସି ପଳାଉଥିଲେ। ସୋମବାର ନିୟୁ ମେଡିକାଲ ରୋଡରେ ବ୍ରାଉନସୁଗାର ବିକ୍ରି କରୁଥିବା ଖବରପାଇ ପୋଲିସ ତାଙ୍କୁ ଧରିଥିଲା। ପ୍ରକାଶଙ୍କ ନାଁରେ ଖୋର୍ଦ୍ଧା ଆଦର୍ଶ ଥାନାରେ ୫ଟି ମାମଲା (ନଂ.୩୯୫/୧୪, ୧୮/୧୪, ୯୮/୧୪, ୨୪/୧୫, ୧୫୩/୧୫)ରହିଛି। ସୂଚନାଥାଉ କି, ଗତ ଶନିବାର ଅପରାହ୍ଣରେ ବାଲେଶ୍ୱରରୁ ୩ଜଣ ଗିରଫ ହୋଇଥିବାବେଳେ ୩୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଓ ୯ଲକ୍ଷ ୪୪ ହଜାର ୮୦ଟଙ୍କା ଜବତ ହୋଇଥିଲା। ଏହି ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜାଗୁଳେଇପାଟଣାର ଭବାନୀ ପ୍ରସାଦ ସ୍ୱାଇଁ, କୁମ୍ଭିଲୋର ପୀତବାସ ରଣାଙ୍କ ସୂଚନା ଆଧାରରେ ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରାଯାଇଛି।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ

**ବେଗୁନିଆ, ୧୬ା୯(ଡି.ଏନ.ଏ):** ବେଗୁନିଆ ଥାନା ଅଞ୍ଚଳରେ ଜଣେ ୧୨ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ୧୪ତାରିଖରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କ ଶରୀର ଅସୁସ୍ଥ ଥିବାରୁ ସ୍କୁଲ ପିଅନ ତାଙ୍କ ଘରକୁ ଔଷଧ ଦେବାକୁ ଆସିଥିଲେ। ସେ ଘରେ ଏକୁଟିଆ ଥିବା ବେଳେ ପିଅନଜଣକ ତାଙ୍କୁ ଅସଦାଚରଣ କରିଥିଲେ। ଘଟଣା ସଂକ୍ରାନ୍ତରେ ଛାତ୍ରୀଜଣକ ଘରେ କହିବା ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଲୋକେ ସମ୍ପୃକ୍ତ ପିଅନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଅନ୍ୟପକ୍ଷରେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି।

### ଖାଲି ଗ୍ୟାସ ସିଲିଣ୍ଡର ବୋଝେଇ ଗାଡ଼ି ଜବତ

**ଖୋର୍ଦ୍ଧା ଅଫିସ,୧୬ା୯:** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ସୋମବାର ହଳଦିଆ ଜଙ୍ଗଲରୁ ଏକ ଖାଲି ଗ୍ୟାସ ସିଲିଣ୍ଡର ବୋଝେଇ ଗାଡ଼ିକୁ ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ଜଟଣୀ ଥାନା ଅନ୍ତର୍ଗତ ତରାବୋଇରୁ ଏକ ଗାଡି ୨୮ଟି ଖାଲି ସିଲିଣ୍ଡର ମୁକୁନ୍ଦପ୍ରସାଦ ଡିପୋକୁ ନେଇ ଯାଉଥିଲା। ମୁକୁନ୍ଦପ୍ରସାଦ ନିକଟରେ ଡ୍ରାଇଭରକୁ ଓହ୍ଲାଇ ୨ଜଣ ଲୁଟେରା ଖାଲି ଗ୍ୟାସ ସିଲିଣ୍ଡରକୁ ନେଇ ପଳାଇଥିଲେ। ତରାବୋଇର ଦନାର୍ଦ୍ଦନ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୦୪/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ମଦ ଦୋକାନ ସମ୍ମୁଖରେ ହେବନି ଗହଳି

**ଖୋର୍ଦ୍ଧା ଅଫିସ,୧୬ା୯:** ଅବାଧରେ ଚାଲିଛି ମଦ୍ୟପାନ। ମଦ ଦୋକାନ ସମ୍ମୁଖରେ ଗହଳି ଯୋଗୁ ଟ୍ରାଫିକ ଜାମ ହେଉଛି। ଏହାକୁ ଦୃଷ୍ଟିରେ ରଖି ଏସପି ଅଜୟ ପ୍ରସାଦ ସ୍ୱାଇଁ ମଦ ଦୋକାନ ସମ୍ମୁଖରେ ଗହଳି ନ ରିକାବୁ ପରାମର୍ଶ ଦେଇଛନ୍ତି। ଏପରିକି ଧରପଗଡ କରିବାକୁ ନିର୍ଦ୍ଦେଶ ଦେବା ପରେ ପୋଲିସର ତତ୍ପରତା ଦେଖାଦେଇଛି। ସୋମବାର ଚଢ଼ାଉ ପରେ ସାମନ୍ତରାପୁର ଓ ଏଲ୍‌ଆଇସି ଅଫିସ ନିକଟରେ ଥିବା ମଦ ଦୋକାନ ସମ୍ମୁଖରୁ ଦାକାନ ହଟିଛି।

### ଟ୍ରକ୍ ଚାଳକ ଗିରଫ

**ଯାଁଳା, ୧୬ା୯(ଡି.ଏନ.ଏ):** ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ପୋଷ୍ଟ ଅଫିସ ଛକ ନିକଟରେ ଗତ ୧୪ ତାରିଖରେ ଟ୍ରକ୍ ଦୁର୍ଘଟଣାରେ ଦୀପକ କୁମାର ଦାସଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ସୋମବାର ଟ୍ରକ୍ ଚାଳକ କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ପଙ୍କାଲ ଗ୍ରାମର ମୃତ୍ୟୁଞ୍ଜୟ ସୁବୁଦ୍ଧିଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛି। ଏ ନେଇ ଥାନାରେ ଏକ ମାମଲା (ନଂ.୩୪୯/୧୯) ରୁଜୁ ହୋଇଛି।

### ଭାଜପାର ସେବା ସପ୍ତାହ

**ଖୋର୍ଦ୍ଧା ଅଫିସ,୧୬ା୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ କରାଯାଉଛି। ଏ ନେଇ ନରଣଗଡ ପଞ୍ଚାୟତର କୁରୁମପଡାସ୍ଥିତ ଆଶ କିରଣର ଅନ୍ତେବାସୀଙ୍କୁ ଭାଜପା ନେତା କାଳୁ ଚରଣ ଖଣ୍ଡେଇତ ରାୟ ଫଳ ବଣ୍ଟନ କରିଥିଲେ।

## ରାଜପଥରେ ଜୀବଜନ୍ତୁଙ୍କ ମୃତଦେହ, ଦୁର୍ଘଟଣା ଆଶଙ୍କା

**ନିରାକାରପୁର,୧୬ା୯(ଡି.ଏନ.ଏ.)**

ରାଜପଥ ସଫା ରଖିବା ଦାୟିତ୍ୱରେ ସରକାରଙ୍କ ବିଭିନ୍ନ ସଂସ୍ଥା ରହିଛି। ହେଲେ ଉକ୍ତ ସଂସ୍ଥା ସେମାନଙ୍କ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବାରୁ ରାଜରାସ୍ତାରେ ଜୀବଜନ୍ତୁଙ୍କ ଗଳିତ ଶବ ଦୀର୍ଘଦିନ ଧରି ପଡିରହୁଛି। ଏହା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବାବେଳେ ଦୁର୍ଘଟଣା ଘଟିବା ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ଘଟଣା ଖୋର୍ଦ୍ଧା ଜିଲାଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥରେ ନିୟମିତ ଦେଖିବାକୁ ମିଳୁଛି। ବିଶେଷ କରି ଟାଙ୍ଗୀଠାରୁ ଜଙ୍କିଆ ମଧ୍ୟରେ ଏହା ଅଧିକ ଦେଖାଯାଉଛି। ସୂଚନାଯୋଗ୍ୟ ରାଜପଥ ମଧ୍ୟଭାଗରେ ବିଭିନ୍ନ ପ୍ରକାର ଫୁଲ ଓ ଅନ୍ୟାନ୍ୟ ଗଛ ଲଗାଯାଇଛି। ହେଲେ ଏହା ଚାରିପାଖ ନିୟମିତ ସଫା କରାଯାଉନି। ଫଳରେ ଉକ୍ତ ସ୍ଥାନ ଅନାବନା ଘାଷରେ ପରିପୂର୍ଣ୍ଣ ହୋଇରହୁଛି। ଏହା ଖାଇବାକୁ ଯାଉଥିବା ଗୋରୁ ଗାଡିମୋଟର ଧକ୍କାରେ ମୃତ୍ୟୁମୁଖରେ ପଡୁଛନ୍ତି। ପୁଣି ଉକ୍ତ ମୃତ ଗୋରୁଙ୍କୁ ଖାଇବାକୁ ଯାଇ ବୁଲା କୁକୁର ମଧ୍ୟ ଗାଡି ଧକ୍କାରେ ମରୁଛନ୍ତି । ଏହା ଦୀର୍ଘଦିନ ଧରି ପଡିରହୁଥିବାରୁ ରାତିରେ ଠିକ୍ ଭାବେ ଦେଖି ନ ପାରି ଅନେକ ଗାଡି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୋଲିସକୁ ଅଭିଯୋଗ କଲେ ତାହା ଆମ କାମ ନୁହେଁ ବୋଲି ମତ ଦେଇଥିଲେ।



ଭାରତୀୟ ବିଦ୍ୟାଭବନସ୍ଥିତ ମୁନ୍‌ସୀ ହଲ୍‌ରେ ଯାଦୁଗର ମହେନ୍ଦ୍ର ହରିଚନ୍ଦନ ମ୍ୟାଜିକ୍ ଦେଖାଉଛନ୍ତି।

## ଲୁପ୍ତପ୍ରାୟ ଲୋକକଳାର ୮୦ତମ ସନ୍ଧ୍ୟାରେ ମ୍ୟାଜିକ ଶୋ

**ଭୁବନେଶ୍ୱର,୧୬ା୯(ବ୍ୟୁରୋ)**

ଭାରତରେ ଯାଦୁ ବିଦ୍ୟାର ପ୍ରଭାବ କମିବାରେ ଲାଗିଛି। ଏହି ପ୍ରାଚୀନ ଶୈଳୀକୁ ଆଜି ପର୍ଯ୍ୟନ୍ତ ବଞ୍ଚାଇ ରଖିଥିବା ଯାଦୁଗରମାନେ ହେଉଛନ୍ତି ପିଏଲ, ସୁନ୍ଦରକା, ପି. ଭାସ୍କର, ମହେନ୍ଦ୍ର ହରିଚନ୍ଦନ ପ୍ରମୁଖ। ବୟସାଧିକ ସତ୍ତ୍ୱେ ମହେନ୍ଦ୍ର ସୋମବାର ଭାରତୀୟ ବିଦ୍ୟାଭବନସ୍ଥିତ ମୁନସି ହଲ୍‌ରେ ଯାଦୁକଳା ଦେଖାଇ ଉପସ୍ଥିତ ଦର୍ଶକଙ୍କୁ ଯାଦୁ ଦୁନିଆରେ ଛନ୍ଦି ଦେଇଛନ୍ତି। ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ ଫାଉଣ୍ଡେଶନର ମିଳିତ ସହଯୋଗରେ ଆୟୋଜିତ ଲୁପ୍ତପ୍ରାୟ କଳାର ୮୦ତମ ସନ୍ଧ୍ୟା 'ମ୍ୟାଜିକ୍ ଶୋ'ରେ ଏହି ଯାଦୁବିଦ୍ୟା ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଭବନ ମୁଖ୍ୟ ଏସ.କେ ତୋମାଟିଆ, ଦୁର୍ଗାଚରଣ, କନୋନେଲ ପି.କେ ସାହୁ, ମନ୍ମଥ ଶତପଥୀ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଉପସ୍ଥିତ ଦର୍ଶକ ମହେନ୍ଦ୍ରଙ୍କ ମ୍ୟାଜିକକୁ ବେଶ୍ ଉପଭୋଗ କରିଥିଲେ।

## ଇଞ୍ଜିନିୟର ଦେଶ ଗଠନର ବିଶ୍ୱକର୍ମା

**ଭୁବନେଶ୍ୱର ୧୬ା୯(ବ୍ୟୁରୋ)**

ଓଡ଼ିଶା ବିପିୟୁଟି ଛାତ୍ର ସଂଘ ତରଫରୁ ସୋମବାର ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଇଞ୍ଜିନିୟର୍ସ ଦିବସ ପାଳନ କରାଯିବା ସହ ସଂଘର ଦ୍ୱାଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୨୦୧୯-୨୦ ବର୍ଷ ପାଇଁ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ବିଶାଳ ବିପିୟୁଟି ଛାତ୍ର ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଇଞ୍ଜିନିୟରମାନେ ରାଜ୍ୟ ଓ ଦେଶ ଗଠନରେ ଜଣେ ଜଣେ ବିଶ୍ୱକର୍ମା ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଦେଶ ଗଠନରେ ଇଞ୍ଜିନିୟରମାନଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଇଞ୍ଜିନିୟରମାନେ ଏକାଠି ହୋଇ କାର୍ଯ୍ୟ କଲେ ଇଞ୍ଜିନିୟରିଂ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ହାଉସିଂବୋର୍ଡ଼ର ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର ଚାକରି ପଛରେ ନ ଗୋଡ଼ାଇ ମେକ୍ ଇନ୍ ଓଡ଼ିଶା ମାଧ୍ୟମରେ ନିଜେ ଜଣେ ଉଦ୍ୟୋଗୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳର ସଭାପତି ଅମରେଶ ପତ୍ରି, ବିଜୁ ଛାତ୍ର ଜନତା ଦଳର ସଭାପତି ରାଣା ପ୍ରତାପ, ଅକ୍ସଫୋର୍ଡ଼ ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଅନୁମାଧବ ପଣ୍ଡା, ବିପିୟୁଟି ଛାତ୍ରସଂଘର ମୁଖ୍ୟ ଉପଦେଷ୍ଟା ପାର୍ଥସାରଥୀ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ସଂଗଠକ ଶକ୍ତିପ୍ରସାଦ ରଥ ସଭାପିତ୍ୱ କରିଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ ସାଇ ନାରାୟଣ ବେହେରା। ପୂର୍ବତନ ସଭାପତି ସଂସଦ କୁମାର ନାୟକ, ସୁନିଲ୍ ମହାପାତ୍ର, ଅନମୋଲ କୁମାର, ମିଳନ ସାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ଆକ୍ରମଣ

**ଭୁବନେଶ୍ୱର,୧୬ା୯(ବ୍ୟୁରୋ)**

ଖାରବେଳ ନଗର ଥାନା ଅଞ୍ଚଳରେ ଜଣେ ନାବଳିକାଙ୍କୁ ଏକ ତରଫା ପ୍ରେମ କରୁଥିବା ଯୁବକ ବ୍ଲେଡରେ ଆକ୍ରମଣ କରିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୂଚନା ମୁତାବକ, ସୋମବାର ସନ୍ଧ୍ୟାବେଳେ ନାବାଳିକା ଜଣଙ୍କ ଟିଉଶନରୁ ଫେରିବାବେଳେ ଯୁବକ ଜଣଙ୍କ ତାଙ୍କୁ ଅଟକାଇ କଥା ହେବାକୁ ଚେଷ୍ଟା କରିଥିଲେ। ଯୁବତୀ ଜଣଙ୍କ ନ ରହି ଚାଲିଯିବାରୁ ଯୁବକ ଜଣକ ରାଗି ଯୁବତୀଙ୍କ ହାତକୁ ବ୍ଲେଡରେ ଆକ୍ରମଣ କରିଥିଲେ। ଯୁବତୀ ଜଣକ ଚିତ୍କାର କରିବାରୁ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ଘଟଣା ଉପରେ ପୋଲିସ ନଜର ରଖିଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

## ନିଶା ନିବାରଣ ହିଁ ଗାନ୍ଧୀଙ୍କ ପ୍ରତି ଯଥାର୍ଥ ସମ୍ମାନ

**ଭୁବନେଶ୍ୱର, ୧୬ା୯(ବ୍ୟୁରୋ)**

ବିଶାଳ ମୂର୍ତ୍ତି ନୁହେଁ, ନିଶା ନିବାରଣ ହିଁ ଗାନ୍ଧିଜୀଙ୍କ ପ୍ରତି ଯଥାର୍ଥ ସମ୍ମାନ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଏହି ମନ୍ତବ୍ୟ ଦେଇଛନ୍ତି। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସରକାର ଭୁବନେଶ୍ୱରରେ ବିରାଟ ମୂର୍ତ୍ତି ନିର୍ମାଣ କରିବା ଯୋଜନାକୁ ବିରୋଧ କରି ଏକ ପ୍ରେସ ସୂଚନା ଦେଇଛନ୍ତି ପଦ୍ମଚରଣ। ସେ ଉଲ୍ଲେଖ କରିଛନ୍ତି ଯେ, ଜୟନ୍ତୀ ପାଳନ ଲାଗି ରାଜ୍ୟ ସରକାର ଗଢ଼ିଥିବା ୩୫ ଜଣିଆ କମିଟିରୁ ସେ ଓହରି ଯାଇଛନ୍ତି। ଓହରି ଯିବାର କାରଣ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଭିତରେ ନିଶା ନିବାରଣ ନ ଥିବା ଦର୍ଶାଇଛନ୍ତି। ପଦ୍ମଚରଣ କହିଛନ୍ତି ଯେ, ଅହିଂସା ଶବ୍ଦ ଯୋଡିଲେ ହିଂସା କମିଯିବନି। ରାଜ୍ୟରେ ଆସନ୍ତା ବର୍ଷ ଏପ୍ରିଲରୁ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କଲେ ତାହା ହିଁ ଗାନ୍ଧିଜୀଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ହେବ।

## କାର୍ଯ୍ୟ ନ ସରୁଣୁ ଗଳିପଡ଼ିଲା ସ୍ଲାବ୍



ଗଳିପଡ଼ିଥିବା ସ୍ଲାବ୍।

**ବେଗୁନିଆ, ୧୬ା୯(ଡି.ଏନ.ଏ)**

ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ଡ୍ରେନ ନିମ୍ନମାନର ଓ ନିମୟ ଅନୁଯାୟୀ କରାଯାଉ ନ ଥିବା ଅଭିଯୋଗର ସତ୍ୟତା ସୋମବାର ଜଣାପଡିଛି। କାର୍ଯ୍ୟ ସରିବା ପୂର୍ବରୁ ପଡିଥିବା ସ୍ଲାବ୍ ଗଳି ପଡିଛି। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କାମ କରୁଥିବା ଠିକାଦାରଙ୍କ ମୋରମ ବୋଝେଇ ଗାଡି ଯାଉଥିବା ବେଳେ ଏହି ଢଳେଇ ଗଳି ପଡିଥିବା କୁହାଯାଉଛି। ସୂଚନାଥାଉକି, ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଦୁଇ ଲେନ ପରିଣତ ପାଇଁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ବେଗୁନିଆ ବଜାର ଦେଇ ଯାଇଥିବା ଏହି ରାଜପଥର ଉଭୟ ପାର୍ଶ୍ୱରେ ବ୍ଲକ ଛକ ଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଚାଲୁ ରହିଛି। କାର୍ଯ୍ୟ ଆରମ୍ଭରୁ ନିମ୍ନମାନ ଓ ନିୟମ ଅନୁଯାୟୀ କରାଯାଉ ନ ଥିବା ଅଭିଯୋଗ ସହ ରାସ୍ତାରୋକୋ ହୋଇଥିଲା। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ଡ୍ରେନର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**କୃଷ୍ଣପ୍ରସାଦ,୧୬ା୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକ ପରିସରରେ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏହି ଅବସରରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝୀ,ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହ,ଜିଲାପରିଷଦ ସଭ୍ୟ ବନ୍ଦନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିବା ବେଳେ ୨୧ ପଞ୍ଚାୟତର ୩୨୫ ଜଣ ହିତାଧିକାରୀଙ୍କୁ ବିଧାୟକ,ଅଧ୍ୟକ୍ଷା,ଜିଲାପରିଷଦ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ସମସ୍ତ ଗରିବ ପରିବାରକୁ ବାସଗୃହ ଖୁବଶୀଘ୍ର ଯୋଗାଇ ଦିଆଯିବ ବୋଲି ବିଧାୟକ ମହାପାତ୍ର ପ୍ରକାଶ କରିଥିଲେ ।

## ପୂର୍ବତଟ ରେଳପଥର ସ୍ୱଚ୍ଛତା ପଖୱାଡା

**ଭୁବନେଶ୍ୱର,୧୬ା୯(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଦିବସକୁ ସ୍ମରଣୀୟ କରିବା ପାଇଁ ଭାରତୀୟ ରେଳ ଦେଶ ସାରା ୧୧ ସେପ୍ଟେମ୍ବରରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ପଖୱାଡା ପାଳନ କରୁଛି। ପୂର୍ବତଟ ରେଳପଥ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଜୋରଦାର କରାଯାଉଛି। ସୋମବାର ସକାଳେ ରେଲୱେ ଷ୍ଟାଡିୟମଠାରେ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ରେଳ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ, ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ଏକ ଶପଥ ପାଠ କରାଇଛନ୍ତି। ଏହି ଅବସରରେ ଭୂଷଣ କହିଛନ୍ତି, ପ୍ରତ୍ୟେକ ବର୍ଷକୁ ଶହେ ଘଣ୍ଟା ସ୍ୱଚ୍ଛତା ପ୍ରତି ସମୟ ଦେବା ଆବଶ୍ୟକ। ସକାଳେ ରେଳ ସଦନଠାରୁ ରେଳ ଅଡିଟୋରିୟମ ପର୍ଯ୍ୟନ୍ତ ପ୍ରଭାତ ଫେରିରେ କର୍ମଚାରୀମାନେ ସ୍ୱଚ୍ଛତା ବିଷୟରେ ସଚେତନତା ବାର୍ତ୍ତା ଦେଇଛନ୍ତି। ସେଠାରେ ମହାପ୍ରବନ୍ଧକଙ୍କ ନେତୃତ୍ୱରେ କର୍ମଚାରୀମାନେ ଅଡିଟୋରିୟମ ପରିସର ଓ ଆଖପାଖ ସଫେଇ କରିଥିଲେ। ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷରେ ରେଳଯାତ୍ରୀ, ସହଭାଗୀମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ପେଣ୍ଟିଂ ଆଦି ପ୍ରତିଯୋଗିତା କରାଯାଉଛି। କର୍ମଚାରୀମାନଙ୍କୁ ରେଳ ପରିସରରେ ଯଥା ରେଳ ଧାରଣା, କାର୍ଯ୍ୟାଳୟ, ଜଳ ଯୋଗାଣ ସ୍ଥଳ, ଡିପୋ, ଟ୍ରେନ ଆଦି ସ୍ଥାନକୁ ପରିଷ୍କାର ରଖିବା ଲାଗି ପ୍ରବର୍ତ୍ତାଇବାକୁ କୁହାଯାଇଛି।




ପୂର୍ବତଟ ରେଳପଥ ପକ୍ଷରୁ ଚାରାରୋପଣ କରାଯାଉଛି।

## ରେଲୱେ ଅଞ୍ଚଳ ହେବ ପ୍ଲାଷ୍ଟିକମୁକ୍ତ

- କଟକ ଷ୍ଟେଶନରେ ସ୍ଥାପନ ହେବ ବାୟୋ ଗ୍ୟାସ୍‌ପ୍ଲାଣ୍ଟ
- ୧୭ରୁ 'ବ୍ୟାପକ ଶ୍ରମଦାନ' ସଚେତନତା କାର୍ଯ୍ୟକ୍ରମ

**ଜଟଣୀ, ୧୬ା୯(ଡି.ଏନ.ଏ)**

ଗାନ୍ଧୀ ଜୟନ୍ତୀରୁ ସମଗ୍ର ରେଲୱେ ଅଞ୍ଚଳରେ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରି ପ୍ଲାଷ୍ଟିକ ମୁକ୍ତ ରେଲୱେ ଅଞ୍ଚଳ କରାଯିବ। ଏଥିପାଇଁ ୧୭ ତାରିଖ ତଥା ମଙ୍ଗଳବାର ଠାରୁ 'ବ୍ୟାପକ ଶ୍ରମଦାନ' ନାମରେ ବିଭିନ୍ନ ଷ୍ଟେଶନ, ରେଲୱେ ଅଞ୍ଚଳ, ରେଳଧାରଣା ଓ ସଂଯୋଗ କରୁଥିବା ରାସ୍ତାକଡ଼ରେ ପଡ଼ିଥିବା ଅବ୍ୟବହୃତ ପ୍ଲାଷ୍ଟିକ ସଂଗ୍ରହ କରାଯିବା ସହ ସଚେତନତା କରାଯିବ। ଏଥିରେ ରେଲୱେ କର୍ମଚାରୀ, ସେମାନଙ୍କ ପରିବାର, ଅବସରପ୍ରାପ୍ତ ରେଳକର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଙ୍ଗଠନ, ରେଲୱେର ବିଭିନ୍ନ ଶ୍ରମିକ ସଙ୍ଗଠନଗୁଡ଼ିକୁ ସାମିଲ କରାଯିବ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧାରୋଡ଼ ରେଳଡିଭିଜନର ଡିଆର୍‌ଏମ୍ ଶଶିକାନ୍ତ ସିଂ କହିଛନ୍ତି। ଏହି ଶ୍ରମଦାନ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଓ ଅବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ ସହିତ ଷ୍ଟେଶନରେ ଭେଣ୍ଡରମାନଙ୍କୁ ଏ ନେଇ ସୂଚୀତ କରାଯିବ। ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା ଓ ପେପର ବ୍ୟାଗ ବ୍ୟବହାର କରିବାକୁ ପରାମର୍ଶ ଦିଆଯିବ। ଆବର୍ଜନା ଓ ପ୍ଲାଷ୍ଟିକ ସାମଗ୍ରୀର ସଠିକ୍ ପରିଚାଳନା ପାଇଁ କିପରି ବ୍ୟବସ୍ଥା ଗ୍ରହଣ କରାଯାଇଛି ସେ ନେଇ ସୂଚନା ଦେଇଥିଲେ। ଭୁବନେଶ୍ୱର ଓ ପୁରୀ କୋଚିଂ ଡିପୋରେ ବାୟୋ ଗ୍ୟାସ୍‌ପ୍ଲାଣ୍ଟ ସ୍ଥାପନ ହୋଇଥିବା ବେଳେ କଟକ ରେଲୱେ ଷ୍ଟେଶନରେ ଏହି ଗ୍ୟାସ୍‌ପ୍ଲାଣ୍ଟ ସ୍ଥାପନ କରାଯାଇ ଆବର୍ଜନାକୁ ଜୈବିକ ଖତରେ ପରିଣତ କରାଯିବ। ସେହିପରି ବ୍ୟବହୃତ ହେଉ ନ ଥିବା ପାଣିକୁ ପୁରୀ ଓ ଭୁବନେଶ୍ୱରରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ବ୍ୟବହାର ଉପଯୋଗୀ କରାଯିବ ବୋଲି ଡିଆର୍‌ଏମ୍ ସିଂ କହିଥିଲେ। ବାତ୍ୟା ଫନୀ ପରେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ବିଭିନ୍ନ ସ୍ଥାନରେ ୧ଲକ୍ଷ ୨୯ହଜାର ଚାରାରୋପଣ କରାଯାଇଛି।




ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।



ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ;
କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



## ସଂକ୍ଷେପରେ

### ବୁଲା ଗୋରୁଙ୍କୁ ନେଇ ବୈଠକ

**ପୁରୀ ଅଫିସ, ୧୬।୯:** ପୁରୀ ସହର ଏବଂ ପୁରୀକୁ ସଂଲଗ୍ନ କରୁଥିବା ମୁଖ୍ୟ ରାସ୍ତା ଗୁଡ଼ିକୁ ବୁଲା ଗୋରୁଙ୍କ କବଳରୁ ଅବରୋଧ ମୁକ୍ତ ଓ ସହରକୁ ପରିଷ୍କାର ରଖିବା ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ଏନେଇ ଏକ ବୈଠକ ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଗୋରୁଙ୍କୁ ରାତି ସମୟରେ ବାହାରକୁ ନ ଛାଡ଼ି ଗୁହାଳରେ ରଖିବା ପାଇଁ ବନ୍ଦୋବସ୍ତ କରିବାକୁ ଗୋପାଳକମାନଙ୍କୁ ପରାମର୍ଶ ଦିଆଯାଇଛି। ଏପରିକି କେତେକ ବେସରକାରୀ ଅନୁଷ୍ଠାନ ଆବଶ୍ୟକସ୍ଥଳେ ସେବା କରିବାକୁ ପ୍ରସ୍ତୁତ ଥିବା ଜଣାଇଥିଲେ। ବାରମ୍ବାର ପରାମର୍ଶ ସତ୍ତ୍ୱେ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ। ଏହି ବୈଠକରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ଦାଶ, ପଶୁ ଚିକିତ୍ସାଳୟ ଉପନିର୍ଦ୍ଦେଶକ ଡା.ପ୍ରଶାନ୍ତ ସ୍ୱାଇଁ, ନୋଡାଲ ଅଫିସର ଡା.ଆଲୋକ କୁମାର ମିଶ୍ର ଏବଂ ଗୋପାଳକମାନେ ଉପସ୍ଥିତ ଥିଲେ।

### ଚାଷୀଙ୍କୁ ମିଳିଲା କ୍ଷତିପୂରଣ

**କଣାସ, ୧୬।୯(ସ୍ୱ.ପ୍ର.):** ସାମୁଦ୍ରିକ ଝଡ ଫନୀରେ ପୁରୀ ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବାବେଳେ କଣାସ ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ହଜାର ହଜାର ବାସ ଗୃହ ଧରାଶାୟୀ ହୋଇଥିବାବେଳେ ଅର୍ଥ ପ୍ରଦାନକାରୀ ବୃକ୍ଷ ନଡିଆ, ଆମ୍ବ, କଦଳୀ, କାଜୁ ଏବଂ ଗୁଆଗଛ ନଷ୍ଟ ହୋଇଯାଇଥିଲା। ରାଜ୍ୟ ସରକାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେବାପରେ କଣାସ ବ୍ଲକ ସହାକରୀ ଉଦ୍ୟାନ କୃଷି ଅଧିକାରୀ ସୂଚନା ଦେଇଥିଲେ। କେତେକ ଟିମ୍ ଗଠନ କରି ୨୮ଟି ଗ୍ରାମପଞ୍ଚାୟତରେ ଭାଙ୍ଗିଥିବା ତାଲିକା ପ୍ରସ୍ତୁତ କରିଥିଲେ। ପ୍ରସ୍ତୁତ ତାଲିକାରୁ ଜଣାପଡିଛି ଯେ, ବ୍ଲକର ୫୮୨ ହେକ୍ଟରରେ ଥିବା ୩୫,୭୧୫ ନଡ଼ିଆଗଛ, ୯,୨୨୦ଆମ୍ବ ଗଛ, ୧୨,୩୭୪ କଦଳୀଗଛ, ୧,୬୭୦ଗୁଆ ଗଛ, ୧୧,୪୩ଟି କାଜୁଗଛ ନଷ୍ଟହୋଇଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ବର୍ତ୍ତମାନ ଗୋଟିଏ ନଡିଆଗଛ ପିଛା ୫୦୦ଟଙ୍କା ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଇଛି। ସମସ୍ତ ନଡିଆ ଗଛର କ୍ଷତିପୂରଣ ଦିଆଯିବା ପରେ କ୍ଷତିଗ୍ରସ୍ତ ହୋଇଥିବା ଆମ୍ବ, କଦଳୀ, ଗୁଆ, କାଜୁଗଛର ସରକାରୀ ସହାୟତା ପଠାଇଦିଆଯିବ ବୋଲି କଣାସ ସହକାରୀ ଉଦ୍ୟାନ ଅଧିକାରୀ ସୂଚନା ଦେଇଥିଲେ।

### ମୋଦିଙ୍କ ଜନ୍ମଦିନ ଆଜି ମାଗଣାରେ ଚା, ରସଗୋଲା ବାଣ୍ଟିବେ ଅକ୍ଷୟ

**ପୁରୀ ଅଫିସ, ୧୬।୯ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ଜନ୍ମଦିନ ମଙ୍ଗଳବାର ପାଳନ ହେବ। ଭାଜପା ପକ୍ଷରୁ ଏହି ଦିନକୁ ସେବା ସର୍ମପଣ ଦିବସ ଭାବେ ପାଳନ କରାଯିବ। ମୋଦିଙ୍କ ଫ୍ୟାନ ଭାବେ ପରିଚିତ ପୁରୀ ସହରର ଚା' ଦୋକାନୀ ଅକ୍ଷୟ ଜୟସିଂ ଏହିଦିନଠାରୁ ସପ୍ତାହେ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜନ୍ମଦିବସରେ ସେ ଚାରାରୋପଣ କରିବା ସହ ମାଗଣାରେ ରସଗୋଲା ବାଣ୍ଟିବେ। ସେହିପରି ନିଜ ଚା' ଦୋକାନରେ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଆୟୋଜନ ସହ ମାଗଣାରେ ଚା' ବାଣ୍ଟିବେ। ଗତ କିଛିବର୍ଷ ହେଲା ସେ ମୋଦିଙ୍କ ଜନ୍ମଦିବସକୁ ଧୁମଧାମରେ ପାଳନ କରିଆସୁଛନ୍ତି। ମୋଦିଙ୍କ ନିର୍ଭିକତା, ସଚ୍ଚୋଟତା, ନିଷ୍ଠାଭାବ ତାଙ୍କୁ ଅନୁପ୍ରାଣିତ କରିଛି।

### ବେଆଇନ ଭାବେ କାଠ କାଟି ବିକ୍ରି

**ପୁରୀ ଅଫିସ,୧୬।୯:** ବାଲିହରଚଣ୍ଡୀ ମନ୍ଦିର ଠାକୁରାଣୀ ଜମିରୁ ବେଆଇନ ଭାବେ ଗଛ କାଟି ବିକ୍ରି କରାଯାଉଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ସୋମବାର ଜିଲାପାଳ ବଲୱନ୍ତ ସିଂଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସେଥିରେ ଦର୍ଶାଯାଇଛି, ହରଚଣ୍ଡୀ ଠାକୁରାଣୀ ମନ୍ଦିର ବିଜେ ନରସିଂହପାଟଣା, ବ୍ରହ୍ମଗିରିଙ୍କ ୧୮ ଏକର ଜମିରେ ଥିବା ୩ ହଜାରରୁ ଉର୍ଦ୍ଧ୍ୱ ଝାଉଁ ଗଛ ଗତ ବାତ୍ୟାରେ ଭାଙ୍ଗିଯାଇଥିଲା। ସେଥିରୁ କେତେକ ଗଛ ଏବେ ବଞ୍ଚିଥିବାବେଳେ ତାହାକୁ କେତେଜଣ ମୁଷ୍ଟିମେୟ ଲୋକ ମନଇଚ୍ଛା କାଟି ବିକ୍ରି କରୁଛନ୍ତି। ଏବେ ସୁଦ୍ଧା ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ ବିକ୍ରି ସରିଥିବାବେଳେ ଲକ୍ଷାଧିକ ଟଙ୍କାର କାଠ କଟାଯାଇ ରଖାଯାଇଛି। କାଠ ବିକ୍ରି ବାବଦ ଅର୍ଥକୁ ତୋଷାରପାତ କରାଯାଉଥିବା ବେଳେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି।

# ଅନଭିଜ୍ଞ ଡ୍ରାଇଭରଙ୍କ ହାତରେ ଛାତ୍ରୀଛାତ୍ରଙ୍କ ଜୀବନ

■ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

■ଦୁଇ ଚକିଆ ଯାନ ଚେକିଂ କରି ବାହାବା ନେଉଛି ପୋଲିସ

ଗୋପ,୧୬।୯(ଡି.ଏନ.ଏ)

ଗୋପ ବ୍ଲକ୍‌ରେ ୫୦ରୁ ଅଧିକ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। କିନ୍ତୁ ଏହି ଶିକ୍ଷାନୁଷ୍ଠାନରେ ନିୟୋଜିତ ଗାଡ଼ିଗୁଡ଼ିକର ପ୍ରାୟ ଅନଭିଜ୍ଞ ଡ୍ରାଇଭର ଓ ବିନା କାଗଜପତ୍ରରେ ଗାଡ଼ି ଚାଲୁଥିବା ଦେଖିବାକୁ ମିଳୁଛି। ଯେହେତୁ ଏହି ଗାଡ଼ିଗୁଡିକରେ ଛାତ୍ରୀଛାତ୍ର ଯିବାଆସିବା କରୁଥିବାବେଳେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଆସୁଛି। ଏ ନେଇ ଅଭିଭାବକ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ନିକଟରେ ସରକାର ପରିବହନ ସଂଶୋଧନ ଆଇନ ଲାଗୁ କରିଥିବାବେଳେ ପୋଲିସ ଓ ପରିବହନ ବିଭାଗ କେବଳ ଦୁଇଚକିଆ ଯାନ ଚେକିଂ କରି ବାହାବା ନେଉଛି। ଏପରି କି କେତେକ ନାବାଳକ ମଧ୍ୟ ସ୍କୁଲ ଗାଡ଼ି ଚଳାଉଥିବା ଦେଖାଯାଉଥିବାବେଳେ ଫିଟ୍‌ନେସ୍ ପ୍ରମାଣପତ୍ର ନ ଥାଇ ମଧ୍ୟ ଗାଡ଼ି ଚାଲୁଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ ଘରୋଇ ସ୍କୁଲଗୁଡିକରେ ମିନିବସ୍ ନିୟୋଜିତ ଥିବାବେଳେ ବସ୍‌ରେ ପ୍ରାଥମିକ ଚିକିତ୍ସା ସୁବିଧା, ଅଭିଜ୍ଞ ଡ୍ରାଇଭର, ସ୍କୁଲ ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବେ ବସିବା ସୁବିଧା, ଜରୁରିକାଳୀନ ଡୋର ସମେତ ବିଭିନ୍ନ ସୁବିଧା ରହିବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ଏହି ବ୍ଲକ୍‌ରେ ୯୫ ପ୍ରତିଶତ ଘରୋଇ ସ୍କୁଲରେ ବେଆଇନ ଭାବେ ଟାଟା ମ୍ୟାଜିକ୍, ଅଟୋ ଆଦି ନିୟୋଜିତ କରାଯାଇ ଛାତ୍ରୀଛାତ୍ରଙ୍କୁ ନିଆଯାଉଛି। ଏ ନେଇ ଅଭିଯୋଗ ହେବା ପରେ ପରିବହନ ବିଭାଗ ପକ୍ଷରୁ କାଗଜପତ୍ର ନ ଥାଇ ପରିବହନ କରୁଥିବା ଏକ ସ୍କୁଲ ଗାଡ଼ିକୁ ଜବତ କରିବା ସହ ନିୟମିତ ବ୍ୟବଧାନରେ ଚଢ଼ାଉ କରାଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ଏଯାବତ୍ କୌଣସି ସ୍ଥାନରେ ଚଢ଼ଉ ନ ହେବା ଯୋଗୁ ଖୁଲମଖୁଲା ବିନା କାଗଜପତ୍ରରେ ଓ ଅନଭିଜ୍ଞ ଡ୍ରାଇଭରମାନେ ଗାଡି ଚଲାଉଛନ୍ତି। ଏ ସମ୍ପର୍କରେ ଜିଲା ପରିବହନ ଅଧିକାରୀ ଦାୟିତ୍ୱରେ ଥିବା ଉପ-ଜିଲାପାଳ ଭବତାରଣ ସାହୁ କୁହନ୍ତି, ୧୫ଦିନ ହେବ ମୁଁ ଏ ଦାୟିତ୍ୱରେ ରହିଛି। ତଥାପି ଏଭଳି ଅଭିଯୋଗ ହୋଇଥିବାର ଶୁଣିଛି, ଯେହେତୁ ଛୋଟ ପିଲାଙ୍କ ଜୀବନ କଥା, ତେଣୁ ଏଥିପ୍ରତି ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।



ପୁରୀ ଜିଲା କିନ୍ନର ସଂଘ ପକ୍ଷରୁ ସୋମବାର ମେଡିକାଲ ଛକରେ ଟ୍ରାଫିକ୍ ସଚେତନତା କରାଯାଉଛି।

# ସର୍ବଭାରତୀୟ ଯୋଗ ଚାମ୍ପିୟନଶିପ୍ ଉଦ୍‌ଯାପିତ

ପୁରୀ ଅଫିସ,୧୬।୯

ଦୁଦ୍‌ୱାଲା ଧର୍ମଶାଳା ପରିସରରେ 'ଓନ୍‌ଲି ଯୋଗ' ଅନୁଷ୍ଠାନ ଆନୁକୂଲ୍ୟରେ ଏବଂ ହଂକଂ ଯୋଗପ୍ରେମୀ ସହଯୋଗରେ ଆୟୋଜିତ ଦୁଇଦିନିଆ ସର୍ବଭାରତୀୟ ଯୋଗ ଚାମ୍ପିୟନଶିପ୍ ଓ ଯୋଗ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୪୫୦ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗାଚାର୍ଯ୍ୟ ଅକ୍ଷୟ କୁମାର ଗ୍ରହାଚାର୍ଯ୍ୟ ଉଦ୍‌ଘାଟକ ଏବଂ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯୋଗଗୁରୁ ଯମେଶ୍ୱର ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ମହିଳା ଆଇନ ସହାୟତା କେନ୍ଦ୍ରର ନିର୍ଦ୍ଦେଶିକା ଜୟଶ୍ରୀ ମହାପାତ୍ର, ହଂକଂର ଯୋଗବିତ୍ ଜେନିସ୍ ଚାନ୍, ପ୍ରଫେସର ଦିନେଶ ପ୍ରସାଦ ସ୍ୱାଇଁ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ରବିଶଙ୍କର ପ୍ରତିହାରୀ, ଗଣେଶ ଚନ୍ଦ୍ରିକା ମଞ୍ଚାସୀନ ଥିଲେ। ଏହି ଅବସରରେ ପଶ୍ଚିମବଙ୍ଗର ନବୋମିତା ଦାସଗୁପ୍ତାଙ୍କୁ ଭାରତ ଯୋଗଶ୍ରୀ, ଅମ୍ବର ନାହାଙ୍କୁ ଭାରତ ଯୋଗପୁତ୍ର ଏବଂ ପ୍ରତୀପ ଦାସଗୁପ୍ତାଙ୍କୁ ଯୋଗଦ୍ରୋଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ ବର୍ଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ସମ୍ପାଦକ ଅଭିନନ୍ଦନ ଖୁଣ୍ଟିଆ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମକୁ ଶମ୍ଭୁନାଥ ଖୁଣ୍ଟିଆ ସଂଯୋଜନା ଓ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଗୁରୁ ଗୌରାଙ୍ଗ ଖୁଣ୍ଟିଆ ଓ ସୁଚରିତା ପ୍ରତିହାରୀ ସଙ୍ଗୀତ ପରିବେଷଣ କରିଥିଲେ।

■ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଗୋଡ଼ ହରାଇଥିଲେ ଲକ୍ଷ୍ମୀଧର

# କୃତ୍ରିମ ଗୋଡ଼ ଲଗାଇବା ପାଇଁ ଅର୍ଥ ବାଧକ

ପୁରୀ ଅଫିସ,୧୬।୯

■ସହାୟତା ପାଇଁ ପ୍ରଶାସନ ନିକଟକୁ ଧାଇଁ ନୟାନ୍ତ ହେଲେଣି

■ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ବାତ୍ୟା ବେଳେ ଅନ୍ୟ ଯୁବକଙ୍କୁ ସାଥୀରେ ଧରି ଗାଁର ବୃଦ୍ଧାବୃଦ୍ଧ, ଶିଶୁମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିଥିଲେ । ବର୍ଷା, ପବନ ମାଡ଼ ଖାଇ ଗୃହପାଳିତ ପଶୁଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ଆଣିଥିଲେ। ଜଣେ ବ୍ୟକ୍ତିଙ୍କ ଗୁହାଳରୁ ଗାଇକୁ ଫିଟାଇ ଆଣୁଥିବା ସମୟରେ ଏକ ନଡ଼ିଆ ଗଛ ତାଙ୍କ ଗୋଡ଼ ଉପରେ ପଡ଼ିଯାଇଥିଲା। ଏଥିଲାଗି ଦେଢ ମାସରୁ ଉର୍ଦ୍ଧ୍ୱ ସମୟ ସେ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଅନ୍ୟମାନଙ୍କ ସାହାଯ୍ୟ ସହଯୋଗରେ ଜୀବନ ବଞ୍ଚିଗଲା ସିନା, କିନ୍ତୁ ତାଙ୍କୁ ଡାହଣ ଗୋଡ ଆଣ୍ଠୁ ତଳକୁ ହରାଇବାକୁ ପଡ଼ିଲା। ଏବେ ନିଜେ ସହାୟତା ପାଇଁ ନୟାନ୍ତ ହେଲେଣି ପୁରୀ ସଦର ବ୍ଲକ ତଳଜଙ୍ଗ ଗାଁର ଲକ୍ଷ୍ମୀଧର ଜେନା। ଏ ପର୍ଯ୍ୟନ୍ତ ତାଙ୍କୁ ସରକାରୀ ସହାୟତା ମିଳିନ ଥିବାବେଳେ କୃତ୍ରିମ ଗୋଡ଼ ଲଗାଇବା ପାଇଁ ଅର୍ଥ ସାଜିଛି ବାଧକ। ତାଙ୍କୁ ସବୁଠୁ ଅଧିକ ଯନ୍ତ୍ରଣା ଦେଉଛି ସରକାରୀ ବାବୁମାନଙ୍କ ବ୍ୟବହାର। ଆଜିକାଲି କହି ତାଙ୍କୁ ଦିନ ଗଡ଼ାଉଥିବାରୁ ସୋମବାର ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ଉପଜିଲପାଳ ଭବତାରଣ ସାହୁ ପହଞ୍ଚି କାଗଜପତ୍ର କାମ ତ୍ୱରାନ୍ୱିତ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଧାରଣାରୁ ଓହରିଥିଲେ। ଲକ୍ଷ୍ମୀଧର କହିଛନ୍ତି, ଏବେ ସେ ଦିବ୍ୟାଙ୍ଗ ହୋଇଯିବା ପରେ ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ସରକାରଙ୍କ ଦ୍ୱାରା ଫନୀ କ୍ଷତିଗ୍ରସ୍ତ ସହାୟତା ରାଶି ଏ ପର୍ଯ୍ୟନ୍ତ ମିଳିନାହିଁ। ଏଭଳି ସ୍ଥିତିରେ ସରକାରୀ ବାବୁମାନେ ତାଙ୍କୁ ଏ ଅଫିସରୁ ସେ ଅଫିସକୁ ବାରମ୍ବାର ଦଉଡ଼ାଉଛନ୍ତି। ସେ କୃତ୍ରିମ ଗୋଡ଼ ଲଗାଇବା ପାଇଁ ଏକ ଘରୋଇ ସଂସ୍ଥା ସହ କଥା ହୋଇଛନ୍ତି। ଏହାର ଦାମ୍ ୩ ଲକ୍ଷ ୯୦ ହଜାର ଟଙ୍କା ପଡିବ ବୋଲି ସମ୍ପୃକ୍ତ ସଂସ୍ଥା ପକ୍ଷରୁ କୁହାଯିବା ପରେ ସେ ୩୫ ହଜାର ଟଙ୍କା ଅଗ୍ରୀମ ଦେଇଛନ୍ତି। ଆବଶ୍ୟକ ଅର୍ଥ ନ ଥିବାରୁ ସେ କୃତ୍ରିମ ଗୋଡ଼ ଲଗାଇବା ପାଇଁ ଯାଇପାରୁନାହାନ୍ତି । ଫନୀରେ ଯଦି କୌଣସି ବ୍ୟକ୍ତି ୬୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଯାନ୍ତି ତାଙ୍କୁ ୨ଲକ୍ଷ ଟଙ୍କା ସହାୟତା ମିଳିବାର ବ୍ୟବସ୍ଥା ରହିଛି। ଏଥିପାଇଁ କାଗଜପତ୍ର ପ୍ରସ୍ତୁତ ଲାଗି ସେ ବାରମ୍ବାର ତହସିଲ, ଜିଲା ମଙ୍ଗଳ ଅଧିକାରୀ, ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପ୍ରଭୃତିକୁ ଦୌଡୁଥିଲେ ମଧ୍ୟ କେହି କିଛି ଶୁଣୁନାହାନ୍ତି ବୋଲି କ୍ଷୋଭର ସହ କୋହଭରା କଣ୍ଠରେ ଲକ୍ଷ୍ମୀଧର ପ୍ରକାଶ କରିଛନ୍ତି।


ଶିବିରାର୍ଥୀମାନଙ୍କୁ ତାଲିମ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି।

# ଛତୁ ଚାଷ ପ୍ରଶିକ୍ଷଣ ଶିବିର

କୋଣାର୍କ, ୧୬।୯(ଡି.ଏନ୍.ଏ.)

କୋଣାର୍କଥାନା ଅଧୀନସ୍ଥ କାଦୁଆ ନୂଆଗାଁ ପଞ୍ଚାୟତର ଧନିତ୍ରୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ସାମାଜିକ ଅନୁଷ୍ଠାନ ଆଶା ଆନୁକୂଲ୍ୟରେ ଏକ ଛତୁଚାଷ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ପୁରୁଷମାନଙ୍କୁ ଛତୁଚାଷ ମାଧ୍ୟମରେ ସ୍ୱାବଲମ୍ବୀ କରିବାର ଲକ୍ଷ୍ୟ ନେଇ ଏହି ପ୍ରଶିକ୍ଷଣ ଶିବିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଶାର ସମ୍ପାଦକ ଭାସ୍କର ଚନ୍ଦ୍ର ସାହୁ, ଆରପିଡିଓର ସମ୍ପାଦକ ଭାଗୀରଥି ସ୍ୱାଇଁ ଯୋଗଦେଇ ପ୍ରଶିକ୍ଷଣର ଲକ୍ଷ୍ୟ, ଉଦେଶ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରିଥିଲେ। ଏହି ଶିବିରରେ ପ୍ରଶିକ୍ଷକ ଭାବେ ଆକାଂକ୍ଷ୍ୟା ପ୍ରଧାନ, ରେସମା ବାବୁ ଓ ଶ୍ରୀରାମ ମଲ୍ଲିକ ଉପସ୍ଥିତ ରହି ଚାଷୀମାନଙ୍କୁ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ଛତୁଚାଷ ପାଇଁ ବେଡର ଡେମୋନଷ୍ଟ୍ରେଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦୦ଜଣ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇ ତାଲିମ ନେଇଥିଲେ। ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଆଶାର ସମ୍ପାଦକ ଭାସ୍କର ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଏହି ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଏହାକୁ ଆଶା ସଂଗଠନର ଚିତ୍ତରଞ୍ଜନ ତ୍ରିପାଠୀ ଓ ଅଙ୍ଗନୱାଡି କର୍ମୀ ଲଳିତା କୁମାରୀ ଦେଇ ପ୍ରମୁଖ ପରିଚାଳନା କରଥିଲେ।



ବ୍ୟାଙ୍କ ବନ୍ଦ ଥିବାରୁ ଗ୍ରାହକମାନେ ବାହାରେ ଅପେକ୍ଷା କରିଛନ୍ତି।

■ ଶାଖା ପରିଚାଳକଙ୍କ ଖାମଖିଆଲ ମନୋଭାବ

# ଏକଘଣ୍ଟା ବିଳମ୍ବରେ ଖୋଲିଲା ବ୍ୟାଙ୍କ

କୋଣାର୍କ, ୧୬।୯(ଡି.ଏନ୍.ଏ.)

କୋଣାର୍କସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକଙ୍କ ଖାମଖିଆଲ ମନୋଭାବ ଯୋଗୁ ସୋମବାର ନିର୍ଦ୍ଧାରିତ ସମୟଠାରୁ ବ୍ୟାଙ୍କ ୧ଘଣ୍ଟା ବିଳମ୍ବରେ ଖୋଲିଥିଲା। ଏନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ୧୪ତାରିଖ ଶନିବାର ଓ ରବିବାର ଦୁଇଦିନ ଧରି ବ୍ୟାଙ୍କ ଛୁଟି ରହିଥିବାବେଳେ ସୋମବାର ବ୍ୟାଙ୍କକୁ ଟଙ୍କା ଜମା ଓ ଉଠାଣ ପାଇଁ ଅଧିକ ଗ୍ରାହକ ଆସିଥିଲେ। ମାତ୍ର ବ୍ୟାଙ୍କରେ ତାଲା ପଡ଼ିଥିବାରୁ ଲୋକମାନେ ବ୍ୟାଙ୍କ ସମ୍ମୁଖରେ ବସି ରହି ହୋ ହାଲ୍ଲା କରିଥିଲେ। ପ୍ରାୟ ଏକଘଣ୍ଟା ବିଳମ୍ବରେ ଶାଖା ପରିଚାଳକ ୧୧ଟା ସମୟରେ ଆସି ବ୍ୟାଙ୍କ ଖୋଲିବା ପରେ ପରିସ୍ଥିତି ସ୍ୱଭାବିକ ହୋଇଥିଲା। ଗତ ଏକ ମାସ ପୂର୍ବରୁ କଟକ ଜିଲାର ରାଜ କୁମାର ମହାନ୍ତି ଶାଖା ପରିଚାଳକ ଭାବେ ଯୋଗଦେଇଥିଲେ। ମାତ୍ର ସେ ଏଠାରେ ନ ରହି ୧୦୦କିଲୋମିଟର ଦୂର କଟକସ୍ଥିତ ନିଜ ବାସ ଭବନରୁ ଯାତାୟାତ କରିଥାନ୍ତି। ଦୁଇଦିନ ଛୁଟିରେ ପୂର୍ବଦିନ ଶୁକ୍ରବାର ଶାଖା ପରିଚାଳକ ମହାନ୍ତି ବ୍ୟାଙ୍କ ବନ୍ଦ କରି ସମସ୍ତ ଚାବି ସାଙ୍ଗରେ ନେଇ ଯାଇଥିଲେ। ଏ ସମ୍ବନ୍ଧରେ ଶାଖାପରିଚାଳକ ମହାନ୍ତିଙ୍କୁ ପଚାରିବାରେ ଚାବିଗୁଡିକ ଘରେ ଛାଡି ଆସଥିଲି ବାଟରୁ ଫେରି ପୁନଃ ଚାବି ଆଣି ଆସିବାରେ ବିଳମ୍ବ ହେଲା ବୋଲିକହିଥିଲେ।

# କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ

ନିମାପଡ଼ା,୧୬।୯(ଡି.ଏନ୍.ଏ.)

ଓଡ଼ିଶା ଜୀବୀକା ମିଶନ ପକ୍ଷରୁ କୁକୁଡା ଚିଆଁ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ନିମାପଡ଼ା ବ୍ଲକ ଜୀବିକା ମିଶନ ଓ ହରିପୁର ମା' ନାରାୟଣୀ ମହିଳା ମହାସଂଘ ସହାୟତାରେ ହରିପୁର ଛକସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡ. ପ୍ରଭାତ ଖମାରୀ, ଓପଲଫେଡ ପରିଚାଳନା ନିର୍ଦ୍ଦେଶକ ଡ. ବନମାଳୀ ସାହୁ, ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ମଧୁଛନ୍ଦା ପ୍ରଧାନ, ଜୟସ୍ମିତା ପ୍ରଧାନ, ଭାସ୍କର ସାହୁ ପ୍ରମୁଖ ଯୋଗଦେଇଥିଲେ। ମହିଳାଙ୍କୁ ସ୍ୱାବଲମ୍ବି କରାଇବା ଓଡ଼ିଶା ଜୀବିକା ମିଶନର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ ଦାଶ ମତବ୍ୟକ୍ତ କରିଥିଲେ। ସେହିପରି ଓଡ଼ିଶା ଜୀବିକା ମିଶନ ପକ୍ଷରୁ ସଲଙ୍ଗ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିପୁର ପଞ୍ଚାୟତରେ ୧ଶହ ପରିବାର ଓ ସଲଙ୍ଗ ପଞ୍ଚାୟତରେ ୧୬୬ ପରିବାରକୁ ୩ ହଜାର ୭ଶହ କୁକୁଡା ଚିଆଁ ବଣ୍ଟନ କରାଯାଇଥିଲା।

# ୨୨୨ ପରିବାରଙ୍କୁ କୁକୁଡ଼ା ଚିଆଁ ବଣ୍ଟନ


ମନ୍ତ୍ରୀ ତୁଷାରକାନ୍ତି ବେହେରା କୁକୁଡା ଚିଆଁ ବାଣ୍ଟୁଛନ୍ତି।

ଗୋପ, ୧୬।୯(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକ ଅଧୀନ ଏରବଙ୍ଗ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ପୂର୍ବାହ୍ନରେ ବ୍ଲକ ଜୀବିକା ମିଶନ ତରଫରୁ ୨୨୨ପରିବାରଙ୍କୁ କୁକୁଡ଼ା ଚୁଆ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାରମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗାଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କର ମହିଳା ସଶକ୍ତୀରକରଣ ଏକ ଯୁଗାନ୍ତକାରୀ ପଦକ୍ଷେପ। ମହିଳାଙ୍କୁ ସବୁ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଇ ସେମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ ଯୋଜନା ପ୍ରଣୟନ କରାଯାଉଛି। ଓଡ଼ିଶା ଜୀବିକା ମିଶନ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ଲାଗି ରାଜ୍ୟ ସରକାର ଏହି ଯୋଜନା ହାତକୁ ନେଇଛନ୍ତି ବୋଲି ମନ୍ତ୍ରୀ ବେହେରା କହିଥିଲେ। କାର୍ଯ୍ୟକ୍ରମରେ ଏରବଙ୍ଗ ସରପଞ୍ଚ ବିଭୂତି ଭୂଷଣ ସାହୁ ସଭାପତିତ୍ୱ କରିଥିଲେ। କୁକୁଡ଼ା୨୮ ଦିନଠାରୁ ଅଣ୍ଡା ଦେବା ଆରମ୍ଭ କରି ସାଢ଼େ ୪ ମାସରୁ ୫ ମାସ ମଧ୍ୟରେ ୨୮୦ ରୁ ୩୦୦ ଅଣ୍ଡା ଦେବେ ବୋଲି ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ପି.କେ. ଖମାରି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ, ଗୋପ ବ୍ଲକ୍ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଲକ୍ଷ୍ମୀନାରାୟଣ ମହାନ୍ତି, ଓପଲ୍‌ଫେଡ୍‌ର ଜିଏମ୍ ବିମଲ କୁମାର ମହାପାତ୍ର, ଡ. ବଳରାମ ସାହୁ, ମାର୍କେଟିଂ ମୁଖ୍ୟ ତାରେଣୀ କୁମାର ସାହୁ, ପ୍ରଶାନ୍ତ କୁମାର ପାଢ଼ୀ, ହରପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏରବଙ୍ଗ ପଞ୍ଚାୟତରେ ୧୨୦ ପରିବାରକୁ ୧୪ଟି ଲେଖାଏଁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଥିବାବେଳେ ବଉଲାଙ୍ଗ ପଞ୍ଚାୟତରେ ୧୦୨ ପରିବାରକୁ କୁକୁଡ଼ା ଚିଆ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଜୀବିକା ମିଶନ ବ୍ଲକ୍ ପ୍ରକଳ୍ପ ପରିଚାଳିକା ଦୀପାଳି ଛାଟୋଇ, ଚିନ୍ମୟୀ କୋଠାରୀ, ରୁବିଲତା ଓଝା ଓ ପ୍ରଭାତୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବର୍ଷା ଉଜାଡ଼ିଲା ପରିବା ଚାଷ, ଚାଷୀ ମୁଣ୍ଡରେ ଚଡ଼କ

ବ୍ରହ୍ମଗିରି, ୧୬।୯(ଡି.ଏନ୍.ଏ.)

ଲଗାଣ ବର୍ଷାରେ ବ୍ରହ୍ମଗିରି ବ୍ଲକରେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଚାଷୀ ଏବେ ହତାଶ ହୋଇପଡିଛନ୍ତି। ବ୍ରହ୍ମଗିରି ବ୍ଲକର ପ୍ରାୟ ୫ଟି ପଞ୍ଚାୟତର ଚାଷୀମାନଙ୍କର ମୁଖ୍ୟ ଆୟ ପନିପରିବା ଚାଷରୁ ହିଁ ହୋଇଥାଏ। ଚଳିତ ବର୍ଷ ବିଭିନ୍ନ ନଦୀରେ ବନ୍ୟାଜଳ ଓ ବର୍ଷାଜଳ ଯୋଗୁ ଲମ୍ବତଳ, ରାୟଘାଟ, ତିନିକୁଦୀ ଗ୍ରାମରେ ଚାଷୀ ମାନଙ୍କ ପରିବା ଫସଲ ପଚିଯାଇଛି। ଫଳରେ ଉଜୁଡା ଫସଲକୁ ଦେଖି ଚାଷୀ ହତାଶ ହୋଇପଡିଛି। ଫନୀରେ ବ୍ରହ୍ମଗିରି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ପରେ ଚାଷୀ ଋଣ କରି ଚଳିତ ବର୍ଷ ପନିପରିବା ଚାଷ କରି ତାର ଅଣ୍ଟା ସଳଖୁ ଥିବା ସମୟରେ ପୁଣି ବନ୍ୟା ଜଳ କୋରଡା ମାଡ କରିଛି।

# ପାଇଖାନା ଘରେ ବିତୁଛି ଜୀବନ

ନିମାପଡ଼ା,୧୬।୯(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଅସହାୟ ଓ ଭୂମିହୀନଙ୍କ ବିକାଶ ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। କିନ୍ତୁ ଏବେ ବି ଏହି ବିକାଶମୂଳକ ଯୋଜନା ଲୋକଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଦର ଗ୍ରାମର ଛନ୍ଦାରାଣୀ ସିହ୍ନା, ତାଙ୍କର ଦୁଇପୁଅ ଗୌତମ ଓ ଗୋପାଳଙ୍କ ସହ ଭୋଦର ପଞ୍ଚାୟତ ଅଫିସ ନିକଟରେ ଥିବା ସରକାରୀ ଜାଗାରେ କୁଡିଆ କରି ରହୁଥିଲେ। ବାତ୍ୟା ଫନୀରେ କୁଡିଆ ଭାଙ୍ଗିଯିବାରୁ ଉକ୍ତ ପରିବାରବର୍ଗ ଏବେ ବେସାହରା ହୋଇପଡିଛନ୍ତି। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ତିଆରି କରିଥିବା ଏକ ପାଇଖାନା ଘରେ ଛନ୍ଦାରାଣୀ ଓ ତାଙ୍କ ଦୁଇ ପୁଅ ଆଶ୍ରୟ ନେଇଛନ୍ତି। ଭୂମିହୀନ, ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ୪ ଡିସିମିଲ ଜାଗା ଯୋଗାଇଦେବାକୁ ନିୟମ ରହିଛି। ଏହି ସରକାରୀ ନିୟମ ଛନ୍ଦାରାଣୀଙ୍କ ପାଇଁ ଅପହଞ୍ଚ ପାଲଟିଛି। ମୁଣ୍ଡ ଗୁଞ୍ଜିବାକୁ ଏକ ଜାଗା ଦେବା ପାଇଁ ଛନ୍ଦାରାଣୀ ସ୍ଥାନୀୟ ସରପଞ୍ଚ, ନେତା ଓ ନିମାପଡ଼ା ତହସିଲରେ ଆବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଛନ୍ଦାରାଣୀଙ୍କ ଆଧାରକାର୍ଡ, ଭୋଟ ପରିଚୟପତ୍ର, ରାଶନ କାର୍ଡ ରହିଛି। ସେ ଭୂମିହୀନ ହୋଇଥିବା ବେଳେ ତାଙ୍କୁ ସରକାରୀ ଜାଗା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି। ଇନ୍ଦିରା ଅବାସ ପାଇଁ ଛନ୍ଦାରାଣୀ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବିଧି ମିଳିନାହିଁ। ଇନ୍ଦିରା ଆବାସ ଗୃହ ପାଇଁ ସରକାରୀ ଜମି ପ୍ରତିବନ୍ଧକ ସାଜିଥିବା ସରପଞ୍ଚ ବୀଣାପାଣି ସ୍ୱାଇଁ କହିଛନ୍ତି। ମୁଣ୍ଡ ଗୁଞ୍ଜିଥିବା ପାଇଖାନା ଘରର ବିଲ ପାଇ ନ ଥିବା ଛନ୍ଦାରାଣୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ୫-ଟି ମିଶନ କରି ପ୍ରାଶସନ ଲୋକଙ୍କ ନିକଟରେ ପହଞ୍ଚି ତାଙ୍କ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଛନ୍ଦାରାଣୀଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଏକ ସରକାରୀ ଜାଗା ଯୋଗାଇଦେବା ପାଇଁ ସରପଞ୍ଚ ସ୍ୱାଇଁ, ଗ୍ରାମବାସୀ ଗୁରୁପ୍ରସାଦ ସାହୁ, ଶୁଭାଶିଷ ସାହୁ, କେଦାରନାଥ ସାହୁ, ଶରତ ମହାରଣା, ବସନ୍ତ ଦାସ, ଜିତେନ୍ଦ୍ର ସିହ୍ନା ପ୍ରମୁଖ ସ୍ଥାନୀୟ ବିଧାୟକ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପୁରୀ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର କମଲଜିତ ଦାସ କହୁନ୍ତି, ଛନ୍ଦାରାଣୀଙ୍କ ଘଟଣାର ତଦନ୍ତ କରାଯାଉଛି। ତଦନ୍ତ ସରିବା ପରେ ଖୁବ୍‌ଶୀଘ୍ର ତାଙ୍କୁ ସରକାରଙ୍କ ବସୁନ୍ଧରା ଯୋଜନାରେ ସାମିଲ କରାଯାଇ ସରକାରୀ ଜାଗା ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ସରକାରୀ ଜାଗାରେ ଥିବା ଛନ୍ଦାରାଣୀଙ୍କ ଘର ବାତ୍ୟାରେ ଭାଙ୍ଗିଯାଇଥିବାରୁ ତାଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଘରଭଙ୍ଗା ସହାୟତା ପ୍ରଦାନ କରାଯାଇଥିବା ଦାସ କହିଥିଲେ।


ଛନ୍ଦାରାଣୀ ଓ ତାଙ୍କ ଦୁଇ ପୁଅ।